# ଧରିତ୍ରୀ DHARITRI

ସମ୍ବଲପୁର,ଶନିବାର, ଜୁଲାଇ ୨୩/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Sambalpur, Saturday, July 23/2022 | Page 16 | ₹ 7.00 | ★★

୧୮ଶ ଭାଗ ୨୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




**ରଣବୀରଙ୍କ ନ୍ୟୁଡ୍ ଫଟୋଶୁଟ୍**
ପେପର୍ ମାଗାଜିନ୍ ପାଇଁ ବଲିଉଡ୍ ଅଭିନେତା ରଣବୀର ସିଂ କରିଥିବା ନ୍ୟୁଡ୍ ଫଟୋଶୁଟ୍‌କୁ ନେଇ ଜନସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।
୧୨

୧୬
**ନୀରଜ ଚୋପ୍ରା ଫାଇନାଲରେ**
ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି।



# ଦଶମ ପାସ୍ ହାର ୯୪.୪%, ଦ୍ୱାଦଶ ୯୨.୭୧%



ସିବିଏସ୍‌ଇ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇବା ପରେ ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

## ସିବିଏସ୍‌ଇ ପରୀକ୍ଷାଫଳ ପ୍ରକାଶ

■ ଦ୍ୱାଦଶରେ ଉତ୍ତରପ୍ରଦେଶର ତାନ୍ୟା ସିଂ, ଯୁବାକ୍ଷୀ ଭିଜ୍ ଦେଶରେ ଟପ୍ପର

**ଭୁବନେଶ୍ୱର,୨୨।୭(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଦଶମରେ ପାସ୍ ହାର ୯୪.୪୦ ପ୍ରତିଶତ ଥିବାବେଳେ ଦ୍ୱାଦଶରେ ୯୨.୭୧ ପ୍ରତିଶତ ରହିଛି। ଦଶମରେ କେରଳର ତ୍ରିଭେନ୍ଦ୍ରମ ରିଜିଅନ୍‌ରେ ସର୍ବାଧିକ ୯୯.୬୮% ପିଲା କୃତକାର୍ଯ୍ୟ ହୋଇଥିବାବେଳେ ଗୁଆହାଟୀ ରିଜିଅନରେ ପାସ୍ ହାର ସବୁଠାରୁ କମ୍ ରହିଛି। ଏଠାରେ ୮୨.୨୩% ପିଲା ପାସ୍ କରିଛନ୍ତି। ତେବେ ୯୬.୪୬% ପାସ୍ ହାର ସହ ଭୁବନେଶ୍ୱର ରିଜିଅନ ସପ୍ତମ ସ୍ଥାନରେ ଥିବାବେଳେ ଦ୍ୱିତୀୟ ସ୍ଥାନରେ ବେଙ୍ଗାଲୁରୁ (୯୯.୨୨%), ତୃତୀୟରେ ଚେନ୍ନାଇ(୯୮.୯୭%), ଚତୁର୍ଥରେ ଆଜ୍‌ମେର୍(୯୮.୧୪%), ପଞ୍ଚମରେ ପାଟଣା(୯୭.୬୫%), ଷଷ୍ଠରେ ପୁଣେ (୯୭.୧୪%), ଅଷ୍ଟମରେ ପଞ୍ଚକୁଲା (୯୬.୩୩%), ନବମରେ ନୋଏଡା(୯୬.୦୮%), ଦଶମରେ ଚଣ୍ଡିଗଡ଼(୯୫.୩୮%), ୧୧ତମ ସ୍ଥାନରେ ପ୍ରୟାଗରାଜ(୯୪.୭୪%), ୧୨ତମ ସ୍ଥାନରେ ଡେରାଡୁନ(୯୩.୪୩%), ୧୩ତମ ସ୍ଥାନରେ ଭୋପାଳ (୯୩.୩୩%),୧୪ତମ ସ୍ଥାନରେ ଦିଲ୍ଲୀ ଇଷ୍ଟ(୮୬.୯୬%) ଓ ୧୫ତମ ସ୍ଥାନରେ ଦିଲ୍ଲୀ ୱେଷ୍ଟ ରିଜିଅନ (୮୫.୯୪%) ରହିଛି। ପୁଣିଥରେ ଝିଅମାନେ ପୁଅଙ୍କୁ ପଛରେ ପକାଇଛନ୍ତି। ୯୫.୨୧% ଛାତ୍ରୀ ପରୀକ୍ଷାରେ ପାସ୍ କରିଥିବା ବେଳେ ଛାତ୍ରଙ୍କ ପାସ୍ ହାର ୯୩.୮୦% ରହିଛି। ☞ପୃଷ୍ଠା–୪

**ଦଶମରେ ଶତ ପ୍ରତିଶତ ରଖିଲେ ଓଡ଼ିଶାର ଶ୍ରେୟା**



ଶ୍ରେୟା ପଟ୍ଟନାୟକ, ମଦର୍ସ ପବ୍ଲିକ ସ୍କୁଲ



ସୂର୍ଯ୍ୟା



ଅଜୟ ଦେବଗନ



ଅପର୍ଣ୍ଣା ବାଲାମୁରଲୀ

# ସୂର୍ଯ୍ୟା, ଅଜୟ ଦେବଗନ ଶ୍ରେଷ୍ଠ ଅଭିନେତା

**୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର**

**ନୂଆଦିଲ୍ଲୀ,୨୨।୭**

ତାମିଲ ଫିଲ୍ମ 'ସୂରାରାଇ ପୋଟ୍ରୁ'ର ଅଭିନେତା ସୂର୍ଯ୍ୟା ଏବଂ ବଲିଉଡ୍ ଚଳଚ୍ଚିତ୍ର 'ତାଣହାଜି: ଦ ଅନ୍‌ସଙ୍ଗ୍ ୱାରିୟର'ର ନାୟକ ଅଜୟ ଦେବଗନଙ୍କୁ ମିଳିତ ଭାବେ ଶ୍ରେଷ୍ଠ ଅଭିନେତା ପୁରସ୍କାର ପ୍ରଦାନ କରାଯାଇଛି। ଶୁକ୍ରବାର ୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। 'ସୂରାରାଇ ପୋଟ୍ରୁ'ର ଅଭିନେତ୍ରୀ ଅପର୍ଣ୍ଣା ବାଲାମୁରଲୀଙ୍କୁ ମିଳିଛି ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର। ଅଜୟ ଦେବଗନଙ୍କ 'ତାଣହାଜି: ଦ ଅନ୍‌ସଙ୍ଗ୍ ୱାରିୟର'କୁ ବେଷ୍ଟ ପପୁଲାର ଫିଲ୍ମ ସମ୍ମାନ ପ୍ରଦାନ କରାଯାଇଛି। 'ସୂରାରାଇ ପୋଟ୍ରୁ' ଫିଲ୍ମର କାହାଣୀ ଏୟାର ଡେକାନ ସଂସ୍ଥାପକ କ୍ୟାପ୍ଟେନ ଜି.ଆର୍. ଗୋପୀନାଥଙ୍କ ଜୀବନୀ ଉପରେ ଆଧାରିତ। ଫିଲ୍ମରେ ସୂର୍ଯ୍ୟା ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଅପର୍ଣ୍ଣା ବାଲାମୁରଲୀ।

**ଆଜିର ସମ୍ପାଦକୀୟ** ଧୃମାନ ଜିତିଲେ









ଶ୍ରୀଲଙ୍କାର ବରିଷ୍ଠ ବାମପନ୍ଥୀ ନେତା ତଥା ରାଜପାକ୍ସେ ପରିବାର ଅନୁଗତ ଦୀନେଶ ଗୁଣୱର୍ଦ୍ଧେନା ଶୁକ୍ରବାର ଦେଶର ନୂଆ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେଇଛନ୍ତି। ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ ତାଙ୍କ ସମେତ ୧୮ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ୭୩ ବର୍ଷୀୟ ଗୁଣୱର୍ଦ୍ଧେନା ପୂର୍ବରୁ ଶିକ୍ଷା, ସହରାଞ୍ଚଳ ବିକାଶ ଓ ଗୃହ ବିଭାଗର ମନ୍ତ୍ରୀ ଥିଲେ।

## ସଂକ୍ଷେପରେ

### ପାକିସ୍ତାନରେ ଆମେରିକୀୟ ଯୁବତୀଙ୍କୁ ବଳାତ୍କାର

**ଇସ୍ଲାମାବାଦ୍,୨୨।୭:** ଆମେରିକାର ଜଣେ ୨୧ ବର୍ଷୀୟା ସୋସିଆଲ ମିଡିଆ ଆକ୍ଟିଭିଷ୍ଟଙ୍କୁ ପାକିସ୍ତାନର ପଞ୍ଜାବ ପ୍ରଦେଶରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଗତ ସପ୍ତାହରେ ଯୁବତୀ ଜଣକ ବଳାତ୍କାରର ଶିକାର ହୋଇଥିବା ନେଇ ଏବେ ଅନ୍‌ଲାଇନ୍‌ରେ ପ୍ରଘଟ ହେବା ପରେ ଲୋକେ ଏହାକୁ ଅତ୍ୟନ୍ତ ଲଜ୍ଜାଜନକ ବୋଲି ଅଭିହିତ କରିଛନ୍ତି। ଏହି ବର୍ବରତା ଘଟାଇଥିବା ଅଭିଯୁକ୍ତଙ୍କ ବିରୋଧରେ ପାକିସ୍ତାନର ନେଟିଜେନ୍ସ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ୟୁଜର୍ସ ଲେଖିଛନ୍ତି, ଦେଶରେ ଯଦି ପାକିସ୍ତାନୀମାନେ ସୁରକ୍ଷିତ ନୁହନ୍ତି ତେବେ ବିଦେଶୀମାନଙ୍କ କଥା କିଏ ପଚାରେ। ପ୍ରକାଶ ଯେ, ଆମେରିକୀୟ ଯୁବତୀ ଜଣକ ୭ ମାସ ହେଲା ଟୁରିଷ୍ଟ ଭିଜାରେ ପାକିସ୍ତାନ ଆସି ରହୁଥିଲେ। ଗତ ୧୭ ତାରିଖରେ ଡେରା ଗାଜି ଖାନ୍‌ଙ୍କ ଫର୍ଟ ମୋନ୍‌ରୋ ହିଲ୍ ଷ୍ଟେଶନସ୍ଥିତ ଏକ ହୋଟେଲ ରୁମ୍‌ରେ ସେ ଥିବାବେଳେ ରାଜନପୁରର ମୁଜାମଲ ସିପ୍ରା ଓ ଶେହଜାଦ୍ ରାତିରେ ତାଙ୍କୁ ବଳାତ୍କାର କରିଥିଲେ। ଏପରି କି ଏନେଇ ମୁହଁ ଖୋଲିଲେ ତାଙ୍କୁ ଜୀବନରେ ମାରିଦେବାକୁ ଦୁହେଁ ଧମକ ଦେଇଥିବା ନେଇ ପୀଡ଼ିତା ବର୍ଡର ମିଲିଟାରି ଥାନାରେ ଏତଲା ଦେଇଛନ୍ତି। ଏକ ରିପୋର୍ଟ ଅନୁସାରେ ଗତ ଜୁନ୍‌ରେ ପାକିସ୍ତାନରେ ୧୫୭ ମହିଳାଙ୍କୁ ଅପହରଣ, ୧୧୨ ଜଣଙ୍କୁ ଶାରୀରିକ ଉତ୍ପୀଡ଼ନ ଓ ୯୧ ମହିଳାଙ୍କୁ ବଳାତ୍କାର କରାଯାଇଛି। ସେମାନଙ୍କ ମଧ୍ୟରୁ ୫୩ ଜଣ କେବଳ ପଞ୍ଜାବ ପ୍ରଦେଶରେ ବଳାତ୍କାରର ଶିକାର ହୋଇଛନ୍ତି।

### ନୀରବ ମୋଦିଙ୍କ ୨୫୦ କୋଟି ସମ୍ପତ୍ତି ଜବତ

**ନୂଆଦିଲ୍ଲୀ,୨୨।୭:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ୨୫୦ କୋଟିର ସମ୍ପତ୍ତି ଜବତ କରିଛି। ମୂଲ୍ୟବାନ ଅଳଙ୍କାର, ବ୍ୟାଙ୍କ ଆକାଉଣ୍ଟ ଓ ରତ୍ନ ପଥର ଆଦି ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ହଂକଂରୁ ଏହି ସମ୍ପତି ଜବତ କରାଯାଇଥିବା ଇଡି ପକ୍ଷରୁ କୁହାଯାଇଛି। ନୀରବ ମୋଦି ବର୍ତ୍ତମାନ ବ୍ରିଟେନ୍ ଜେଲରେ। ପିଏନ୍‌ବି ବ୍ୟାଙ୍କରୁ ୨ ଶହ କୋଟି ଠକେଇ କରିଥିବା ନୀରବଙ୍କ ବିରୋଧରେ ସିବିଆଇ ପକ୍ଷରୁ ତଦନ୍ତ ଜାରି ରହିଛି।

### ବନ୍ଧୁକ ଲାଇସେନ୍ସ ପାଇଁ ସଲମାନ କଲେ ଆବେଦନ

**ଆବେଦନ ନୂଆଦିଲ୍ଲୀ,୨୨।୭:** ଏକାଧିକ ଥର ହତ୍ୟା ଧମକ ମିଳିବା ପରେ ବଲିଉଡ୍ ଅଭିନେତା ସଲମାନ ଖାନ୍ ବନ୍ଧୁକ ଲାଇସେନ୍ସ ପାଇଁ ଆବେଦନ କରିଛନ୍ତି। ଏ ନେଇ ଶୁକ୍ରବାର ସେ ମୁମ୍ବାଇ ପୋଲିସ କମିଶନର ବିବେକ ଫନସାଲକରଙ୍କୁ ଭେଟିଛନ୍ତି। ଜୁନ୍ ୫ରେ ସଲମାନ ଓ ବାପା ସଲିମଙ୍କୁ କେହି ଜଣେ ଦୁର୍ବୃତ୍ତ ହତ୍ୟାଧମକ ଦେଇଥିଲେ। ସଲିମଙ୍କ ଅଭିଯୋଗ କ୍ରମେ ମୁମ୍ବାଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଏ ନେଇ ସଲମାନଙ୍କୁ ପୋଲିସ ପଚାରିବାବେଳେ ହତ୍ୟାଧମକ ନେଇ ସେ କିଛି ଜାଣି ନ ଥିବା ଓ ତାଙ୍କୁ ସିଧାସଳଖ ଭାବେ କୌଣସି ହତ୍ୟା ଧମକ ମିଳି ନ ଥିବା ସମଲମାନ କହିଥିଲେ।

### ଅଟୋ-ଟ୍ରକ୍ ଧକ୍କା: ୭ ମୃତ

**ଚଣ୍ଡିଗଡ, ୨୨।୭:** ହରିୟାଣାର ମେୱାଟରେ ଅଟୋ ସହ ଟ୍ରକ୍ ଧକ୍କାରେ ୭ ଜଣଙ୍କ ମୃତ୍ୟୁ ହୋଇଛି। ଶୁକ୍ରବାର ମଧ୍ୟାହ୍ନରେ ଦ୍ରୁତ ବେଗରେ ଆସୁଥିବା ଏକ ଟ୍ରକ୍ ପୁନାହାନା ରାସ୍ତାକଡ଼ରେ ଛିଡ଼ା ଥିବା ଅଟୋସହ ପିଟି ହୋଇଥିଲା। ଦୁର୍ଘଟଣା ସମ୍ପର୍କରେ ସ୍ଥାନୀୟ ପୋଲିସ ପକ୍ଷରୁ ତଦନ୍ତ କରାଯାଉଥିବାବେଳେ ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



ଫ୍ରାନ୍ସର ଗିରୋଣ୍ଡ ଅଞ୍ଚଳ ସ୍ଥିତ ଲା ଟେଷ୍ଟେ-ଡି-ବୁଚ୍ ଜଙ୍ଗଲରେ ନିଆଁ ଲାଗିବା ଫଳରେ ଲେସ୍ ଫ୍ଲୋଟ୍ସ ବ୍ଲେୟସ୍ ହୋଟେଲ ଜଳିପୋଡ଼ି ଛାରଖାର ହୋଇଯାଇଛି। ସେଠାରେ ଏକ ଦଗ୍ଧ ମୂର୍ତ୍ତି ପଡ଼ିରହିଛି।

## ଆର୍‌ଏସ୍‌ଏସ୍ ଲେଖୁଛି ଐତିହାସିକ ଫିଲ୍ମ କାହାଣୀ

**ମୁମ୍ବାଇ, ୨୨।୭**

ବଲିଉଡ୍‌ରେ ବର୍ତ୍ତମାନ ସମୟରେ ବହୁ ଐତିହାସିକ ଘଟଣାବଳିକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ବଲିଉଡ୍ ତିଆରି କରୁଥିବା ଏହି ସବୁ ଫିଲ୍ମର ସ୍କ୍ରିପ୍ଟ ନାଗପୁର (ଆର୍‌ଏସ୍‌ଏସ୍ ମୁଖ୍ୟାଳୟ ଉଦ୍ଦେଶ୍ୟରେ କୁହାଯାଇଛି)ରୁ ଏଡିଟ୍ ହୋଇ ଆସୁଥିବା କହିଛନ୍ତି ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର। ନିର୍ମାଣ ହେଉଥିବା ଫିଲ୍ମରେ ମଧ୍ୟଯୁଗୀୟ ରାଜାମାନଙ୍କୁ ଭୟଙ୍କର ଖଳନାୟକର ରୂପ ଦିଆଯାଉଥିବା ଦେଖିବାକୁ ମିଳୁଛି। ଆର୍‌ଏସ୍‌ଏସ୍ ନିଜର ଚିନ୍ତାଧାରା ଓ ଯୁକ୍ତିକୁ ପ୍ରତ୍ୟେକ ଦେଶବାସୀଙ୍କ ମାନସପଟ୍ଟରେ ଭର୍ତ୍ତି କରିବାକୁ ଚାହୁଁଛି। ଏ ପରି କରିବା ପାଇଁ କେନ୍ଦ୍ର ସରକାର ଫିଲ୍ମ ଇଣ୍ଡଷ୍ଟ୍ରିର କେତେଜଣ ଚଳଚ୍ଚିତ୍ର ନିର୍ମାତାଙ୍କୁ ସୁରକ୍ଷା ମଧ୍ୟ ଦେଉଛନ୍ତି। ଡା. ଟି.କେ. ରାମଚନ୍ଦ୍ରନ ମେମୋରିଆଲ୍‌ର ଷଷ୍ଠ ସଂସ୍କରଣରେ



ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର

'ଦ ଆର୍ଟିଷ୍ଟ ଆଜ୍ ସିଟିଜେନ୍'କୁ ନେଇ ଆୟୋଜିତ ହୋଇଥିବା ଆଲୋଚନା ବୈଠକରେ ଉଦ୍‌ବୋଧନ ଦେବା ସମୟରେ ସ୍ୱରା ଏହା କହିଛନ୍ତି।

# କୃଷ୍ଣସାଗର ଅଚଳାବସ୍ଥା ଦୂର

**ଇସ୍ତାନବୁଲ,୨୨।୭**

କୃଷ୍ଣସାଗର ଦେଇ ଜାହାଜରେ ଖାଦ୍ୟଶସ୍ୟ, ସାର ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଶୁକ୍ରବାର ଆନୁଷ୍ଠାନିକ ଭାବେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଦୁଇ ପଡ଼ୋଶୀ ଦୁଇଟି ପୃଥକ୍ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ମସ୍କୋ-କିଭ୍ ମଧ୍ୟରେ ତୁର୍କୀ ଓ ଜାତିସଂଘ ମଧ୍ୟସ୍ଥତା କରି ଏହି ରାଜିନାମାକୁ ସଫଳ କରିଛନ୍ତି। ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସେର୍ଗି ଶୋଇଗୁ ଏବଂ ୟୁକ୍ରେନ୍ ଭିତ୍ତିଭୂମି ମନ୍ତ୍ରୀ ଓଲେକ୍‌ଜାଣ୍ଡାର କୁବ୍ରାକୋଭ୍ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଓ ତୁର୍କୀ ପ୍ରତିରକ୍ଷା ମନ୍ତ୍ରୀ ହୁଲୁସି ଅକରଙ୍କ ଉପସ୍ଥିତିରେ ରାଜିନାମାରେ ସ୍ୱାକ୍ଷର କରିଛନ୍ତି। ଚୁକ୍ତି ସ୍ୱାକ୍ଷର ବେଳେ ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଦୋଗାନ ଉପସ୍ଥିତ ଥିଲେ। ଏନେଇ ଗୁଟେରେସ୍ କହିଛନ୍ତି, ଆଜି ବ୍ଲାକ୍ ସି'ରେ ଏକ



ଚୁକ୍ତି ସ୍ୱାକ୍ଷରବେଳେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଓ ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଦୋଗାନ।

ଆଲୋକବର୍ତ୍ତିକା ଦେଖିବାକୁ ମିଳିଛି। ଏହା ହେଉଛି ସମ୍ଭାବନା ଓ ଆଶ୍ୱସ୍ତି ପ୍ରଦାନକାରୀ ଆଶାର ଆଲୋକ, ଯାହାକୁ ସାରା ବିଶ୍ୱ ଅପେକ୍ଷା କରିଥିଲା। ରୁଷିଆ ଓ ୟୁକ୍ରେନ୍‌ର ପ୍ରତିନିଧିମାନେ ମତଭେଦକୁ ଭୁଲି ସବୁ ପ୍ରତିବନ୍ଧକକୁ ଅତିକ୍ରମ କରିଛନ୍ତି। ସେମାନଙ୍କ ଏହି ଉଦ୍ୟମ ବିଶ୍ୱବାସୀଙ୍କ ମୌଳିକ ସ୍ୱାର୍ଥ ପୂରଣ ଦିଗରେ ସହାୟକ ହେବ। ଏହି ଚୁକ୍ତି ସ୍ୱାକ୍ଷର ହେବା ଫଳରେ ୟୁକ୍ରେନ୍ ୨୨ ନିୟୁତ ଟନ୍ ଖାଦ୍ୟଶସ୍ୟ ଓ ଅନ୍ୟ କୃଷି ସାମଗ୍ରୀ କୃଷ୍ଣ ସାଗର ଦେଇ ବିଶ୍ୱ ବଜାରକୁ ପରିବହନ କରିପାରିବ, ଯାହାକି ଫେବୃୟାରୀ ୨୪ରେ ରୁଷିଆର ଆକ୍ରମଣ ପରଠାରୁ ବନ୍ଦ ହୋଇଯାଇଥିଲା। ଏହି ଅଚଳାବସ୍ଥାକୁ ଦୃଷ୍ଟିରେ ରଖି ଗୁଟେରେସ୍ ଓ ଏର୍ଦୋଗାନ୍ ଇସ୍ତାନବୁଲରେ ଉଭୟ ପକ୍ଷଙ୍କୁ ନେଇ ମଧ୍ୟସ୍ଥତା କରିବାକୁ ଯୋଜନା କରିଥିଲେ। ରୁଷିଆ ଓ ୟୁକ୍ରେନ୍‌ର ସାମରିକ ପ୍ରତିନିଧି ଦଳ ଗତ ସପ୍ତାହରେ ଏନେଇ ସହମତି ପ୍ରକାଶ କରିଥିଲେ। ରାଜିନାମା ସ୍ୱାକ୍ଷର ହେବା ମାତ୍ରେ ବିଶ୍ୱ ବଜାରରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ହ୍ରାସ ପାଇବା ଆରମ୍ଭ ହୋଇଛି।

**ରୁଷିଆ-ୟୁକ୍ରେନ୍ ଚୁକ୍ତି ସ୍ୱାକ୍ଷର**

- ବ୍ଲାକ୍ ସି'ରେ ସ୍ୱାଭାବିକ ହେବ ପରିବହନ
- ବିଶ୍ୱ ଖାଦ୍ୟ ସଙ୍କଟ ଦୂର ହେବା ଆଶା
- ଦୁଇ ପଡ଼ୋଶୀଙ୍କୁ ମନାଇବା ପାଇଁ ମଧ୍ୟସ୍ଥତା କରିଥିଲେ ଜାତିସଂଘ, ତୁର୍କୀ



➥ଯୁଦ୍ଧ ପରଠୁ ଅବରୁଦ୍ଧ କୃଷ୍ଣ ସାଗରରେ ମାଲବାହୀ ଜାହାଜର ପୁନଃ ଚଳାଚଳ ପାଇଁ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଉଭୟ ପଡ଼ୋଶୀ ଦେଶ ବିଶ୍ୱର ବୃହତ୍ ଖାଦ୍ୟ ରପ୍ତାନିକାରୀ ରାଷ୍ଟ୍ର ହୋଇଥିବାରୁ ଏହି ରାଜିନାମା ଆକ୍ରମଣର ଦୁଷ୍ପରିଣାମଜନିତ ବିଶ୍ୱ ଖାଦ୍ୟ ସଙ୍କଟ ଦୂର କରିବା ହେବା ଆଶା ଦେଖାଇଛି।

➥ୟୁକ୍ରେନ୍‌ର ଓଡେସା ସମେତ ଅନ୍ୟ ବନ୍ଦରଗୁଡ଼ିକରେ ରୁଷିଆ ନୌସେନା ଯୁଦ୍ଧପୋତ ମୁତୟନ କରି ଅବରୋଧ କରିଛି। ୫ ମାସର ଯୁଦ୍ଧ ସମୟରେ ଜାହାଜରେ ଖାଦ୍ୟଶସ୍ୟ ପରିବହନ ଠପ୍ ହୋଇଯିବାରୁ ସାରା ବିଶ୍ୱରେ ନାଟକୀୟ ଭାବେ ଦରଦାମ୍ ବୃଦ୍ଧି ଘଟିଛି। ଏହି ଚୁକ୍ତି ସ୍ୱାକ୍ଷର ହେବା ଫଳରେ ଆଗକୁ ସମ୍ଭାବ୍ୟ ଅନଟନକୁ ଏଡ଼ାଯାଇପାରେ।

➥ରୁଷିଆର ବନ୍ଦରଗୁଡ଼ିକ ବନ୍ଦ ହୋଇ ନ ଥିଲେ ବି ପାଶ୍ଚାତ୍ୟର କଟକଣା ହେତୁ ଏହାର ଜାହାଜରେ ମାଲ ପରିବହନ ବାଧାପ୍ରାପ୍ତ ହୋଇଥିବା ମସ୍କୋ ଅଭିଯୋଗ ଆଣିଥିଲା। ଯୁଦ୍ଧରତ ଉଭୟ ପଡ଼ୋଶୀ ସହ ସୁସମ୍ପର୍କ ରଖିଥିବା ତୁର୍କୀ ହେଉଛି ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ସଦସ୍ୟ। କୃଷ୍ଣ ସାଗରର ପ୍ରଣାଳୀଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ଆଙ୍କାରା ଏହି ପ୍ରସଙ୍ଗରେ ମଧ୍ୟସ୍ଥ ଭୂମିକା ନେଇଛି।



ୟୁକ୍ରେନ୍‌ର ଓଡେସା ବନ୍ଦର।

## ଦ୍ରୌପଦୀଙ୍କୁ ବିଜୟ ପ୍ରମାଣପତ୍ର ଦେଲେ ଇସି

**ନୂଆଦିଲ୍ଲୀ,୨୨।୭:** ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଶୁକ୍ରବାର ନିର୍ବାଚନ କମିଶନ(ଇସି) ବିଜୟ ପ୍ରମାଣପତ୍ର ଦେଇଛନ୍ତି। ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀଙ୍କ ସପକ୍ଷରେ ଫଳାଫଳ ଆସିଥିବା ନେଇ ରିର୍ଟନିଂ ଅଫିସର ଇସିଙ୍କୁ ଆନୁଷ୍ଠାନିକ ଭାବେ ଜଣାଇବା ପରେ ଏହି ସାର୍ଟିଫିକେଟ ପ୍ରଦାନ କରାଯାଇଛି। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଏବଂ କମିଶନର ଅନୁପ ଚନ୍ଦ୍ର ପାଣ୍ଡେ ମିଳିତ ଭାବେ ଉକ୍ତ ପ୍ରମାଣପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ପ୍ରମାଣପତ୍ରକୁ ସ୍ୱରାଷ୍ଟ୍ର ସଚିବଙ୍କ ନିକଟକୁ ପଠାଯିବ। ଆସନ୍ତା ୨୫ରେ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଦ୍ରୌପଦୀ ଭାରତର ପଞ୍ଚଦଶ ରାଷ୍ଟ୍ରପତି ଭାବେ ଶପଥ ନେବାବେଳେ ସଚିବ ଏହାକୁ ପଢ଼ି ଶୁଣାଇବେ। ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ଜୁଲାଇ ୨୪ରେ ଶେଷ ହେବାକୁ ଥିବାବେଳେ ନୂଆ ରାଷ୍ଟ୍ରପତିଙ୍କୁ ବାଛିବା ପାଇଁ ଗତ ୧୮ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହାର ଫଳାଫଳ ଗୁରୁବାର ଆସିଥିଲା। ୬୪ ବର୍ଷୀୟା ଦ୍ରୌପଦୀ ୬୪% ବୈଧ ଭୋଟ ପାଇ ବିରୋଧୀଙ୍କ ମିଳିତ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ହରାଇ ଇତିହାସ ରଚିଛନ୍ତି। ଏଥିସହ ଦେଶର ପ୍ରଥମ ଆଦିବାସୀ ମହିଳା ଏବଂ ସର୍ବକନିଷ୍ଠ ରାଷ୍ଟ୍ରପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଦ୍ରୌପଦୀଙ୍କୁ ୬,୭୬,୮୦୩ ଭୋଟ ମିଳିଥିବାବେଳେ



ଯଶୱନ୍ତ ୩,୮୦,୧୭୭ ଭୋଟ ପାଇଥିବା ରାଜ୍ୟ ସଭା ସେକ୍ରେଟାରି ଜେନେରାଲ ତଥା ରିର୍ଟନିଂ ଅଫିସର ଘୋଷଣା କରିଛନ୍ତି।

## ୟୁଏନ୍‌ଏସ୍‌ସିରେ ଭାରତର ସ୍ଥାୟୀ ସଦସ୍ୟତା ପାଇଁ ଚାଇନା ଅରାଜି

**ନୂଆଦିଲ୍ଲୀ,୨୨।୭**

ଜାତିସଂଘ ସୁରକ୍ଷା ପରିଷଦର (ୟୁଏନ୍‌ଏସ୍‌ସି)ର ସ୍ଥାୟୀ ସଦସ୍ୟତା ପାଇଁ ଭାରତକୁ ୪ ରାଷ୍ଟ୍ରର ସମର୍ଥନ ମିଳିଛି। ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ ଲୋକ ସଭାରେ ଏହି ସୂଚନା ଦେଇଛନ୍ତି। ସ୍ଥାୟୀ ସଦସ୍ୟତା ହାସଲ କରିଥିବା ରୁଷିଆ, ଚାଇନା, ବ୍ରିଟେନ, ଫ୍ରାନ୍ସ ଏବଂ ଆମେରିକା ପାଖରେ ୟୁଏନ୍‌ଏସ୍‌ସିରେ ଯେ କୌଣସି ଅସ୍ଥାୟୀ ରାଷ୍ଟ୍ରଙ୍କୁ ନିଷିଦ୍ଧ କରିବାର କ୍ଷମତା ରହିଛି। ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସଂଖ୍ୟା ବଢ଼ାଇବା ପାଇଁ ଦାବି କରାଯାଉଥିବାବେଳେ ଭାରତକୁ ସ୍ଥାୟୀ ସଦସ୍ୟତା ପ୍ରଦାନ ନେଇ ଚାଇନା ପକ୍ଷରୁ ସମର୍ଥନ ମିଳୁ ନାହିଁ। ୟୁଏନ୍‌ଏସ୍‌ସିର ସ୍ଥାୟୀ ସଦସ୍ୟତା ପାଇଁ ଭାରତ ସମେତ ବ୍ରାଜିଲ୍, ସାଉଥ୍ ଆଫ୍ରିକା ଜର୍ମାନ ଓ ଜାପାନ ଦାବିଦାର ରହିଛନ୍ତି। ଅନ୍ୟଦେଶ ସହିତ ଉତ୍ତମ ସମ୍ପର୍କ ସ୍ଥାପନ ପାଇଁ ଭାରତ ଏକାଧିକ ରାଷ୍ଟ୍ର ମୁଖ୍ୟଙ୍କ ସହ ଆଲୋଚନା କରିବା ସହ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଗୁରୁତ୍ୱ ଦେଉଥିବା ମୁରଲୀଧରନ କହିଛନ୍ତି।

## ଏବେ ଅହଂକାର ସମୟ ନୁହେଁ

**ନୂଆଦିଲ୍ଲୀ,୨୨।୭**

**ମମତାଙ୍କ ଉଦ୍ଦେଶ୍ୟରେ ମାର୍ଗାରେଟ ଅଲ୍‌ଭାଙ୍କ ଟୁଇଟ୍**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଉପରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବା ରାଜସ୍ଥାନର ପୂର୍ବତନ ରାଜ୍ୟପାଳ ମାର୍ଗାରେଟ୍ ଅଲ୍‌ଭାଙ୍କୁ ସମର୍ଥନ କରିବ ନାହିଁ ବୋଲି ଗୁରୁବାର ଘୋଷଣା କରିଛି। ଅଲ୍‌ଭାଙ୍କୁ ପ୍ରାର୍ଥୀ କରାଯିବାବେଳେ ଟିଏମ୍‌ସିର ମତାମତ ନିଆଯାଇ ନ ଥିବା ଦର୍ଶାଇ ପଶ୍ଚିମବଙ୍ଗର ଶାସକ ଦଳ ପକ୍ଷରୁ କୁହାଯାଇଛି। ଅଲ୍‌ଭା ଶୁକ୍ରବାର ଏହି ନିଷ୍ପତ୍ତିକୁ 'ନୈରାଶ୍ୟଜନକ' ବୋଲି ଅଭିହିତ କରିଛନ୍ତି। ବର୍ତ୍ତମାନ ଅହଂକାର କିମ୍ବା କ୍ରୋଧର ସମୟ ନୁହେଁ। ଏହା ସାହସ, ନେତୃତ୍ୱ ଓ ଏକତାର



ସମୟ। ସାହସର ପ୍ରତୀକ ମମତା ବିରୋଧୀଙ୍କ ସହ ଛିଡ଼ାହେବେ ବୋଲି ଅଲ୍‌ଭା ଆଶାବାଦୀ ଥିବା ଟୁଇଟ୍ କରିଛନ୍ତି।

## ଅବକାରୀ ନୀତିର ସିବିଆଇ ତଦନ୍ତ ସୁପାରିସ

**ନୂଆଦିଲ୍ଲୀ,୨୨।୭**

କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଉପରାଜ୍ୟପାଳ (ଏଲ୍‌ଜି)ଙ୍କ ମଧ୍ୟରେ ଟଣାଓଟରା ଲାଗିରହିଛି। ଦିଲ୍ଲୀରେ ଯିଏ ଏଲ୍‌ଜି ଥାଆନ୍ତୁ ନା କାହିଁକି ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ନୀତି ଓ ନିଷ୍ପତ୍ତିଗୁଡ଼ିକୁ ବିରୋଧ କରିବା ଥୟ। ଏହି କ୍ରମରେ ଏଲ୍‌ଜି ଭି.କେ. ସକ୍ସେନା ଏଏପି ସରକାର ଆଣିଥିବା ଦିଲ୍ଲୀ ଅବକାରୀ ନୀତି, ୨୦୨୧-୨୨କୁ ନିୟମ ଓ ପ୍ରକ୍ରିୟାର ଉଲ୍ଲଂଘନ ଦର୍ଶାଇଛନ୍ତି। ଏଥିସହ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଏହାର

**କେଜ୍‌ରିୱାଲ-ଏଲ୍‌ଜି ମୁହାଁମୁହିଁ**



ଅରବିନ୍ଦ କେଜ୍‌ରିୱାଲ



ଭି.କେ. ସକ୍ସେନା

ତଦନ୍ତ କରାଇବାକୁ ସୁପାରିସ କରିଛନ୍ତି। ଅନ୍ୟପକ୍ଷେ ନିଜ ପାଖରେ ଅବକାରୀ ବିଭାଗ ରଖିଥିବା ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଜଣେ ଅତ୍ୟନ୍ତ ସଚ୍ଚୋଟ ବ୍ୟକ୍ତି କହି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏଲ୍‌ଜିଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। କେଜ୍‌ରିୱାଲ କହିଛନ୍ତି, ସେ ୨୨ ବର୍ଷ ହେଲା ସିସୋଡିଆଙ୍କୁ ଜାଣିଛନ୍ତି। ଏହା ଏକ ଫେକ୍ ମାମଲା। କେନ୍ଦ୍ର ସରକାରଙ୍କ ଇଙ୍ଗିତରେ ସିସୋଡିଆଙ୍କୁ ଫସାଇ ଗିରଫ କରିବା ପାଇଁ ଏଲ୍‌ଜି ଏପରି ଅଭିଯୋଗ ଆଣିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ପରେ ସିସୋଡିଆଙ୍କୁ ଗିରଫ କରିବା ଲାଗି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଚକ୍ରାନ୍ତ କରିଥିବା କେଜ୍‌ରିୱାଲ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି। ପ୍ରକାଶ ଯେ, ନିକଟରେ ଦିଲ୍ଲୀ ମୁଖ୍ୟ ସଚିବଙ୍କ ପକ୍ଷରୁ ଦାଖଲ ରିପୋର୍ଟ ଅନୁସାରେ ଉପରାଜ୍ୟପାଳ ସକ୍ସେନା ସିବିଆଇକୁ ଏହାର ତଦନ୍ତ ପାଇଁ ସୁପାରିସ କରିଛନ୍ତି। ନୂଆ ଅବକାରୀ ନୀତି ଦିଲ୍ଲୀର ଜାତୀୟ ରାଜଧାନୀ ଭୂଖଣ୍ଡ ସରକାର ଆଇନ-୧୯୯୧, ଟ୍ରାଞ୍ଜାକ୍ସନ ଅଫ୍ ବିଜ୍‌ନେସ ରୁଲ୍ସ-୧୯୯୩, ଦିଲ୍ଲୀ ଅବକାରୀ ଆଇନ-୨୦୦୯ ଏବଂ ୨୦୧୦ର ଉଲ୍ଲଂଘନ କରିଥିବା ଏଥିରେ ଦର୍ଶାଯାଇଛି। ଶୀର୍ଷ ରାଜନୈତିକ ସ୍ତରରେ ଆର୍ଥିକ ଲାଭ ଉଦ୍ଦେଶ୍ୟରେ ଏପରି କରାଯାଇଥିବା ଏଲ୍‌ଜି କହିଛନ୍ତି। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ମୀନାକ୍ଷୀ ଲେଖି କେଜ୍‌ରିୱାଲ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୭,୩୦,୨୬,୦୬୪ | ୬୩,୯୮,୯୮୭ | ୫୪,୩୦,୦୭,୭୯୬ |
| ଭାରତ | ୪,୩୮,୪୭,୦୬୫ | ୫,୨୫,୯୩୦ | ୪,୩୧,୭୧,୬୫୩ |
| ଓଡ଼ିଶା | ୧୩,୦୪,୩୭୯ | ୯୧୩୦(+୫୩) | ୧୨,୮୮,୯୭୦ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଚିଲିକା ପାଇଁ ସ୍ୱତନ୍ତ୍ର ନୀତି ହେଉ: ବିରୋଧୀ

## ମୁଲତବୀ ଆଲୋଚନା

### ଚିଲିକା ଗୁଣବତ୍ତା, ମତ୍ସ୍ୟଜୀବୀଙ୍କ ଜୀବିକା ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ: ମନ୍ତ୍ରୀ

ଭୁବନେଶ୍ୱର,୨୨।୭(ବ୍ୟୁରୋ)

ରାଜ୍ୟ ସରକାର ଉଭୟ ଚିଲିକାର ଗୁଣବତ୍ତା ଓ ମତ୍ସ୍ୟଜୀବୀମାନଙ୍କର ଜୀବିକାକୁ ସାମଗ୍ରିକ ଓ ସାମୂହିକ ଭାବେ ଉନ୍ନତି କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ। ଶୁକ୍ରବାର ବିରୋଧୀଙ୍କ ଆଗତ ମୁଲତବୀ ଆଲୋଚନା ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହି ସୂଚନା ଦେଇଛନ୍ତି ।

ମନ୍ତ୍ରୀ କହିଛନ୍ତି, ଚିଲିକା ହେଉଛି ବିବିଧତାର ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏସିଆ ମହାଦେଶର ବୃହତମ ହ୍ରଦ। ଏଥିରେ ଇରାୱାଡି ଡଲଫିନ, ୮୮୪ ପ୍ରଜାତିର ଉଦ୍ଭିଦ ଏବଂ ୩୩୬ ପ୍ରଜାତିର ମାଛ ମଧ୍ୟ ଦେଖାଯାଆନ୍ତି। ହ୍ରଦଟି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ବିଦେଶାଗତ ପକ୍ଷୀମାନଙ୍କର ଶୀତଦିନିଆ ବାସସ୍ଥଳୀ ଅଟେ। ଚିଲିକାରେ ଶୀତଦିନେ ୨୨୮ ପ୍ରଜାତିର ପକ୍ଷୀମାନଙ୍କର ସମାଗମ ହୋଇଥାଏ। ମତ୍ସ୍ୟ ନିର୍ଦ୍ଦେଶାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ୧,୮୯,୯୫୮ ସଂଖ୍ୟକ ମତ୍ସ୍ୟଜୀବୀ ଚିଲିକା ଉପରେ ନିଜର ଜୀବନ ଜୀବିକା ପାଇଁ ନିର୍ଭରଶୀଳ ହୋଇଥାଆନ୍ତି । ଚିଲିକା ଅଞ୍ଚଳରେ ୨୦୦ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଗଠନ କରାଯାଇଛି। ଏହି ସମିତିଗୁଡ଼ିକରେ ୪୫,୮୧୨ ଜଣ ସଭ୍ୟ ଅଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ୧୪୧ ଟିପିଏଫ୍‌ସିକୁ ୨ ଲକ୍ଷ ଲେଖାଏ ଟଙ୍କା ପ୍ରଦାନ କରାଯାଇଛି। ମତ୍ସ୍ୟଜୀବୀଙ୍କ ଆର୍ଥିକ ତଥା ସାମାଜିକ ଉନ୍ନତି ନିମନ୍ତେ ସରକାରୀ ନିବନ୍ଧକ ସମିତି(ମତ୍ସ୍ୟ) ଚିଲିକା ମଣ୍ଡଳକୁ ୭ କୋଟି ୯୯ ଲକ୍ଷ ୬୦ ହଜାର ଟଙ୍କାର ଅନୁଦାନ ଦେଇଛନ୍ତି। ଏହାଦ୍ୱାରା ଚିଲିକା ଅଞ୍ଚଳର ୬୦୦୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଋଣ ପାଇ ଉପକୃତ ହୋଇଛନ୍ତି।

ଚିଲିକା ହ୍ରଦରେ ୩୩୬ ପ୍ରକାର ମାଛ, ୨୯ ପ୍ରଜାତିର ଚିଙ୍ଗୁଡ଼ି, ୩୫ ପ୍ରଜାତିର କଙ୍କଡ଼ା ରହିଛନ୍ତି। ଚିଲିକାରୁ ୨୦୨୧-୨୨ରେ ୧୨୨୧୮୭.୫୮ ମେଟ୍ରିକ ଟନ ମାଛ, ୬୭୬୨.୦୨ ଟନ ଚିଙ୍ଗୁଡ଼ି ଏବଂ ୪୮୭.୭୦ ମେଟ୍ରିକ ଟନ କଙ୍କଡ଼ା ଉତ୍ପାଦିତ ହୋଇଛି। ୧, ୪୧, ୫୨୮ ସଂଖ୍ୟକ ମତ୍ସ୍ୟଜୀବୀଙ୍କୁ ଗୋଷ୍ଠୀ ବୀମା ଦୁର୍ଘଟଣା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ମାଛ ବିକ୍ରୟ ସୁବିଧା ନିମନ୍ତେ ୯ଟି ମାଛ କିୟୋସ୍କ ପ୍ରତିଷ୍ଠା ପାଇଁ ୯ ଜଣ ହିତାଧିକାରୀଙ୍କୁ ଅନୁମତିପତ୍ର ପ୍ରଦାନ କରାଯାଇଛି। ଚିଲିକା ମତ୍ସ୍ୟଜୀବୀ ପରିବାରର ୧୮୪୯ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ବାବଦରେ ୯୫.୨୮ ଲକ୍ଷ ଟଙ୍କାର ସହାୟତା ଦିଆଯାଇଛି। ଚିଲିକା ପରିପାର୍ଶ୍ୱରେ ଥିବା ପୁରୀ ଜିଲାର କୃଷ୍ଣପ୍ରସାଦ, ବ୍ରହ୍ମଗିରି, ଖୋର୍ଦ୍ଧା ଜିଲାର ଟାଙ୍ଗୀ ଓ ଚିଲିକା ବ୍ଲକ ଏବଂ ଗଞ୍ଜାମ ଜିଲାର ଖଲିକୋଟ ଓ ଗଞ୍ଜାମ ବ୍ଲକଗୁଡ଼ିକରେ ମତ୍ସ୍ୟଚାଷର ବିକାଶ ପାଇଁ ୧୨୭ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଗୋଷ୍ଠୀ ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ କରିବା ପାଇଁ ସହାୟତା ଦିଆଯାଇଛି। ମତ୍ସ୍ୟ ପୋଖରୀ ଯୋଜନାରେ ୧୬୨ଟି ନୂତନ ପୋଖରୀ ଖୋଳାଯାଇ ୨୨୧.୦୨ ଲକ୍ଷ ଟଙ୍କା ସବ୍‌ସିଡି ପ୍ରଦାନ କରାଯାଇଛି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ପ୍ରତିମାସରେ ଚିଲିକା ହ୍ରଦର ଗୁଣବତ୍ତାର ପରୀକ୍ଷଣ କରୁଛନ୍ତି। ପ୍ରତି ବର୍ଷ ହେଲ୍‌ଥ ରିପୋର୍ଟ କାର୍ଡ ପ୍ରକାଶ କରାଯାଉଛି।

ଚିଲିକା କୂଳରେ ଲକ୍ଷାଧିକ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେଉଛି। ୨୦% ଲୋକ ମାଛ ଧରିବା ଉପରେ ନିର୍ଭର କରୁଥିବା ବେଳେ ଅନ୍ୟ ଲୋକମାନେ ମଧ୍ୟ ଚିଲିକା ଉପରେ ନିର୍ଭର କରୁଛନ୍ତି। ଚିଲିକା ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକୁ ଜଳସେଚନ ସୁବିଧା ନାହିଁ। ସରକାର ଚିଲିକା ପାଇଁ ଏକ ସ୍ୱତନ୍ତ୍ର ନୀତି କରନ୍ତୁ ବୋଲି ବିରୋଧୀ ଦାବି କରିଛନ୍ତି। ମୁଲତବୀ ଆଲୋଚନାରେ ଭାଗ ନେଇ ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ମୁକେଶ ମହାଲିଙ୍ଗ, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଚିଲିକାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ।




## ରାଜ୍ୟବାସୀଙ୍କ ତରଫରୁ ଦ୍ରୌପଦୀଙ୍କୁ ନବୀନଙ୍କ ଶୁଭେଚ୍ଛା

### ଆଜିଠୁ ୪ ଦିନିଆ ନୂଆଦିଲ୍ଲୀ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୭(ବ୍ୟୁରୋ):** ଦେଶର ୧୫ତମ ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁ ନିର୍ବାଚିତ ହେବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାର ଲାଗିଛି। ଦ୍ରୌପଦୀଙ୍କୁ ଏହି ବିପୁଳ ଭୋଟ ବ୍ୟବଧାନର ବିଜୟ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟେଲିଫୋନ୍ କରି ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାବାସୀଙ୍କ ତରଫରୁ ନବୀନ ଦ୍ରୌପଦୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶାବାସୀ ବେଶ୍ ଗର୍ବିତ ବୋଲି ନବୀନ କହିଛନ୍ତି। ଆସନ୍ତା ୨୫ ତାରିଖରେ ଦ୍ରୌପଦୀ ଶପଥ ନେବେ। ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏଥିଲାଗି ଶନିବାର ନବୀନ ୪ଦିନିଆ ନୂଆଦିଲ୍ଲୀ ଗସ୍ତ କରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ସେ ୨୬ରେ ଓଡ଼ିଶା ଫେରିବେ। ଏହି ଅବସରରେ ଓଡ଼ିଶାର କେତେକ କାର୍ଯ୍ୟ ନେଇ ନବୀନ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କ ସହ ସାକ୍ଷାତ କରିବା କାର୍ଯ୍ୟକ୍ରମ ମଧ୍ୟ ରହିଛି।

# ମୋକିମ୍‌ଙ୍କୁ କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

- ରାଷ୍ଟ୍ରପତି ନିର୍ବାଚନରେ ଦଳ ବିରୋଧରେ ଯାଇଥିଲେ
- ନୋଟିସ ହସ୍ତଗତ ହୋଇ ନ ଥିବା କହିଲେ ବିଧାୟକ

ରାଷ୍ଟ୍ରପତି ନିର୍ବାଚନରେ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଇଥିବା କଂଗ୍ରେସର କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କ ଅଡୁଆ ବଢ଼ିଛି। ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୨ ସପ୍ତାହ ମଧ୍ୟରେ ଏହାର ଜବାବ ରଖିବାକୁ ଏଥିରେ ନିର୍ଦ୍ଦେଶ ଥିବା କଂଗ୍ରେସ ଗଣମାଧ୍ୟମ ସେଲ୍ ମୁଖ୍ୟ ସତ୍ୟପ୍ରକାଶ ନାୟକ ଶୁକ୍ରବାର ସୂଚନା ଦେଇଛନ୍ତି। ଅନ୍ୟପଟେ ଅଦ୍ୟାବଧି ଉକ୍ତ ନୋଟିସ୍ ହସ୍ତଗତ ହୋଇ ନ ଥିବା ମୋକିମ୍ କହିଛନ୍ତି।

କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟପ୍ରକାଶ କହିଛନ୍ତି, ଗତ କିଛିଦିନ ହେଲା କଟକ-ବାରବାଟୀ ବିଧାୟକଙ୍କ କାର୍ଯ୍ୟକଳାପ ଦଳର ଅନୁଶାସନ ବିରୋଧୀ ବୋଲି ପ୍ରତୀୟମାନ ହେଉଛି। ତଥ୍ୟ ପ୍ରମାଣ ଆଧାରରେ ପିସିସି ସଭାପତି ଶରତ ପଟ୍ଟନାୟକ ବିଧାୟକ ମୋକିମଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ହେଲେ ଏ ନେଇ ମୋକିମ କହିଛନ୍ତି, କୌଣସି ନୋଟିସ୍ ତାଙ୍କର ହସ୍ତଗତ ହୋଇନାହିଁ। ନୋଟିସ ପାଇବା ପରେ ଦଳୀୟ ଫୋରମ୍‌ରେ ସେ ଉତ୍ତର ରଖିବେ। ଶେଷରେ ସେ ଓଡ଼ିଆ ଝିଅ ଭାବେ ଦ୍ରୌପଦୀଙ୍କୁ ଭୋଟ ଦେଇଥିବା କଥା ପୁଣି ଦୋହରାଇଛନ୍ତି। ଆଗକୁ ତାଙ୍କ ବିରୋଧରେ ଦଳ ତରଫରୁ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ତାକୁ ସମସ୍ତଙ୍କ ଅପେକ୍ଷା ରହିଛି।

ସୂଚନାଯୋଗ୍ୟ, ନିକଟରେ ଦେଶର ୧୫ତମ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟିଂ ଶେଷ ହେବା ସହିତ ଫଳାଫଳ ମଧ୍ୟ ପ୍ରକାଶ ପାଇସାରିଛି। ଏନ୍‌ଡିଏ ପ୍ରାର୍ଥୀ ତଥା ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରଥମରୁ ଦ୍ରୌପଦୀଙ୍କୁ ବିଜେଡି ସମର୍ଥନ ଜଣାଇବା ସହ ତାଙ୍କ ସପକ୍ଷରେ ଜୋର୍‌ଦାର ପ୍ରଚାର କରିଥିଲା। ଓଡ଼ିଶାର ଝିଅ ହିସାବରେ ଦ୍ରୌପଦୀଙ୍କୁ ଭୋଟ ଦେବା ଲାଗି ବିଜେଡି ନେତୃବୃନ୍ଦ କଂଗ୍ରେସ ନେତାଙ୍କୁ ଭେଟି ଅନୁରୋଧ କରିଥିଲେ। ହେଲେ କଂଗ୍ରେସ ବିଧାୟକଙ୍କୁ ନେଇ ଅନୁଷ୍ଠିତ ବୈଠକରେ ବିରୋଧୀ ମେଣ୍ଟରୁ ପ୍ରାର୍ଥୀ ହୋଇଥିବା ଯଶୱନ୍ତ ସିହ୍ନାଙ୍କୁ ଭୋଟ ଦେବା ଲାଗି ସ୍ଥିର ହୋଇଥିଲା। ତେବେ ମୋକିମ୍ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ଦ୍ରୌପଦୀଙ୍କୁ ଭୋଟ ଦେଇଥିଲେ। ଜଣେ ଓଡ଼ିଆ ଭାବେ ଦ୍ରୌପଦୀଙ୍କୁ ଭୋଟ୍ ଦେଇଛନ୍ତି ଏବଂ 'ପାର୍ଟି ପଛ ମାଟି ଆଗ' ବୋଲି ଯୁକ୍ତି ରଖିଥିଲେ। ଏହାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଥମି ନ ଥିବାବେଳେ ଫଳାଫଳ ବାହାରିବାର ଦିନକ ପରେ ପିସିସି ସଭାପତି ମୋକିମଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି।

# ବଜ୍ରପାତରେ ୪ ମୃତ, ୪ ଗୁରୁତର

କେନ୍ଦୁଝର/ହାଟଡିହୀ/ଚାନ୍ଦୁଆ/ଧାମନଗର/ଆରଡ଼ି,୨୨।୭ (ସ୍ୱ.ପ୍ର./ଡି.ଏନ.ଏ.)

### ୧୫ ଦିନ ତଳେ ବିବାହ କରିଥିଲେ ଭଦ୍ରକର ଯୁବକ

କେନ୍ଦୁଝର ଓ ଭଦ୍ରକ ଜିଲାରେ ଶୁକ୍ରବାର ବଜ୍ରପାତରେ ୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ସମଣା ପଞ୍ଚାୟତର ବାହାରିପୁର ଗ୍ରାମରେ ଅପରାହ୍ନ ପ୍ରାୟ ୨.୩୦ରେ ଦୁଇ ଚାଷୀ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ମୃତକଦ୍ୱୟ ହେଲେ କାହ୍ନୁଆ ଜେନା (୫୩) ଓ ନୃସିଂହ ଜେନା (୪୪)। ଖବର ପାଇ ନନ୍ଦିପଦା ଥାନା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ସେହିପରି ଚମ୍ପୁଆ ବ୍ଲକ ଭଣ୍ଡା ପଞ୍ଚାୟତ ଅଧୀନ ରଙ୍ଗାମାଟିଆ ପଞ୍ଚାୟତର ରରୁଆଁଗୋଡ଼ା ଗ୍ରାମରେ ବଜ୍ରପାତ ଘଟି ଯତୀନ୍ଦ୍ର ମହାନ୍ତଙ୍କ ପ୍ରାଣହାନି ହୋଇଛି। ଗ୍ରାମର ମାଗୁଣି ନାଏକଙ୍କ ସ୍ତ୍ରୀ କୁନି ମଧ୍ୟ ଗୁରୁତର ହୋଇଛନ୍ତି। ସେହିପରି ସୁନାରିପୋଷି ଗ୍ରାମରେ ୬ ବଳଦଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମର ରାଜେନ୍ଦ୍ର ମଳିକ(୨୮) ଶୁକ୍ରବାର ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ମୃତ୍ୟୁ ଘଟିଛି। ତିହିଡ଼ି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ରାଜେନ୍ଦ୍ର ୧୫ ଦିନ ତଳେ ବିବାହ କରିଥିଲେ। ତାଙ୍କ ମୃତ୍ୟୁରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସେହିପରି ଧାମନଗର ଥାନା ଅଧୀନ କରଦା ପଞ୍ଚାୟତ ନନ୍ଦିପୁର ଗ୍ରାମର ୩ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ପ୍ରଭାକର ସାହୁ, ଅନିରୁଦ୍ଧ ବେହେରା ଓ ପ୍ରଶାନ୍ତ ନାୟକ। ତିନିଜଣ ବିଲକୁ କାମ କରିବାକୁ ଯାଇଥିବା ବେଳେ ମଧ୍ୟାହ୍ନରେ ବଜ୍ରପାତ ହୋଇଥିଲା। ତିନିଜଣ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ସେମାନଙ୍କୁ ପ୍ରଥମେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ପ୍ରଭାକରଙ୍କୁ ଭଦ୍ରକ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଫେଲ୍ ହେବାରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

**ଚିକିଟି,୨୨।୭(ଡି.ଏନ.ଏ.):** ସିବିଏସଇ ଦ୍ୱାଦଶ ପରୀକ୍ଷାରେ ଫେଲ ହୋଇଯିବାରୁ ଜଣେ ଛାତ୍ର ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ପିତାତଳି ଆଦର୍ଶ ବିଦ୍ୟାଳୟର ଛାତ୍ର ସାଇରାମ ପଟନାୟକ। ଶୁକ୍ରବାର ସିବିଏସଇ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ସାଇରାମ ଗଣିତରେ ମାତ୍ର ୨୮ ନମ୍ବର ରଖିଥିବାରୁ ଫେଲ ହୋଇଥିଲେ। ଏଥିରେ ମର୍ମାହତ ହୋଇ ସୁରଳ ରେଳ ଷ୍ଟେସନରେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପୁଅକୁ ଚିହ୍ନଟ କରିଥିଲେ। ରେଳବାଇ ପୋଲିସ ପହଞ୍ଚି ଶବ ଜବତ କରିବା ସହିତ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।



ଚୁଡ଼ା, ମୁଢ଼ି, ଖଇ, ଦୁଗ୍ଧଜାତ ସାମଗ୍ରୀ ଉପରେ ଜିଏସ୍‌ଟି ପ୍ରତ୍ୟାହାର ଦାବିରେ ଶୁକ୍ରବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଏଆଇଏମ୍‌ଏସ୍‌ଏସ୍‌ର ବିକ୍ଷୋଭ।

# ବିଧାନସଭାରେ ଦ୍ରୌପଦୀଙ୍କୁ ଅଭିନନ୍ଦନ ଜଣାଇଲେ ସବୁ ଦଳ

ଭୁବନେଶ୍ୱର,୨୨।୭(ବ୍ୟୁରୋ)

### ମୋଦିଙ୍କ ପାଇଁ ଧନ୍ୟବାଦ ପ୍ରସ୍ତାବ ଦେଲା ଭାଜପା

ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ସମସ୍ତ ଦଳ ଏହି ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ଏକ ଧନ୍ୟବାଦ ପ୍ରସ୍ତାବ ବିଧାନସଭାରେ ଆଗତ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଥିଲା। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ କହିଲେ, ଗତକାଲି ଦେଶ ଏବଂ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ଦିନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କୁ ଧନ୍ୟବାଦ। ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିଥିବାରୁ କଂଗ୍ରେସ ସଭ୍ୟ ମହମ୍ମଦ ମୋକିମଙ୍କୁ ଏବଂ ଯେଉଁମାନେ ଭୋଟ ଦେଇନାହାନ୍ତି ସେମାନଙ୍କୁ ମଧ୍ୟ ସେ ଧନ୍ୟବାଦ ଦେଇଥିଲେ। ଓଡ଼ିଶାର ଜଣେ ଆଦିବାସୀ ମହିଳା ଦେଶର ସର୍ବୋଚ୍ଚ ପଦବୀରେ ବସିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେବା ଲାଗି ଗୃହରେ ଏକ ଧନ୍ୟବାଦ ପ୍ରସ୍ତାବ ଆଗତ କରାଯାଉ ଓ ଏହାକୁ ସର୍ବସମ୍ମତିକ୍ରମେ ପାରିତ କରାଯାଉ ବୋଲି ସେ ଦାବି କରିଥିଲେ। ବିଜେଡି ସଭ୍ୟ ଅମର ଶତପଥୀ କହିଥିଲେ ଯେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବାରୁ ଦ୍ରୌପଦୀ ମୁର୍ମୁଙ୍କୁ ଅଭିନନ୍ଦନ ଜଣାଇବା। ସୁରେଶ କୁମାର ରାଉତରାୟ କହିଥିଲେ ଯେ ଦ୍ରୌପଦୀ ମୁର୍ମୁ ଓଡ଼ିଶା ପାଇଁ ଗର୍ବ ଓ ଗୌରବ। ତାଙ୍କ ପାଇଁ ଆମେ ଗର୍ବିତ। ଆମେ ପାର୍ଟି ନିଷ୍ପତ୍ତି ଅନୁଯାୟୀ ତାଙ୍କୁ ଭୋଟ ନ ଦେଇଥିଲେ ମଧ୍ୟ ଓଡ଼ିଶାର ଝିଅ ହିସାବରେ ଆମେ ଗର୍ବିତ।

## ବ୍ରାଉନସୁଗାର ଜବତ: ବେପାରୀ ଗିରଫ

**ଭୁବନେଶ୍ୱର,୨୨।୭(ବ୍ୟୁରୋ):** ଭୁବନେଶ୍ୱର କେଶୁରାରେ ବ୍ରାଉନସୁଗାର ବେପାର କରୁଥିବା ଜଣେ ବ୍ୟକ୍ତିଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଝାରପଡ଼ାରେ ରହୁଥିବା ପୁରୀ ଜିଲା ନିମାପଡା କଳାପାଞ୍ଚନ ଗ୍ରାମର ଶେଖ ସମିମ୍। ତାଙ୍କଠାରୁ ୧୧ ଗ୍ରାମର ବ୍ରାଉନସୁଗାର ଓ ନଗଦ ୨୮ ହଜାର ଟଙ୍କା ଜବତ କରାଯାଇଛି। ଶହୀଦନଗର ପୋଲିସ ମାମଲା (ନଂ ୩୩୩/୨୨) ରୁଜୁ କରି ଅଭିଯୁକ୍ତ ଶେଖଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା।

## ପଛରୁ ଧକ୍କା ଦେଲା ଟ୍ରକ୍, ବ୍ୟବସାୟୀ ମୃତ

ଭୁବନେଶ୍ୱର,(ବ୍ୟୁରୋ)/ବାଲିଅନ୍ତା,୨୨।୭ (ଡି.ଏନ୍.ଏ.)

### ଡ୍ରାଇଭର ଗିରଫ, ଗାଡ଼ି ଜବତ

ଭୁବନେଶ୍ୱର ଉପକଣ୍ଠ ପାହାଳ ଥାନା ଅନ୍ତର୍ଗତ ହଂସପାଳ ନିକଟରେ ଶୁକ୍ରବାର ସଡକ ଦୁର୍ଘଟଣା ଘଟିଛି। ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବା ସ୍କୁଟିକୁ ଏକ ଟ୍ରକ୍ ପଛରୁ ଧକ୍କା ଦେବାରୁ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ କଟକ ଚୌଦ୍ୱାର ଅଞ୍ଚଳର ବ୍ୟବସାୟୀ ରାମଚନ୍ଦ୍ର ସୁବୁଦ୍ଧି। ପାହାଳ ପୋଲିସ ପହଞ୍ଚି ଟ୍ରକ ଡ୍ରାଇଭର କଲିମ ଅନ୍‌ସାରୀଙ୍କୁ ଗିରଫ କରିଛି। ଏନେଇ ପୋଲିସ ଏକ ମାମଲା (ନଂ.୧୧୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ଗିରଫ ଡ୍ରାଇଭରଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଥନା ସୂତ୍ରରୁ ସୂଚନା ଦିଆଯାଇଛି।

ସୂଚନାନୁଯାୟୀ, ରାମଚନ୍ଦ୍ର କୌଣସି କାମରେ ସ୍କୁଟିରେ ଭୁବନେଶ୍ୱର ଆସି ଘରକୁ ଫେରୁଥିବାବେଳେ ହଂସାପଳ ଛକରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦ୍ରୁତ ଗତିରେ ଆସୁଥିବା ଟ୍ରକଟି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଫାଟି ଯିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପୋଲିସ ପହଞ୍ଚି ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ରାମଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ।

# ସୂର୍ଯ୍ୟ ଦେଓଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

ଭୁବନେଶ୍ୱର,୨୨।୭(ବ୍ୟୁରୋ)

- 'କାଲି ପାଇଁ କାଲିର ସିନେମା' ଶ୍ରେଷ୍ଠ ଚଳଚ୍ଚିତ୍ର ପୁସ୍ତକ
- ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ଚଳଚ୍ଚିତ୍ର ସମୀକ୍ଷକ ତଥା ଲେଖକ ସୂର୍ଯ୍ୟ ଦେଓ। ୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୨୨ରେ ତାଙ୍କ ପୁସ୍ତକ 'କାଲି ପାଇଁ କାଲିର ସିନେମା' ଶ୍ରେଷ୍ଠ ଚଳଚ୍ଚିତ୍ର ପୁସ୍ତକ ଭାବେ ମନୋନୀତ ହୋଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଓଡ଼ିଆ ଚଳଚ୍ଚିତ୍ର ଉପରେ ଲିଖିତ ସୂର୍ଯ୍ୟ ଦେଓଙ୍କ ଏହି ପୁସ୍ତକ ଏକ ବୈପ୍ଳବିକ ସୃଷ୍ଟି। ଏଥିରେ ଥିବା ଫଟୋଗ୍ରାଫ ଓ ତଥ୍ୟଗୁଡ଼ିକ ଭବିଷ୍ୟତ ପିଢ଼ିଙ୍କ ପାଇଁ ସହଯୋଗୀ ହେବ ବୋଲି ପ୍ରକାଶ ପାଇଛି। ଏଥର କୌଣସି ଓଡ଼ିଆ ଚଳଚ୍ଚିତ୍ର କିମ୍ବା କେହି ଅଭିନେତା ଓ ଅଭିନେତ୍ରୀ ଜାତୀୟ ପୁରସ୍କାର ପାଇ ନ ଥିବାବେଳେ କେବଳ ଚଳଚ୍ଚିତ୍ରର ସ୍ୱତନ୍ତ୍ର ବର୍ଗରେ ସୂର୍ଯ୍ୟ ଦେଓଙ୍କ ପୁସ୍ତକ ମନୋନୀତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ପୁସ୍ତକ ବିବେଚିତ ହେବା ଅତ୍ୟନ୍ତ ଖୁସିର ବିଷୟ ବୋଲି ପ୍ରକାଶ କରିଛନ୍ତି। ସିନେମାରେ ଅଧିକ ଗବେଷଣା କ୍ଷେତ୍ରରେ ଏହି ପୁସ୍ତକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପୁସ୍ତକର ସଫଳତା ନେଇ ସୂର୍ଯ୍ୟ କହିଛନ୍ତି, ଗତକାଲିର ସିନେମା କିଭଳି ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷିତ ହୋଇ ରହିପାରିବ ତାହା ଏହି ପୁସ୍ତକର ମୂଳ ଲକ୍ଷ୍ୟ। ଓଡ଼ିଆ ଚଳଚ୍ଚିତ୍ର ଇତିହାସର ପ୍ରାୟ ୪୦ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ସୀତା ବିବାହ, ମମତା, ସିନ୍ଦୂର ବିନ୍ଦୁ, ଅଭିମାନ ଭଳି ଚଳଚ୍ଚିତ୍ରର କୌଣସି ଅଂଶବିଶେଷ ନାହିଁ। ପୁରୁଣା ଚଳଚ୍ଚିତ୍ର ତଥ୍ୟକରଣ ଓ ସଂରକ୍ଷିତ ହେବା ଆବଶ୍ୟକ। ପୁସ୍ତକରେ କେବଳ ଓଡ଼ିଆ ଚଳଚ୍ଚିତ୍ର ବିଷୟରେ ଲେଖାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି, ଅତି ପାଖରୁ ଦେଖିଥିବା ୨୧ଟି ସିନେମା ଓ ସାମ୍ବାଦିକତା କରୁଥିବା ସମୟରେ ଭେଟିଥିବା ବିଭିନ୍ନ ନିର୍ମାତାଙ୍କ ସହ ଭେଟି ସାଉଣ୍ଟିଥିବା ଅନୁଭୂତିକୁ ନେଇ ପୁସ୍ତକରେ ବିଷୟୀକରଣ କରିଛି। ଗତକାଲି ସହ ବର୍ତ୍ତମାନ, ବର୍ତ୍ତମାନ ସହ ଭବିଷ୍ୟତ ଯୋଡ଼ି ହୋଇ ରହିଛି। ତେଣୁ ଅତୀତର ତଥ୍ୟକୁ ସଂରକ୍ଷିତ କରି ରଖିବା ପାଇଁ ଏହି ପୁସ୍ତକ ସମସ୍ତଙ୍କୁ ପ୍ରେରଣା ଦେବ ବୋଲି ସୂର୍ଯ୍ୟ ଆଶା ରଖିବା ସହ ଏଭଳି ଅନେକ ପୁସ୍ତକ ଲେଖାହେବାର ଆବଶ୍ୟକତା ରହିଥିବା କହିଛନ୍ତି।

'କାଲି ପାଇଁ କାଲିର ସିନେମା' ପୁସ୍ତକରେ ୧୯୪୮ରୁ ୧୯୮୬ ମଧ୍ୟରେ ରିଲିଜ ହୋଇଥିବା ୨୧ଟି ଚଳଚ୍ଚିତ୍ର ସମ୍ପର୍କରେ ତଥ୍ୟ ରହିଛି। ଉକ୍ତ ଚଳଚ୍ଚିତ୍ର ହେଲା ଲଳିତା, ଶ୍ରୀ ଜଗନ୍ନାଥ, କୃଷ୍ଣ ସୁଦାମା, ଭକ୍ତ ସାଲବେଗ, ନୂଆ ବୋହୂ, ସାଧନା, କାଁ, ଭାଇ ଭାଉଜ, ଘର ବାହୁଡ଼ା, ରକ୍ତ ଗୋଲାପ, ଶ୍ରୀ ଲୋକନାଥ, ଭାଇଭାଇ, ସଂସାର, ସୂର୍ଯ୍ୟମୁଖୀ, ଜୀବନସାଥୀ, କିଏ କାହାର, ସ୍ତ୍ରୀ, ସମୟ, ନାଗଫାଶ, ଚିଲିକା ତୀରେ ଓ ମାୟା ମିରିଗ। ଏଥିସହ ୧୯୭୦ରୁ ୮୦ ମଧ୍ୟରେ ଚଳଚ୍ଚିତ୍ର ସହ ଜଡିତ ଅନେକ ବ୍ୟକ୍ତି ବିଶେଷଙ୍କ ସାକ୍ଷାତକାରକୁ ମଧ୍ୟ ସୂର୍ଯ୍ୟ ନିଜ ପୁସ୍ତକରେ ସ୍ଥାନ ଦେଇଛନ୍ତି। ପୁସ୍ତକଟି ପକ୍ଷୀଘର ପ୍ରକାଶନୀ ପକ୍ଷରୁ ପ୍ରକାଶିତ ହୋଇଥିଲା।



ନିଜ ପୁସ୍ତକ ସହ ସୂର୍ଯ୍ୟ ଦେଓ

## ବ୍ୟବସାୟୀଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି,୨୨।୭(ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକ୍ମା ଜିଲା ଦର୍ନାପାଲରେ ଜଣେ ବ୍ୟବସାୟୀଙ୍କୁ ମାଓବାଦୀମାନେ ଗୁରୁବାର ରାତିରେ ହତ୍ୟା କରିଛନ୍ତି। ବିଳମ୍ବିତ ରାତିରେ ପଲମପାଲି ଗ୍ରାମର ତେଜରାତି ଦୋକାନୀଙ୍କ ଘରେ ୨୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ପଶି ତାଙ୍କୁ ଘରୁ ଟାଣି ଆଣି ତାଙ୍କ ସ୍ତ୍ରୀ ଓ ଦୁଇ ପିଲାଙ୍କ ସମ୍ମୁଖରେ ଲାଠିରେ ନିସ୍ଠୁକ ମାଡ ମାରି ହତ୍ୟା କରିଥିଲେ। ସେ ପୋଲିସକୁ ସହାୟତା କରୁଥିବା ଅଭିଯୋଗ କରି ମାଓବାଦୀ ଏଭଳି ଘଟାଇଥିବା ସେଠାରେ ଛାଡି ଯାଇଥିବା ଏକ ଚିଠିରେ ଉଲ୍ଲେଖ ରହିଛି। ଯିବାବେଳେ ମାଓବାଦୀ ସମ୍ପୃକ୍ତ ବ୍ୟବସାୟୀଙ୍କ ଏକ ଗାଡିରେ ମଧ ନିଆଁ ଲଗାଇ ଦେଇଥିବା ଜଣାପଡିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ବିଦ୍ୟାଶ୍ରୀ
ପରିବାରବର୍ଗ


ସମ୍ଭବ
ପରିବାରବର୍ଗ


ନିଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ନୂଆଦିଲ୍ଲୀଠାରେ ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଶୁକ୍ରବାର ପଦ୍ମ ସମ୍ମାନରେ ସମ୍ମାନିତ ଓଡ଼ିଶାର ସାହିତ୍ୟିକା ପ୍ରତିଭା ରାୟ, ସାନ୍ତାଳୀ ଲେଖିକା ଦମୟନ୍ତୀ ବେଶ୍ରା, ଲୋକକବିରତ୍ନ ହଳଧର ନାଗ୍, ସାମାଜିକକର୍ମୀ ଦୈତାରୀ ନାୟକ ଏବଂ ପରିବେଶବିତ୍ ସାବରମତି ଭେଟି ଶୁଭେଚ୍ଛା ଜଣାଉଛନ୍ତି।

# ୩୫୮ ଭେଷଜ ଡାକ୍ତର, ୧୧୬ ହୋମିଓପାଥିକ ମେଡିକାଲ ଅଧିକାରୀଙ୍କୁ ନିଯୁକ୍ତି

## ସୁସ୍ଥ ଓଡ଼ିଶା-ସୁଖୀ ଓଡ଼ିଶା ମିଶନ ନେଇ କାମ କରః ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

ରାଜ୍ୟ ସରକାର ବିଭିନ୍ନ ଡାକ୍ତରଖାନାରେ ଶୁକ୍ରବାର ୩୫୮ ଜଣ ଭେଷଜ ଡାକ୍ତର, ୧୧୬ ହୋମିଓପାଥିକ ମେଡିକାଲ ଅଫିସର ଏବଂ ୩୬ ହୋମିଓପାଥିକ ଅଧ୍ୟାପିକଙ୍କୁ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ସେମାନଙ୍କୁ ନିଯୁକ୍ତି ମିଳିଛି। ଲୋକସେବା ଭବନର କନ୍‌ଭେନସନ ସେଣ୍ଟରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସମାରୋହକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଗତ ୩ ବର୍ଷ ମଧ୍ୟରେ ରାଜ୍ୟର ସ୍ୱାସ୍ଥ୍ୟ ବଜେଟକୁ ୩ ଗୁଣା ବଢାଇ ଦିଆଯାଇଛି। ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ସବୁବେଳେ କାମ କରୁଛନ୍ତି। ନବନିଯୁକ୍ତ ଡାକ୍ତର, ମେଡିକାଲ ଅଧିକାରୀ ଓ ଅଧ୍ୟାପକମାନଙ୍କୁ ପରାମର୍ଶ ଦେଇ ନବୀନ କହିଛନ୍ତି, ସୁସ୍ଥ ଓଡ଼ିଶା-ସୁଖୀ ଓଡ଼ିଶା ଗଠନ କରିବାରେ କାମ କରିବା ଦରକାର। ସାଢେ ୪ କୋଟି ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ସେମାନଙ୍କ କାମ। ଆଶା କରୁଛନ୍ତି, ମେଡିକାଲ ଅଧିକାରୀଙ୍କ ନିଯୁକ୍ତି ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବ। ଏହାଦ୍ୱାରା ସରକାରୀ ଡାକ୍ତରଖାନାକୁ ଆସୁଥିବା ଲୋକମାନଙ୍କୁ ମଧ ସ୍ୱାସ୍ଥ୍ୟସେବା ଉପରେ ସନ୍ତୁଷ୍ଟି ମିଳିପାରିବ। ସେମାନେ ଏହାକୁ ଚାକିରି ନ ଭାବି ଏକ ମିଶନ ଭାବେ ଗ୍ରହଣ କରନ୍ତୁ। ଏତେ ମାତ୍ରାରେ ଡାକ୍ତର ନିଯୁକ୍ତି ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅଧିକ ସୁଦୃଢ କରିପାରିବ। ଏହାସହ ଏଭଳି କାର୍ଯ୍ୟ କରିବା ସହ ରୋଗୀଙ୍କୁ ସେବା ଯୋଗାଇବା ଦରକାର, ଯାହାଦ୍ୱାରା ଜଣେ ସରକାରୀ ହସ୍ପିଟାଲ ଗଲେ ଖୁସି ହୋଇ ଫେରିବେ। ଏହି ସୁସ୍ଥ ଓଡ଼ିଶା-ସୁଖୀ ଓଡ଼ିଶା କାର୍ଯ୍ୟକ୍ରମକୁ ମିଶନ ଭାବେ ଗ୍ରହଣ କରିବା ଦରକାର। ସରକାରୀ ନିୟମାନୁଯାୟୀ ଲୋକଙ୍କୁ ଏପରି ସେବା ଯୋଗାଇବା ଦରକାର ଯାହାଦ୍ୱାରା ରାଜ୍ୟର ସାଢେ ୪ କୋଟି ଲୋକଙ୍କୁ ଉନ୍ନତମାନର ସେବା ମିଳିପାରିବ। ୨୦୧୯-୨୦ ରାଜ୍ୟ ବଜେଟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ କରିବା ସକାଶେ ୬ ହଜାର କୋଟି ଟଙ୍କା ରଖାଯାଇଥିଲା। ଏହା ୨୦୨୨-୨୩ ଆର୍ଥିକ ବର୍ଷ ଲାଗି ପ୍ରସ୍ତୁତ ହୋଇଥିବା ବଜେଟରେ ୩ ଗୁଣା ବୃଦ୍ଧି ପାଇଛି। ଏହା ରାଜ୍ୟ ଯୋଜନାର ୬ ପ୍ରତିଶତ ହେବ। ଶେଷ ୩ ବର୍ଷରେ ରାଜ୍ୟ ବଜେଟ ଦୁଇଗୁଣା ଲେଖା ବୃଦ୍ଧି ପାଇଛି। ରାଜ୍ୟ ସରକାର ଗଭର୍ନାନ୍ସ ବ୍ୟବସ୍ଥାରେ ୫-ଟି ହେଉଛି ମୁଖ୍ୟ ମୂଳ ପ୍ରିନ୍ସିପୁଲ। ସମସ୍ତ ସରକାରୀ ଅଧିକାରୀ ଲୋକମାନଙ୍କୁ ଉଚିତ ବ୍ୟବହାର ଦେଇ ସେବା ଯୋଗାଇବା ହେଉଛି ମୂଳମନ୍ତ୍ର।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାର ସଫଳତା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଗ୍ରାମାଞ୍ଚଳ ଲୋକଙ୍କର ଡାକ୍ତରମାନଙ୍କଠାରୁ ବହୁ ଆଶା ରହିଛି। ତେଣୁ ସେମାନଙ୍କ ଆଶା ପୂରଣ ଦିଗରେ କାର୍ଯ୍ୟ କରିବା ଜରୁରୀ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ନବନିଯୁକ୍ତ ଡାକ୍ତର ଏବଂ ଅଧିକାରୀଙ୍କ ସହ କିଛି ସମୟ କଥାବାର୍ତ୍ତା ହୋଇଛନ୍ତି। ସରକାରୀ ନିୟମର ଉପଯୁକ୍ତ ପରିଚାଳନା ଦିଗରେ ମୁଖ୍ୟମନ୍ତ୍ରୀ ପ୍ରଥମ ଦିନରୁ କାର୍ଯ୍ୟ କରିଆସୁଛନ୍ତି। ଖାଦ୍ୟ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ଓଡ଼ିଶା ସବୁବେଳେ ଲୋକଙ୍କ ଜୀବନକୁ ଗୁରୁତ୍ୱ ଦେଇଆସିଛି। ତେଣୁ ନବନିଯୁକ୍ତ ସମସ୍ତ ଡାକ୍ତର ଏବଂ ଅଧିକାରୀମାନେ ଯେଉଁମାନେ ଚିକିତ୍ସା ଲାଗି ଆସିବେ ସେମାନେ ସମସ୍ତଙ୍କୁ ସେହି ନିୟମ ଅନୁଯାୟୀ ସେବା ଯୋଗାଇବା ଦରକାର। ସମସ୍ତଙ୍କ ମଧ୍ୟରେ ଉଚିତ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ଧଳ ସ୍ୱାଗତ ଭାଷଣ ଦେଇଛନ୍ତି। ସେ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଉନ୍ନତ କରିବା ଲାଗି ରାଜ୍ୟ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ କହିଛନ୍ତି। ଆୟୁଷ ନିର୍ଦ୍ଦେଶକ ଏହି କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରଥିଲେ।


# classifieds

**Everyday 0674-2580101, 2549302**




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ନଖରା East College ନିକଟରେ 15,00,000ରେ ଘରବାରି ପାଚେରି ହୋଇଥିବା ପ୍ଲଟ୍ ଇଲେକ୍ଟ୍ରି ସହିତ ଦିଆଯାଉଅଛି। 9776846520. D-73281

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-.8114929186.** D-73541

ଭୁବନେଶ୍ୱର ଗଙ୍ଗପଡ଼ା Adyanta College ପାଖରେ ପିଚୁ ରୋଡ୍‌କୁ ଲାଗି commercial ଏବଂ ଘର ଉପଯୋଗୀ yellowzone plot କିଣି ଘର କରନ୍ତୁ। 9938066403, 9777067303. D-73287

**Hanspal near Balianta Rangabazar Middle pointରେ road, electricity, boundary ସହିତ plot କିଣନ୍ତୁ। sqft.-1350/-. 7008425796.** D-73286

Bhubaneswar ରେତଙ୍ଗ, ଗଂଗପଡ଼ା, କାଟେଣୀରେ ୩୦'ରାସ୍ତା, ଇଲେକ୍ଟ୍ରି ଥାଇ ବର୍ଗଫୁଟକୁ 649/699/849/ କିଣନ୍ତୁ। Sasmita. 9853150290. D-73288

Freehold land corner plot 19906, 2nd plot 6534sqft. with boundary, landmark- Malatipatapur Waterpark ମୌଜା- କଞ୍ଚିଶାସନ, RI-ମୋରଡପଡ଼ା, Tahashil- Puri. Contact: 9437184488. D-73848

**Bhubaneswar to Pipili NHକୁ ଲାଗି boundary plot, 30ft. Road, Electrification, Temple, Drainage, Streetlight, Security, Gate, Plantation, Gated community ଥାଇ sqft.-980/ରେ ମିଳୁଛି। 9937006862.** D-73284

Land Investments starting from One Lakh in and around Bhubaneswar. Contact: 9078020885. D-73336

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320.** D-73283

ଭୁବନେଶ୍ୱର ରଙ୍ଗବଜାରରୁ 2K.M. ଦୂରତାରେ well developed plot road, electricity, gate ଥାଇ sqft.-800/- ବିକ୍ରିହେବ। 9853169267, 7205624547. D-73285

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ sqft.-1500/-, ଦାଶପୁରରେ sqft.-800/-, ପାତ୍ରପଡ଼ାରେ 2BHK ତିଆରି ଫ୍ଲାଟ୍ 60,000,00/-ରେ ବିକ୍ରି ହେଉଅଛି। 9348549059, 8984896693, 06747964979. D-73839

3BHK 1660sqft. 4th Floor at Palm Heights opposite Sum Hospital. Call- 7205072051. D-71647

**Gharabari advance boundarywall plot sale Gudiapokhari Omvihar with 30'road, electricity, plantetion, Patta limited plot available. 8763887357, 8144730854.** D-73274

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

**PURCHASE**

**ଜମି ଆବଶ୍ୟକ: ଭୁବନେଶ୍ୱର, ବାଲିଅନ୍ତା, ଖୋର୍ଦ୍ଧା, ପିପିଲି, ପୁରୀ ତହସିଲ ଅଧୀନରେ ଥିବା ଜମି ଆବଶ୍ୟକ। Outright/Share ହିସାବରେ ଦେବାକୁ ଇଚ୍ଛୁକ ଥିବା ଜମି ମାଲିକ ଯୋଗାଯୋଗ କରନ୍ତୁ। 9438109040, 8144658008.** D-1065




**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73278




**6 Nos. of 2BHK Residential Flat (Newly constructed) with all facilities & parking available for rent at Cuttack. Shivajee Nagar, Tulsipur. Contact: 9040029298.** D-1047




**Relax, Refresh your body, Mind at Saikrupa Spa with best therapies. 8984068077.** D-980

All types hair cutting, body massage by smart lady room services available. Contact: 9938582450. D-71346

Refreshing your mind and body with the best therapy, 7873794731. D-872

Full body massage in homely atmospher all therapy. Mob: 8114881641. D-73406

"Only Professional Massage & Steam Bath- Trupti Spa. 9337337007, 9861550765." D-1058

Newly opened full body massage center by expert therapist. 7381172169. D-73622

Newly open SPA positively health benifit with expert. Contact: 7749976301. D-73845

Newly open full body massage, ladies and gents. 7846923244. D-73943

Relief SPA full body massage both ladies and gents. 8280185642. D-1073

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73847

**AFFIDAVIT**

By virtue of an affidavit No- 56AA125942 I Paresh Kumar Samal, At.P.o-Oleichandanpur, P.S.- Binjharpur my Son Sudhansu Susakar Samal Birth Certificate has been reflected as "Paresh Kumar" instead of Paresh Kumar Samal is issued by the Sub-Registrar Births Deaths, Cantonment Board, Ambala Cant Haryana. I do hereby declare that "Paresh Kumar Samal" and "Paresh Kumar" is one and same person. D-1069

By virtue of an affidavit BEFORE THE NOTARY PUBLIC, ANANDAPUR I have changed my name from Liptimayee Parida(as per Educational Certificate)to Liptimayee Barik which reflected in Aadhaar & PAN Card.So I declare that Liptimayee Parida & Liptimayee Barik is one & same person,henceforth I shall be known as Liptimayee Barik for all purpose. D-1059

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ତୃତୀୟ ଶ୍ରାଦ୍ଧ ବାର୍ଷିକୀ**



**✓ ଡାଃ. ଅମ୍ବିକା ପ୍ରସାଦ ମହାନ୍ତି**
ଆବିର୍ଭାବ - ୦୩/୦୨/୧୯୩୫
ତିରୋଧାନ - ୨୩/୦୭/୨୦୧୯

ତାହୁଁ ତାହୁଁ ତିନି ବର୍ଷ ବିତିଗଲା । ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସଭାବ ଓ କର୍ତ୍ତବ୍ୟନିଷ୍ଠାକୁ ପାଥେୟ କରି ବାଟ ଚାଲିବାକୁ ଚେଷ୍ଟା କରୁଛୁ । ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ଆମର ବିନମ୍ର

ଶ୍ରଦ୍ଧାଞ୍ଜଳି ସହ : ପୁତ୍ର/ପୁତ୍ରବଧୂ, ଝିଅ/ଜ୍ୱାଇଁ, ନାତି/ନାତୁଣୀ ଓ ବନ୍ଧୁ ଏବଂ ଆତ୍ମୀୟସଜନ ।

ଧ-୧୦୫୫

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର କାଠ ଉଇ ଲାଗି ଯାଉଛି;**
**କାଉଁରିଆ କାଠି କଟା ହଉଛି।**

କାଠ ସହ କାଉଁରିଆ କାଠି କୌଣସି ଗୁଣରେ ସରି ହୋଇ ନ ଥାଏ। କିଛି ବ୍ୟକ୍ତି ବିଚାର ବୁଦ୍ଧି ଶୂନ୍ୟ ହୋଇଥାନ୍ତି। ଭଲ ଓ ଭେଲ ମଧ୍ୟରେ କିଛି ତଫାତ୍ ବା ଫରକ୍ ଜାଣିପାରି ନ ଥାନ୍ତି। ନିର୍ବୁଦ୍ଧିଆ ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଘୁଷୁରି ଘୁଷୁରି ଭୂଇଁରେ ନାକ,**
**ତେବେ ଯାଉନାହିଁ ଖୋଇଲୁ ଚାକ।**

ମଣିଷ ନିଜ ପ୍ରକୃତିକୁ କେବେହେଲେ ଛାଡ଼ିପାରି ନ ଥାଏ। ଶେଷ ଅବସ୍ଥାରେ ପହଞ୍ଚିଥିବା ବ୍ୟକ୍ତି ନିଜ ଅଭ୍ୟାସଗତ ପ୍ରକୃତିକୁ ଛାଡ଼ିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ପ୍ରଥମ ପୃଷ୍ଠାରୁ...**

## ଦଶମ ପାସ୍ ହାର ୯୪.୪%, ...

ସେହିପରି ଟ୍ରାନ୍ସଜେଣ୍ଡର ଶିକ୍ଷାର୍ଥୀଙ୍କ ପାସ୍ ହାର ୯୦% ରହିଛି। ୬୩ ହଜାର ପିଲା ୯୫%ରୁ ଅଧିକ ମାର୍କ ରଖିଥିବାବେଳେ ୨.୩୬ ଲକ୍ଷ ପିଲା ୯୦%ରୁ ଅଧିକ ମାର୍କ ହାସଲ କରିଛନ୍ତି। ଦଶମରେ ଓଡ଼ିଶାର ଭୁବନେଶ୍ୱରସ୍ଥିତ ମଦର୍ସ ପବ୍ଲିକ ସ୍କୁଲର ଛାତ୍ରୀ ଶ୍ରେୟା ପଟ୍ଟନାୟକ ୧୦୦% ମାର୍କ ରଖି ରାଜ୍ୟ ଟପ୍ପର ହୋଇଛନ୍ତି। ଶ୍ରେୟା ମୋଟ ୫୦୦ରୁ ୫୦୦ ମାର୍କ ରଖିଛନ୍ତି।

ସେହିପରି ଦ୍ୱାଦଶରେ ମଧ କେରଳର ତ୍ରିଭେନ୍ଦ୍ରମ ରିଜିଅନରେ ସର୍ବାଧିକ ୯୮.୮୩% ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି। ଭୁବନେଶ୍ୱର ରିଜିଅନରେ ପାସ୍ ହାର ୯୦.୩୭% ରହିଛି। ପାସ୍ ହାର ଦୃଷ୍ଟିକୋଣରୁ ଭୁବନେଶ୍ୱର ୧୩ ନମ୍ବର ସ୍ଥାନରେ ରହିଛି। ବେଙ୍ଗାଲୁରୁ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଏଠାରେ ପାସ୍ ହାର ୯୮.୧୬% ରହିଛି। ତୃତୀୟରେ ଚେନ୍ନାଇ(୯୭.୭୯%), ଚତୁର୍ଥରେ ଦିଲ୍ଲୀ ଇଷ୍ଟ(୯୬.୨୯%), ପଞ୍ଚମରେ ଦିଲ୍ଲୀ ୱେଷ୍ଟ(୯୬.୨୯%), ଷଷ୍ଠରେ ଆଜମେର(୯୬.୦୧%), ସପ୍ତମରେ ଚଣ୍ଡିଗଡ଼(୯୫.୯୮%), ଅଷ୍ଟମରେ ପଞ୍ଚକୁଲା(୯୪.୦୮%), ନବମରେ ଗୁଆହାଟୀ(୯୨.୦୬%), ଦଶମରେ ପାଟଣା(୯୧.୨୦%), ୧୧ତମ ସ୍ଥାନରେ ଭୋପାଳ (୯୦.୭୪%), ୧୨ତମ ସ୍ଥାନରେ ପୁଣେ (୯୦.୪୮%), ୧୪ତମ ସ୍ଥାନରେ ନୋଏଡା(୯୦.୨୭%), ୧୫ତମ ସ୍ଥାନରେ ଡେରାଡୁନ (୮୫.୩୯%) ଓ ୧୬ତମ ସ୍ଥାନରେ ପ୍ରୟାଗରାଜ (୮୩.୭୧%) ରହିଛି। ଦ୍ୱାଦଶରେ ଉତ୍ତରପ୍ରଦେଶର ତାନ୍ୟା ସିଂହ ଓ ଯୁବାକ୍ଷୀ ଭିଜ୍ ୧୦୦% ନମ୍ବର ରଖିଛନ୍ତି। ଦ୍ୱାଦଶରେ ମଧ ଛାତ୍ରୀ ଆଗରେ ରହିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୯୪.୫୪% ଥିବାବେଳେ ୯୧.୨୫% ଛାତ୍ର ପାସ୍ କରିଛନ୍ତି। ୩୩ ହଜାର ପିଲା ୯୫%ରୁ ଅଧିକ ଓ ୧.୩୪ ଲକ୍ଷ ପିଲା ୯୦%ରୁ ଅଧିକ ମାର୍କ ରଖିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ କରୋନା ଯୋଗୁ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ହୋଇ ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ ହୋଇଥିଲା। କିନ୍ତୁ ଚଳିତବର୍ଷ କରୋନା ସଂକ୍ରମଣ ହ୍ରାସ ପାଇଥିବାରୁ ପରୀକ୍ଷା କରାଯାଇଥିଲା। ଦଶମ ପରୀକ୍ଷା ଏପ୍ରିଲ ୨୬ରୁ ମେ' ୨୪ ପର୍ଯ୍ୟନ୍ତ ଓ ଦ୍ୱାଦଶ ପରୀକ୍ଷା ଏପ୍ରିଲ ୨୬ରୁ ଜୁନ୍ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥର ଦୁଇଟି ଟର୍ମର ମାର୍କକୁ ଆଧାରକରି ମୂଲ୍ୟାୟନ ହୋଇଛି। ଦୁଇଟି ଯାକ ପରୀକ୍ଷାଫଳ ଗୋଟିଏ ଦିନରେ ପ୍ରକାଶ ପାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମୁଖଭାବରେ ଚନ୍ଦ୍ର ପ୍ରଭାବରୁ ଅର୍ଥଲାଭ ସହ ବନ୍ଧୁଙ୍କ ନିକଟରୁ ଆଦର ସମ୍ମାନ ପାଇବେ। କିନ୍ତୁ ଅଶ୍ୱିନୀ ନକ୍ଷତ୍ରର ଦୀର୍ଘ ଦିନରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିବ। କଳା, ସାହିତ୍ୟ, ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଦିନଟି ବହୁତ ଶୁଭଙ୍କରୀ ହେବ।

**ବୃଷ** ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଆବଶ୍ୟକ ସାହାଯ୍ୟ, ସହଯୋଗ ଅବଶ୍ୟ ପ୍ରଦାନ କରିବେ। କର୍ମକ୍ଷେତ୍ରରେ ଥିବା ସମୟ ମଧ୍ୟରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପ୍ରଶାସନ, ଆଇନ, ଅଦାଲତ ସମ୍ବନ୍ଧୀୟ ଝମେଲାର ଅବସାନ ଘଟିବ। କୃତ୍ତିକା ନକ୍ଷତ୍ର ଆଜି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** ଆଜି ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁ ସହଯୋଗର ପ୍ରତିଶ୍ରୁତି ଦେବେ। ପୁନର୍ବସୁ ନକ୍ଷତ୍ରର ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଚେରି ମାମଲା କିମ୍ବା ପାରିବାରିକ ସମସ୍ୟା ବୃଦ୍ଧି ପାଇବା ହେତୁ ବ୍ୟସ୍ତତା ବଢ଼ିଯିବ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି କ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ।

**କର୍କଟ** କୌଣସି ବିବାଦୀୟ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ଅଶ୍ଳେଷା ନକ୍ଷତ୍ର ସାମାଜିକ ସ୍ତରରେ ବୁଦ୍ଧିଜୀବୀଙ୍କ ଦ୍ୱାରା ସମ୍ମାନିତ ହେବେ। ପଡ଼ୋଶୀଙ୍କ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

**ସିଂହ** ପରିବାରରେ ସାଧାରଣ କଥାରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ମଘା ନକ୍ଷତ୍ର ଆଶା କରୁଥିବା ଦିଗରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଜମିଜମା, ନିର୍ମାଣ, ହୋଟେଲ, ରେସ୍ତୋରାଁ ପ୍ରଭୃତିରୁ ଲାଭବାନ୍ ହୋଇପାରନ୍ତି।

**କନ୍ୟା** ବାରମ୍ବାର ଅସଫଳତା ହେତୁ ମାନସିକ ଅବସାଦ ବୃଦ୍ଧି ପାଇବ। ପାଖ, ପଡ଼ୋଶୀଙ୍କ ହସ୍ତକ୍ଷେପ ଫଳରେ ପରିବାରରେ ପୁନର୍ବାର ଶାନ୍ତି ଫେରି ଆସିବ। ପରିବାରରେ ପିଲାମାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ରହିବେ। ହସ୍ତାନକ୍ଷତ୍ର ନିମନ୍ତ୍ରଣ ପ୍ରାପ୍ତ ହୋଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ତୁଳା** ପରିବାରରେ ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବା କାରଣରୁ ମନ ଭଲ ରହିବ ନାହିଁ। ଛୋଟ କଥାରେ ଅନ୍ୟ ଉପରେ ବିରକ୍ତ ହେବେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନରେ ଆଶା ଅନୁରୂପ ଫଳ ପାଇବେ। ସ୍ୱାତୀ ନକ୍ଷତ୍ର ଆଲୋଚନା ପରିସରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**ବିଛା** ପାରିବାରିକ ସ୍ତରରେ କିଛି ନ କରି ବୃଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସମସ୍ୟାର କାରଣ ହୋଇପଡ଼ିବ। ଆତ୍ମୀୟଙ୍କ ଅସଂଯତ କାର୍ଯ୍ୟକଳାପ ପାଇଁ ସମାଲୋଚିତ ହେବେ। ଅନୁରାଧା ନକ୍ଷତ୍ର ସାହିତ୍ୟ, କଳା, ଗବେଷଣା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ କାର୍ଯ୍ୟଦକ୍ଷତା ହେତୁ ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ। ପୂର୍ବାଷାଢ଼ା ନକ୍ଷତ୍ରର ନିର୍ମାଣ କାମରେ ପ୍ରତିବନ୍ଧକଯୋଗୁ ଅଗ୍ରଗତି ବାଧାପ୍ରାପ୍ତ ହେବ। ଈର୍ଷାପରାୟଣ ହୋଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ମକର** ଅଧିକାଂଶ ସମୟ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ନିଜ ଲୋକ ମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବରେ ପରିବର୍ତ୍ତନ ଯୋଗୁ ବିଚଳିତ ହେବେ। ବନ୍ଧୁମାନଙ୍କ ପରାମର୍ଶରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ସରକାରୀ ସ୍ତରରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି।

**କୁମ୍ଭ** ପୂର୍ବ ସ୍ଥିରୀକୃତ ଯୋଜନାବଦ୍ଧ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଶତଭିଷା ନକ୍ଷତ୍ରର କର୍ମକ୍ଷେତ୍ରରେ ଫାଇଲ ସମ୍ବନ୍ଧୀୟ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ।

**ମୀନ** ସମସ୍ୟା ଭିତରେ ଚଳିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଟେନସନ୍ ଲାଗିରହିବ। ଆବଶ୍ୟକତାନୁଯାୟୀ ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଦେହ ଭଲ ରହିଲେ ମଧ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ। ଉତ୍ତରଭାଦ୍ରବ ନକ୍ଷତ୍ରର ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

## ବସ୍‌ରେ ମହିଳାଙ୍କୁ ଅସଦାଚରଣ, ପ୍ରଧାନ ଶିକ୍ଷକ ଗିରଫ

**ଜୟପୁର,୨୨।୭(ନି.ପ୍ର.)**

ଏକ ଘରୋଇ ବସ୍‌ରେ ଯାତ୍ରା ସମୟରେ ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜି. ସନ୍ତୋଷ କୁମାରଙ୍କୁ ଜୟପୁର ଟାଉନ ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ଏକ ଘରୋଇ ବସ୍‌ରେ ଗୁରୁବାର କୋରାପୁଟ ଅଞ୍ଚଳର ଜଣେ ମହିଳା ଜୟପୁରଠାରୁ ବୋରିଗୁମ୍ମା ଯାଉଥିଲେ। ମହିଳାଙ୍କ ପାଖ ସିଟ୍‌ରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ବସିଥିଲେ। ସେ ବାରମ୍ବାର ମହିଳାଙ୍କୁ ଅସଦାଚରଣ ପ୍ରଦର୍ଶନ କରୁଥିଲେ। ମହିଳା ଜଣକ କହିବାରୁ ତାଙ୍କୁ ଅସଭ୍ୟ ଭାଷାରେ ପ୍ରଧାନ ଶିକ୍ଷକ ଗାଳିଗୁଲଜ କରିଥିଲେ। ଏନେଇ ସମ୍ପୃକ୍ତା ମହିଳା ଜୟପୁରରେ ଓହ୍ଲାଇବା ପରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ତାଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଏ ସମ୍ପର୍କରେ ଶିକ୍ଷା ବିଭାଗକୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି ବୋଲି ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି। ସୂଚନାଯୋଗ୍ୟ, ବୋରିଗୁମ୍ମା ଅଞ୍ଚଳରେ ଅନେକ ମହିଳା ଓ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ପ୍ରଧାନ ଶିକ୍ଷକଙ୍କ ନାମରେ ଅଭିଯୋଗ ରହିଛି।


ଜି. ସନ୍ତୋଷ କୁମାର

# ଟିଏଫ୍‌ଏଲ୍ ପାଇଁ ଆସିଲା ଯନ୍ତ୍ରାଂଶ


୧୨୮ ଚକିଆ ଟ୍ରକ୍‌ରେ ସାର କାରଖାନା ପରିସରରେ ପହଞ୍ଚିଥିବା କିଛି ଯନ୍ତ୍ରାଂଶ।

### ୨୦୨୪ ସେପ୍ଟେମ୍ବର ୧୦ ସୁଦ୍ଧା କାର୍ଯ୍ୟକ୍ଷମ ଲକ୍ଷ୍ୟ

**ତାଳଚେର,୨୨।୭(ନି.ପ୍ର.)**

ଅନୁଗୋଳ ଜିଲାର ତାଳଚେର ସାର କାରଖାନାଠାରେ ନିର୍ମାଣାଧୀନ ଦେଶର ପ୍ରଥମ କୋଇଲା ଗ୍ୟାସ୍ ଭିତ୍ତିକ ସାର କାରଖାନା ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍ (ଟିଏଫ୍‌ଏଲ୍) ନିମନ୍ତେ ଆନୁଷଙ୍ଗିକ ଯନ୍ତ୍ରାଂଶ ଆସିବା ଆରମ୍ଭ ହୋଇଛି। ଏକ ୧୨୮ ଚକିଆ ବିରାଟ ଟ୍ରେଲରରେ ଆସିଥିବା କିଛି ଯନ୍ତ୍ରାଂଶ ଶୁକ୍ରବାର ସାର କାରଖାନା ପରିସରରେ ପହଞ୍ଚିଛି। ଏସବୁ ଯନ୍ତ୍ରାଂଶ ଗୁଜରାଟର ସୁରଟସ୍ଥିତ ଏଲ୍‌ଆଣ୍ଡଟି କାରଖାନାରେ ନିର୍ମାଣ ହୋଇଥିଲା। ମାର୍ଚ୍ଚ ୨୦୨୦ରୁ ଏହାର ନିର୍ମାଣ ଆରମ୍ଭ ହୋଇ ୨୦୨୨ ଏପ୍ରିଲରେ ଶେଷ ହୋଇଥିଲା। ଏହାପରେ ସୁରଟରୁ ପାରାଦୀପ ବନ୍ଦର ଦେଇ ଉକ୍ତ ଯନ୍ତ୍ରାଂଶକୁ ତାଳଚେର ଅଣାଯାଇଛି। ଜାତୀୟ ରାଜପଥରେ ଏକ ସମୟରେ ଏସବୁ ବଡ଼ ଯନ୍ତ୍ରାଂଶ ଆସିବା ଅସମ୍ଭବ ହୋଇଥିବାରୁ ଛୋଟ ଛୋଟ ଖଣ୍ଡ ମାଧ୍ୟମରେ ତାହାକୁ ତାଳଚେର ଅଣାଯାଉଛି। ଆସନ୍ତା ଅଗଷ୍ଟ ଶେଷ ସୁଦ୍ଧା ନିର୍ମାଣରେ ଲାଗିବାକୁ ଥିବା ସମସ୍ତ ଯନ୍ତ୍ରାଂଶ ତାଳଚେରରେ ପହଞ୍ଚିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ଟିଏଫ୍‌ଏଲ୍ ସମ୍ପୂର୍ଣ୍ଣ କୋଇଲାରୁ ଗ୍ୟାସ ଆଧାରିତ ୟୁରିଆ ଉତ୍ପାଦନ କାରଖାନା। ଦୀର୍ଘବର୍ଷ ହେଲା ବନ୍ଦ ହୋଇ ପଡିଥିବା ତାଳଚେର ସାର କାରଖାନାକୁ ଏପରି ନୂଆ ଟେକ୍ନୋଲୋଜି ବ୍ୟବହାର କରି ପୁନରୁଦ୍ଧାର କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ୨୦୧୪ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଭିତ୍ତି ପକାଇଥିଲେ। ଗ୍ୟାସ୍ ଅଥରିଟି ଇଣ୍ଡିଆ ଲିମିଟେଡ(ଗେଲ୍), କୋଲ୍ ଇଣ୍ଡିଆ ଲିମିଟେଡ(ସିଆଇଏଲ୍), ରାଷ୍ଟ୍ରୀୟ କେମିକାଲ୍ସ ଆଣ୍ଡ୍ ଫର୍ଟିଲାଇଜର ଲିମିଟେଡ(ଆର୍‌ସିଏଫ୍‌ଏଲ୍) ଏବଂ ଫର୍ଟିଲାଇଜର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ(ଏଫ୍‌ସିଆଇଏଲ୍)ର ମିଳିତ ଉଦ୍ୟମରେ ଏହା ସ୍ଥାପନ ହେଉଛି। ୧୩ ହଜାର କୋଟି ଟଙ୍କାରେ ନିର୍ମାଣ ହେଉଥିବା ଏହି କାରଖାନାରୁ ବାର୍ଷିକ ୧.୨୭ ନିୟୁତ ଟନ୍ ୟୁରିଆ ଉତ୍ପାଦନ ହେବ। ୨୦୨୪ ସେପ୍ଟେମ୍ବର ୧୦ ସୁଦ୍ଧା ଟିଏଫ୍‌ଏଲ୍‌କୁ କାର୍ଯ୍ୟକାରୀ କରାଯିବାର ଯୋଜନା ରହିଛି। ବର୍ତ୍ତମାନ ସୁଦ୍ଧା ପ୍ଲାଣ୍ଟର ୨୭.୪୨% କାର୍ଯ୍ୟ ଶେଷ ହୋଇଥିବା ପ୍ରକଳ୍ପ ମହାପ୍ରବନ୍ଧକ ସତ୍ୟବ୍ରତ ମିଶ୍ର ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି।

## ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ଗୌରମୋହନ ଷଡ଼ଙ୍ଗୀଙ୍କ ପରଲୋକ

**ମଙ୍ଗୁଳି,୨୨।୭(ଡି.ଏନ୍.ଏ.)**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ତଥା ବରିଷ୍ଠ ଗ୍ରନ୍ଥକାର ଗୌରମୋହନ ଷଡ଼ଙ୍ଗୀ(୮୬)ଙ୍କର ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶୁକ୍ରବାର କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ଅଧୀନ ମଦନମୋହନସାହିସ୍ଥିତ ବାସଭବନରେ ବିଧାୟକ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଦାସ, ଶିଳ୍ପପତି ପ୍ରମୋଦ ଚନ୍ଦ୍ର ରଥ, ଡା. ଶକ୍ତିପ୍ରସାଦ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଗୌରମୋହନଙ୍କ ପୁତ୍ର ପ୍ରଣବ, ପ୍ରବୋଧ, ମାଧୁର୍ଯ୍ୟ ଓ ଝିଅ ଜୟଶ୍ରୀ, ବୋହୂ ସସ୍ମିତାଙ୍କ ସମେତ ସମ୍ପର୍କୀୟ ଉପସ୍ଥିତ ଥିଲେ। ପରେ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ବଡ଼ପୁଅ ପ୍ରଫୁଲ୍ଲ କୁମାର ଷଡଙ୍ଗୀ ମୁଖାଗ୍ନି ଦେଇଥିଲେ। ଏ ସମ୍ପର୍କରେ ପ୍ରଫୁଲ୍ଲ କହିଛନ୍ତି, ବିଜୁ ପଟ୍ଟନାୟକ ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ବିରୋଧୀ ଦଳ ନେତା ଥିବାବେଳେ ବାପା ତାଙ୍କ ପାଖରେ ଥିଲେ। ୧୯୯୦ରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ହେବାପରେ ବାପାଙ୍କୁ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତ କରିଥିଲେ। ୧୯୯୦ରୁ ୧୯୯୩ ପର୍ଯ୍ୟନ୍ତ ବାପା ତାଙ୍କର ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଥିଲେ। ଏହି ସମୟରେ ବହୁ ବରିଷ୍ଠ ବିଧାୟକ ବାପାଙ୍କ ସରକାରୀ କ୍ୱାର୍ଟର୍ସରେ ଏକତ୍ରିତ ହେଉଥିଲେ। ସେଠାରେ ମନ୍ତ୍ରିମଣ୍ଡଳ ଭାଗବଣ୍ଟା ହେଉଥିଲା। ୧୯୯୪ରେ ଦୁର୍ଘଟଣାରେ ବାପା ଗୁରୁତର ହୋଇଥିଲେ। ଏହାପରେ ସେ ଭଲ ହୋଇଥିଲେ ବି ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ। ୧୯୯୪ ମସିହାରେ ଉକ୍ତ ପଦବୀରୁ ସେ ଅବସର ନେଇଥିଲେ।


ଗୌରମୋହନ ଷଡ଼ଙ୍ଗୀ

# ପରିତ୍ୟକ୍ତ ଖାଦାନକୁ ନେଇ ବଢୁଛି ଚିନ୍ତା

### ୧୦ ବର୍ଷରେ ଗଲାଣି ୩୦ ଜୀବନ

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା, ୨୨।୭**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ କୁପାରୀ ଓ ବର୍ତ୍ତନା ରାଜସ୍ୱ କ୍ଷେତ୍ରରେ ରହିଥିବା ଜଳଭର୍ତ୍ତି ପରିତ୍ୟକ୍ତ ମୋରମ ଓ ମାଙ୍କଡା ଖାଦାନରେ ପଡ଼ି ୧୦ବର୍ଷରେ ୩୦ ଜଣଙ୍କ ପ୍ରାଣ ଗଲାଣି। କେବଳ ମଣିଷ ନୁହେଁ, ଗୃହପାଳିତ ପ୍ରାଣୀଙ୍କ ମଧ୍ୟ ଜୀବନହାନି ହେଉଛି।

ଉପରୋକ୍ତ ୨ ରାଜସ୍ୱ କ୍ଷେତ୍ରର ସରକାରୀ ଜମିରୁ ମୋରମ, ମାଙ୍କଡା ବେଆଇନ ଭାବେ ଉତ୍ତୋଳନ କରି ଛାଡିଦେବା ପରେ ଏଗୁଡିକ ବର୍ଷ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ବର୍ଷାଋତୁ ଆସିଲେ ଏଗୁଡିକରେ ଜଳ ଭର୍ତ୍ତି ହେବା ପରେ ସ୍ଥାନୀୟ ଗ୍ରାମବାସୀ, ଅଜଣା ପଥିକ ଏବଂ ଖାଦାନ ସଂଲଗ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଏଗୁଡିକ ମୃତ୍ୟୁର ଫାଶ ଭଳି କାମ କରୁଛି। ଏଗୁଡିକର ଗଭୀରତା ପ୍ରାୟ ୧୫ ଫୁଟରୁ ଊର୍ଦ୍ଧ୍ୱ ହେବ। ଥରେ ଗୋଡ଼ ଖସିଗଲେ ଶିଶୁ କିମ୍ବା ବୟସ୍କମାନେ ଏଥିରେ ବୁଡ଼ି ପ୍ରାଣ ହରାଇବା ଏକପ୍ରକାର ନିଶ୍ଚିତ। କିଛି ବର୍ଷ ପୂର୍ବେ କୁପାରୀ ରାଜସ୍ୱ କ୍ଷେତ୍ର ଅଧୀନ ଭୁଦେଇଶୁଳ ଗ୍ରାମର ବାବାଜୀ ପାତ୍ର, ଗଡପୋଖରୀ ଗ୍ରାମର ବିଶ୍ୱଦେବ ଦଳେଇ, ବାରାଯୋଡି ଗ୍ରାମର ଦେବେନ୍ଦ୍ର ମଲ୍ଲିକ, ଗୁଆପାଳ ଗ୍ରାମର ନୃସିଂହ ଚରଣ ସାହୁ, ଗଗୁଆ ସ୍କୁଲ ଛାତ୍ରୀ ଝୁନୁ ବିଦ୍ଧାଣି, ଗଡପୋଖରୀସ୍ଥିତ ଏକ ଘରୋଇ ବିଦ୍ୟାଳୟ ଛାତ୍ର କ୍ରିଷ୍ଣା ଦାସ, କୁପାରୀ ଆଦିବାସୀ ସାହିର ରତନା ସିଂଙ୍କର ୨ଶିଶୁ ସନ୍ତାନଙ୍କ ମୃତ୍ୟୁ ହୋଇଥିଲା। ସପ୍ତାହେ ପୂର୍ବେ ଗଗୁଆ ସେବାଶ୍ରମର ୪ର୍ଥ ଶ୍ରେଣୀ ଛାତ୍ର ତଥା ଗଗୁଆ ଗ୍ରାମର ସୁରେଶ ନାଇକଙ୍କ ପୁଅ ବିଶ୍ୱଜିତଙ୍କ ମୃତ୍ୟୁ ହୋଇଥିଲା। ସେହିଭଳି ବର୍ତ୍ତନା ରାଜସ୍ୱ କ୍ଷେତ୍ର ଅଧୀନ ବରପଦାର ଏକ ପରିତ୍ୟକ୍ତ ମାଙ୍କଡା ଖଣି ପାଣିରେ ବୁଡି ପ୍ରଦୀପ ଜେନା ପ୍ରାଣ ହରାଇବାର କୋହ ପରିବାର ଲୋକଙ୍କ ମନରୁ ଏପର୍ଯ୍ୟନ୍ତ ଯାଇନାହିଁ। ଏହି ଖାଦାନଗୁଡିକର କଡ଼କୁ ଲାଗି ରହିଥିବା ଗଗୁଆ ସେବାଶ୍ରମ, ବାରାଯୋଡି ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର, ଗଡପୋଖରୀ ୟୁପି ସ୍କୁଲ ଓ ସରସ୍ୱତୀ ଶିଶୁମନ୍ଦିର ଭଳି କିଛି ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ଏହି ଜଳଭର୍ତ୍ତି ଖାଦାନ ପ୍ରତି କ୍ଷଣରେ ବିପଦକୁ ନିମନ୍ତ୍ରଣ କରୁଛି। ମୋରମ ମାଙ୍କଡ଼ା ଖଣି ବ୍ୟବହାର ପରେ ଏଗୁଡିକୁ ପୋତିବାର ନିୟମ ରହିଛି। ହେଲେ ପ୍ରଶାସନର ସ୍ଥାଣୁତା ଯୋଗୁ ଏଗୁଡିକୁ ପରିତ୍ୟକ୍ତ ଭାବେ ଛାଡି ଦିଆଯାଉଛି। ଏଗୁଡିକୁ ଆବଦ୍ଧ କରାଯିବା ଆବଶ୍ୟକ ବୋଲି ଗୁଆପାଳ ଗ୍ରାମବାସୀ ବିଜୟ କୁମାର ବାରିକ କହିନ୍ତି। ଖଣି ମାଫିଆଙ୍କ ଏଭଳି ଖେଳ ସାଧାରଣ ଲୋକଙ୍କ ପାଇଁ କାଳ ସାଜିଛି। ଏଣୁ ପରିତ୍ୟକ୍ତ ଖାଦାନଗୁଡିକ ପୋତିବାକୁ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ପ୍ରାକ୍ତନ ଜିଲା ପରିଷଦ ସଭ୍ୟ କଳ୍ପନା ନାଇକ କହିଛନ୍ତି। ବର୍ତ୍ତମାନ ଏଭଳି ଖାଦାନ ପ୍ରତ୍ୟେକ ବର୍ଷାଋତୁରେ ବିପଦ ସୃଷ୍ଟି କରୁଥିବାରୁ ଗାଁ ଲୋକେ ନିଜେ ଭୟ କରିବା ସହ ପିଲାମାନଙ୍କୁ ସ୍କୁଲ ଛାଡିବାକୁ ସୁରକ୍ଷିତ ମଣୁ ନ ଥିବା କହିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସ୍ଥାନୀୟ ସରପଞ୍ଚ ଟିକିରାଣୀ ସେଠୀ କହନ୍ତି। ପୂର୍ବରୁ ଏହି ଖଣିଗୁଡିକ ବ୍ୟବହାର ପରେ ଛାଡି ଦିଆଯାଇଥିବାରୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ତହସିଲଦାର ମହେନ୍ଦ୍ର କୁମାର ବେହେରା କହିଛନ୍ତି।


ଗଗୁଆ ନିକଟରେ ମୋରମ ଉତ୍ତୋଳନ ପରେ ଛାଡି ଦିଆଯାଇଥିବା ପରିତ୍ୟକ୍ତ ଖଣି।

# ଧରାପଡ଼ିଲେ ବରିଷ୍ଠ ରାଜସ୍ୱ ସହାୟକ

### ହିଞ୍ଜିଳିକାଟୁ ତହସିଲରେ ଭିଜିଲାନ୍ସ ଚଢ଼ାଉ

**ହିଞ୍ଜିଳିକାଟୁ,୨୨।୭(ଡି.ଏନ୍.ଏ)**

ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ତହସିଲର ବରିଷ୍ଠ ରାଜସ୍ୱ ସହାୟକ (ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ) ଏନ୍. ଜଗଦୀଶ ରାଓ। ଜଣେ ପୂର୍ବତନ ପାରାମିଲିଟାରି କର୍ମଚାରୀଙ୍କ ଘର ପଟ୍ଟା କରିଦେବାକୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଛି। ପ୍ରକାଶ ଯେ, ହିଞ୍ଜିଳିକାଟୁ ତହସିଲ ଅନ୍ତର୍ଗତ ଭେଙ୍କଟରାୟପଲୀ ଗାଁର ପୂର୍ବତନ ପାରାମିଲିଟାରି କର୍ମଚାରୀ ନୀଳାମ୍ବର ମହାନ୍ତିଙ୍କ ଘର ପଟ୍ଟା ନାମଜାରି କରିବାକୁ ରେଭିନ୍ୟୁ ଆସିଷ୍ଟାଣ୍ଟ ଶ୍ରୀ ରାଓ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ଶ୍ରୀ ମହାନ୍ତି ବ୍ରହ୍ମପୁର ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଭିଜିଲାନ୍ସ ଏଏସ୍‌ପି ହେନେରୀ କୁଲୁଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ଅପରାହ୍ନରେ ତହସିଲ ଅଫିସରେ ପହଞ୍ଚିଥିଲେ। ଶ୍ରୀ ମହାନ୍ତି ଦାବି ମୁତାବକ ୧୦ ହଜାର ଟଙ୍କା ରେଭିନ୍ୟୁ ଆସିଷ୍ଟାଣ୍ଟ ଶ୍ରୀ ରାଓଙ୍କୁ ପ୍ରଦାନ କରୁଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରିବା ସହିତ ତାଙ୍କ ଠାରୁ ରଙ୍ଗବୋଳା ୧୦ ହଜାର ଟଙ୍କା ଜବତ କରିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ପୋଲିସରେ ନଂ. ୧୧/୨୨ରେ ମାମଲା ରୁଜୁ ହୋଇଛି। ଜଗଦୀଶଙ୍କ ନାମରେ ବିଭିନ୍ନ ସମୟରେ ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଆସୁଥିଲା। ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।


ଏନ୍. ଜଗଦୀଶ ରାଓ

# ମାରଣାସ୍ତ୍ର ଦେଖାଇ ବ୍ୟାଙ୍କରୁ ୮ଲକ୍ଷ ଲୁଟ୍

- ତାଲା ପକାଇ ଚମ୍ପଟ ମାରିଲେ ଦୁର୍ବୃତ୍ତ
- ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

**ରୂପସା/ବସ୍ତା, ୨୨।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥ ପାର୍ଶ୍ୱ ବସ୍ତା ଥାନା ଅଧୀନ ବରୁଣଗଡ଼ିଆସ୍ଥିତ ବ୍ୟାଙ୍କ ଅଫ୍ ବରୋଦାରୁ ଶୁକ୍ରବାର ବଡ଼ଧରଣର ଲୁଟ୍ ହୋଇଛି। ଦିନଦ୍ୱିପ୍ରହରେ ଦୁର୍ବୃତ୍ତମାନେ ବ୍ୟାଙ୍କରେ ପଶି ଅଧିକାରୀ, କର୍ମଚାରୀ ଓ ଗ୍ରାହକଙ୍କୁ ମାରଣାସ୍ତ୍ର ଦେଖାଇ ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍ ପରେ ବ୍ୟାଙ୍କର ବାହାରପଟୁ ତାଲା ପକାଇ ଆଖିପିଛୁଳାକେ ଦୁର୍ବୃତ୍ତମାନେ ବାଇକ୍ ଓ ବୋଲେରୋ ଯୋଗେ ଫେରାର ହୋଇଯାଇଥିଲେ। ସମସ୍ତେ ବଙ୍ଗଳା ଭାଷାରେ କଥା ହେଉଥିବା ଗ୍ରାହକମାନେ କହିଛନ୍ତି।

ସୂଚନା ଅନୁଯାୟୀ, ଏକ ବୋଲେରୋ ଓ ବାଇକରେ ୮ଜଣ ଦୁର୍ବୃତ୍ତ ହାତରେ ବନ୍ଧୁକ ଏବଂ ଭୁଜାଲି ଧରି ବ୍ୟାଙ୍କ ଭିତରକୁ ପଶିଥିଲେ। ପ୍ରଥମେ ସେମାନେ ସିସିଟିଭି ସଂଯୋଗ କାଟିଥିଲେ। ବ୍ୟାଙ୍କ ଅଧିକାରୀ, କ୍ୟାଶିୟର, କର୍ମଚାରୀ ଏବଂ ଭିତରେ ଥିବା ଗ୍ରାହକଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ହାତ ଉପରକୁ ଟେକି ରଖିବା ପାଇଁ କହିଥିଲେ। ଗ୍ରାହକଙ୍କୁ ପ୍ରଥମେ ଶୌଚାଳୟ ଭିତରକୁ ଓ ପରେ ବ୍ୟାଙ୍କ ମ୍ୟାନେଜରଙ୍କ ରୁମ୍‌ରେ ପୂରାଇ ଅଟକ ରଖିଥିଲେ। କ୍ୟାଶିୟରଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ କରିଥିଲେ। ଲୁଟ୍ ପରେ ବ୍ୟାଙ୍କର ବାହାରପଟୁ ତାଲା ପକାଇ ଆଖିପିଛୁଳାକେ ଦୁର୍ବୃତ୍ତମାନେ ଜାତୀୟ ରାଜପଥ ଉପରେ ଛିଡ଼ା ହୋଇଥିବା ବୋଲେରୋରେ ଫେରାର ହୋଇଯାଇଥିଲେ। ଗାଡ଼ିରେ ଆଉ ୪/୫ଜଣ ସହଯୋଗୀ ଥିଲେ ବୋଲି ଜଣେ ମହିଳା ଗ୍ରାହକ କହିଛନ୍ତି। ବ୍ୟାଙ୍କ ନିକଟକୁ ୨ଟି ବାଇକ୍ ଯୋଗେ ଦୁର୍ବୃତ୍ତମାନେ ଆସିଥିଲେ। ଏହି ଡକାୟତିରେ ପଶ୍ଚିମବଙ୍ଗ ଗ୍ୟାଙ୍ଗ ସମ୍ପୃକ୍ତି ଥିବା ସନ୍ଦେହ କରାଯାଇଛି। ଖବର ପାଇ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର, ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି, ଆଇଆଇସି ବାରିଣୀ ଦାସ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଗତ ୨୦ ତାରିଖ ରାତିରେ ବରୁଣଗଡ଼ିଆସ୍ଥିତ ମହାଦେବ ମନ୍ଦିର, ହନୁମାନ ମନ୍ଦିର, ଭୁପାଳଚନ୍ଦ୍ର ହାଇସ୍କୁଲ ଓ ୟୁଜିଏମଇ ସ୍କୁଲର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏଭଳି ସିରିଜ୍ ଚୋରି ସାଙ୍ଗକୁ ବ୍ୟାଙ୍କ ଡକାୟତି ଘଟଣା ପୋଲିସ ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Merchent Navy, Ship Land Jobs Male/Female, 10th to Post Graduate, Diploma, Data Entry Computer Operator, Captan, 2nd Officer, 3rd Officer, Deck Cadet, Tranee Cadet, G.P. Rating Food Department. **Salary - 25k**. Other facility. Send CV: maritimenationalacademy@gmail.com
7834821198, 9717019466

APPOINTMENT
1. Salesman. 2. Asst. Accountant required for premium Gold Store at Bhubaneswar.
Mail resume on:- ashokmallick100@gmail.com

WANTED
A reputed Real Estate Company needs an Accountant-cum-Computer Operator for its office. Located in Kalpana Area. For detilas Pl. Contact:
Ph. No.: 9937010827

WANTED
LADIES FOR OFFICIAL WORK. FOODING, ACCOMMODATION FREE + 7500 to 15000/-
Nakhara, Cuttack
7809525452

ନାଲକୋ NALCO
National Aluminium Company Limited
(A Government of India Enterprise)
Nalco Bhawan, P/1, Nayapalli
Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY
WALK-IN INTERVIEW FOR ENGAGEMENT OF PART-TIME MEDICAL RETAINER
National Aluminium Company Limited(NALCO), a Navratna Central PSU is looking for engagement of one Part-time **Doctor** on retainership basis for its Medical Centre in NALCO Township, Chandrasekharpur, Bhubaneswar. For further details, visit career section of our website www.nalcoindia.com
General Manager (H&A) - R&P
Advt. No. 10220701, Date : 17.07.2022

Fusion Microfinance Ltd. URGENTLY REQUIRED
• Sr. Branch Manager • Branch Manager — Eligibility : Graduate & Above
• Sr. Relationship Officer • Relationship Officer — Eligibility : 12th & Above
Experienced or Fresher | Salary+Fuel+Incentive-**Best in the Industry**
Free Accommodations | Two Wheeler Compulsory
• Candidate's age should be between 18-30 Years. •Aadhar Card, Driving License and Pan Card are compulsory. • Carry all KYC xerox with update Bio-Data & One PP size Photo. Immediate joining after selection.
INTERVIEW ON 25th July to 05th Aug. 2022
Time-9:00am to 5:00 pm
-Contact Numbers as per Locations Requirement for-
• Bhubaneswar-8448698842, • Angul-9205682176 • Odagaon-9205682167 •Bhadrak-9599441513 • Deogarh-7978737283 • Bolangir-9599612051 • Bhawanipatna-8448698835 • Jeypore-9205682198
Email for Bhubaneswar, Angul & Odagaon- firoj@fusionmicrofinance.in | Email for Bhadrak & Deogarh- sambit.dhal@fusionmicrofinance.in | Email for Bolangir, Bhawanipana & Jeypore- sagarika.mishra@fusionmicrofinance.in

NATIONAL PROJECTS CONSTRUCTION CORPORATION LIMITED
(A Govt. of India Enterprise)
NPCC
SOUTH EASTERN ZONE, BHUBANESWAR
Plot No. HIG/166, Sailashree Vihar, Bhubaneswar-751021
Ph.: 0674-3510414, Email-ID: npccbbsr@gmail.com
WALK-IN-INTERVIEW
Advt. No: SEZ/Contract Basis/431 Dated: 22.07.2022
NPCC Ltd. a schedule "B" Premier Central Public Sector Enterprise, Miniratna, Category-1 Company invites applications for the post of Site Engineer (Civil) on Contract basis.
For details, please visit our Website : www.npcc.gov.in
Zonal Manager

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ସହସମ୍ପାଦକ
- ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
- ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
Apply immediately to : recruitment@dharitri.com

WALK IN INTERVIEW
We are one of leading outdoor advertising agency in Odisha require experience persons as per the followings. Interested candidates may attend Walk-in-Interview as per below mentioned scheduled interview date & time:
**Interview Date: 26.07.2022, Time: 11 A.M. - 12 Noon**
1) **MARKETING MANAGER - 1 No.,** Graduate/MBA, 5 yrs experience in outdoor advertising industry with computer skill, preferably female candidate. Own conveyance. **Salary: 20,000/- - Rs.25,000/-.**
2) **MARKETING EXECUTIVE - 2 Nos.,** Graduate, 3 yrs. experience with Computer Skill, preferably Female candidate. Own conveyance. **Salary: 12,000/- - 15,000/-.**
**Interview Date: 26.07.2022, Time: 3 P.M. - 4 P.M.**
3) **BACK OFFICE EXECUTIVE - 2 Nos.,** Graduate/ must have Computer Skill, minimum 3 yrs. experience Managing Back Office Job. Only Female candidates. **Salary: Rs.9,000/- - Rs.10,000/-.**
4) **ACCOUNTS EXECUTIVE - 1 No.,** Graduate/must have Computer Skill, good command in Tally with GST knowledge, minimum 3 yrs. experience, preferably Female candidates. **Salary: Rs.10,000/- - Rs.12,000/-.**
**Interview Date: 27.07.2022, Time: 11 A.M. - 12 Noon**
5) **ADMINISTRATIVE OFFICER** - Having 5 yrs. experience with very good Computer Skill, independently Managing Office, Correspondent Letter & Client etc., Preferably Female candidate only. **Salary: Rs.18,000/- - Rs.20,000/-.**
6) **FIELD SUPERVISOR - 2 Nos.,** Graduate with 5 yrs. experience, preferrbly outdoor field with Computer Knowledge, two wheeler must. Preferably Male Candidates. **Salary - Rs.11,000/- - Rs.13,000/-.**
**Interview Date: 27.07.22, Time: 3 P.M. - 4 P.M.**
7) **ELECTRICIAN - 2 Nos.,** Matric/ITI, 2 yrs. experience, preferrbly outdoor field two wheeler must. Preferably Male candidate. **Salary: Rs.10,000/- - Rs.12,000/-.**
8) **FITTER - 2 Nos.,** Matric, 4 yrs. experience, preferably outdoor field, and two wheeler must. Preferably Male candidate. **Salary: Rs.7,000/- - Rs.8,000/-.**
9) **OFFICE SECURITY - 1 No.,** 10th Pass, 2 yrs. experience in Security Guard. **Salary: Rs.8,000/- - Rs.10,000/-.**
TEAM ADMARK PVT. LTD.
99-A, Sahid Nagar, Opp. Income Tax Office, 1st Lane of NH, BBSR, PIN- 751007, Mob No.: 9348055176/9337703891

ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। **–ଶ୍ରୀମା**



# ଧିମାନ ଜିତିଲେ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ହିମାଚଳପ୍ରଦେଶରେ ଆଗକୁ ନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ ଉକ୍ତ ରାଜ୍ୟ ରାମ ଦାସ ଧିମାନଙ୍କୁ ନୂଆ ମୁଖ୍ୟ ଶାସନ ସଚିବ ଭାବେ ପାଇଛି। ୧୯୮୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଧିମାନ ମୁଖ୍ୟ ସଚିବ ଭାବେ ପଦସ୍ଥ ରାମ ସୁଭଗ ସିଂ ପରେ ଏହି ପ୍ରତିଷ୍ଠିତ ପଦବୀ ପାଇଛନ୍ତି। ତେବେ ସିଂ ଉକ୍ତ ପଦବୀ ଛାଡ଼ିବା ଏବଂ ରାଜ୍ୟ ମୁଖ୍ୟ ସୂଚନା କମିଶନର(ସିଆଇସି) ପଦବୀରେ ରହିବା ଲାଗି କରିଥିବା ଆବେଦନକୁ ନେଇ ଅନେକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସ୍ପଷ୍ଟ ହୋଇଛି ଯେ, ସିଂ ଏହି ନୂଆ ସିଆଇସି ପଦବୀ ପାଇବା ପାଇଁ ପ୍ରାୟ ଏକ ବର୍ଷ ପୂର୍ବରୁ ଆଗ୍ରହ ପ୍ରକାଶ କରିବା ସହ ଏଥିରେ ତାଙ୍କୁ ନିଯୁକ୍ତି ଦେବା ଲାଗି ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କୁ ପର୍ଯ୍ୟାପ୍ତ ସମୟ ଦେଇଛନ୍ତି। ଜଣାପଡ଼ିଛି ଯେ,ଗତ ବର୍ଷ ଅଗଷ୍ଟରେ ସିଂ ମୁଖ୍ୟ ସଚିବ ପଦବୀରେ ନିଯୁକ୍ତ ହେବାର ଠିକ୍ ପରେ ପରେ ସେ ସିଆଇସି ଲାଗି ଅଭିଯାନ ଆରମ୍ଭ କରିଦେଇଥିଲେ। ତେବେ ଇତିମଧ୍ୟରେ ତାଙ୍କ ଉତ୍ତରାଧିକାରୀ ସନ୍ଧାନ କରିବା ସରକାରଙ୍କୁ ଜଟିଳ ହୋଇଛି। ଶେଷରେ ତିନିଜଣ ଆଇଏଏସ୍ ଅଧିକାରୀଙ୍କ ମଧ୍ୟରୁ ଧିମାନଙ୍କୁ ଚୟନ କରାଯାଇଛି। କୌତୂହଳର ବିଷୟ, ଏମାନଙ୍କ ମଧ୍ୟରେ ଅଛନ୍ତି ସୁଭଗଙ୍କ ସ୍ତ୍ରୀ ନିଶା ସିଂ। ଅନ୍ୟ ଦୁଇଜଣ ଅଧିକାରୀ ଅଲି ରାଜ୍ ରିଜ୍‌ଭି ଏବଂ ସଞ୍ଜୟ ଗୁପ୍ତାଙ୍କୁ ପଛରେ ପକାଇ ଧିମାନ ପଦବୀ ରେସ୍ ଜିତିଛନ୍ତି । ବିଶେଷକରି ଉପେକ୍ଷିତ ଏହି ଦୁଇ ଅଧିକାରୀଙ୍କ କ୍ୟାରିୟର ରେକର୍ଡକୁ ଲକ୍ଷ୍ୟ କଲେ ସେମାନଙ୍କୁ ଧିମାନ ଟପିଯିବା କଷ୍ଟକର ମନେହୁଏ। ଧିମାନଙ୍କ ନିଯୁକ୍ତିକୁ ଦୃଷ୍ଟିରେ ରଖି ନିଶା ସିଂଙ୍କୁ ପ୍ରମୁଖ ପରାମର୍ଶଦାତା( ପ୍ରଶିକ୍ଷଣ) ଭାବେ ନିଯୁକ୍ତ କରାଯାଇଥିବାବେଳେ ସଞ୍ଜୟ ଗୁପ୍ତାଙ୍କୁ ସାଧାରଣ ଅଭିଯୋଗ ନିବାରଣର ପ୍ରମୁଖ ପରାମର୍ଶଦାତା ଭାବେ ଅବସ୍ଥାପିତ କରାଯାଇଛି। ତେବେ ରାଜ୍ୟ ମୁଖ୍ୟ ସୂଚନା କମିଶନର ହେବାର ଇଚ୍ଛା ପୂରଣ କରିବା ଲାଗି ଅପେକ୍ଷାରେ ଥିବାବେଳେ ସିଂଙ୍କ ଚାକିରି ଆଉ ବର୍ଷେ ରହିଛି ଓ ସେ ପ୍ରଶାସନିକ ସଂସ୍କାରର ପ୍ରମୁଖ ସଚିବ ହୋଇ ରହିବେ।

### ପଦୋନ୍ନତି ବିବାଦ

ହରିୟାଣାରେ ଅନେକ ଆଇଏଏସ୍ ଅଧିକାରୀଙ୍କ ପଦୋନ୍ନତି ଲାଗି ନିର୍ଦ୍ଦେଶ ଜାରି କରାଯାଇଛି। ଏହି ନିର୍ଦ୍ଦେଶର ନ୍ୟାୟିକ ଦିଗକୁ ନେଇ ଏକ ବିବାଦ ବା ଲଢ଼େଇ ଆରମ୍ଭ ହୋଇଛି।ପଦୋନ୍ନତିଦିଆଯାଇଥିବା ଅଧିକାରୀମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଡିଆଇଜି ସ୍ତରର ଆଇପିଏସ୍ ଅଧିକାରୀ ହମିଦ ଅଖ୍‌ତାର। ସେ ତାଙ୍କ ପଦୋନ୍ନତି ଆଦେଶକୁ ପରିବର୍ତ୍ତନ କରିବାକୁ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି। ଆଦେଶ ଜାରିର ପାଖାପାଖି ୬ମାସ ପୂର୍ବରୁ ତାହାକୁ କାର୍ଯ୍ୟକାରୀ କରି ତାଙ୍କୁ ପଦୋନ୍ନତି ଦେବାକୁ କହିଛନ୍ତି। ଦୁଇ ସପ୍ତାହ ପୂର୍ବରୁ ସେ ମଧ୍ୟ ଏକ ରିପ୍ରେଜେଣ୍ଟେସନ କ୍ରାଇମବ୍ରାଞ୍ଚ ଏଡିଜିପି ଓ.ପି.ସିଂଙ୍କ ନିକଟକୁ ପଠାଇ ସେଥିରେ ଉକ୍ତ ପ୍ରସଙ୍ଗକୁ ପୋଲିସ ମହାନିର୍ଦ୍ଦେଶକ ତଥା ଶୀର୍ଷ ଅଧିକାରୀ( ଡିଜିପି) ପି.କେ.ଅଗ୍ରୱାଲାଙ୍କ ପାଖରେ ଉପସ୍ଥାପନ କରିବାକୁ ଅନୁରୋଧ କରିଛନ୍ତି। ବିଶେଷସୂତ୍ରରୁ ଜଣାପଡ଼ିଛି ଯେ, ଅଖ୍‌ତରଙ୍କ ଅନୁରୋଧ ଭଳି ପୂର୍ବରୁ ଦୃଷ୍ଟାନ୍ତ ବି ରହିଛି। ୨୦୧୫, ୨୦୧୭ ଓ ୨୦୧୮ରେ କେତେଜଣ ଆଇପିଏସ୍ ଅଧିକାରୀଙ୍କ ପଦୋନ୍ନତି କରାଯାଇ ନିର୍ଦ୍ଧାରିତ ସମୟ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେମାନେ ମଧ୍ୟ ଅଖତରଙ୍କ ଭଳି ସରକାରଙ୍କୁ ଅନୁରୋଧ କରିଥିଲେ ଓ କେତେଜଣ ଆଇପିଏସ୍ ଅଧିକାରୀଙ୍କୁ ସ୍ୱୀକୃତ ତାରିଖ ପୂର୍ବରୁ ପଦୋନ୍ନତି ପ୍ରଦାନ କରାଯାଇଥିଲା। ଏବେ ଅଖ୍‌ତର ଚଳିତ ବର୍ଷ ମେ ୨୬ରୁ ଡିଆଇଜି ପାହ୍ୟାକୁ ପଦୋନ୍ନତି ପାଇଥିଲେ ବି ଚଳିତ ବର୍ଷ ଜାନୁୟାରୀରୁ ତାଙ୍କୁ ପଦୋନ୍ନତି ଦେବା ଉଚିତ ବୋଲି ସେ କହିଛନ୍ତି।

### ନୀତି ଆୟୋଗରେ ଆୟେର

ପୂର୍ବତନ ଆଇଏଏସ୍ ଅଧିକାରୀ ପରମେଶ୍ୱର ଆୟେର ଏବେ ନୀତି ଆୟୋଗର ନୂଆ ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଛନ୍ତି। ଗତ ମାସରେ ସମ୍ପ୍ରସାରିତ କାର୍ଯ୍ୟକାଳ ଶେଷ କରିଥିବା ଅମିତାଭ କାନ୍ତଙ୍କ ସ୍ଥାନରେ ତାଙ୍କୁ ନିଯୁକ୍ତ କରାଯାଇଛି। ଜି୨୦ ଆଲୋଚନାଗୁଡ଼ିକୁ ସଞ୍ଚାଳନ କରିବାକୁ କାନ୍ତଙ୍କୁ ଭାରତର ଜି୨୦ ଟିମ୍‌ର ମୁଖ୍ୟ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସ୍ମରଣଯୋଗ୍ୟ,ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ଜଳ ଓ ପରିମଳ ଦିଗରେ ପୂର୍ବତନ ଆଇଏଏସ୍ ଅଧିକାରୀ ଆୟେରଙ୍କର ୨୫ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ଉତ୍ତରପ୍ରଦେଶ କ୍ୟାଡର୍‌ର ୧୯୮୧ ବ୍ୟାଚ ଅଧିକାରୀ ଆୟେର ପାନୀୟ ଜଳ ଓ ପରିମଳ ବିଭାଗ ସଚିବ ଭାବେ କାର୍ଯ୍ୟ କରିଛନ୍ତି। ୨୦୦୯ରେ ଅବସର ନେବା ପରେ ବିଶ୍ୱ ବ୍ୟାଙ୍କ୍ ପାଇଁ ଜଳ ଓ ପରିମଳ ବିଶେଷଜ୍ଞ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଗୁରୁତ୍ୱପୂର୍ଣ୍ଣ ସ୍ୱଚ୍ଛ ଭାରତ ମିଶନର ମୁଖ୍ୟ ଭାବେ ଦାୟିତ୍ୱ ପ୍ରଦାନ କରିଥିଲେ । ନୀତି ଆୟୋଗର ଉପାଧ୍ୟକ୍ଷ ଭାବେ ନୀତି ନିର୍ଦ୍ଧାରଣରେ ଉଚ୍ଚ ଅଭିଜ୍ଞତା ଥିବା ଆୟେର ଆର୍ଥିକ ବିକାଶକୁ ଗତିଶୀଳ କରିବା ଏବଂ ଆର୍ଥିକ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଦେଶର ରାଜ୍ୟ ସରକାରଗୁଡ଼ିକୁ ଜଡ଼ିତ କରି ଏକ ଭାଗୀଦାରି ସଂଘୀୟବାଦକୁ ଆଗକୁ ବଢାଇବା ଲାଗି ଆୟୋଗର ପଦକ୍ଷେପଗୁଡ଼ିକର ନେତୃତ୍ୱ ନେବେ। ତେବେ ଆୟେରଙ୍କ ଦୃଷ୍ଟିକୋଣ ତାଙ୍କ ପୂର୍ବରୁ ଜୀବନରେ ଅମଲାତନ୍ତ୍ରୀର ଭାବମୂର୍ତ୍ତି ଠାରୁ ଅଧିକ ଏକ ସଲିବ୍ରିଟି ଥିଙ୍କର ଭାବେ ନିଜକୁ ଉପସ୍ଥାପିତ କରିଥିବା ଅଧିକାରୀମାନଙ୍କଠାରୁ ପ୍ରଭାବୀ ହେବ କି ନାହିଁ ତାହା ସମୟ କହିବ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 5 | 8 | | 9 |
| 3 | | | | | 8 | | | |
| | | 7 | | | 9 | | 5 | 2 |
| | 4 | | | | | | | |
| | | | | | 6 | 9 | 7 | |
| | | 3 | | | | | | 6 |
| 5 | 8 | | 3 | | | 1 | | |
| | 9 | | | 8 | | | | |
| 7 | | | | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 8 | 1 | 7 | 3 | 2 | 4 | 5 |
| 5 | 2 | 3 | 4 | 6 | 9 | 1 | 7 | 8 |
| 7 | 1 | 4 | 2 | 5 | 8 | 3 | 9 | 6 |
| 4 | 3 | 2 | 6 | 1 | 7 | 8 | 5 | 9 |
| 6 | 5 | 9 | 8 | 3 | 4 | 7 | 2 | 1 |
| 1 | 8 | 7 | 5 | 9 | 2 | 6 | 3 | 4 |
| 3 | 4 | 6 | 7 | 8 | 5 | 9 | 1 | 2 |
| 8 | 9 | 5 | 3 | 2 | 1 | 4 | 6 | 7 |
| 2 | 7 | 1 | 9 | 4 | 6 | 5 | 8 | 3 |

ଗତକାଲିର ଉତ୍ତର

# ହାତୀ ମୃତ୍ୟୁ ମାମଲାର ବିଚାର



ଡ. ବିଜୟ କେତନ ପଟ୍ଟନାୟକ

ସକାଳୁ ଖବରକାଗଜର ପୃଷ୍ଠା ଓଲଟେଇଲେ ବା ଟେଲିଭିଜନ ଖୋଲିଦେଲେ ହାତୀ ମୃତ୍ୟୁ ଖବର ପ୍ରାୟତଃ ନଜରକୁ ଆସିଥାଏ। ଗତ ମାସେ ଦୁଇ ମାସ ଭିତରେ ଏପ୍ରକାର ଦୁଃଖଦ ଖବରର ପୌନଃପୁନିକତା ବଢ଼ି ବଢ଼ି ଚାଲିଛି। ଗତ ଜୁଲାଇ ୫ରେ ଓଡ଼ିଶା ବିଧାନସଭାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦେଇଥିବା ବିବୃତି ଅନୁଯାୟୀ, ବିଗତ ୧୦ବର୍ଷ ଭିତରେ ରାଜ୍ୟରେ ୭୮୪ହାତୀଙ୍କ ଜୀବନ ଯାଇଛି। ଦାନ୍ତ ପାଇଁ ହାତୀ ଶିକାର, ଜଳାଶୟରେ ବିଷ ପ୍ରୟୋଗ, ରେଳ ଏବଂ ସଡ଼କ ଦୁର୍ଘଟଣା, ଆକସ୍ମିକ ବା ଅନିଚ୍ଛାକୃତ ଭାବରେ ବିଦ୍ୟୁତ୍ ତାର ସଂଯୋଗ କାରଣରୁ ମୃତ୍ୟୁ ଘଟୁଥିବା ହାତୀଙ୍କ ସଂଖ୍ୟା ମୋଟ ମୃତ୍ୟୁ ସଂଖ୍ୟାର ୨୫ ପ୍ରତିଶତରୁ ଅଧିକ। ରାଜ୍ୟରେ ଶେଷଥର ପାଇଁ ହାତୀ ଗଣନା ୨୦୧୭ରେ ହୋଇଥିଲା ଓ ମୋଟ ୧୯୭୬ଟି ହାତୀ ଥିବା ଜଣାପଡ଼ିଥିଲା। ଏ ଭିତରେ ୫ବର୍ଷ ବିତିଗଲାଣି। ହାତୀ ସଂଖ୍ୟା ବଢ଼ିଛି, ସ୍ଥିର ଅଛି ନା କମିଛି, କିଏ ଜାଣେ? ମନ୍ତ୍ରୀ ତାଙ୍କ ବିବୃତିରେ ଏ କଥା ମଧ୍ୟ କହିଛନ୍ତି, ଗତ ତିନିବର୍ଷରେ ମୋଟ ୩୫ଟି ବନଖଣ୍ଡରେ ୨୪୫ ହାତୀ ମୃତ୍ୟୁ ଘଟିଛି। ଏକଥା ନିଶ୍ଚିତ ଯେ ଆଠଗଡ଼, ବଡ଼ମ୍ବା, ନରସିଂହପୁର ଅଞ୍ଚଳରେ ଅନେକ ଶିକାରୀ ଅଛନ୍ତି। ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ହାତୀ ବଂଶକୁ ରକ୍ଷା କରିବା ପାଇଁ ନିମ୍ନୋକ୍ତ ପ୍ରସ୍ତାବଗୁଡ଼ିକ ବିଚାର କରାଯାଇପାରେ।

ଜଙ୍ଗଲ ନିକଟରେ ଏବଂ ପାଖାପାଖି ଅଞ୍ଚଳରେ ରହୁଥିବା ଶିକାରୀମାନଙ୍କର ଏକ ସ୍ୱତନ୍ତ୍ର 'ଡାଟାବେସ୍', ଯେଉଁଥିରେ ସେମାନଙ୍କର ନାଁ, ଗାଁ, ଠିକଣା ଏବଂ କ'ଣ କାର୍ଯ୍ୟ କରନ୍ତି, ସେ ସମ୍ପର୍କରେ ଉଲ୍ଲେଖ ରହିବା ସହିତ ସେମାନେ ବ୍ୟବହାର କରୁଥିବା ବନ୍ଧୁକ ଓ ଆଗ୍ନେୟାସ୍ତ୍ରଗୁଡ଼ିକ ଲାଇସେନ୍ସପ୍ରାପ୍ତ ନା ନୁହେଁ, ସେ ତଥ୍ୟ ମଧ୍ୟ ରହିବା ଜରୁରୀ। ଏଥିପାଇଁ ସ୍ଥାନୀୟ ଜିଲା ପ୍ରଶାସନର ସାହାଯ୍ୟ ନିଆଯାଇପାରେ। ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ଦ୍ୱାରା ସିଧାସଳଖ ବନ୍ୟପ୍ରାଣୀ ଅପରାଧ ବାରମ୍ବାର ଘଟୁଥିବା ଆଘାତପ୍ରବଣ ଅଞ୍ଚଳରେ, ଉପଯୁକ୍ତ ବିଶ୍ୱସ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଗୁପ୍ତ ଖବରପ୍ରେରକ ଭାବେ ରଖାଯିବା ଦରକାର। ସେମାନେ ସିଧାସଳଖ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବା ତାଙ୍କ ଅଫିସରେ ଥିବା କ୍ରାଇମ୍ ସେଲ୍‌କୁ ମୋବାଇଲରେ ସୂଚନା ଦେବେ। ସେମାନଙ୍କର ନାଁ ଗୁପ୍ତ ରଖିବା ସହିତ ଏକ ଗୁପ୍ତପାଣ୍ଠିରୁ କିଛି କିଛି ପ୍ରାପ୍ୟ ଦିଆଯିବ।

ସ୍ପେଶାଲ ଟାସ୍କଫୋର୍ସ ଢାଞ୍ଚାରେ ବାରମ୍ବାର ବନ୍ୟପ୍ରାଣୀ ଅପରାଧ ଘଟୁଥିବା ବନଖଣ୍ଡରେ ବା ଆଘାତପ୍ରବଣ ଅଞ୍ଚଳରେ ସ୍ୱତନ୍ତ୍ର ବନ୍ୟପ୍ରାଣୀ କ୍ରାଇମ୍ ଟାସ୍କଫୋର୍ସ ଗଠିତ ହେବା ଆବଶ୍ୟକ। ଏହାର ରାଜ୍ୟ ମୁଖ୍ୟ ଅନ୍ୟ ଜଣେ ସ୍ୱତନ୍ତ୍ର ପିସିସିଏଫ୍ ବା ଅତିରିକ୍ତ ପିସିସିଏଫ୍ ପାହ୍ୟାର ଅଫିସର ରହିବେ। ଏଥିରେ ବନ୍ୟପ୍ରାଣୀଙ୍କ ବିଷୟରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଦକ୍ଷ ଅଧିକାରୀଙ୍କ ସହ ଅବସରପ୍ରାପ୍ତ ସେନା ବା ପୋଲିସ ଅଧିକାରୀଙ୍କୁ ମଧ୍ୟ ନିଆଯାଇପାରେ। ପୋଲିସ ବିଭାଗରେ ଯେପରି କ୍ରାଇମ୍ ବ୍ରାଞ୍ଚ ଡିଭିଜନ ରହିଛି, ବନ୍ୟପ୍ରାଣୀ କ୍ରାଇମ୍ ଟାସ୍କଫୋର୍ସର ଆକାର ପ୍ରକାର ଠିକ୍ ସେହିପରି ହେବ। ପ୍ରତ୍ୟେକ ଟାସ୍କଫୋର୍ସର ମୁଖ୍ୟଙ୍କୁ ମାଜିଷ୍ଟ୍ରେଟ୍ କ୍ଷମତା ଦିଆଗଲେ, ସେମାନେ ଆବଶ୍ୟକ ସ୍ଥଳେ ଗୁଳି ଚଳାଇବାକୁ ଆଦେଶ ଦେଇପାରିବେ। ଯେ କୌଣସି ବନଖଣ୍ଡରେ ହାତୀ, ବାଘ ବା ଅନ୍ୟ କୌଣସି ଅନୁସୂଚିତ ୧ର ପ୍ରାଣୀମାନଙ୍କର ମୃତ୍ୟୁ ଘଟିଲେ ଏହି ଗ୍ରୁପ୍ ସଙ୍ଗେ ସଙ୍ଗେ ସେଠାକୁ ଯାଇ ତଦନ୍ତ କରିବେ। ଘଟଣା ଘଟିଥିବା ବନଖଣ୍ଡର ବିଭାଗୀୟ ଅଧିକାରୀଙ୍କ ତଦନ୍ତ ତୁଳନାରେ ଏହା ଅଧିକ ନିରପେକ୍ଷ ଓ ବିଶ୍ୱସନୀୟ ହେବ ବୋଲି ଆଶା କରାଯାଏ।



ସାଧାରଣ ଭାବେ ଏସ୍‌ଡିଜେଏମ୍ କୋର୍ଟରେ ଦାଖଲ ହୋଇଥିବା ବନ୍ୟପ୍ରାଣୀ ସମ୍ପର୍କିତ କେସଗୁଡ଼ିକର ଫଇସଲା ହେବାରେ ଯଥେଷ୍ଟ ବିଳମ୍ବ ଘଟିଥାଏ। ବନ୍ୟପ୍ରାଣୀମାନେ ମୂକ, ନିଜର ଜମାନବନ୍ଦୀ ଦେଇପାରିବେ ନାହିଁ। ଜଙ୍ଗଲ ଅଭ୍ୟନ୍ତରରେ ଘଟିଥିବା ଘଟଣାର ସାକ୍ଷ୍ୟପ୍ରମାଣ ଯୋଗାଡ଼ କରିବା କଷ୍ଟକର। ବନ ବିଭାଗ କର୍ମଚାରୀ ନିଜେ ଅନୁସନ୍ଧାନ କରନ୍ତି। ନିଜେ ସାକ୍ଷ୍ୟ ପଢ଼ନ୍ତି ଏବଂ ନିଜେ ଚାର୍ଜଶିଟ୍ ପ୍ରସ୍ତୁତ କରି କେସ୍ ଦାଖଲ କରନ୍ତି। କେସ୍ ଶୁଣାଣି ଓ ଫଇସଲାରେ ଅତ୍ୟଧିକ ବିଳମ୍ବ ହେବା ଫଳରେ ମଧ୍ୟବର୍ତ୍ତୀ ସମୟରେ ଅନେକ କର୍ମଚାରୀ ବଦଳି ହୋଇଯାଆନ୍ତି। ଏପରିକି କେତେକ ମଧ୍ୟ ଚାକିରିରୁ ଅବସର ଗ୍ରହଣ କରିଥାନ୍ତି। ତାଙ୍କ ସ୍ଥାନରେ ଯିଏ ଆସନ୍ତି, ସେମାନେ ମଧ୍ୟ କୋର୍ଟରେ ଜବାବସୁଆଲ ସମୟରେ ବା ଯୁକ୍ତି ଉପସ୍ଥାପନ କରିବାରେ ସେତେଟା ଆଗ୍ରହ ପ୍ରକାଶ କରନ୍ତି ନାହିଁ। ଫଳରେ ଦିନକୁ ଦିନ କେସ୍ ଦୁର୍ବଳ ହୋଇଯାଏ ଓ ଦୋଷୀ ଅଳ୍ପ ଦଣ୍ଡ ପାଇ ଖସିଯାଏ। ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା ହେଲେ ବିଚାର ପ୍ରକ୍ରିୟା ତ୍ୱରିତ ହେବ ଏବଂ ଦଣ୍ଡ ମଧ୍ୟ ଶୀଘ୍ର ମିଳିବ। ଦଣ୍ଡ ଦୃଷ୍ଟାନ୍ତମୂଳକ ହେଲେ ଏହା ଅନ୍ୟ ଅପରାଧୀଙ୍କୁ ହତୋତ୍ସାହିତ କରିବ। ଫାଷ୍ଟଟ୍ରାକ୍ କୋର୍ଟରେ ତ୍ୱରିତ ନ୍ୟାୟ ଆଶା କରୁଥିଲେ ବନ କର୍ମଚାରୀମାନଙ୍କୁ ମଧ୍ୟ ଠିକଣା ଢଙ୍ଗରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବାକୁ ହେବ। ବନ୍ୟପ୍ରାଣୀ ସଂରକ୍ଷଣ ଆଇନ, ୧୯୭୨ର ଉପଯୁକ୍ତ ଧାରା ଓ ଉପଧାରାକୁ ସଂଶ୍ଳିଷ୍ଟ କରିବାକୁ ପଡ଼ିବ। ଏଥିପାଇଁ ବିଭିନ୍ନ ବର୍ଗର ବନ କର୍ମଚାରୀମାନଙ୍କୁ ନ୍ୟାୟିକ ପ୍ରଶିକ୍ଷଣ ମଧ୍ୟ ଜରୁରୀ। ବନ୍ୟପ୍ରାଣୀ ଆପରାଧିକ କେସ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ମଧ୍ୟ ନିଯୁକ୍ତି ହେବା ଆବଶ୍ୟକ।

ବନ୍ୟପ୍ରାଣୀଙ୍କ ଉପରେ ଘଟୁଥିବା କ୍ରାଇମ୍‌ର ଉପଯୁକ୍ତ ମୁକାବିଲା ପାଇଁ କି କି ଉପାୟ ଅବଲମ୍ବନ କରାଯାଇପାରେ, ସେ ବିଷୟରେ ଭାରତ ସରକାରଙ୍କ ବନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୨୦୧୬ ଡିସେମ୍ବର ୧୪ରେ ସବୁ ରାଜ୍ୟର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ)ଙ୍କୁ ଚିଠି ଲେଖିଥିଲେ। ଏହି ଚିଠିରେ ମନ୍ତ୍ରଣାଳୟ, ମଧ୍ୟପ୍ରଦେଶ ବନ ବିଭାଗ, ଉକ୍ତ ରାଜ୍ୟର ହାଇକୋର୍ଟର ମୁଖ୍ୟ ନ୍ୟାୟାଧୀଶଙ୍କ ଅଧ୍ୟକ୍ଷତାରେ ୨୦୧୬ ନଭେମ୍ବର ୧୨ରେ ଯେଉଁ କର୍ମଶାଳା ଆୟୋଜିତ ହୋଇଥିଲା, ସେଥିରେ ଗୃହୀତ ପ୍ରସ୍ତାବକୁ ସ୍ୱୀକୃତି ଦେଇଛନ୍ତି। ଉକ୍ତ ପ୍ରସ୍ତାବନାରେ ମଧ୍ୟପ୍ରଦେଶର ଭୋପାଳ, ଇନ୍ଦୋର, ଜବଲପୁର, ହୋସଙ୍ଗାବାଦ, ସତନା ଓ ସାଗରଠାରେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାର ପ୍ରସ୍ତାବ ରହିଛି। ଅନ୍ୟ ଜିଲାଗୁଡ଼ିକରେ କେବଳ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ କେସ୍‌ର ଶୁଣାଣି ପାଇଁ ଗୋଟିଏ ଡେଜିଗ୍‌ନେଟେଡ କୋର୍ଟ ପ୍ରତିଷ୍ଠାର ପ୍ରସ୍ତାବ ରହିଛି। ପୂର୍ବରୁ ଆଇନରେ ଥିବା ୧୦,୦୦୦ ଟଙ୍କା ଫାଇନର ପରିମାଣ ୫୦,୦୦୦କୁ ବୃଦ୍ଧି କରିବାର ପ୍ରସ୍ତାବ ମଧ୍ୟ ରହିଛି। ଫଳରେ କେସ୍‌ଟି ସିଧାସଳଖ ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ ବା ଅତିରିକ୍ତ ସିଜିଏମ୍‌ଙ୍କ କୋର୍ଟକୁ ବିଚାର ପାଇଁ ଚାଲିଯିବ। ଏହା ବ୍ୟତୀତ ରାଜ୍ୟ ସରକାର ବନ୍ୟପ୍ରାଣୀ ଡିଭିଜନରେ ଜଣେ ଆଇନ ବିଶାରଦ ଓକିଲଙ୍କୁ ନିଯୁକ୍ତି ଦେଲେ କୋର୍ଟରେ ଚାର୍ଜଶିଟ୍ ଦାଖଲ ପୂର୍ବରୁ କେସ୍‌ଗୁଡ଼ିକର ଉପଯୁକ୍ତ ଅନୁଶୀଳନ କରାଯାଇପାରିବ। ଫୋରେନ୍‌ସିକ୍ ରିପୋର୍ଟ ସଂଲଗ୍ନ କଲେ ତାହା ମଧ୍ୟ କେସ୍‌କୁ ଅଧିକ ମଜଭୁତ କରିବ।

ଏ ଭିତରେ ଆନ୍ଧ୍ର ସରକାର ୨୦୨୦ ଜୁନ୍‌ରେ 'ରେଡ୍ ସାଣ୍ଡର' କାଠର ଚୋରାଚାଲାଣ କେସ୍‌ଗୁଡ଼ିକର ତ୍ୱରିତ୍ ବିଚାର ପାଇଁ ତିରୁପତିଠାରେ ଦୁଇଟି ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିଛନ୍ତି। ଅଭାବନୀୟ ହାତୀ ମୃତ୍ୟୁ ରୋକିବା ପାଇଁ ଆମ ରାଜ୍ୟ ସରକାର ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଯଥା ହାତୀ ଚଲାପଥର ପୁନରୁଦ୍ଧାର, ବାସସ୍ଥଳୀରେ ଉନ୍ନତି, ଅନ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରିବା ସହିତ ଅନ୍ତତଃପକ୍ଷେ ଅନୁଗୋଳଠାରେ ଗୋଟିଏ ଫାଷ୍ଟଟ୍ରାକ୍ କୋର୍ଟ ବା ସ୍ପେଶାଲ କୋର୍ଟ ପ୍ରତିଷ୍ଠା କଲେ ସହାୟକ ହେବ। ତ୍ୱରିତ ବିଚାର, ତ୍ୱରିତ ଓ ଆଖିଦୃଶିଆ ଦଣ୍ଡବିଧାନ ହେଲେ ଏହା ବନ୍ୟପ୍ରାଣୀ ମାଫିଆ ଓ ଶିକାରୀମାନଙ୍କ ମନରେ ଭୟ ସଂଚାର କରିବ।

**ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ**
**(ବନ୍ୟପ୍ରାଣୀ), ଓଡ଼ିଶା**
**ମୋ: ୯୪୩୭୦୦୦୯୦୪**

# ଆମ ଶିକ୍ଷା ସଂସ୍କାର



ହରିଶଙ୍କର ମିଶ୍ର

ଆମ ରାଜ୍ୟର ଗଣଶିକ୍ଷା ମନ୍ତ୍ରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ୩ୟ ଶ୍ରେଣୀର ଛାତ୍ର ୩କ ପଣିକିଆ କହି ନ ପାରିବା, ଶିକ୍ଷକମାନେ ବିଳମ୍ବରେ ସ୍କୁଲ ଆସିବାର ପ୍ରତ୍ୟକ୍ଷ ପ୍ରମାଣ ପାଇଛନ୍ତି। କିନ୍ତୁ ସରକାରୀ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୦% ୭ମ ଶ୍ରେଣୀର ପାଠ ଜାଣିନଥିବା ଏବଂ ସେମାନଙ୍କୁ ପଢ଼ାଉଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଗୋଟିଏ ଲହରରେ ୨୫କ ପର୍ଯ୍ୟନ୍ତ ପଣିକିଆ କହିବା, ବା ନିର୍ଭୁଲ ଓଡ଼ିଆ, ଇଂରାଜୀ ବାକ୍ୟ ଲେଖିବାରେ ଯେ ଅସମର୍ଥ ତାହା ମନ୍ତ୍ରୀ ବାରମ୍ବାର କ୍ଷେତ୍ର ପରିଦର୍ଶନ କଲେ ନିଶ୍ଚିତ ଜାଣିପାରିବେ। କୋଟି କୋଟି ଟଙ୍କା ବ୍ୟୟରେ ସ୍କୁଲ ଘରର ନବକଳେବର କରାଗଲେ ବି ସଠିକ୍ ଶିକ୍ଷାଦାନ ନ ହେଲେ ସରକାରଙ୍କର ଶିକ୍ଷାନୀତି ବିପର୍ଯ୍ୟସ୍ତ ହେବ ଏବଂ ଘରୋଇ ସ୍କୁଲ ସଂଖ୍ୟା ବଢ଼ିଚାଲିବ। ଛାତ୍ରୀଛାତ୍ର ଅଭାବରୁ ଆହୁରି ଶତାଧିକ ସରକାରୀ ସ୍କୁଲ ବନ୍ଦ ହେବ। ଏହା ସତ୍ୟ ଯେ, ସରକାରୀ ସ୍କୁଲର ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନେ ମଧ୍ୟ ନିଜର ଓ ନିଜ ସ୍କୁଲର ଶିକ୍ଷାଦାନ ଉପରେ ଭରସା କରିନପାରି ସେମାନଙ୍କ ଝିଅ ପୁଅଙ୍କୁ ଘରୋଇ ସ୍କୁଲରେ ପଢ଼ାଉଛନ୍ତି। ଯେଉଁ ଅଣଆନୁଷ୍ଠାନିକ ଶିକ୍ଷକଙ୍କୁ ସଂକ୍ଷିପ୍ତ ତାଲିମ ଦିଆଯାଇ ଗଣଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି ସେମାନଙ୍କଠାରୁ ଶୈକ୍ଷିକ ଦକ୍ଷତା ଆଶା କରିବା ବୃଥା। ଶୈକ୍ଷିକ ତାଲିମ ପରୀକ୍ଷା ମଧ୍ୟ କପିମୁକ୍ତ ନୁହେଁ। ଶିକ୍ଷକ ନିଯୁକ୍ତିରେ ଦକ୍ଷତା ଏକମାତ୍ର ମାନଦଣ୍ଡ ହେବା ଉଚିତ। ଛାତ୍ରୀଛାତ୍ରଙ୍କୁ ମାଗଣା ବହି, ପୋଷାକ, ମଧ୍ୟାହ୍ନଭୋଜନ, ଜୋତା ବଣ୍ଟନ ଦିନରୁ ଗୁଣାତ୍ମକ ଶିକ୍ଷାର ଅବକ୍ଷୟ ହୋଇଥିବା କେହି ବି ଅସ୍ୱୀକାର କରିପାରିବେନି। ଦୁଇ ଦଶନ୍ଧି ପୂର୍ବ ପର୍ଯ୍ୟନ୍ତ "ଛାଟ ବାଜିଲେ ପାଠ ହୁଏ" ମାନସିକତାରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷକଙ୍କ ଦଣ୍ଡ ଉପରେ କୌଣସି ଅଭିଭାବକ ଆପତ୍ତି କରୁନଥିଲେ। ଶିଶୁ ସୁରକ୍ଷା ନାମରେ ପ୍ରତ୍ୟେକ ସ୍କୁଲ ସାମ୍ନାରେ ଦଣ୍ଡମୁକ୍ତ ଅଞ୍ଚଳ ଏବଂ ଅଭିଯୋଗ ପାଇଁ ନିଃଶୁଳ୍କ ଦୂରଭାଷ ନମ୍ବର ଲେଖିବା ମଧ୍ୟ ଗୁଣାତ୍ମକ ଶିକ୍ଷା ପାଇଁ ବାଧକ ସାଜିଛି। ଏହାକୁ କିଛି ବ୍ୟକ୍ତି ବ୍ୟକ୍ତିଗତ ଆକ୍ରୋଶ ପାଇଁ ବ୍ୟବହାର କରୁଥିବା ବେଳେ ଛାତ୍ରୀଛାତ୍ରଙ୍କ ତ୍ରୁଟି ସୁଧାରିବା ପାଇଁ କୋଣସି ଶିକ୍ଷୟିତ୍ରୀ ଶିକ୍ଷକ ସାମାନ୍ୟ ଆକଟ ପାଇଁ ପଶ୍ଚାତ୍‌ପଦ ହେଉଛନ୍ତି। ଦେଶ ସ୍ୱାଧୀନ ହେବା ବହୁ ପୂର୍ବରୁ ଏବଂ ସ୍ୱାଧୀନତା ପରେ କିଛି ବର୍ଷ ପର୍ଯ୍ୟନ୍ତ ଗ୍ରାମଗୁଡ଼ିକରେ ଚାଟଶାଳୀ ଶିକ୍ଷା ବ୍ୟବସ୍ଥା ଥିଲା। ମାସିକ କିଛି ଚାଉଳ ଓ ପନିପରିବା ବିନିମୟରେ ଅବଧାନମାନେ ଗାଁ କୋଠଘରେ ପ୍ରାଥମିକ ଶିକ୍ଷାଦାନ କରୁଥିଲେ। ଚାଟଶାଳୀରେ ସେତେବେଳେ ଶୂନତେ ଅର୍ଥାତ୍ ପ୍ରଥମେ ଚାଟଶାଳୀ ଆସିଥିବା ଚାଟ ହାତରେ ଅବଧାନମାନେ ବେତକୁ ଛୁଆଁଇ ଦେଉଥିଲେ। ପଛରେ ଆସୁଥିବା ଚାଟଙ୍କ ପାଇଁ କ୍ରମାନ୍ୱୟରେ ମୃଦୁ ବେତ୍ରାଘାତ ସଂଖ୍ୟା ବଢୁଥିଲା। ଶୂନତେ ପାଇଁ ଚାଟଙ୍କ ମଧ୍ୟରେ ପ୍ରତିଯୋଗିତା ସେମାନଙ୍କୁ



ବେଶ ସମୟାନୁବର୍ତ୍ତୀ କରୁଥିଲା। ବର୍ତ୍ତମାନ ପରି ସେତେବେଳେ କୌଣସି କମିଶନ କାର୍ଯ୍ୟକ୍ଷମ ନ ଥିଲା।

ଏବେ ମୂଳ ପ୍ରସଙ୍ଗକୁ ଆସିବା। ରାମିଆ ଭଣ୍ଡାରି ଉପାଖ୍ୟାନକୁ ଦେଖିବା। ରାମିଆ ଥିଲା ରାଜାଙ୍କର ବିଶ୍ୱସ୍ତ ଭୃତ୍ୟ। ବୟସାଧିକ ସତ୍ତ୍ୱେ ସେବାରେ ହେଳା କରୁନଥିଲା। ଦିନେ ରାଜା ନିଜ ତରଫରୁ ରାମିଆକୁ ସେବାରୁ ଅବ୍ୟାହତି ଦେଲେ ଓ ତା'ର ଦୀର୍ଘଦିନର ନିରନ୍ତର ସେବାରେ ସନ୍ତୁଷ୍ଟ ଥିବାରୁ କିଛି ପୁରସ୍କାର ମାଗିବାକୁ କହିଲେ। ରାମିଆ ରାଜସେବାକୁ ପ୍ରାଧାନ୍ୟ ଦେଇ ନିଜର ଓ ପିଲାଛୁଆଙ୍କ ଭବିଷ୍ୟତକୁ ଅଣଦେଖା କରିଥିଲା। ସେ ବିନମ୍ର ଭାବରେ ବର୍ଷରେ ଗୋଟିଏ ଦିନ ରାଜା ତାହାର ଅତିଥି ହେବାକୁ ଅନୁରୋଧ କରିବାରେ ରାଜା ତାହାର ଅର୍ଥ ବୁଝି ସମ୍ମତି ପ୍ରକାଶ କଲେ। ଫଳରେ ରାମିଆ ଗାଁକୁ ରାସ୍ତା ଓ ଆନୁଷଙ୍ଗିକ ସୁବିଧା ସହ ତା' ଘରକୁ ରାଜାଙ୍କ ଚଳଣିତୁଲ୍ୟ କରିଦେଲେ। ଅଞ୍ଚଳରେ ରାମିଆର ସୁଖ୍ୟାତି ବି ବଢ଼ିଗଲା।

ଏଇ ଉପାଖ୍ୟାନ ମୂଳରେ ଯେଉଁ ବାର୍ତ୍ତା ରହିଛି, ତାହା ହେଉଛି ଆମ ରାଜ୍ୟର ପ୍ରତ୍ୟେକ ବର୍ଗର ସରକାରୀ, ସରକାରୀ ନିୟନ୍ତ୍ରଣାଧୀନ, ଚୁକ୍ତିଭିତ୍ତିକ କର୍ମଚାରୀ ଓ ସରକାରଙ୍କଠାରୁ ସହାୟତା, ଲାଭ ପାଉଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷ ଏବଂ ସର୍ବନିମ୍ନଠାରୁ ସର୍ବୋଚ୍ଚ ପଦବୀରେ ଥିବା ଜନପ୍ରତିନିଧିଙ୍କ ପିଲାମାନେ ସରକାରୀ ସ୍କୁଲରେ ପଢ଼ିବାକୁ ବାଧ୍ୟତାମୂଳକ କରାଯାଉ। ସେମାନେ ନିଜ ଝିଅ ପୁଅଙ୍କର ପାଠ୍ୟୋନ୍ନତି ଏବଂ ଶୈକ୍ଷିକ ବାତାବରଣ ଅନୁଧ୍ୟାନ କରିବାକୁ ନିୟମିତ ସ୍କୁଲକୁ ଯିବା ଦ୍ୱାରା ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ଉପରେ ସରକାର ଓ ରାଜନେତାଙ୍କ ପରୋକ୍ଷ କର୍ତ୍ତୃତ୍ୱ ରହିବ। ସେମାନେ ପ୍ରତ୍ୟେକ ସ୍କୁଲର ବାସ୍ତବ ସ୍ଥିତି ସହ ତତ୍କାଳ ଓ ଭବିଷ୍ୟତ ଆବଶ୍ୟକତା ଅନୁଭବ କରିପାରିବେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବର୍ଗର ଅଭିଭାବକଙ୍କ ଦ୍ୱାରା ପ୍ରତି ମାସରେ ପ୍ରତ୍ୟେକ ସ୍କୁଲର ଶୈକ୍ଷିକ ପରିବେଶ ଓ ପାରିପାର୍ଶ୍ୱିକ ବାତାବରଣର ତର୍ଜମା ଏବଂ ସ୍ୱତନ୍ତ୍ର ଜିଲାସ୍ତରୀୟ କମିଟି ଗଠନ କରାଯାଇ ନିରାକରଣକୁ ନିଶ୍ଚିତ କରାଇଲେ ତାହା ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିବ ଏବଂ କ୍ରମଶଃ ଶିକ୍ଷା ବ୍ୟବସ୍ଥାରେ ନିଶ୍ଚିତ ପରିବର୍ତ୍ତନ ହୋଇଯିବ। ସେମାନଙ୍କ ଦ୍ୱାରା ନିୟମିତ ସ୍କୁଲ ଶିକ୍ଷକଙ୍କଠାରୁ ଜିଲା ଶିକ୍ଷାଧିକାରୀଙ୍କ ଦକ୍ଷତା ଓ ପ୍ରତିବଦ୍ଧତାର ତର୍ଜମା କଲେ ଅପାରଗ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିଜକୁ ସଂଶୋଧନ କରିବେ ବା ଆତ୍ମଗୋପନ କରିବେ। ସରକାର ଶୂନ୍ୟ ସହନଶୀଳତା ନୀତିରେ ଅପାରଗ ଶିକ୍ଷକ ଓ ଅଧିକାରୀଙ୍କୁ ସ୍ୱତନ୍ତ୍ର ନିୟମ ପ୍ରଣୟନ କରି ଚାକିରିରୁ ବହିଷ୍କାର କରିବାକୁ ସୁଯୋଗ ପାଇବେ। ଶିକ୍ଷା ବ୍ୟବସ୍ଥା ରାଜ୍ୟର ଭବିଷ୍ୟତ ପାଇଁ ମୂଳଦୁଆ। ତାହା ଦୁର୍ବଳ ହେଲେ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ବାଧକ ହେବା ନିଶ୍ଚିତ। ଏବେ ଆମ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କଲେ ତାହା ସରକାରଙ୍କର ବିଭିନ୍ନ ଯୋଜନା ପରି ଛାତ୍ର କଲ୍ୟାଣ ଯୋଜନା ଭଳି ଜଣାଯାଏ। ରାଜ୍ୟର ସାମଗ୍ରିକ ଓ ଭବିଷ୍ୟତ ବିକାଶ ପାଇଁ କୌଣସି କଠୋର ପଦକ୍ଷେପ ସାମୟିକ ପ୍ରତିକ୍ରିୟା ସୃଷ୍ଟି କରିପାରେ। ମାତ୍ର ଇତିହାସରେ ତାହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ।

**ଗୁଣ୍ଡିଚା ବିହାର, ପୁରୀ-୨**
**ମୋ: ୭୯୭୮୭୮୫୪୭୮**

## ଏଇ ଭାରତରେ

ପ୍ଲାଷ୍ଟିକ ବର୍ଜ୍ୟ କବଳରୁ ପରିବେଶକୁ ସୁରକ୍ଷିତ ରଖିବା ଲାଗି ଯେଉଁ କେତେଜଣ ପ୍ଲାଷ୍ଟିକ ବର୍ଜ୍ୟର ଅପ୍‌ସାଇକିଲିଂ କରୁଛନ୍ତି ସେମାନଙ୍କ ମଧ୍ୟରେ ଦିଲ୍ଲୀର କନିକା ଆହୁଜା ଅନ୍ୟତମ। ସେ ପ୍ଲାଷ୍ଟିକ ବର୍ଜ୍ୟରୁ ସୌଖୀନ ବ୍ୟାଗ୍, ଲାପ୍‌ଟପ ଖୋଳ, ୱାଲେଟ୍ ବ୍ୟାଗ୍ ଏବଂ ଟେବୁଲ ମ୍ୟାଟ୍ ପ୍ରସ୍ତୁତ କରୁଛନ୍ତି। ସେ ଏବେ ସୁଦ୍ଧା ୧୨,୦୦୦ କେଜି ବା ୧୨ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ଅପ୍‌ସାଇକିଲିଂ କରିସାରିଲେଣି। ଏହି କାର୍ଯ୍ୟ କନିକା ୨୦୧୭ରେ ସୋସିଆଲ ଏଣ୍ଟରପ୍ରାଇସ୍ 'ଲତିଫା' ଗଠନ କରିଛନ୍ତି। ସେ ଇଞ୍ଜିନିୟରିଂ ପରେ ଏମ୍‌ବିଏ ଡିଗ୍ରୀ ହାସଲ କରିଛନ୍ତି। ତାଙ୍କ ପିତାଙ୍କର ଏକ ଏନ୍‌ଜିଓ ରହିଛି ଓ ପ୍ରଥମେ ସେଥିରେ କାର୍ଯ୍ୟ କରିବା ପରେ 'ଲତିଫା' ଗଠନ କରିଥିଲେ। ଏବେ ଲତିଫା ମାଧ୍ୟମରେ ତିଆରି କରୁଥିବା ସୌଖୀନ ଜିନିଷଗୁଡ଼ିକୁ ବିକ୍ରିକରି ଗତ ଆର୍ଥିକ ବର୍ଷରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିପାରିଛନ୍ତି। ଏହି କାର୍ଯ୍ୟରେ ୨୦୦ ୱେଷ୍ଟ ୱାର୍କର ଏବଂ ୩୦୦ ଚିତ୍ରକରଙ୍କୁ ନିଯୁକ୍ତି ଦେଇଛନ୍ତି। ଉତ୍ପାଦଗୁଡ଼ିକ ଉପରେ ପାରମ୍ପରିକ ହସ୍ତକଳାର ଛାପ ଦେବା ଲାଗି କନିକା ଆଫଗାନୀ ଶରଣାର୍ଥୀ ମହିଳାଙ୍କ ଏକ ଗ୍ରୁପକୁ ମଧ୍ୟ ନିଯୁକ୍ତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଜୁଲାଇ ୧୯୯୭**

- ପୋର୍ଟ ମୋରେସ୍‌ବାଏ ଗଭର୍ଣ୍ଣର ବିଲ୍ ସ୍କେଟ୍ ପାପୁଆ ନିଉଗିନିର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି।
- ବିହାରର ଗିରିଡିହ ଜିଲାସ୍ଥିତ ଉସ୍ରା ନଦୀରେ ଏକ ବସ୍ ଖସିପଡ଼ିବା ଫଳରେ ୭୦ ଯାତ୍ରୀ ମୃତ।
- କେନ୍ଦ୍ର ସରକାରଙ୍କୁ ସୁପାରିସ ପୂର୍ବକ ବିହାର ବିଧାନସଭାରେ ସର୍ବସମ୍ମତି କ୍ରମେ ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟ ଗଠନ ପ୍ରସ୍ତାବ ଗୃହୀତ।
- ଗୋପାଳପୁରର ପୂର୍ବତନ ବିଧାୟକ ଘନଶ୍ୟାମ ବେହେରାଙ୍କ ୬୦ ବର୍ଷ ବୟସରେ ପରଲୋକ।

# ପାଠକ ଶ୍ରେଷ୍ଠ ବିଚାରକ

## ଘୃଣାଭାବ ନିନ୍ଦନୀୟ

ମହାଶୟ,

ଶିକ୍ଷା, ବିଜ୍ଞାନ ଓ ସଭ୍ୟତାର ପ୍ରଭୂତ ବିକାଶ ଘଟିଥିବା ସତ୍ତ୍ୱେ ଅଧିକାଂଶ ଲୋକ ଧର୍ମ, ଅଧର୍ମର ପରିଭାଷା ସମ୍ପର୍କରେ ଏପର୍ଯ୍ୟନ୍ତ ଅଜ୍ଞ ହୋଇ ରହିଯାଇଛନ୍ତି। ସେମାନେ ବୁଝନ୍ତି ଯେ, ମନ୍ଦିର ଯାଇ ପୂଜା ଆରାଧନା କରିବାରେ ଧର୍ମ ଅର୍ଜନ ହୁଏ। ହୋମ, ଯଜ୍ଞ, ଓଷା, ବ୍ରତ, ଭଜନ କୀର୍ତ୍ତନ ଆଦି କରିବାରେ ଧର୍ମ ହୁଏ। ମାତ୍ର ସେମାନେ ବୁଝିବାକୁ ପ୍ରସ୍ତୁତ ନୁହନ୍ତି ଯେ, କେବଳ ମନ୍ଦିର, ମସ୍‌ଜିଦ, ଗୀର୍ଜା ଓ ଗୁରୁଦ୍ୱାରା ପ୍ରଭୃତିରେ ଈଶ୍ୱର ନାହାନ୍ତି। ସେ ଏକ , ଅଭିନ୍ନ ଓ ସର୍ବବିଦ୍ୟମାନ। ଧର୍ମ ଓ ଅଧର୍ମ ମଧ୍ୟରେ ଥିବା ପ୍ରଭେଦ ସମ୍ପର୍କରେ ସଂକ୍ଷେପରେ ଏତିକି କୁହାଯାଇପାରେ ଯେ ଅନ୍ୟର ମଙ୍ଗଳ ସାଧନ କରିବା, ଉପକାର କରିବା ଧର୍ମ, ଅନ୍ୟର କ୍ଷତି କରିବା ଅଧର୍ମ। ସ୍ୱାଧୀନତା ଧର୍ମ, ପରାଧୀନତା ଅଧର୍ମ। ଆସ୍ଥା ହେଉଛି ଧର୍ମ, ସଂଶୟ ହେଉଛି ଅଧର୍ମ। ଅନ୍ୟର ପ୍ରଶଂସା ହେଉଛି ଧର୍ମ ଓ ଅନ୍ୟର ନିନ୍ଦା କରିବା ଅଧର୍ମ। ଅସହାୟଙ୍କର ସେବା କରିବାଠାରୁ ବଡ଼ ଧର୍ମ କିଛି ନାହିଁ। ଧର୍ମ ହେଉଛି ଏକ ଜୀବନଧାରା। ସୁପ୍ରିମକୋର୍ଟ ଏକାଧିକବାର ଏହା ସ୍ପଷ୍ଟ କରିଥିଲେ ମଧ୍ୟ ଅନ୍ୟ ଧର୍ମପ୍ରତି ଘୃଣାଭାବ ପୋଷଣ କରିବା ନିନ୍ଦନୀୟ। ଏଣୁ ଘୃଣାଭାବରୁ ଦୂରେଇ ରହିବା ଦରକାର।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ
ହରଷ ଉପୁଜାଏ ପବନ ମନ୍ଦେ
ଉଠ ଗୋ ଉଠ ପ୍ରିୟ ! ଫୁଲକେ ମାଜି ହିଆ
ବଦନ ପଖାଳ ଗୋ ପରାଗ ଗନ୍ଧେ
ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ।

–(ପ୍ରଭାତ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବଜ୍ରପାତରେ ୫ ଗୋରୁ ମୃତ

ରିଆମାଳ,୨୨।୭(ଡି.ଏନ୍.ଏ.)-ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଡେଇଗୋଲା ଥାନା ଅନ୍ତର୍ଗତ ଚଡେଇମରା ଗ୍ରାମପଞ୍ଚାୟତର ଖିଲବେରେଣି ଗ୍ରାମରେ ବଜ୍ରପାତରେ ୫ଗୋରୁର ମୃତ୍ୟୁ ହୋଇଛି। ସୂଚନା ଅନୁସାରେ ଶୁକ୍ରବାର ଦିବା ୨ଟା ସମୟରେ ଘଡଘଡି ସହ ବର୍ଷା ରିଆମାଳ ବ୍ଲକର ବିଭିନ୍ନ ସ୍ଥାନରେ ହୋଇଥିଲା । ସେହି ସମୟରେ ଖିଲବେରେଣି ଗ୍ରାମର ଗୋପାଳ ପ୍ରଧାନ ଗ୍ରାମ ନିକଟସ୍ଥ ପଡ଼ିଆରେ ଗୋରୁ ଚରାଉଥିବା ବେଳେ ବଜ୍ରପାତ ହୋଇଥିଲା। ଗୋପାଳ ସାମାନ୍ୟ ଆହତ ହୋଇଥିଲେ। କିନ୍ତୁ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଥପା, ବିନୋଦ ସେଠୀ ଓ କାଳିଆ ବିଶ୍ୱାଳଙ୍କ ଗୋଟିଏ ଲେଖାଏଁ ଏବଂ ଗୋପାଳ ପ୍ରଧାନଙ୍କ ଦୁଇଟି ଗୋରୁଙ୍କ ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ଚାଷ କାର୍ଯ୍ୟ ଜାରିରହିଥିବା ବେଳେ ଚାଷୀମାନେ ଚାଷ କିଭଳି କରିବେ ଚିନ୍ତାରେ ଅଛନ୍ତି। ଜିଲା ପ୍ରଶାସନ ତୁରନ୍ତ ତଦନ୍ତ କରି ସହାୟତା ଯୋଗାଇ ଦେଲେ ଚାଷୀମାନେ ବଳଦ କିଣି ଚାଷ କାର୍ଯ୍ୟ କରିପାରିବେ ବୋଲି ମତ ରଖିଛନ୍ତି।

# ସ୍ମାରକପତ୍ର ଦେଲା କେକେଡି

ରାଉରକେଲା ଅଫିସ,୨୨।୭



କେକେଡିର କର୍ମକର୍ତ୍ତାମାନେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଛନ୍ତି।

### ବେଦବ୍ୟାସଙ୍କୁ ଜାତୀୟ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

ରାଉରକେଲା ବେଦବ୍ୟାସ ଶୈବପୀଠକୁ ଜାତୀୟ ପର୍ଯ୍ୟଟନସ୍ଥଳର ମାନ୍ୟତା ପ୍ରଦାନ ଦାବି ଜୋର୍ ଧରିଛି। ଏହି କ୍ରମରେ କୋଶଳ କ୍ରାନ୍ତି ଦଳ (କେକେଡି)ର କର୍ମକର୍ତ୍ତାମାନେ ଶୁକ୍ରବାର ଉଦିତନଗର ସ୍ଥିତ ରାଉରକେଲା ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ବେଦବ୍ୟାସ ପୀଠ ହେଉଛି ପଶ୍ଚିମ ଓଡ଼ିଶାର ଏକ ଐତିହାସିକ ପର୍ଯ୍ୟଟନସ୍ଥଳୀ। ରାଜ୍ୟ ସରକାର ଓଡିଶାର ଉପକୂଳ ପର୍ଯ୍ୟଟନ ସ୍ଥଳୀଗୁଡିକର ଉନ୍ନତୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବେଦବ୍ୟାସ ପୀଠର ଉନ୍ନତି କରଣ ପାଇଁ ଆଜିଯାଏ କୌଣସି ପଦକ୍ଷେପ ନେଇନାହାନ୍ତି। ଭାରତ ବର୍ଷରେ ବେଦବ୍ୟାସ ଏକ ପ୍ରମୁଖ ଶୈବପୀଠ ଏବଂ ମହାଭାରତର ରଚୟିତା ବ୍ୟାସଦେବଙ୍କ ଜନ୍ମସ୍ଥଳ ଭାବେ ପରିଚିତ। ଏହି ପୀଠର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବା ସହ ବେଦବ୍ୟାସ ଛକରେ ବ୍ୟାସଦେବଙ୍କ ପୂର୍ଣ୍ଣାଙ୍ଗ ମୂର୍ତ୍ତି ସ୍ଥାପନ କରିବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ଆଗାମୀ ଦିନରେ ଏହି ପୀଠର ଉନ୍ନତୀକରଣ କରା ନ ଗଲେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିକ୍ଷୋଭ କାର୍ଯ୍ୟକ୍ରମରେ କୋଶଳ କ୍ରାନ୍ତି ଦଳର ଜିଲା ସଭାପତି ମନୋଜ ରାଉତିଆ, ରାଜ୍ୟ ସମ୍ପାଦକ ରାମଚନ୍ଦ୍ର ଅମାତ, ହୃଦାନନ୍ଦ ବେହେରା, ଫିଲମୋନ ଟପ୍ପୋ, ଅନୁପ ଅଗ୍ରୱାଲ, ବିନୋଦ ରାଉତ, ପ୍ରଦୀପ ବେହେରା, ମନୋଜ ରଣା, ଜୟ ପ୍ରକାଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଦେବଗଡ଼ ଜିଲା କଂଗ୍ରେସର ବିକ୍ଷୋଭ




ଦେବଗଡ଼,୨୨।୭ (ଡି.ଏନ୍.ଏ.)

### ସୋନିଆଙ୍କୁ ଇଡିର ସମନ ପ୍ରତିବାଦ

ଅଖିଳ ଭାରତ କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ କେନ୍ଦ୍ର ସରକାର ଇଡିକୁ ବ୍ୟବହାର କରି ମିଥ୍ୟା ମାମଲାରେ ସମନ କରି ଦଳକୁ ବଦନାମ କରୁଥିବା ଅଭିଯୋଗ କରି ଶୁକ୍ରବାର ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ଜିଲା ମୁଖ୍ୟ ଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବାହ୍ନରେ ଜିଲା ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ବହୁ ଦଳୀୟ କର୍ମକର୍ତ୍ତା ଓ ପଦାଧିକାରୀ ଏକ ଶୋଭାଯାତ୍ରାରେ ଜିଲା ମୁଖ୍ୟ ଡାକଘର ସମ୍ମୁଖରେ ପହଞ୍ଚି କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ସେମ ହେମ୍ରମ, ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାଏକ, ଉପସଭାପତି ସୁବାଷ ଚନ୍ଦ୍ର ଭୋଇ, ନଗର ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ କୁମାର ମିଶ୍ର, ନେତ୍ରାନନ୍ଦ ସାମଲ, ବିନୋଦ କୁମାର ନାଏକ, ସଚ୍ଚିଦାନନ୍ଦ ପଟ୍ଟନାୟକ, ବସନ୍ତ କୁମାର ମିଶ୍ରଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।

# କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ




ରାଉରକେଲା ଅଫିସ,୨୨।୭

### କେନ୍ଦ୍ର ସରକାରଙ୍କ ଏକଛତ୍ରବାଦୀ ନୀତିକୁ ବିରୋଧ

କେନ୍ଦ୍ର ସରକାରଙ୍କ ଏକଛତ୍ରବାଦ ନୀତି ଓ ଭାରତ ସରକାରଙ୍କ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମିଥ୍ୟା ମାମଲାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଜେରା କରିବା ପ୍ରତିବାଦରେ ଦଳ ପକ୍ଷରୁ ଦେଶ ସାରା ପ୍ରତିବାଦ କରାଯାଇଛି। ଏହି କ୍ରମରେ ରାଉରକେଲା ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଉଦିତନଗର ସ୍ଥିତ ଆମ୍ବେଡ଼କର ଛକରେ କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ କଂଗ୍ରେସର ବହୁ କର୍ମୀ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ମନମୁଖୀ ଶାସନ ଓ ଭାଜପା ସରକାରଙ୍କ ବିରୋଧରେ ମତବ୍ୟକ୍ତ କରିଥିଲେ। ମୋଦି ସରକାର ଯେଭଳି କଂଗ୍ରେସ ବିରୋଧରେ ମିଥ୍ୟା ପ୍ରଚାର କରିବା ସହ ଦେଶବାସୀଙ୍କୁ ଅଚ୍ଛାଦିନର ସ୍ୱପ୍ନ ବିଶ୍ୱାସଘାତ କରିଛି ଆଗାମୀ ଦିନରେ କଂଗ୍ରେସ ଦଳ ପକ୍ଷରୁ ତାହାର ଦୃଢ଼ ଜବାବ ଦିଆଯିବ ବୋଲି ଜିଲା କଂଗ୍ରେସ ମହିଳା ସଭାନେତ୍ରୀ ନିରୁପମା ବଳିଆରସିଂ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ବରିଷ୍ଠ ନେତା ବିରେନ ସେନାପତି, ସବୀର ହୁସେନ, ରବି ରାୟ, ରଶ୍ମି ପାଢ଼ୀ, ଶେଖ୍ ଫିରଦୋସ, ଜ୍ଞାନେନ୍ଦ୍ର ଦାସ, ଗଣେଶ ପ୍ରଧାନ, ପ୍ରଫୁଲ୍ଲ ପରିଜା, ବନମାଳୀ ସାହୁ, ତ୍ରୈଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷାରେ ଧୋଇଗଲା ବସ୍ତି ରାସ୍ତା

ରାଉରକେଲା ଅଫିସ,୨୨।୭

ରାଉରକେଲା ସହର ସ୍ମାର୍ଟସିଟିର ମାନ୍ୟତା ପାଇବା ପରେ ବହୁ ଉନ୍ନତିମୂଳକ କାର୍ଯ୍ୟ ଚାଲିଛି। କେଉଁଠି ରାସ୍ତା ଭଙ୍ଗାଯାଇ ଚଉଡା କରାଯାଉଛି ତ ଆଉ କେଉଁଠି ପାର୍କ ନିର୍ମାଣ କରାଯାଉଛି। କିନ୍ତୁ ସହରରେ ବାସ କରୁଥିବା ବିଭିନ୍ନ ବସ୍ତି ଅଞ୍ଚଳରେ ବିଭିନ୍ନ ସମସ୍ୟା ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତି ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟାରେ ରାଉରକେଲା ବିଶ୍ରା ଛକ ନିକଟ ମଛଲି ବସ୍ତିରେ ଦେଖିବାକୁ ମିଳିଛି। ବସ୍ତିରେ ୬ଶହରୁ ଉର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ଏଠାରେ ବର୍ଷାଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଗୁରୁବାର ରାତିରେ ହୋଇଥିବା ପ୍ରବଳ ବର୍ଷାରେ ସ୍ଥାନୀୟ ବସ୍ତିବାସୀଙ୍କ ଘରେ ପାଣି ପଶିଯାଇଥିବା ଅଭିଯୋଗ ହୋଇଛି। ସେହିପରି ବର୍ଷାପାଣି ବସ୍ତି ଭିତରେ ଜମି ରହିବା ସହ ବସ୍ତି ଭିତରକୁ ଯିବା ପାଇଁ ରାସ୍ତା ସମ୍ପୂର୍ଣ୍ଣ ଧୋଇ ଯାଇଛି। ଫଳରେ ବସ୍ତିବାସିନ୍ଦା ଯାତାୟାତରେ ହଇରାଣ ହୋଇଥିଲେ। ବସ୍ତିବାସୀ ଏକତିତ୍ର ହୋଇ ମାଟି ପକାଇ ରାସ୍ତା ତିଆରି କରିବା ପରେ ଯାତାୟାତ ହୋଇଥିଲା। ପ୍ରତିବର୍ଷ ବର୍ଷାଦିନେ ଏହି ବସ୍ତିରେ ପାଣି ପଶୁଛି। ବର୍ଷା ଜଳ ଜମି ରହିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସାଙ୍ଗକୁ ବସ୍ତି ଭିତରକୁ ସ୍କୁଲ ଅଟୋ, ଆମ୍ବୁଲାନ୍ସ ଯିବାଆସିବା ବାଧାପ୍ରାପ୍ତ ହୋଇଥାଏ ବୋଲି ମୀନା ତିର୍କୀ, ବୈଦ୍ୟନାଥ ସାହୁ, ରକି ସୋନି, ବଣ୍ଟି ସିଂ ପ୍ରମୁଖ ବସ୍ତି ବାସିନ୍ଦା କହିଛନ୍ତି। ସ୍ଥାନୀୟ ପ୍ରଶାସନ ଯଥାଶୀଘ୍ର ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

# ଜିଲାପାଳଙ୍କ ସହିତ ସିପିଆଇ ପ୍ରତିନିଧି ମଣ୍ଡଳୀଙ୍କ ଆଲୋଚନା

ସୁନ୍ଦରଗଡ଼, ୨୨।୭(ଡି.ଏନ୍.ଏ)


ଜିଲାପାଳଙ୍କ ସହିତ ସିପିଆଇ ପ୍ରତିନିଧିମଣ୍ଡଳୀ ବିଭିନ୍ନ ଦାବିନେଇ ଆଲୋଚନା କରୁଛନ୍ତି।

ସିପିଆଇ ସୁନ୍ଦରଗଡ଼ ଜିଲା କମିଟିର ଏକ ପ୍ରତିନିଧିମଣ୍ଡଳୀ ଶୁକ୍ରବାର ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦଙ୍କୁ ସାକ୍ଷାତ କରି ଜିଲାର ସାମଗ୍ରିକ ବିକାଶ ପାଇଁ ଆଲୋଚନା କରି ୩୧ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଦେଇଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ଜିଲା ସମ୍ପାଦକ ପ୍ରଦୋଷ କୁମାର ମହାନ୍ତି, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତଥା ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଦାଶ, ପ୍ରଦୂଷଣ ବିରୋଧୀ ଓ ବିସ୍ଥାପିତ ସଂଘ ନେତା ରାଜେନ୍ଦ୍ର ନାଏକ, ଶୁକଦେବ ପଧାନ, ଆଇନଜୀବୀ ସନ୍ତୋଷ ଆଚାର୍ଯ୍ୟ, ତରଣୀସେନ ରଣା, ଦୌଲତ ବାଘ, ରବୀନ୍ଦ୍ର ବେହେରା, ଭୋଳାନାଥ ଭୋଏ, ମମତା ସା ପ୍ରମୁଖ ସାମିଲ ହୋଇ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଜିଲାରେ ପ୍ରଚୁର ପରିମାଣରେ ଖଣି, ଖାଦାନ, ଶିଳ୍ପପ୍ରତିଷ୍ଠା ହୋଇଥିଲେ ସୁଦ୍ଧା ଏହି ଜିଲାରେ ଦାଦନ ସମସ୍ୟା ଲାଗିରହିଛି। ଶିକ୍ଷା ,ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, କୃଷି, ବେକାରୀଙ୍କୁ ନିଯୁକ୍ତି, ପ୍ରଦୂଷଣସମସ୍ୟା, ବିସ୍ଥାପନ ସମସ୍ୟା, ଖଣି ପ୍ରଭାବିତ ଅଞ୍ଚଳରେ ଜମି ଓ ବାସ ହରାଉଥିବା ପରିବାରର ପିଲାଙ୍କ ଦକ୍ଷତା ବୃଦ୍ଧି ପାଇଁ ମାଗଣାରେ ତାଲିମ ଦେବାର ବ୍ୟବସ୍ଥା କରିବା, ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଆଦି ଦାବିନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଦାବିଗୁଡିକ ଶୁଣି ଆଗାମୀ ଦିନରେ ଦାବିପୂରଣ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ବୁଷ୍ଟର ଡୋଜ ନେଲେ ୪୫ ବନ କର୍ମଚାରୀ

**କୁଆଁରମୁଣ୍ଡା,୨୨।୭(ଡି.ଏନ.ଏ):** କୁଆଁରମୁଣ୍ଡା ବନ ବିଭାଗ ପକ୍ଷରୁ ଶୁକ୍ରବାର ରେଞ୍ଜ କାର୍ଯ୍ୟାଳୟର ସମସ୍ତ ବନ କର୍ମଚାରୀ ଓ ସେମାନଙ୍କର ପରିବାରବର୍ଗଙ୍କୁ କରୋନର ବୁଷ୍ଟର ଡୋଜ ପ୍ରଦାନ ନିମନ୍ତେ ଏକ ଶିବିର ଆୟୋଜିତ କରାଯାଇଥିଲା। ଏଥିରେ ବନ ରେଞ୍ଜ କାର୍ଯ୍ୟାଳୟ ଅଧିନ ସମସ୍ତ ବନାଞ୍ଚଳର ବନପାଳ, ବନରକ୍ଷୀଙ୍କ ସମେତ ଅସ୍ଥାୟୀ କର୍ମଚାରୀ ବିଶେଷ କରି ହାତୀ ଘଉଡାଳୀ ଦଳ, ନର୍ସରୀ ଦଳର କର୍ମଚାରୀ ଓ ସେମାନଙ୍କର ପରିବାରବର୍ଗଙ୍କୁ ଏହି ଶିବିରରେ ଏକାଠି କରାଯାଇ ବୋଷ୍ଟର ଡୋଜ ପ୍ରଦାନ କରାଯାଇଛି। ଏହି ବୁଷ୍ଟର ଡୋଜକୁ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀମାନେ ଶିବିରକୁ ଯାଇ ପ୍ରଦାନ କରିଛନ୍ତି। ଶିବିର ପ୍ରାରମ୍ଭରେ କୁଆଁରମୁଣ୍ଡା ବନ ରେଞ୍ଜ ଅଧିକାରୀ ସ୍ୱାଧିନତା ସାହାଣୀ କରୋନା ସମ୍ପର୍କୀତ ସଚେତନତା ସମ୍ପର୍କରେ କହିଥିଲେ।


## ODISHA PUBLIC SERVICE COMMISSION, CUTTACK
### NOTICE

No. 6762/PSC Dt.22.07.2022
PF-1E-11-2021/22 (DR-III)

No. D-115: It is for information of all concerned that, 128 (One hundred twenty-eight) candidates bearing following PPSAN have been called for the physical verification of original Certificates/Documents to determine their eligibility and suitability for recruitment to the Post of **Post Graduate Teacher in Chemistry** for 17 Nos. of stand-alone Government Higher Secondary Schools, pursuant to Advt. No. 24 of 2021-22. The document verification shall be held in office of the Commission at 19, DR, P.K. Parija Road, Cuttack as per the following programme detailed below:

**PROGRAMME OF DOCUMENT VERIFICATION**

| Date | Time | PPSAN of Candidates |
|---|---|---|
| 01.08.2022 | 10.30 A.M. | 00068003, 00043916, 00040402, 00116385, 00117259, 00114755, 00050104, 00133487, 00115155, 00101047, 00116483, 00115021, 00118222, 00098357, 00101409 & 00103191 **= 16 Candidates** |
| | 02.30 P.M. | 00124214, 00023562, 00097406, 00127299, 00120434, 00095935, 00117755, 00128329, 00115108, 00101331, 00102522, 00114672, 00090635, 00100278, 00095440 & 00089884 **= 16 Candidates** |
| 02.08.2022 | 10.30 A.M. | 00101505, 00103983, 00103025, 00115690, 00124309, 00125555, 00046358, 00031603, 00117381, 00078090, 00101659, 00098955, 00100737, 00101368, 00114360 & 00032995 **= 16 Candidates** |
| | 02.30 P.M. | 00101227, 00086428, 00121126, 00118855, 00063000, 00092828, 00050643, 00095060, 00117431, 00117045, 00120540, 00074960, 00119212, 00098083, 00021427 & 00123358 **= 16 Candidates** |
| 03.08.2022 | 10.30 A.M. | 00120268, 00116651, 00122337, 00122320, 00102496, 00099208, 00130872, 00100509, 00117726, 00102698, 00121474, 00090300, 00124184, 00124953, 00119702 & 00018234 **= 16 Candidates** |
| | 02.30 P.M. | 00020636, 00117604, 00052957, 00103796, 00126900, 00100667, 00126507, 00123750, 00101968, 00120537, 00114038, 00056313, 00047809, 00040546, 00034988 & 00114713 **= 16 Candidates** |
| 04.08.2022 | 10.30 A.M. | 00122193, 00127159, 00069756, 00068893, 00130218, 00114085, 00051858, 00099811, 00099838, 00034390, 00123744, 00052626, 00116905, 00115017, 00116106 & 00127991 **= 16 Candidates** |
| | 02.30 P.M. | 00099523, 00122039, 00118582, 00103456, 00114399, 00104739, 00114011, 00101633, 00115111, 00101879, 00103683, 00081544, 00066006, 00115447, 00118063 & 00125171 **= 16 Candidates** |

The candidates are required to bring one set of self-attested photocopies of all the documents along with all original documents for verification as mentioned below:

1. Hard copy of the online application form. While submitting the hard copy of online application form you are requested to mask the Mobile No./Alternative Mobile No. and Email ID through blackening.
2. Three recent passport size photographs.
3. Duly filled in and attested "Attestation Form" and duly filled in Bio-data Form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/Council.
5. Post-Graduation Certificate/Master's Degree in the subject concerned in respect of educational qualification prescribed.
6. B.Ed. Certificate.
7. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of educational qualification prescribed;
9. Odia Test Pass Certificate.
10. Caste Certificate claim as S.T./S.C./S.E.B.C. wherever applicable.
11. Permanent Disability Certificate (including percentage of permanent disability i.e. 40% and more).
12. Ex-Servicemen are required to attach copy of Discharge Certificate issued by the Commanding Officer of the unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable.
13 Sports Persons Certificate issued by the Director of Sports, Odisha.
14. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0119/2223 **Sd./- Secretary**


# ମୃତା ଯୁବତୀଙ୍କ ପରିଚୟ ମିଳିଲା

ରାଉରକେଲା ଅଫିସ,୨୨।୭

ବ୍ରାହ୍ମଣୀ ନଦୀରେ ବୁଡି ମୃତ୍ୟୁବରଣ କରିଥିବା ଯୁବତୀଙ୍କ ପରିଚୟ ମିଳିଛି। ମୃତ ଯୁବତୀ ଜଣଙ୍କ ହେଲେ ସେକ୍ଟର-୧୪ର ଜୁଲି ମୁଣ୍ଡାରୀ(୩୫)। ଗତ ବୁଧବାର ଅପରାହ୍ନ ସାଢ଼େ ୨ଟାରେ ବ୍ରାହ୍ମଣୀ ନଦୀରେ ତାଙ୍କ ମୃତଦେହ ଭାସିଆସି କୂଳରେ ଲାଗିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ରଘୁନାଥପାଲି ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କ ମୃତଦେହ ଉଦ୍ଧାର କରି ଆରଜିଏଚ୍ ମର୍ଗ ହାଉସ୍‌କୁ ନେଇଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯୬।୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ମୃତଦେହ ବ୍ୟବଚ୍ଛେଦ ହୋଇ ନ ଥିବାବେଳେ ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ରଘୁନାଥପାଲୀ ଥାନାଧିକାରୀ ସୁବ୍ରତ ମେହେରା ସୂଚନା ଦେଇଛନ୍ତି।


### ବିଜ୍ଞାପନ

ଓଡ଼ିଶାର ସମସ୍ତ ବୈଶ୍ୟକରଣ ଜାତିର ପ୍ରତ୍ୟେକ ଗ୍ରାମମାନଙ୍କର ସୂଚନା ସମ୍ବନ୍ଧରେ ଗ୍ରାମ, ବ୍ଲକ୍ ଓ ଜିଲ୍ଲାର ନାମ ସହିତ ବ୍ୟକ୍ତିଙ୍କର ନାମ ଓ ଠିକଣା, ଟେଲିଫୋନ୍ ନଂ. ଏବଂ ହ୍ୱାଟ୍‌ସ ଆପ୍ ନଂ.କୁ ଶ୍ରୀ କିଶୋର ଚନ୍ଦ୍ର ପଟ୍ଟନାୟକ, ଗ୍ରା/ପୋ- ଶଙ୍ଖାମେରୀ, ବ୍ଲକ୍- ବଡ଼ମ୍ବା, ଜିଲ୍ଲା- କଟକ, ମୋ.- ୯୨୩୭୪୨୧୮୬୩, ହ୍ୱାଟ୍‌ସ ଆପ୍ ନଂ.- ୯୪୩୭୧୭୦୭୧୭, ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.- ୧୯୮୨/୧୯୮୫, ତିନିମୁଣ୍ଡିଆ ଦେଉଳ, ସ୍ୱସ୍ତିକ ନିବାସ, ଓଲ୍ଡ ଟାଉନ୍ ପାଖ, ଭୁବନେଶ୍ୱରଙ୍କ ନିକଟକୁ ଅତି ଶୀଘ୍ର ପଠାଇବାକୁ ଅନୁରୋଧ ।

ସ୍ୱା./- କିଶୋରଚନ୍ଦ୍ର ପଟ୍ଟନାୟକ


## ଆମୃଦା ପ୍ରସାଦ ଜେନା ଦ୍ୱାଦଶ ପରୀକ୍ଷାରେ ଦେବଗଡ଼ ଜିଲା ଟପ୍ପର

ଦେବଗଡ଼ ୨୨।୭ (ଡି.ଏନ୍.ଏ.)

ସିବିଏସଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାରେ ବୁଢ଼ାପାଳ ସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ର ଆମୃଦା ପ୍ରସାଦ ଜେନା ୪୭୩ ନମ୍ବର ରଖି ଦେବଗଡ଼ ଜିଲା ଟପ୍ପର ହୋଇଥିବା ଜଣାପଡିଛି। ସେହିପରି ବୁଢ଼ାପାଳ ଆଦର୍ଶ ବିଦ୍ୟାଳୟର ତାପସ ରଞ୍ଜନ ସାହୁ ଓ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ପ୍ରଧାନ ୪୭୦ ନମ୍ବର ଲେଖାଏଁ ରଖି ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବୁଢ଼ାପାଳ ଆଦର୍ଶ ବିଦ୍ୟାଳୟର ଛାତ୍ର ସ୍ମୃତିରଞ୍ଜନ ନାୟକ ୪୬୪ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ବୁଢ଼ାପାଳ ଆଦର୍ଶ ବିଦ୍ୟାଳୟର ୫୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୪୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟରେ ୩୭ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୩୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଜବାହାର ନବୋଦୟ ବିଦ୍ୟାଳୟର ୪୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୪୧ ଜଣ କୃତକାର୍ଯ୍ୟ ହୋଇଛନ୍ତି।


## ଡାକ ବିଭାଗ (ସିଭିଲ ୱିଙ୍ଗ୍)
### ଶତକଡ଼ା ଦର ଇ-ଟେଣ୍ଡରର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ୍ ଶତକଡ଼ା ଦର କମ୍ପୋଜିଟ୍ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

୧. ଏନ୍‌ଆଇଟି ନଂ.୧୯/ସିଡିବି/୨୦୨୨-୨୩ (ଦ୍ୱିତୀୟ ଆହ୍ୱାନ)। କାର୍ଯ୍ୟର ନାମ: ସୁନ୍ଦରଗଡ଼ ଡିଭିଜନ ଅଧୀନରେ ଲେଫ୍ରିପଡ଼ାଠାରେ କ୍ଷୁଦ୍ର ଡାକ କାର୍ଯ୍ୟାଳୟ ଭବନର ନିର୍ମାଣ। ଅଟକଳ ମୂଲ୍ୟ: ଟ.୩୯,୦୬,୮୧୮.୦୦, ଅମାନତ ରାଶି: ଟ.୭୮,୧୩୬.୦୦, ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୦୧।୦୮।୨୦୨୨ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର



## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଉପ ମହାପ୍ରବନ୍ଧକ (ବିଦ୍ୟୁତ୍) ଙ୍କ କାର୍ଯ୍ୟାଳୟ
ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ବାଲେଶ୍ୱର
CIN-U40102OR2004SGC007553
Lifeline of Odisha

No.CAD-1222 **ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଚାଂରଣ ନିଗମ ଲି (ଓପିଟିସିଏଲ) ଦ୍ୱାରା ୧୩୨/୩୩ କେ.ଭି ଗ୍ରୀଡ୍ ସବ୍‌ଷ୍ଟେସନ, ଚାନ୍ଦିପୁର ପାଇଁ ୧୩୨ କେ.ଭି ଲାଇନ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଅଛି।

ଏହି ଲାଇନ୍‌ଟି ନୂଆପଡ଼ା, ରଘୁନାଥପୁର, ନାରଣବାଡ଼, ନାଚିନ୍ତା, ଉପରପାଟଣା, କାଳିକାପୁର, ମହାରାଜପୁର, ବୋଇତା, ରହିନିଗାଡ଼ିଆ, ଶ୍ରୀଜଙ୍ଗ, ତୁଣ୍ଡରା, କୁଆଁରପୁର, ରସାଳପୁର, ଚାନ୍ଦିପୁର, ଛେଳିଆପଦା, ସାହାଦା ନଗର, ଜୟଦେବ କଷପା, ମଝିକିଆ, ପଦ୍ମପୁର, ତାଳପଡ଼ା, ଗୁଡ୍ଡ, ରଣସାହି, ହିଡ଼ିଗାଁ ଇତ୍ୟାଦି ଗ୍ରାମ ପାର୍ଶ୍ୱ ଦେଇ ଅତିକ୍ରମ କରୁଅଛି। ଉକ୍ତ ଲାଇନ୍‌ରେ ଆସନ୍ତା ତା. ୨୫.୦୭.୨୦୨୨ ରିଖ ଠାରୁ ଯେକୌଣସି ସମୟରେ ବିଦ୍ୟୁତ ସଂଯୋଗ କରାଯାଇ ବିଦ୍ୟୁତ୍ ପ୍ରବାହ କରାଯିବ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ଧାରା ୧୯୫୬ ଅର୍ନ୍ତଗତ ଧାରା ୭୯,୮୦, ୮୨(କ) ଅନୁଯାଇ ଲାଇନ୍ ଗୁଡିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ । ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ । ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଟାୱାରରେ ଚଢ଼ିବା କିମ୍ବା ଗୋରୁଗାଈ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି। ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ।

ସ୍ୱା/-ଉପ ମହାପ୍ରବନ୍ଧକ(ବିଦ୍ୟୁତ)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ବାଲେଶ୍ୱର

FIPR-24/2022-23
OIPR-04011/11/0054/2223



## OFFICE OF THE DIRECTOR OF PHYSICAL PLANTS
## OUAT, BHUBANESWAR
### "e"-Procurement Notice No. 05/2022-23

| | | |
|---|---|---|
| 1 | Name of the work | 02 number works of OUAT at Bhubaneswar |
| 2 | Estimated cost | Rs.33.87 lakhs to Rs.211.80 lakh approximate |
| 3 | Period of completion | 03 to 08 calendar months |
| 4 | Date and time of availability of bid documents in the portal | From Dt.27.07.2022 to 17.00 hrs. of dt.08.08.2022. |
| 5 | Last date / time for receipt of bids inthe portal | Dt.08.08.2022 upto 17.00 hrs. |
| 6 | Submission of original documents [TP cost, EMD (Bid security declaration) & Affidavit (Schedule-F) etc. as per DTCN] | During office hours from dt.10.08.2022 to dt.12.08.2022 upto 17.00 hrs. in the office of the undersigned. |
| 7 | Date of opening of bid through online | (A) Single Cover System- 1 No. (B) Double Cover System (Cover-I)- 1 No. will be opened on Dt.16.08.2022 at 11.00 hrs. in the office of the undersigned. |

Further details can be seen from the e-procurement portal https://tendersodisha.gov.in.

**N.B.: Subsequent corrigendum / addendum if required shall be available in the website as indicated above.**

**Sd./- Director of Physical Plants**
**OUAT, Bhubaneswar**



## OFFICE OF THE EXCISE COMMISSIONER, ODISHA, CUTTACK
### NOTICE

**Re-engagement of retired Government Servants against the vacant post of SO, ASOs, Personal Assistant & Stenographer in the Office of the Excise Commissioner, Odisha, Cuttack**

No. 10481 / Ex., Dt.20.07.2022

No.F-151:- Applications are invited from the willing retired Personal Assistant, Stenographer as well as ministerial officers (Only superannuated officers) in the enclosed format for re-engagement of 07 (Seven) Nos. of O.S.Ds in the Office of the Excise Commissioner, Odisha, Cuttack against the vacant posts of Section Officer-1, Assistant Section Officer-4, Personal Assistant-1 and Stenographer-1 for a period of 1 year or till the posts are filled up by the regular process, whichever is earlier. The retired Government servants below the age of 64 years may submit their application in the prescribed form to the Excise Commissioner, Odisha, Cuttack by Registered Post / Speed Post so as to reach on or before dt.05.08.2022. A consolidated remuneration as contained inthe Finance Department O.M. No. 7022/F. dtd. 17.03.2018 shall be applicable to the selected candidates during the period of their re-engagement.

The shortlisted candidates are required to appear for an interview before the selection committee which will be conducted on dt.16.08.2022 at 11.00 A.M. inthe Office of the Excise Commissioner, Odisha, Cuttack.

Guidelines regarding criteria and terms and conditions laid down vide G.A. & P.G. Department Resolution No.23750/ Gen. Dt.27.08.2014 and the application forms may be downloaded from this Directorate website https://stateexcise.odisha.gov.in/.

**Sd./- Excise Commissioner, Odisha**
OIPR-36002/11/0001/2223

## ସଂକ୍ଷେପରେ

### ହୀରାକୁଦ ଜଳଭଣ୍ଡାରରୁ ମହିଳାଙ୍କ ମୃତଦେହ ଜବତ

ଝାରସୁଗୁଡ଼ା ଅଫିସ,୨୨।୭: ଲଖନପୁର ଥାନା ବଲଣ୍ଡା ଗ୍ରାମ ନିକଟ ହୀରାକୁଦ ଜଳଭଣ୍ଡାରରୁ ପୋଲିସ ଗୁରୁବାର ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ କରିଛି। ଜଳଭଣ୍ଡାରରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ଥାନାରେ ଜଣାଇଥଲେ । ଖବରପାଇ ଏସ୍‌ଡିପିଓ ଗୁପ୍ତେଶର ଭୋଇ, ମାଜିଷ୍ଟ୍ରେଟ ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଲଖନପୁର ଥାନା ଆଇଆଇସି ଇଗ୍ନେଶ ବାର୍ଲା, ରେଙ୍ଗାଲି ଥାନା ଆଇଆଇସି କ୍ରେସାନିଆ ସାମରିଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ଏକ ମାମଲା (ନଂ.୧୭/୨୨) ରୁଜୁକରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଗତ ୩୦ତାରିଖରୁ ରେଙ୍ଗାଲି ଥାନା ଅନ୍ତର୍ଗତ କତରବଗା ଗ୍ରାମର ଗୌର ପ୍ରଧାନଙ୍କ ସ୍ତ୍ରୀ ଗୀତାଞ୍ଜଳି ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ନିଖୋଜ ମହିଳାଙ୍କ ଭାଇ ଲକ୍ଷ୍ମଣ ସାହୁ ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକେ ମାରିଦେଇଛନ୍ତି ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ଜବତ ମୃତଦେହ ଗୀତାଞ୍ଜଳିଙ୍କର କି ନୁହେଁ ଚିହ୍ନଟ ପାଇଁ ପୋଲିସ ବାପଘର ଓ ଶାଶୁଘର ଲୋକଙ୍କୁ ଡାକିଥିଲା। ଏହା ଗୀତାଞ୍ଜଳିଙ୍କର ନୁହେଁ ବୋଲି ତାଙ୍କ ସ୍ୱାମୀ କହିଥିବାବେଳେ ଲକ୍ଷ୍ମଣ ଏହା ତାଙ୍କ ଭଉଣୀଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ। ଏଭଳିସ୍ଥିତିରେ ପୋଲିସ ପ୍ରମାଣ ପାଇଁ ତାଙ୍କର ଡିଏନ୍‌ଏ ଟେଷ୍ଟ କରାଯିବ ବୋଲି କହିଛି।

### ଝାରସୁଗୁଡ଼ା ଡିଏଭି ସ୍କୁଲର ସଫଳତା

ଝାରସୁଗୁଡ଼ା ଅଫିସ,୨୨।୭: ସିବିଏସ୍‌ଇ ପରିଚାଳିତ ଦ୍ୱାଦଶ ଓ ଦଶମ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶିତ ହୋଇଛି। ଏଥିରେ ଝାରସୁଗୁଡ଼ା ଡିଏଭି ସ୍କୁଲକୁ ଶତପ୍ରତିଶତ ସଫଳତା ମିଳିଛି। ଦ୍ୱାଦଶ ବିଜ୍ଞାନରେ ୯୭ ଜଣ, ବାଣିଜ୍ୟରେ ୪୯ ଓ ହ୍ୟୁମାନିଟିଜରେ ଜଣେ ସର୍ବମୋଟ ୧୪୭ ଜଣ ପରୀକ୍ଷା ଦେଇଥିଲେ। ଏଥିମଧ୍ୟରେ ୩୯ଜଣ ୯୦ ପ୍ରତିଶତରୁ ଅଧିକ, ୩୮ ଜଣ ୮୦ରୁ ୯୦ ପ୍ରତିଶତ ମଧ୍ୟରେ ନମ୍ବର ରଖିଛନ୍ତି। ଦ୍ୱାଦଶ ବିଜ୍ଞାନରେ ଅର୍ଚ୍ଚନା ନାଏକ ୯୭.୮ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ଦଶମରେ ମୋଟ ୨୧୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୩୮ଜଣ ୯୦ ପ୍ରତିଶତରୁ ଅଧିକ, ୫୬ଜଣ ୮୦ରୁ ୯୦ ପ୍ରତିଶତ ମଧ୍ୟରେ ନମ୍ବର ପ୍ରାପ୍ତ ହୋଇଛନ୍ତି। ନିହାରିକା ମହାନ୍ତି ସର୍ବାଧିକ ୯୮ ପ୍ରତିଶତ ନମ୍ବର ରଖିଛନ୍ତି। ବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### କୃଷି ବିଭାଗ ପକ୍ଷରୁ ମୁଗ, ଧନିଚା ବିହନ ବଣ୍ଟନ

ଜମନକିରା,୨୧।୭(ଡି.ଏନ.ଏ.): ଜମନକିରା ବ୍ଲକ ଅନ୍ତର୍ଗତ କୃଷି ସୂଚନା ଓ ପରାମର୍ଶ କାର୍ଯ୍ୟାଳୟରେ ଶୁକ୍ରବାର ଟିକିଲିପଡା, ଟିକିବା ଗ୍ରାମପଞ୍ଚାୟତର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମାଗଣାରେ ମୁଗ ଓ ଧନିଚା ଚାଷ ପାଇଁ ବିହନ ବଣ୍ଟନ କରାଯାଇଥିଲା। ଜମନକିରା ବନାଞ୍ଚଳ ଆମ ଜଙ୍ଗଲ ଯୋଜନାରେ ନିୟୋଜିତ ସହଯୋଗୀ ସଂସ୍ଥା ସିଡିର ସହଯୋଗରେ ଜମନକିରା କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝି, କୃଷି ଅଧିଦର୍ଶକ ସତ୍ୟନାରାୟଣ ପଣ୍ଡା ଓ ଟିକିବା ସରପଞ୍ଚ ମମତା ଭେଙ୍ଗରା ଚାଷୀମାନଙ୍କୁ ଧନିଚା ଚାଷର ଉପକାରିତା ବିଷୟରେ ଅବଗତ କରାଇଥିଲେ।

### ଅବକାରୀ ଚଢାଉ: ମଦ ଜବତ, ୨ ଗିରଫ

କୁଚିଣ୍ଡା,୨୨।୭(ଡି.ଏନ.ଏ.): କୁଚିଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୨ ଜଣଙ୍କୁ ଗିରଫ ସହ ସେମାନଙ୍କଠାରୁ ୪୦ ଲିଟର ମହୁଲି ମଦ ଜବତ ହୋଇଛି। ଗିରଫ ଦ୍ୱୟ ହେଲେ କୁଚିଣ୍ଡା ଥାନା ମନ୍ତ୍ରୀମୁଣ୍ଡା ଗ୍ରାମର ଦୁର୍ଗା ମାଝି ଓ ପତ୍ରାପାଲି ଗ୍ରାମର ସୁଶାନ୍ତ ଧୃରୁଆ। ସେମାନଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କୁଚିଣ୍ଡା ଅବକାରୀ ବିଭାଗର ଏକ ଟିମ୍ ପ୍ରଥମେ ମନ୍ତ୍ରୀମୁଣ୍ଡା ଗ୍ରାମରେ ଚଢାଉକରି ଦୁର୍ଗାଙ୍କୁ ଗିରଫ କରି ୨୫ ଲିଟର ମହୁଲି ମଦ ଜବତ କରିଥିଲେ। ପରେ ପତ୍ରାପାଲିରେ ଚଢାଉ କରି ସୁଶାନ୍ତଙ୍କୁ ଗିରଫ କରି ତାଙ୍କଠାରୁ ୧୫ ଲିଟର ମହୁଲି ମଦ ଜବତ କରିଛନ୍ତି। ଚଢାଉରେ ଅବକାରୀ ଇନ୍‌ସପେକ୍ଟର ପବିତ୍ର ମୋହନ ମାଝି, ଏସ୍‌ଆଇ ହୀରା ଦଳପତି ଓ କୌଶିକ ଚନ୍ଦ୍ର ତ୍ରିପାଠୀ,ଏଏସ୍‌ଆଇ ସମୀର କୁମାର ସ୍ୱାଇଁ, କନଷ୍ଟେବଲ ସୁବାସିନି ମାଝି, ଜଗନ୍ନାଥ ମୁଣ୍ଡା ପ୍ରମୁଖ ସାମିଲ ଥିଲେ।

# ସେପ୍ଟେମ୍ବରରୁ ସ୍ଥାୟୀ କ୍ୟାମ୍ପସ୍‌ରେ ପାଠପଢ଼ା

**ସମ୍ବଲପୁର ଆଇଆଇଏମ୍**
■ ପୁଣି ଥରେ ନିର୍ଦ୍ଦେଶକ ହେଲେ ମହାଦେଓ ଜୟସ୍ୱାଲ

ସମ୍ବଲପୁର,୨୨।୭(ବ୍ୟୁରୋ)

ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲଙ୍କ କାର୍ଯ୍ୟକାଳ ଗତ ଏପ୍ରିଲରେ ଶେଷ ହୋଇଥିବାବେଳେ ଶୁକ୍ରବାର ଦ୍ୱିତୀୟ ଥର ପାଇଁ ସେ ସେହି ପଦବୀରେ ନିଯୁକ୍ତି ପାଇଛନ୍ତି। ପୁଣି ୫ବର୍ଷ ପାଇଁ ସେ ଦାୟିତ୍ୱ ତୁଲାଇବେ। ଆଗକୁ କ'ଣ ରଣନୀତି ରହିଛି ସେ ନେଇ ସେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଥିଲେ। ସେପ୍ଟେମ୍ବର ସୁଦ୍ଧା ବସନ୍ତପୁରଠାରେ ନିର୍ମାଣାଧୀନ ଆଇଆଇଏମ୍ ସ୍ଥାୟୀ କ୍ୟାମ୍ପସ୍‌ରେ ପାଠପଢା ଆରମ୍ଭ ହେବ ବୋଲି କହିଥିଲେ। ସ୍ଥାୟୀ କ୍ୟାମ୍ପସ୍‌ରେ ଅତି ଆବଶ୍ୟକ ଶ୍ରେଣୀଗୃହ, ପ୍ରଶାସନିକ କୋଠା, ଲାଇବ୍ରେରି, କ୍ୟାଣ୍ଟିନ କାମ ଶେଷ ହୋଇଯିବ। କର୍ମଚାରୀଙ୍କ କ୍ୱାର୍ଟର୍ସ ଓ ଅନ୍ୟ କେତେକ କାମ ବାକି ରହିଲେ ମଧ୍ୟ ପାଠପଢା ଆରମ୍ଭ କରାଯିବ। ତାହା ଶିକ୍ଷାଦାନରେ ସମସ୍ୟା ସୃଷ୍ଟି କରିବ ନାହିଁ। ଚଳିତବର୍ଷରୁ ଷ୍ଟାର୍ଟଅପ୍ ବିଜନେସ୍ ବିଷୟରେ ଏକ ନୂତନ ପାଠ୍ୟକ୍ରମ ଆରମ୍ଭ କରିବାକୁ ଯୋଜନା କରାଯାଇଛି। ସ୍ଥାନୀୟ ବ୍ୟବସାୟକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି। ଦେଶର ବିଭିନ୍ନ ସ୍ଥାନରେ ଷ୍ଟାର୍ଟଅପ୍ ଅଭିଯାନ କରାଯିବ ଓ ଏହାର ମୁଖ୍ୟାଳୟ ସମ୍ବଲପୁରରେ ରହିବ। ଆଗାମୀ ଦିନରେ ଅନ୍ତର୍ଜାତୀୟ ସହବନ୍ଧନକୁ ଗୁରୁତ୍ୱ ଦେଇ ଚୁକ୍ତି କରାଯିବ। ବର୍ତ୍ତମାନ ୪ ଶହ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏହାକୁ ବୃଦ୍ଧି କରି ୫ ଶହ କରିବାକୁ ଯୋଜନା ରହିଛି। ସେହିପରି ୫୦ଜଣ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି କରାଯିବ। ଗତ ୫ବର୍ଷର ଅଭିଜ୍ଞତାକୁ ନେଇ ସେ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିବେ ବୋଲି କହିଥିଲେ।


ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ।

## ଅନୁଦାନ ଦାବିରେ ମହାବିଦ୍ୟାଳୟ ଆଗରେ ସତ୍ୟାଗ୍ରହ


ଧାରଣାରେ ବସିଥିବା ଅଧ୍ୟାପକ, କର୍ମଚାରୀ।

ନାକଟିଦେଉଳ,୨୨।୭(ଡ଼ି.ଏନ.ଏ.)

ନାକଟିଦେଉଳ କଲେଜ ସମ୍ମୁଖରେ ଶୁକବାର ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ୨୦୦୮ ପରବର୍ତ୍ତୀ ସମୟର ଅନୁଦାନ ଦାବିରେ ସତ୍ୟାଗ୍ରହ କରି ଧାରଣା ଦେଇଛନ୍ତି। ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ.କର୍ମଚାରୀ ସଂଘ ଡ଼ାକରାରେ ଏହି ଧାରଣା ଦିଆଯାଇଛି। ଏଥିରେ ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପରୀକ୍ଷାଗାର ସହାୟକ ଜିତେନ୍ଦ୍ର କୁମାର ପଣ୍ଡା, ଅଫିସ ସହାୟକ ଅମିତ କୁମାର ବିଶ୍ୱାଳ, ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା, ଅଧ୍ୟାପକ ଭଜମୋହନ ପ୍ରଧାନ ପ୍ରମୁଖ ସାମିଲ ହୋଇଛନ୍ତି। ୨୦୦୮ରୁ ମହାବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଯୋଗାଇଦେବା ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ଉଦ୍ଦେଶ୍ୟରେ ଏହି ସତ୍ୟାଗ୍ରହ ଚାଲୁରହିଛି।

## ସ୍କୁଲ ମିଶ୍ରଣକୁ ଗ୍ରାମବାସୀଙ୍କ ବିରୋଧ


ଡିଇଓ ଅଫିସ ସମ୍ମୁଖରେ ଗ୍ରାମବାସୀମାନେ ।

ସମ୍ବଲପୁର,୨୨।୭(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ କୁର୍ଲାବାହାଲ ଓ ଚିଟକେଲ ଗ୍ରାମବାସୀ ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀ ରୀନାରାଣୀ ମଙ୍ଗଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ କୁର୍ଲାବାହାଲ ପ୍ରାଥମିକ ବିଦ୍ୟାଳୟରେ ୩୯ ଛାତ୍ରୀଛାତ୍ର ପଢୁଥିବାବେଳେ ଏହାକୁ ବନ୍ଦ କରାଯାଇ ନୂଆମୁଣ୍ଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହିତ ମିଶ୍ରଣ କରାଯାଇଛି। ଗାଁ ପିଲାଙ୍କ ପାଠପଢା ପାଇଁ ଏହା ସମସ୍ୟା ସୃଷ୍ଟି କରିଛି। ପ୍ରାୟ ୨କିମି ଦୂର ସ୍କୁଲ ଯାଇ ଛୋଟ ପିଲାମାନେ ପାଠ ପଢିବା ସମ୍ଭବ ନୁହେଁ। ଅଭିଭାବକମାନେ ପିଲାଙ୍କୁ ଛାଡିବାକୁ ଗଲେ ସେମାନେ ରୋଜଗାର ହରାଇ ବସିବେ। ସ୍କୁଲରେ ଜଣେ ଶିକ୍ଷକ ଥିବାବେଳେ ତାଙ୍କୁ ମଧ୍ୟ ବଦଳି କରାଯାଇଛି। ତେଣୁ ଏହି ନିଷ୍ପତ୍ତିର ପୁନଃ ବିଚାର କରିବାକୁ ଦାବି କରିଥିଲେ। ଡିଇଓ ମଙ୍ଗଳ ଶୀଘ୍ର ଶିକ୍ଷକ ନିଯୁକ୍ତି କରିବାକୁ ମାନେଶ୍ୱର ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ଚୁଡାନ୍ତ ନିର୍ଦ୍ଦେଶନାମା ନ ଆସିବା ପର୍ଯ୍ୟନ୍ତ କୁର୍ଲାବାହାଲ ଗାଁ ସ୍କୁଲରେ ପାଠପଢା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାନେଶ୍ୱର ବ୍ଲକ ଉପାଧ୍ୟକ୍ଷ ନରେନ୍ଦ୍ର ମିଶ୍ର, ସମିର ରଞ୍ଜନ ବାବୁ, ମୁରଲି ବାଗ, ସାବିତ୍ରି ମିର୍ଦ୍ଧା, ଚକାନନ କଠାର, ଅମର ମିର୍ଦ୍ଧା, ନନ୍ଦିନୀ ବାଗ, ବିନୋଦ ରାୟ, ପୁଷ୍ପାଞ୍ଜଳି ମଟାରୀ, ପ୍ରତିମା ବଗର୍ତ୍ତି, ପଙ୍କଜିନି ଗର୍ଡିଆ, ମମତା ଗର୍ଡିଆ, କୁମଦିନି ମଟାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମ ଭତ୍ତା ପାଇଁ ପ୍ରଶାସନର ଦ୍ୱାରସ୍ଥ

କୁଚିଣ୍ଡା,୨୨।୭(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ପାରୁଆଭାଡି ଗ୍ରାମର ରୁକ୍ମିଣୀ ମୁଣ୍ଡା ନାମ୍ନୀ ଜଣେ ଭିନ୍ନକ୍ଷମ ମହିଳା ଭତ୍ତା, ଆବାସ ଯୋଜନାରେ ଘର ଓ ଅନ୍ତ୍ୟୋଦୟ କାର୍ଡ ପାଇଁ ଶୁକ୍ରବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପାରୁଆଭାଡି ପଞ୍ଚାୟତ ପାରୁଆଭାଡି ଗ୍ରାମର ଇଗ୍ନେଶ ମୁଣ୍ଡାଙ୍କ ସ୍ତ୍ରୀ ରୁକ୍ମିଣୀ ଜନ୍ମରୁ ଭିନ୍ନକ୍ଷମ। ସେ ଠିଆ ହୋଇପାରୁ ନ ଥିବାରୁ ଯୁଆଡେ ଗଲେ ଗୁରୁଣ୍ଡି ଗୁରୁଣ୍ଡି ଯାଇଥାନ୍ତି। ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଏଭଳି ଆସୁଥିବା ଦେଖି ସମସ୍ତେ ଚକିତ ହୋଇପଡିଥିଲେ। ତାଙ୍କ ସ୍ୱାମୀ ପେଟ ଚାଖଣ୍ଡକ ପାଇଁ ସୁଦୂର ଚେନ୍ନାଇକୁ ଦାଦନ ଖଟିବାକୁ ଯାଇଛନ୍ତି ଓ ଦୁଇଟି ସନ୍ତାନର ଭରଣପୋଷଣ ଦାୟିତ୍ୱ ତାଙ୍କ ଉପରେ ଥିବା ଉପଜିଲାପାଳଙ୍କୁ କହିଛନ୍ତି। ତାଙ୍କୁ ଭିନ୍ନକ୍ଷମ ଭତ୍ତା ସାଙ୍ଗକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଓ ଅନ୍ତ୍ୟୋଦୟ ଯୋଜନାରେ ୩୫କେଜି ଚାଉଳ ଯୋଗାଇଦେବାକୁ ଦାବିପତ୍ର ଦେଇଛନ୍ତି। ପାରୁଆଭାଡି ପଞ୍ଚାୟତରେ ଭତ୍ତା ପାଇଁ ଆବେଦନ କରିଥିଲେ ହେଁ ତାଙ୍କୁ ମିଳି ନ ଥିବା କହିଛନ୍ତି। କୁଚିଣ୍ଡା ବିଡିଓ ନିରଞ୍ଜନ ସା ଏ ସମ୍ପର୍କିତ ଖବର ପାଇ ରୁକ୍ମିଣୀଙ୍କ ଘରକୁ ଲୋକ ପଠାଇ କାଗଜପତ୍ର ସଂଗ୍ରହ କରିଥିବା ଜଣାଯାଇଛି।



ଉପଜିଲାପାଳଙ୍କୁ ଗୁହାରି କରିବାକୁ ଆସିଥିବା ଭିନ୍ନକ୍ଷମ ମହିଳା।

## ବୈଠକରେ ନିଷ୍କର୍ଷ ବାହାରିଲା ନାହିଁ

**ପାଣି ବନ୍ଦ କରି କେନାଲ ନବୀକରଣ ଯୋଜନା**

ସମ୍ବଲପୁର,୨୨।୭(ବ୍ୟୁରୋ)

ସମ୍ବଲପୁର ଶାସନ କେନାଲ ନବୀକରଣ କାମ ଅସ୍ଥାୟୀ ଭାବେ ବନ୍ଦ ହୋଇଛି। ଆସନ୍ତା ରବି ଫସଲ ସମୟରେ କେନାଲରେ ପାଣି ବନ୍ଦ କରାଯାଇ କାମ କରାଯିବ ବୋଲି ଜଳସେଚନ ବିଭାଗ ପକ୍ଷରୁ ଯୋଜନା କରାଯାଇଛି। ଏହାକୁ ନେଇ ବିଭାଗ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା। ଆଲୋଚନା ପରେ ମଧ୍ୟ ଫଳ ଶୂନ୍ୟ ରହିଥିଲା। ପୁଣି ଆଉ ଥରେ ବୈଠକ କରାଯିବ ବୋଲି ସ୍ଥିର ହୋଇଥିଲା। ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସରୋଜକୁମାର ପାଣିଗ୍ରାହୀ, ନିର୍ବାହୀଯନ୍ତ୍ରୀ ପ୍ରମୋଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀମାନେ ଉପସ୍ଥିତ ରହି ନିଜ ମତପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଶାସନ କେନାଲ ପାଇଁ ରାଜ୍ୟ ସରକାରଙ୍କ ୬୩ କୋଟି, ପରମାଣପୁର ଡିଷ୍ଟ୍ରିବ୍ୟୁଟାରି ପାଇଁ ୨୮ କୋଟି ଓ ହୁମା ଟେଲ ପାଇଁ ୧୮ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି।

## ୨୧୭୨ଜଣଙ୍କୁ ଦିଆଗଲାଣି ବୁଷ୍ଟର ଡୋଜ୍

ଝାରସୁଗୁଡ଼ା ଅଫିସ,୨୨।୭

ଝାରସୁଗୁଡା ଜିଲାରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଗତ ୧୫ତାରିଖରୁ ବୁଷ୍ଟରଡୋଜ୍ ଆରମ୍ଭ ହୋଇଛି। ଏହା ଆସନ୍ତା ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ଚାଲିବ। ଅଦ୍ୟାବଧି ୨୧୭୨ଜଣଙ୍କୁ ଟିକା ପ୍ରଦାନ କରାଯାଇଛି ବୋଲି ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରିଣୀ ଡା. ସୁପ୍ରଭା ବାରିକଙ୍କ ସୂତ୍ରରୁ ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ବିଭାଗ, ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାମିଲ ହୋଇଛନ୍ତି। ଜିଲା କୋର୍ଟ ପରିସରରେ ଶୁକ୍ରବାର ୨୩୮ଜଣଙ୍କୁ ବୁଷ୍ଟରଡୋଜ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜିଲା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ, ସମ୍ପାଦକ ତୁଳସୀ ପ୍ରସାଦ ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ଜିଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## କଂଗ୍ରେସର ବିକ୍ଷୋଭ ସମାବେଶ

ସମ୍ବଲପୁର,୨୨।୭(ବ୍ୟୁରୋ)


କଂଗ୍ରେସ କର୍ମକର୍ତ୍ତାଙ୍କ ବିକ୍ଷୋଭ।

ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଶୁକ୍ରବାର ଜିଲା କଂଗ୍ରେସର ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଇ ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ ଓ ଦୁର୍ଯ୍ୟୋଧନ ଗର୍ଡିଆ, ପିସିସି ସମ୍ପାଦକ ଦୁଲାଲଚନ୍ଦ୍ର ପ୍ରଧାନ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ସମନ ଅଧାରରେ ଏଆଇସିସି ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଇଡି ରାଜନୈତିକ ଉଦ୍ଦେଶ୍ୟ ରଖି ହଇରାଣ କରୁଛି। ସରକାରଙ୍କ ଭୁଲ କାମକୁ ବିରୋଧ କଲେ ସ୍ୱର ଚାପି ଦେବାକୁ ଉଦ୍ୟମ କରାଯାଉଛି। ଇଡି, ସିବିଆଇ ଭଳି କେନ୍ଦ୍ରୀୟ ସଂସ୍ଥାକୁ ବ୍ୟବହାର କରାଯାଉଛି। କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁ ଜନସାଧାରଣଙ୍କୁ ସମସ୍ୟା ହେଉଛି। ବେକାରୀ ସମସ୍ୟା, ଦରଦାମ ବୃଦ୍ଧି ପାଇବାରେ ଲାଗିଛି। ଏସବୁ ଘଟଣାରୁ ଧ୍ୟାନ ହଟାଇବା ପାଇଁ ସରକାର ଏଭଳି ମିଛ କାଣ୍ଡ କରୁଛନ୍ତି। ହେଲେ କଂଗ୍ରେସ ଦଳ ବିରୋଧ ଜାରି ରଖିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବହେଳା ଓ ଦୁର୍ନୀତି ବିରୋଧରେ ଲଢେଇ ଜାରି ରଖିବ ବୋଲି ନେତାମାନେ ନାରାବାଜି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ର ପୁରୋହିତ, ନିରଞ୍ଜନ ତ୍ରିପାଠୀ, ନିତେଇ ସୁନ୍ଦର ଦାସ, ଜିତେନ୍ଦ୍ର ପ୍ରଧାନ, ସୁଶାନ୍ତ ସାହୁ, ସସ୍ମିତା ପଟ୍ଟନାୟକ, ରଘୁମଣି ଦାସ, କ୍ରିଷ୍ଣାରାଣୀ ବେହେରା, ବିନୋଦିନୀ ଦିପ, ଲକ୍ଷ୍ମୀ ସାହୁ, ସୁତାପା ମିତ୍ରଙ୍କ ସମେତ ଟାଉନ ସଭାପତି ଜସବିର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ମୃତକଙ୍କ ପରିବାରକୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

**ଖଟିଆରେ ଜୀବନ ଚାଲିଯିବା ଘଟଣା**

ନାକଟିଦେଉଳ,୨୨।୭(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତର ବଡ଼ବିଲ ଗ୍ରାମକୁ ଭଲ ରାସ୍ତା ନ ଥିବାବେଳେ ନାଳ ଉପରେ ପୋଲ ନାହିଁ। ଫଳରେ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ପୀଡ଼ିତ ବିରଞ୍ଚି ଦେହୁରିଙ୍କୁ ଠିକ୍ ସମୟରେ ଡାକ୍ତରଖାନା ନିଆଯାଇପାରି ନ ଥିଲା ଓ ଅକାଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ପରିପ୍ରେକ୍ଷୀରେ ବରିଷ୍ଠ କଂଗ୍ରେସ ନେତା ଆସଫ ଅଲ୍ଲୀ ଖାଁଙ୍କ ନେତୃତ୍ୱରେ ଏକପ୍ରତିନିଧି ଦଳ ଶୁକ୍ରବାର ମୃତକଙ୍କ ସ୍ତ୍ରୀଙ୍କୁ ଭେଟି ସମବେଦନା ଜଣାଇବା ସହ ନିଜ ତରଫରୁ ୨ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ନେତାମାନେ ଅଭିଯୋଗ କରିଥିଲେ, ଗ୍ରାମବାସୀ ଦାବି ଜଣାଇ ଆସୁଥିଲେ ମଧ୍ୟ ଗାଁକୁ ଭଲ ରାସ୍ତା କିମ୍ବା ନାଳ ଉପରେ ପୋଲ ନିର୍ମାଣ ହୋଇପାରି ନାହିଁ। ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଠିକ୍ ସମୟରେ ସ୍ୱାସ୍ଥ୍ୟ ସୁବିଧା ପାଇ ନ ପାରି ବିରଞ୍ଚିଙ୍କ ମୃତ୍ୟୁ ଘଟିଲା। ମୃତକଙ୍କ ପରିବାର ବର୍ଗଙ୍କୁ ୨୦ଲକ୍ଷ ଟଙ୍କା ସରକାରୀ ସହାୟତା ସହ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ପ୍ରତିନିଧି ଦଳରେ ଡ଼ଇଁଚା ସମିତିସଭ୍ୟ ପ୍ରବୀଣ କୁମାର ପ୍ରଧାନ, ବାଟଗାଁ ସମିତିସଭ୍ୟ ଅଶୋକ କୁମାର ସାମଲ, ରେଢାଖୋଲର ବରିଷ୍ଠ କଂଗ୍ରେସ ନେତା ଗୌରୀ ପାତ୍ର, ସୁମନ୍ତ ଧଳ, ସ୍ୱପ୍ନେଶ୍ୱର ପ୍ରଧାନ, ଯୁଯୁମୁରା ବ୍ଲକ କୟାକୁଦ ସରପଞ୍ଚ ସଦାଶିବ ପ୍ରଧାନ, ମଧୁ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

## ସଚିବାଳୟ ଅଫିସରଙ୍କ ବେଦାନ୍ତ କାରଖାନା ପରିଦର୍ଶନ

ଝାରସୁଗୁଡ଼ା ଅଫିସ,୨୨।୭

ସଚିବାଳୟର ୪୫ ସହକାରୀ ସେକ୍ସନ ଅଧିକାରୀ ଶୁକ୍ରବାର ଝାରସୁଗୁଡ଼ା ବେଦାନ୍ତ ଆଲୁମିନିୟମ କମ୍ପାନୀର କାରଖାନା ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଅଧିକାରୀମାନେ ବରିଷ୍ଠ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ସେମାନେ କମ୍ପାନୀର ଆଲୁମିନିୟମ ସ୍ମେଲଟର କମ୍ପ୍ଲେକ୍ସ ବୁଲି ଦେଖିଥିଲେ। ଅଧିକାରୀମାନଙ୍କୁ ସ୍ମେଲଟର ପରିଚାଳନା, ବିଦ୍ୟୁତ ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥା ଉପରେ ଧାରଣା ଦିଆଯାଇଥିଲା। କମ୍ପାନୀ ସିଇଓ ସୁନିଲ ଗୁପ୍ତା କହିଛନ୍ତି, ବେଦାନ୍ତର ସହଯୋଗିତା ରାଜ୍ୟ ପ୍ରଗତିର ସହଯୋଗୀ ହୋଇଥିବାରୁ ଆମେ ଗର୍ବିତ। ଝାରସୁଗୁଡ଼ା କାରଖାନା ହେଉଛି ଅନ୍ୟତମ ସର୍ବବୃହତ୍ ଆଲୁମିନିୟମ କାରଖାନା। କମ୍ପାନୀ ୫୦,୦୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି ଏବଂ ଝାରସୁଗୁଡ଼ା ଜିଡିପି ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ସହକାରୀ ସେକ୍ସନ ଅଫିସର ଆଶିଷ କୁମାର ନାୟକ କହିଛନ୍ତି, ବେଦାନ୍ତ କାରଖାନା ପରିଦର୍ଶନ କରି ଆମର ଟ୍ରେନି ଅଧିକାରୀ କାର୍ଯ୍ୟ ପରିଚାଳନାର ଧାରଣା ହାସଲ କରିଥିଲେ। ଏଭଳି ଆୟୋଜନ ପାଇଁ ଅଫିସରମାନେ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ।


ଅଧିକାରୀମାନେ ବେଦାନ୍ତ କାରଖାନା ପରିଦର୍ଶନ କରୁଛନ୍ତି।

## ସିବିଏସ୍‌ଇ ପରୀକ୍ଷାରେ ବିକାଶ ଛାତ୍ରୀଛାତ୍ରଙ୍କ ବାଜିମାତ

**ସ୍ୱପ୍ନିଲ ବର୍ମା ଦଶମ ଟପ୍ପର**




ବିକାଶ ସ୍କୁଲଠାରେ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ।

ସମ୍ବଲପୁର,୨୨।୭(ବ୍ୟୁରୋ)

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଦ କନସେପ୍ଟ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଶମ ଶ୍ରେଣୀର ମୋଟ ୧୨୬ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସ୍ୱପ୍ନିଲ ବର୍ମା ୯୮ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ୧୫ଜଣ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ବେଳେ ୩୭ ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ମୋଟ ୨୦୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ନିର୍ଲିପ୍ତା ପ୍ରଧାନ ୯୬.୨ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ବିଜ୍ଞାନ ଓ ବାଣିଜ୍ୟରେ ୬ଜଣ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ୨୯ଜଣ ବିଜ୍ଞାନରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ବାଣିଜ୍ୟ ବିଭାଗରୁ ମୋଟ ୩୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ରୋନକ ଅଗ୍ରୱାଲ ୯୫.୨ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଜଣେ ଛାତ୍ର ୯୫ ପ୍ରତିଶତ ମାର୍କ ରଖିଥିବା ବେଳେ ୪ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା, ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ, ଭି. ଶ୍ରୀନିବାସ, ଏକାଡେମିକ ନିର୍ଦ୍ଦେଶକ ଜି. ରାମକୃଷ୍ଣ, ପ୍ରଶାସନିକ ନିର୍ଦ୍ଦେଶକ ଡି. ବିବେକ, ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି, ବିକାଶ ହାୟାର ସେକେଣ୍ଡାରୀ ସ୍କୁଲ ଅଧକ୍ଷ ସଞ୍ଜୀବ କୁମାର ବାବୁ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ସଂକ୍ଷେପରେ

### ମଦ ଜବତ, ୨ ଗିରଫ

**ରାଉରକେଲା ଅଫିସ,୨୨।୭:** ଦେଶୀମଦ ଚୋରା ଚାଲାଣ ବେଳେ ରାଉରକେଲା ଅବକାରୀ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିରେନ୍ଦ୍ର ନାୟକ ଓ ଗୁଆ ନାଗ। ବିରେନ୍ଦ୍ର ଓ ଗୁଅ ଏକ ସ୍କୁଟି (ନଂ.ଓଆର୧୪ଏସ୍/୩୦୨୮) ଯୋଗେ ୬୦ ଲିଟର ଦେଶୀମଦ ନେଇ ବନ୍ଧମୁଣ୍ଡାକୁ ଯାଉଥିଲେ। ପୋଲିସ ଉଭୟଙ୍କୁ ପ୍ଲାଣ୍ଟସାଇଟ ଚୌଧୁରୀ ପେଟ୍ରୋଲ ପମ୍ପ ନିକଟରେ କାବୁ କରିଥିଲେ। ଶୁକ୍ରବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଲହୁଣୀପଡ଼ା, ୨୨।୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ାସ୍ଥିତ ଲଟେଇମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ତରଫରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧକ୍ଷ ପଣ୍ଡିତ ଚରଣ ମୁଣ୍ଡା, ଲହୁଣୀପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ, ବିଡ଼ିଓ ଧାନାଇ ଚରଣ ଟୁଡୁ,ଏବିଡ଼ିଓ ଚୁକା ଓରାମ, ବିଇଓ ଭଗବାନ ବାଙ୍କିରା,ଏବିଇଓ ନରହରି କିଷାନ, ଇମା କ୍ରିପା ମିଞ୍ଜ ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁକବଧିର, ଦୃଷ୍ଟି ଶକ୍ତି ବାଧିତ, ଶାରୀରିକ ଅକ୍ଷମ, ଭେଷଜ ବିଭିନ୍ନ ଷ୍ଟଲ ମାଧମରେ ଆସିଥିବା ରୋଗୀଙ୍କର ନାମ ପଞ୍ଜିକରଣ କରାଯାଇଥିଲା। ଡା. ମନୋଜ କୁମାର ପାଣିଗ୍ରାହୀ, ଡା.ଦୁର୍ଗେସ କୁମାର ଶ,ଏସ.କେ ନାୟକ, ଡା. ଜେୟିସ ଟପୋ, ପ୍ରିୟଦର୍ଶିନୀ ମହାନ୍ତିଙ୍କ ସହିତ ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁଧାଂଶୁ ଶେଖର ସାହୁ, ସସ୍ମିତା ରାଣୀ ନାଗ ଯୋଗଦେଇ ଚିକିତ୍ସା କରିଥିଲେ। ଏହା ସହିତ କେତେକ ରୋଗୀଙ୍କୁ ଅଧିକ ଓ ଉପଯୁକ୍ତ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗର ମୋଟ ୩୬୧ ଜଣ ପଞ୍ଜିକୃତ ରୋଗୀଙ୍କୁ ଡାକ୍ତରମାନେ ଚିକିତ୍ସା ଓ ଉଚ୍ଚ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ଏହି ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ, କଲେଇପୋଷ ସରପଞ୍ଚ ଶାନ୍ତ ଓରାମ, ମହୁଲପଦା ସରପଞ୍ଚ ସୌଭାଗ୍ୟ ନାଏକ, କୁଲିପୋଷ ସରପଞ୍ଚ ନୀଳାବତୀ ନାଏକ, ଭୁଟୁଡା ସରପଞ୍ଚ ବାସନ୍ତୀ ମୁଣ୍ଡାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ଏସଏସଏସ ଓ ଅଜୟ କୁମାର ସାହୁ, ବିଏସଏସଓ ଜାହ୍ନବୀ ମାହାନ୍ତ, ସୁପର ଭାଇଜର ପୁଷ୍ପ ମଞ୍ଜରୀ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଙ୍ଗନବାଡ଼ି, ଆଶା, ତହସିଲ କର୍ମଚାରୀ, ଶିକ୍ଷୟିତ୍ରୀ, ଶିକ୍ଷକ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀଙ୍କ ସମେତ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସହଯୋଗ କରିଥିବା ଜଣାପଡିଛି।

### କେନ୍ଦୁପଲିରେ ଡାକ ମେଳା

**ଅମରପାଲି,୨୨।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନ୍ଦୁପଲିଠାରେ ବଲାଙ୍ଗୀର ଡାକ ମଣ୍ଡଳ ତରଫରୁ ଡାକ ମେଳା ଓ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବଲାଙ୍ଗୀର ଡାକମଣ୍ଡଳ ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଶ୍ୟାମ ସୁନ୍ଦର ସେଠୀ ଅତିଥି ଭାବେ ଯୋଗଦେଇ ସୁରକ୍ଷିତ ସଞ୍ଚୟ ହେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଭାରତୀୟ ଡାକ ବିଭାଗରେ ଟଙ୍କା ରଖି ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧରେ ବାଲ ମକୁନ୍ଦ ବାରିକ,ପିଏଲଆଇ ଅଧିକାରୀ ବବୁଲୁ କୁମାର, ଆଇବିପି ମ୍ୟାନେଜର କୃଷ୍ଣ ଚନ୍ଦ୍ର ନାଏକ,ବାଗବର ନାଏକ ସରପଞ୍ଚ ପ୍ରଭାତି ନାଏକ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । କୃଷ୍ଣଚନ୍ଦ୍ର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଲ୍ୟବିବାହ ସୂଚନା ପ୍ରଦାନକାରୀଙ୍କୁ ମିଳିବ ୩୦୦୦ ଟଙ୍କା ପୁରସ୍କାର

**ଦେବଗଡ଼, ୨୨।୭(ଡି.ଏନ୍.ଏ.)**



କର୍ମଶାଳାରେ ଜିଲାପାଳ ସୌମେଷ ଉପାଧ୍ୟାୟ ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବାଲ୍ୟବିବାହ ମୁକ୍ତ ଜିଲା ଗଠନ ପାଇଁ ଜିଲାପାଳଙ୍କ ମାର୍ଗଦର୍ଶନ ଶୀର୍ଷକ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲାପାଳ ସୌମେଷ ଉପାଧ୍ୟାୟ ଏକ ପୋଷ୍ଟର ଉନ୍ମୋଚନ କରିଥିଲେ। ବାଲ୍ୟବିବାହ ସମ୍ପର୍କରେ ଉପଯୁକ୍ତ ତଥ୍ୟ ସହ ସୂଚନା ପ୍ରଦାନକାରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ୩୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଜିଲାପାଳ ଘୋଷଣା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଆବାହକତ୍ୱରେ ଏବଂ ଜିଲାପାଳ ଉପାଧ୍ୟାୟଙ୍କ ଅଧକ୍ଷତାରେ ଏହି କର୍ମଶାଳା ହୋଇଥିଲା। ଏଥିରେ ଜିଲାର ସମସ୍ତ ସରପଞ୍ଚ, ବାଲ୍ୟବିବାହ ନିଷେଧ ଅଧିକାରିଣୀ, ଗୋଷ୍ଠୀଉନ୍ନୟନ ଅଧିକାରୀ, ଚାଇଲ୍ଡଲାଇନ ସଦସ୍ୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ବାଲ୍ୟ ବିବାହ ଏକ କୁପ୍ରଥା ଓ ଏକ ଦଣ୍ଡନିୟ ଅପରାଧ ବୋଲି କହି ଜିଲାପାଳ ସମସ୍ତ ସରପଞ୍ଚଙ୍କୁ ଜିଲାକୁ ୨୦୨୨ ଶେଷ ସୁଦ୍ଧା ସମସ୍ତ ପଞ୍ଚାୟତ ତଥା ଜିଲାକୁ ବାଲ୍ୟବିବାହ ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର ବାଲ୍ୟବିବାହ ଅଧିନିୟମ-୨୦୦୬ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାରେ ଏଯାବତ ୩୭୦ଗ୍ରାମକୁ ବାଲ୍ୟ

**୨୦୨୨ ଶେଷ ସୁଦ୍ଧା ଦେବଗଡ଼ ଜିଲା ହେବ ସମ୍ପୂର୍ଣ୍ଣ ବାଲ୍ୟବିବାହ ମୁକ୍ତ**

ବିବାହ ମୁକ୍ତ ଘୋଷଣା କରାଯାଇଛି। ସେହି ମଧ୍ୟରୁ ବାରକୋଟ ବ୍ଲକର ୧୦୫, ରିଆମାଳର ୧୫୩ ଓ ତିଳେଇବଣୀର ୧୧୨ ଗ୍ରାମକୁ ବାଲ୍ୟବିବାହ ମୁକ୍ତ ଘୋଷଣା କରାଯାଇଛି ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱୀକୃତି ମିଳିଛି। ଜିଲାପାଳ ବାରକୋଟର ଅବଶିଷ୍ଟ ୧୧୯, ତିଳେଇବଣୀର ୧୦୯ ଓ ରିଆମାଳର ୧୧୬ ଗ୍ରାମକୁ ବାଲ୍ୟବିବାହ ମୁକ୍ତ କରିବାକୁ ସରପଞ୍ଚମାନଙ୍କ ସହଯୋଗରେ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତସ୍ତରରେ ଶିଶୁମାନଙ୍କ ଅଭିଯୋଗର ଗ୍ରହଣ ଓ ଶୁଣାଣି ପାଇଁ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ ବାକ୍ସ ଲଗାଇବାକୁ ଜିଲାପାଳ ସମସ୍ତ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁରକ୍ଷା ଅଧିକାରୀ ଚିନ୍ମୟ ସାଇଁ ଓ ୟୁନିସେଫର ଜିଲା ପରାମର୍ଶଦାତା ପୀତବାସ ବେହେରା ଏହି କର୍ମଶାଳାକୁ ପରିଚାଳନା କରିଥିଲେ। ଚାଇଲ୍ଡଲାଇନ ନିର୍ଦ୍ଦେଶିକା ରୀତାରାଣୀ ରାଉତ, ସରପଞ୍ଚ ସଂଘର ସଭାପତି ସତ୍ୟନାରାୟଣ ପାଣି, ସମ୍ପାଦକ ପ୍ରକାଶ ଆଚାର୍ଯ୍ୟ, ବାଲ୍ୟବିବାହ ନିଷେଧ ଅଧିକାରିଣୀ ପ୍ରବୀଣା ମିଶ୍ର, ମାନବୀ ରାୟ ଓ ନମିତା ରାଉତ ଜିଲାରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ବିଭିନ୍ନ ଗଠନମୂଳକ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନ, ଜିଲା ପଞ୍ଚାୟତ ଅଧିକାରୀ ବିଶ୍ୱରଞ୍ଜନ ମଲିକ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ ବାଲ୍ୟ ବିବାହ ମୁକ୍ତ ଜିଲା ଗଠନ ଦିଗରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ।

### ୫-ଟି ସ୍କୁଲ ରୂପାନ୍ତରଣ ପ୍ରସ୍ତୁତି ବୈଠକ

**ସିର୍ଜାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ**

**ଚୁଣ୍ଡଲା,୨୨।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ପଞ୍ଚାୟତ ସିର୍ଜାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ୫-ଟିରେ ରୂପାନ୍ତରଣ ହେବ। ଏଥିସକାଶେ ସ୍କୁଲ କମିଟି, ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଓଡୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁ ବାହାନ ପଧାନ, ଜିଲା ପରିଷଦ ସଦସ୍ୟା ଦୀପାଞ୍ଜଳି ସାହୁ, ସରପଞ୍ଚ ପ୍ରମୋଦ କୁମାର ଦାଶ, ସ୍କୁଲ କମିଟି ସଭାପତି ବୁଦ୍ଧଦେବ ଭୋଇ, ପ୍ରଧାନ ଶିକ୍ଷକ ଯତୀନ୍ଦ୍ର କୁମାର ପଧାନ, କନିଷ୍ଠ ଯନ୍ତ୍ରୀ ପ୍ରକାଶ ଭୋଇ, ଶିକ୍ଷୟିତ୍ରୀଶିକ୍ଷକ, ନାୟବ ସରପଞ୍ଚ ଭୋଇ ତଥା ସ୍କୁଲ କମିଟି ପୂର୍ବତନ ପ୍ରଧାନ ଶିକ୍ଷକ ମକଲିଙ୍ଗ ଗହୀର, ଚୌଧୁରୀ ଭୋଇ, ତିଳ ସାହୁ, ଲୋକେଶ ସାହୁ, ଅମିତ ଦାଶ ଉପସ୍ଥିତ ଥିଲେ। ୫-ଟି ସ୍କୁଲ କିପରି ହେବ ଏହି ବିଷୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ବିଡିଓ ସମସ୍ତଙ୍କୁ ବୁଝାଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ୫-ଟି ବିଦ୍ୟାଳୟରେ କେଉଁ ସବୁ ସୁବିଧା ଯୋଗାଇ ଦିଆଯିବ ଓ ଖୁବଶୀଘ୍ର କାମ ଆରମ୍ଭ ହେବ ବୋଲି କେସିଙ୍ଗା ଗୋଷ୍ଠି ଶିକ୍ଷା ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଥିଲେ।

## କଂଗ୍ରେସର ବିକ୍ଷୋଭ, ପ୍ରତିବାଦ ସଭା



ଡିଆରଡିଏ ଛକରେ ସୁନ୍ଦରଗଡ଼ ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା।

**ସୁନ୍ଦରଗଡ଼,୨୨।୭(ଡି.ଏନ୍.ଏ)**

କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରଙ୍କ ଇଙ୍ଗିତରେ କେନ୍ଦ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ବିରୁଦ୍ଧରେ ସମନ ଜାରି କରିଥିବା ପ୍ରତିବାଦରେ ଗୁରୁବାର ସ୍ଥାନୀୟ ଡିଆରଡିଏ ଛକ ଠାରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଗଣବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ଜିଲା ସଦର ମହକୁମାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସୁନ୍ଦରଗଡ ଜିଲା ସଦର ମହକୁମାରେ ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀଙ୍କ ସଭାପତିତ୍ୱରେ ଏହି ଗଣ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ବଣାଇଁର ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଜିଲା ଉପସଭାପତି ଅଜିତ ପ୍ରସାଦ, ସେବାଦଳର ମୁନୁ ସରାଫ, ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ନିର୍ମଳ ନାଏକ, ଜିଲା ଯୁବକଂଗ୍ରେସ ସଭାପତି ଆଲବର୍ଟ କିଣ୍ଡୋ, ସୁନ୍ଦରଗଡ଼ ସଦର ବିଧାନସଭା କ୍ଷେତ୍ର ଯୁବକଂଗ୍ରେସ ସଭାପତି ବିଶ୍ୱଜିତ ପଟ୍ଟନାୟକ, ଟାଙ୍ଗରପାଲି ବ୍ଲକ ଶୁକଦେବ ବଡେଇ, ସବଡେଗା ବ୍ଲକ ସଭାପତି ଶୁଭେନ୍ଦୁ ନାଏକ, ବଡଗାଁ ବ୍ଲକ ସଭାପତି ଚନ୍ଦ୍ରମଣି ସାହୁ, ବାଲିଶଙ୍କରା ବ୍ଲକ ସଭାପତି ସୁଧାଂଶୁ ପଶାୟତ, ସଦର ବ୍ଲକ ସଭାପତି ଦୀନବନ୍ଧୁ ସା ପ୍ରମୁଖ ଦଳୀୟ ନେତୃବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସୋନିଆ ଗାନ୍ଧୀଙ୍କ ବିରୁଦ୍ଧରେ କେନ୍ଦ୍ରର ଆକ୍ରୋଶମୂଳକ ମନୋଭାବକୁ ଦୃଢ଼ ନିନ୍ଦା କରି ତୀବ୍ର ସମାଲୋଚନା କରିଥିଲେ।

## ନୂତନ ଗ୍ରୀଡ୍ ଷ୍ଟେସନ ଲୋକାର୍ପିତ

**ଦେବଗଡ଼,୨୨।୭ (ଡି.ଏନ୍.ଏ.):** ଦେବଗଡ଼ ଓ ରିଆମାଳ ଅଞ୍ଚଳରେ ଦୀର୍ଘ ଦିନର ବିଦ୍ୟୁତ୍ ସେବାରେ ଦେଖା ଦେଉଥିବା ବିଭ୍ରାଟର ଅବସାନ ପାଇଁ ଶୁକ୍ରବାର ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ପକ୍ଷରୁ ତିଳେଇବଣି ବ୍ଲକ ଅନ୍ତର୍ଗତ ସୁନାମୁଣ୍ଡା ଗ୍ରାମଠାରେ ୨୨୦/୩୩ କେଭି ବିଦ୍ୟୁତ୍ ଗ୍ରୀଡ଼ ଷ୍ଟେସନ ଲୋକାର୍ପିତ ହୋଇଛି। ଅପରାହ୍ନରେ ବର୍ଷା ସତ୍ତ୍ୱେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସୋମେଶ ଉପାଧ୍ୟାୟ ଯୋଗଦେଇ ଫିତା କାଟିବା ସହ ସ୍ୱିଚ ଟିପି ଗ୍ରୀଡକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ଜିଲାପାଳ ଉପାଧ୍ୟାୟ ନୂତନ ଗ୍ରୀଡ଼ କାର୍ଯ୍ୟକ୍ଷମ ହେବା ପରେ ଜିଲାବାସୀ ନିରବଚ୍ଛିନ୍ନ ଓ ଉତ୍ତମ ବିଦ୍ୟୁତ୍ ସେବା ପାଇପାରିବେ ବୋଲି ପ୍ରକାଶ କରିଥିଲେ। ସେହିପରି ଟିପିଡବ୍ଲ୍ୟୁଡିଏଲର ଚିଫ ଅପରେସନାଲ ଅଫିସର ସୁମିତ ଘୋଷ ନୂତନ ଫିଡ଼ର କାର୍ଯ୍ୟକ୍ଷମ ହେବା ଦ୍ୱାରା ଏହା ନିରନ୍ତର ବିଦ୍ୟୁତ୍ ସେବା ଯୋଗାଇବାରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ।

## ରକ୍ତଦାନ ଶିବିର, ବୃକ୍ଷ ରୋପଣ


ବାରକୋଟରେ ଅନୁଷ୍ଠିତ ଶିବିରରେ ଜଣେ ରକ୍ତଦାନ କରୁଛନ୍ତି।

**ଦେବଗଡ଼, ୨୨।୭(ଡି.ଏନ୍.ଏ.)**

ବିଜୁ ଜନତା ଦଳର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ଦେବଗଡ଼ ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର ବାରକୋଟ କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ପାତ୍ର ଶୁଭାରମ୍ଭ କରିଥିଲେ। ଦେବଗଡ଼ ଜିଲା ଯୁବ ସଭାପତି ପ୍ରତାପ ଦେବ, ଛାତ୍ର ସଭାପତି ଭବାନୀ ସାହୁ, ବାରକୋଟ ବ୍ଲକ ସଭାପତି ହିରାଲାଲ ସାହୁ, ବ୍ଲକ ଯୁବ ସଭାପତି ସିକୁନ ପ୍ରଧାନ, ବ୍ଲକ ଛାତ୍ର ସଭାପତି ଝାଡେଶ୍ୱର ପ୍ରଧାନ, ସ୍ଥାନୀୟ ବରିଷ୍ଠ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଦେବଗଡ଼ ଜିଲା ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳ ଉପସ୍ଥିତ ରହି ସମସ୍ତ ରକ୍ତଦାତାଙ୍କୁ କୃତଜ୍ଞତା ଜଣାଇଥିଲେ। ଏହା ସହିତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଓ ବୃକ୍ଷ ରୋପଣ କରିବା ପାଇଁ ଚାରା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୭୨ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଡଂରା, ବିଜୟନଗର, ଦଣ୍ଡାସିଂହା ପଞ୍ଚାୟତରେ ବୃକ୍ଷ ରୋପଣ କରାଯାଇଥିଲା।

## ନେତୃତ୍ୱ,କୌଶଳ ବିକାଶ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶିବିର ଉଦ୍‌ଯାପିତ

**କୁତ୍ରା,୨୨।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ପାଞ୍ଚ ଦିନାତ୍ମକ ନେତୃତ୍ୱ ଓ କୌଶଳ ବିକାଶ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନି ଦିବସରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶାରଙ୍ଗଧର ବରିହା ଯୋଗଦେଇ ଶିବିରରୁ ଶିକ୍ଷକ ଶିକ୍ଷୟିତ୍ରୀ ନେତୃତ୍ୱ ଓ ଡିଜିଟାଲ କୌଶଳ ଶିକ୍ଷା ତାହା ପିଲାଙ୍କୁ ବିନିଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିବିର ପ୍ରଶିକ୍ଷକ ଭାବେ ସଦାନନ୍ଦ ପ୍ରଧାନ ବିଇଓ କୁଆଁରମୁଣ୍ଡା, ଶାନ୍ତିମୁନି ସୁରେଖା ହରୋ ବିଇଓ ବଡଗାଁ, ରଶ୍ମିରେଖା ପ୍ରଧାନ ଡାଟା କୋଡିନେଟର ବଡଗାଁ, ଜ୍ୟୋସ୍ନାରାଣୀ ଦଳେଇ ଡାଟା କୋଡ଼ିନେଟର ଟାଙ୍ଗରପାଲି, ମୁକେଶ କୁମାର ବୈଷୟିକ ପରାମର୍ଶ ଦାତା, କୁତ୍ରା ବିଇଓ ଗୁରୁଚରଣ ସାହୁ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ପ୍ରମୁଖ ଉପସ୍ଥିତ ରହି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେତୃତ୍ୱ ଓ ଶିକ୍ଷାଦାନ କୌଶଳ ସହିତ ନିଜକୁ ଖାପଖୁଆଇ ଆଗେଇ ଯିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ବିଭୀଷଣ ବାରିକ ସଂଯୋଜନା କରିଥିଲେ। ଏଥିରେ କୁତ୍ରା, ବଡଗାଁ, ରାଜଗାଙ୍ଗପୁର ଓ ସବଡେଗା ବ୍ଲକର ୫୧ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ।


**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**
E-mail ID:cebuildings_orissa@yahoo.co.in
cebuildings@rediffmail.com Tel.-(0674)-2391523
File No-B-I-Tourism-Puri-07/2021 Lr. No.- 28041/ Bhubaneswar 20th July, 2022
No.B-399: **Invitation for Bids**
Bid Identification No.OSD CE (B) -15 / 2022-23

| | | |
|---|---|---|
| 1. | The OSD- Chief Engineer (Buildings) on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade / Class registered with Central Government / MES / Railways for the building works detailed in the table below on turnkey basis (i.e. Architectural planning with detailed design, vetting & execution). | |
| 2. | Nature of work | Development of Puri-Konark Beachfront Chandrabhaga Beach, Konark on Turn-key Basis in the state of Odisha |
| 3. | No. of work | 01 no |
| 4. | Bid Cost. | Rs.10,000/- |
| 5. | Class of Contractor | Super Class |
| 6. | Availability of Bid Documents in the website | From dt 22.07.2022 to 05.30 PM of dt 05.09.2022 |
| 7 | Pre -bid meeting | Dt 08.08.2022 at 11.00 AM |
| 8 | Last date of online submission of bid | Dt 05.09.2022 |
| 9. | Last dt. of Submission of hardcopy (Cover-III) | Dt.12.09.2022 upto 5:30 PM |
| 10. | Date of Opening of Bid | Dt.13.09.2022at11:30AM. |
| 11. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- OSD-Cheif Engineer (Buildings), Odisha, Bhubaneswar
OIPR-34117/11/0038/2223

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
**Tender Call Notice**
E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle-09/2022-23
Memo No - 1401, Dt. 19.07.2022
**No.B-405:** The Chief Construction Engineer, Khordha (R&B) Circle, Khordha on behalf of Governor of Odisha in percentage rate bid in double cover system in ONLINE MODE from eligible contractors for Building work as detailed in the table below.
1. Nature of Work : Building Works
2. No. of Work : 3 Nos.
3. Tender Cost : Rs.10000.00 (On-Line)
4. Class of Contractor : B class, A Class, Special Class and Super Class
5. Available of Bid document in the Website : From 10.00 AM of Dt.28.07.2022 up to 05.00 PM of Dt.1203.08.2022 up to 5.00 PM
6. Date of opening of Bid : Dt 16.08.2022 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https: / /tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

Sd./- Chief Construction Engineer, Khordha (R&B) Circle, Khordha
OIPR-34127/11/0017/2223

**Bhubaneswar Development Authority**
Advt.No.649 Date:21.07.2022
**REQUEST FOR PROPOSAL FOR SELECTION OF PRIVATE ENTITY FOR OPERATING & MAINTAINING GYMNASIUM IN KHARAVELA PARK AT KHANDAGIRI IN BHUBANESWAR, ODISHA.**
**No.CAD-1212:** Bhubaneswar Development Authority invites "Request for Proposal for "Selection of Private Entity for Operating and maintaining Gymnasium in Kharavela Park in Bhubaneswar, Odisha". The RFP Documents will be available from 23.07.2022 to 10.08.2022. The RFP documents can be collected from the Office of the Chief Horticulturist BDA, Bhubaneswar on normal working hours on payment of Rs 11, 200.00 ( Non Refundable) including GST. The Last date of submission of bids is 16.08.2022 by 5.00 P.M through Registered Post/ Speed Post only & will be opened on 17.08.2022 in presence of bidders/ their representatives at 11.30 A.M. Please refer the RFP document for further details available at bda.gov.in.
Sd./- Chief Horticulturist, BDA, Bhubaneswar
OIPR-13033/11/0198/2223

**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ବିଭିନ୍ନ ପର୍ବୋତ୍ସବ ଅବସରରେ ବିଭାଗ ପକ୍ଷରୁ ସାଂସ୍କୃତିକ ଦଳ ପ୍ରେରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପ୍ରକ୍ରିୟାକୁ ସହଜ ତଥା ସୁଗମ୍ୟକରଣ ଦିଗରେ ଅନୁରୋଧକାରୀ ସଂସ୍ଥା (Requesting Agency) ମାନଙ୍କର ପଞ୍ଜୀକରଣ**
**ବିଜ୍ଞାପନ**
**No.RR-17:** ବିଭିନ୍ନ ସରକାରୀ / ବେସରକାରୀ ଅନୁଷ୍ଠାନମାନଙ୍କ ଅନୁରୋଧ ଆଧାରରେ ବିଭିନ୍ନ ପର୍ବୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଧାରଣତଃ ବିଭିନ୍ନ ସାଂସ୍କୃତିକ ଦଳମାନ ପ୍ରେରଣ କରାଯାଇଥାଏ । ଏହି କ୍ରମରେ ଓଡ଼ିଶାର କଳା ଓ ସଂସ୍କୃତିର ସଂରକ୍ଷଣ ତଥା ପ୍ରଚାର ପ୍ରସାର ନିମନ୍ତେ କାର୍ଯ୍ୟ କରୁଥିବା ବିଭିନ୍ନ ଅନୁରୋଧକାରୀ ସଂସ୍ଥା (Requesting Agency) ମାନଙ୍କର ପଞ୍ଜୀକରଣ ପ୍ରକ୍ରିୟାର ଶୁଭାରମ୍ଭ ଆସନ୍ତା ତା.୨୮.୦୭.୨୦୨୨ (ଗୁରୁବାର) ଠାରୁ ୧୬.୦୮.୨୦୨୨ ମଧ୍ୟରେ କରାଯିବ । ଏଣୁ ଏହି ପ୍ରକ୍ରିୟାରେ ସାମିଲ ହେବା ପାଇଁ ଆଗ୍ରହୀ ଆୟୋଜକ ସାଂସ୍କୃତିକ ଅନୁଷ୍ଠାନ ପୂର୍ବ ବର୍ଷମାନଙ୍କରେ ଅନୁରୋଧ କରିଥିବା ଆୟୋଜକ ସଂସ୍ଥାମାନେ ଆସନ୍ତା ଅଗଷ୍ଟ ୧୬.୨୦୨୨ ସୁଦ୍ଧା ନିଜ ନିଜ ଅନୁଷ୍ଠାନର ଆବଶ୍ୟକୀୟ ସୂଚନା ସହ web link ctms-ollc.in ମାଧ୍ୟମରେ ଏଥିପାଇଁ ଧାର୍ଯ୍ୟ ମାର୍ଗଦର୍ଶିକା ଆଧାରରେ ଏହି ପ୍ରକ୍ରିୟାରେ ପଞ୍ଜୀକୃତ ହୋଇପାରିବେ ।
ପଞ୍ଜୀକୃତ ହେବା ସକାଶେ ଟ.୧୦୦୦/- (ଏକ ହଜାର ଟଙ୍କା)କୁ ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଜମା ଦେବାକୁ ପଡିବ ।
ବି.ଦ୍ର. ଆବଶ୍ୟକୀୟ ସହାୟତା ପାଇଁ ଯୋଗାଯୋଗ **(helpdesk.ollc@gmail.com/0674-2432945 (O)/ 99867-02311 (M)**

ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର,
ଭୁବନେଶ୍ୱର-୭୫୧୦୧୪
OIPR-03001/11/0009/2223

**OFFICE OF THE SUPERINTENDENT**
**SCB MEDICAL COLLEGE HOSPITAL, CUTTACK**
E-mail:scbsuperintendent@gmail.com
No.17411, Dt.22.7.22
**TENDER CALL NOTICE**
**No.E-347:** Sealed Tenders are invited from the interested Manufacturer/ Authorized Dealers/Suppliers for supply of Disposable/Consumable items for SCB Medical College & Hospital, Cuttack. The detailed of tender papers along with terms and conditions can be obtained from Central Store Section (NTSK Sec.), Office of the Superintendent, SCB MCH, Cuttack during office hours from 11 A.M. to 5 P.M. on all working days on payment of Rs. 1000/- (Rupees One thousand) only in the Accounts Section and also obtained from website i.e. "http://www.scbmch.in" from 25.07.2022 to 08.08.2022. The tender paper should reach the office of the undersigned through Speed Post / Regd. Post only by 17.08.2022 by 12.30 P.M. The authority reserves the right to cancel or reject any or all the tenders without assigning any reason thereof.
Sd./- Superintendent
SCB Medical College Hospital, Cuttack
OIPR-10186/11/0011/2223

**ODISHA CONSTRUCTION CORPORATION LIMITED**
(A Govt. of Odisha Undertaking)
UNIT-VIII, BHUBANESWAR, e-mail:theoccltd@odishaconstruction.com
GSTIN- 21AAACO2571K2ZM
**e-Procurement Notice No. 10/OCCL/2022-23 (on-line)**
**No.CAD-1211: Name of Work :-Construction of Under Ground Pipe Line Irrigation system (UGPL) of 1 (one) No of Minor Irrigation Project i.e. Biluamara MIP in the district of Ganjam including distribution system and CAD (Package-I- 2nd phase). Total No. of Works : - 01 (One) No.**
**Procurement Details**

| Procurement Officer | Bid Identification No. | Amount put to Tender (Approx.) (Rs.in Lakhs.) | Period of Completion | Availability of Tender (Online) | Submission of Tender (Online) | Date of Opening of Technical Bid |
|---|---|---|---|---|---|---|
| Managing Director, OCC Ltd., Bhubaneswar | OCC-UGPL/ ANG-01/2022-23 | 1017.55 Lakhs | 12 (Twelve) Calendar Months | 26.07.2022 03.30 P.M. to 16.08.2022 5.30 P.M. | 26.07.2022 03.30 P.M. to 16.08.2022 5.30 P.M. | 17.08.2022 12.30 P.M. |

Further detail can be seen from the e-Procurement portal: www.tendersodisha.gov.in.
OIPR- 34120/11/0016/2223 Sd./- Managing Director


See Career Appointment on every Wednesday & Saturday

## ସେନ୍‌ସେକ୍ସରେ ୩୯୦ ପଏଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ:** ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସରେ ମଧ୍ୟ ଷ୍ଟକ୍ ବଜାରର ଫଳାଫଳ ଭଲି ରହିଛି। ଦୀର୍ଘଦିନର ବଜାର ଅସ୍ଥିରତା ପରେ ଚଳିତ ସପ୍ତାହର କ୍ରମାଗତ ୫ମ ଦିନ ପାଇଁ ମଧ ଶେୟାର ବଜାରର ନିବେଶକଙ୍କ ମନରେ ଉତ୍ସାହ ଦେଖାଦେଇଛି। ଏପରିକି ଅନ୍ତଃରାଷ୍ଟ୍ରୀୟ ସମସ୍ୟା, ଜିଏସ୍‌ଟି ହାର ବୃଦ୍ଧି ଓ ଟଙ୍କାର ମୂଲ୍ୟ ହ୍ରାସ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଭଳି ଘଟଣା ସତ୍ତ୍ୱେ ଶେୟାର ବଜାରର କାରବାର ପୂର୍ବାପେକ୍ଷା ଉନ୍ନତି ହୋଇଛି। ଶୁକ୍ରବାର ସେନ୍‌ସେକ୍ସ ୩୯୦.୨୮ ପଏଣ୍ଟ (୦.୭୦%) ବୃଦ୍ଧି ଘଟି ୫୬,୦୭୨.୨୩ ଅଙ୍କରେ କାରବାର ବନ୍ଦ ହୋଇଥିବା ବେଳେ ନିଫ୍ଟି-୫୦ରେ ୧୧୪.୨୦ ପଏଣ୍ଟ (୦.୬୯%) ବଢ଼ି ୧୬,୭୧୯.୪୫ ଅଙ୍କରେ କାରବାର ଶେଷ ହୋଇଥିଲା।

**ସଂକ୍ଷେପରେ**

## ଅଗଷ୍ଟ ୭ରୁ ଉଡ଼ାଣ ଭରିବ ଆକାଶ ଏୟାର

**ନୂଆଦିଲ୍ଲୀ,୨୨ା୭:** ନୂଆ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଆକାଶ ଏୟାର ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି ଯେ ଅଗଷ୍ଟ ୭ରୁ ତା'ର ପ୍ରଥମ ବ୍ୟବସାୟିକ ବିମାନ ଉଡ଼ାଣ କରିବ। ବିଶେଷକରି ମୁମ୍ବାଇ-ଅହମ୍ମଦାବାଦ ମାର୍ଗରେ ଉକ୍ତ ବିମାନ ସେବା ଯୋଗାଇ ଦିଆଯିବ। ସେଥିପାଇଁ ଶୁକ୍ରବାରଠାରୁ ୨୮ଟି ସାପ୍ତାହିକ ଉଡ଼ାଣ ଲାଗି ଟିକେଟ ବୁକିଂ ମଧ ଆରମ୍ଭ ହୋଇଯାଇଛି। ଅପରପକ୍ଷରେ ଆକାଶ ଏୟାର ବୋଇଂ ୭୩୭ ମ୍ୟାକ୍ସ ବିମାନ ବ୍ୟବହାର କରି ମୁମ୍ବାଇ-ଅହମ୍ମଦାବାଦ ମାର୍ଗରେ ପ୍ରଥମ ସେବା ପ୍ରଦାନ କରିବ ବୋଲି ଜଣାପଡିଛି। ଏପରିକି ମୁମ୍ବାଇ-ଅହମ୍ମଦାବାଦ ମାର୍ଗରେ ଅଗଷ୍ଟ ୭ରୁ କମ୍ପାନୀ ସାପ୍ତାହିକ ଭିତ୍ତିରେ ଉଡ଼ାଣ ସେବା ଜାରି ରଖିବ। ସେହିଭଳି ଅଗଷ୍ଟ ୧୩ରୁ ବାଙ୍ଗାଲୋର-କୋଚି ମାର୍ଗରେ ଆକାଶ ଏୟାରର ବିମାନ ଚଳାଚଳ କରିବ ବୋଲି ସୂଚନା ମିଳିଛି। ଉପରୋକ୍ତ ଉଡ଼ାଣ ଲାଗି କମ୍ପାନୀ ଦୁଇଟି ବୋଇଂ ୭୩୭ ମ୍ୟାକ୍ସ ବିମାନ କ୍ରୟ କରିଛି।

## ୭ପଇସା ଖସିଲା ଟଙ୍କା ମୂଲ୍ୟ

**ନୂଆଦିଲ୍ଲୀ,୨୨ା୭:** ଗତ କିଛି ମାସ ହେବ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ଅବମୂଲ୍ୟାୟନ ଜାରି ରହିଛି। ଗୁରୁବାର ଏଥିରେ ପରିବର୍ତ୍ତନ ଘଟିଥିଲା,ହେଲେ ଶୁକ୍ରବାର ପୁଣି ଥରେ ଡଲାର ତୁଳନାରେ ଟଙ୍କା ପରିମାଣ ମୂଲ୍ୟ ୭ ପଇସା ହ୍ରାସ ପାଇ ୭୯ .୯୨ ଟଙ୍କାରେ କାରବାର ବନ୍ଦ କରିଛି। ଫଳରେ ମୁଦ୍ରା ବିନିମୟ ବଜାରରେ ଏହାର କାରବାର ପ୍ରଥମ ପର୍ଯ୍ୟାୟରୁ ତଳମୁହାଁ ରହି ଥିବାବେଳେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ସାଙ୍ଗକୁ ବିଦେଶୀ ପାଣ୍ଠିରେ ଲଗାତର ହ୍ରାସ ଏବଂ ସାମଗ୍ରିକ ଦୁର୍ବଳତା ଯୋଗୁ ଏଭଳି ହୋଇଛି। ସେହିପରି ବିଦେଶୀ ପାଣ୍ଠି ପ୍ରବାହ ପରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୭୯.୯୨ ଟଙ୍କାରେ ରହିଥିଲା। ଶୁକ୍ରବାର ଅନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବିନିମୟ ବଜାରରେ ଟଙ୍କା ଡଲାର ପିଛା ୭୯.୯୦ଟଙ୍କାରେ ଖୋଲିଥିଲା ବେଳେ କାରବାର ଶେଷକୁ ବେଳକୁ ଏହା ୭୯.୯୨ରେ ପହଞ୍ଚିଥିଲା।

# ଡିଜିଟାଲ ଋଣଦାତାଙ୍କୁ ଆର୍‌ବିଆଇର ଚେତାବନୀ

ନୂଆଦିଲ୍ଲୀ,୨୨ା୭


ଶକ୍ତିକାନ୍ତ ଦାସ

ବର୍ତ୍ତମାନ ସମୟରେ ସାରା ଦେଶରେ ଡିଜିଟାଲ ଜରିଆରେ ଠକେଇ ଓ ଅନୈତିକ ଅର୍ଥ କାରବାର ଘଟଣା ଦ୍ରୁତଗତିରେ ବୃଦ୍ଧି ପାଇଛି। ଏହାକୁ ନଜରରେ ରଖି ଶୁକ୍ରବାର ଡିଜିଟାଲ ପ୍ଲାଟ୍‌ଫର୍ମରେ ଋଣ ବାଣ୍ଟୁଥିବା ଫିନ୍‌ଟେକ୍ କମ୍ପାନୀଗୁଡ଼ିକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ଏ ନେଇ ମଧ୍ୟ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି, ଡିଜିଟାଲ ଋଣଦାତା ନିଜ ସୀମାରେ ରହି କାମ କରିବା ଦରକାର। ସ୍ୱୀକୃତିପ୍ରାପ୍ତ ସଂସ୍ଥାଗୁଡିକ ଯେଉଁ କାମ ପାଇଁ ମଞ୍ଜୁରୀ ପତ୍ର ନେଇଛି, ସେହି କାମ କରିବା ଦରକାର ବୋଲି ବ୍ୟାଙ୍କ ଅଫ୍ ବରୋଦାର ବାର୍ଷିକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଦାସ ଏଭଳି ମତବ୍ୟକ୍ତ କରିଛନ୍ତି। ସେହିଭଳି ଯେଉଁ ବିଭିନ୍ନ ଫାର୍ମ ଅତିରିକ୍ତ କାମ କରିବାକୁ ଚାହୁଁଛନ୍ତି ସେମାନେ ପ୍ରଥମେ ଆମଠୁ ଅନୁମତି ନେବା ଦରକାର ବୋଲି ଦାସ କହିଛନ୍ତି। ଯଦି ଫାର୍ମଗୁଡ଼ିକ ବିନା ମଞ୍ଜୁରୀରେ ଏପରି କୌଣସି କାମ କରନ୍ତି ଯେଉଁଥି ପାଇଁ ସେମାନଙ୍କୁ ଲାଇସେନ୍ସ ମିଳିନାହିଁ, ତାହା ଗ୍ରହଣୀୟ ହେବ ନାହିଁ। ଏପରି ସଂସ୍ଥାଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ସେ ପରୋକ୍ଷରେ ମଧ୍ୟ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଆର୍‌ବିଆଇ ମଧ୍ୟ ନିୟମକାନୁନରେ ବନ୍ଧା। ବିନା ପ୍ରଣାଳୀରେ କୌଣସି ପ୍ରକାର ସମସ୍ୟାକୁ ଅନୁମତି ଦେଇପାରିବେ ନାହିଁ। ଆଗାମୀ କିଛି ସପ୍ତାହ ମଧ୍ୟରେ ଡିଜିଟାଲ ଋଣ ବିତରଣ ଲାଗି ଆର୍‌ବିଆଇ ନୂଆ ନୀତି ଆଣୁଛନ୍ତି। ଆର୍‌ବିଆଇ ଇନୋଭେସନ ଓ ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରେ। ତେବେ ପୂରା ବ୍ୟାଙ୍କିଙ୍ଗ୍ ଇକୋ ସିଷ୍ଟମକୁ ଏକ ନିୟାମକୀୟ ରୂପରେ ଚଳାଇବାର ଇଚ୍ଛା ମଧ୍ୟ ରଖୁଥିବା ଦାସ ମତବ୍ୟକ୍ତ କରିଛନ୍ତି। ତେବେ ଏଥିପାଇଁ ରେଗୁଲେସନ ତିଆରିରେ ବିଳମ୍ବ ହେଉଛି। କାରଣ ବର୍ତ୍ତମାନର ପରିସ୍ଥିତି ଅତ୍ୟନ୍ତ ଜଟିଳ, ହେଲେ ଏବେ କା ସିଷ୍ଟମରେ ବିନା ଲାଇସେନ୍ସରେ ଋଣ ବଣ୍ଟନ ହେଉଛି। ଏଣୁ ଆମେ ଅନିୟନ୍ତ୍ରିତ ଓ ବିନା ଲାଇସେନ୍ସରେ ଋଣ ବାଣ୍ଟୁଥିବା ସଂସ୍ଥାଗୁଡ଼ିକ ଉପରେ ନଜର ମଧ୍ୟ ରଖୁଛୁ, ଯେଉଁମାନେ ଭିନ୍ନ ଭିନ୍ନ ପ୍ରକାର ଋଣ ବଣ୍ଟନ କରୁଛନ୍ତି ବୋଲି ସେ ଦାବି କରିଛନ୍ତି। କେବଳ ଏତିକି ନୁହେଁ, ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡ଼ିକ ମଧ୍ୟ ଏପରି କାମ କରୁଛନ୍ତି ଯେଉଁ କାମ ପାଇଁ ସେମାନଙ୍କୁ ଅନୁମତି ଦିଆଯାଇନାହିଁ। ଏ ସବୁର ମୁକାବିଲା ଲାଗି ଏକ କମିଟି ଗଠନ କରାଯାଇଥିବା ଆର୍‌ବିଆଇ ଗଭର୍ନର ଦାସ ସୂଚନା ଦେଇଛନ୍ତି। ଏପରିକି ଉକ୍ତ କମିଟି ଖୁବ୍‌ଶୀଘ୍ର ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବ ବୋଲି ଦାସ କହିଛନ୍ତି।

# ଶକ୍ତିମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ଭୁବନେଶ୍ୱର,୨୨ା୭

ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ (ଓଏଚ୍‌ପିସି) ଲିମିଟେଡ୍‌ର ବିଭିନ୍ନ ପ୍ରକଳ୍ପ ଓ କର୍ପୋରେଶନର କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହେବା ପାଇଁ ରାଜ୍ୟ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ନିକଟରେ ଓଏଚ୍‌ପିସିର କର୍ପୋରେଟ୍ ଅଫିସ୍ ପରିଦର୍ଶନ କରି ଏକ ସମୀକ୍ଷା ବୈଠକ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଏଚ୍‌ପିସି ଆଣ୍ଡ ଜିଇଡିସିଓଏଲ୍‌ର ଅଧ୍ୟକ୍ଷ ବିଷ୍ଣୁପଦ ସେଠୀଙ୍କ ସମେତ କର୍ପୋରେଶନର ନିର୍ଦ୍ଦେଶକ (ଏଚ୍‌ଆର୍) ଡ. ପ୍ରବୋଧ କୁମାର ମହାନ୍ତି, ନିର୍ଦ୍ଦେଶକ (ଅପରେଶନ) ଆଶିଷ କୁମାର ମହାନ୍ତି ଏବଂ ଜିଇଡିସିଓଏଲ୍‌ର ସିଇଓ ସୁରଜିତ ପଲ ଓ ଓଏଚ୍‌ପିସିର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କର୍ପୋରେଶନର ଅଧ୍ୟକ୍ଷ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ କର୍ପୋରେଶନର ବିଭିନ୍ନ ନବୀକରଣ କାର୍ଯ୍ୟ, ନୂତନ ପ୍ରକଳ୍ପ ସହ ପ୍ରସ୍ତାବିତ ପମ୍ପ ଷ୍ଟୋରେଜ୍ ପ୍ରୋଜେକ୍ଟ ଏବଂ ଅନ୍ୟାନ୍ୟ ଛୋଟ ଓ ମିନି ହାଇଡ୍ରୋ ପ୍ରୋଜେକ୍ଟଗୁଡିକ ସମ୍ପର୍କରେ ସେଠୀ ବିସ୍ତୃତ ଭାବେ ସୂଚନା ପ୍ରଦାନ ସହ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସେହିଭଳି ମନ୍ତ୍ରୀ ମଧ୍ୟ ନୂତନ ନବୀକରଣ ଯୋଗ୍ୟ ସ୍ଥାପନା ପାଇଁ ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ନିଶ୍ଚିତ କରିଛନ୍ତି। ଓଡ଼ିଶାରେ ଶକ୍ତି ପ୍ରକଳ୍ପଗୁଡିକର ପର୍ଯ୍ୟାୟ ସମୀକ୍ଷା ପାଇଁ ମଧ୍ୟ ଦେବ ଗୁରୁତ୍ୱାରୋପ କରିଥିଲେ।

# ସ୍କୋଡା 'କୁଶାକ'ର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ

ନୂଆଦିଲ୍ଲୀ,୨୨ା୭



ଚଳିତ ବର୍ଷର ପ୍ରଥମ ଅର୍ଦ୍ଧବାର୍ଷିକୀ ପରେ ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ଭାରତରେ ତା'ର 'କୁଶାକ ଏସ୍‌ୟୁଭି'ର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଛି। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଜେକ ହୋଲିସ କହିଛନ୍ତି,ଇଣ୍ଡିଆ ୨.୦ର ହିରୋ କୁଶାକର ଏକ ବର୍ଷ ପରେ ବହୁ ସଂଖ୍ୟକ ସନ୍ତୁଷ୍ଟ ଗ୍ରାହକଙ୍କ ସହ ସ୍କୋଡା ଅଟୋ ଇଣ୍ଡିଆକୁ ଗୋଟିଏ ପରେ ଗୋଟିଏ ବିକ୍ରି ଶିଖରକୁ ଚଢ଼ିବା ପାଇଁ ଏହା ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭେଇଛି । ସାରା ପରିସରରେ କୁଶାକ ରେଇଞ୍ଜ କେବିନ ଏକ ନୂତନ ହେଡ୍ ଲାଇନର ଏବଂ ମାନକ ଭାବେ ଏକ ଟାୟାର ପ୍ରେସର ମନିଟରିଂ ସିଷ୍ଟମ ପ୍ରାପ୍ତ କରିଛି। ଅଧିକନ୍ତୁ ୧.୦ ଟିଏସ୍‌ଆଇ ଦ୍ୱାରା ଚାଳିତ ସମସ୍ତ ପ୍ରକାରକୁ ମାନକ ଭାବରେ ଷ୍ଟାର୍ଟ ଏବଂ ଷ୍ଟପ୍ ପୁନରୁଦ୍ଧାର ବ୍ୟବସ୍ଥା ସହ ସଜ୍ଜିତ କରାଯାଇଛି । ଏହା ଇନ୍ଧନ ଦକ୍ଷତାକୁ ୭-୯% ଉନ୍ନତ କରିଛି। ଡ୍ରାଇଭର ଦ୍ୱାରା ଏର୍ଗୋନେମିକ୍ସର ଫଙ୍କସନ ବୃଦ୍ଧି ଚୟନ କରିବା ପାଇଁ ନବ ଓ ବଟନ ଏବଂ ସହଜ ବ୍ୟବହାର ପାଇଁ ୨୦.୩୨ ସେମିର ଇନ୍‌ଫୋଟେଇନମେ ସିଷ୍ଟମ ବର୍ତ୍ତମାନ ଇଣ୍ଟରିୟର ପ୍ରାପ୍ତ କରିଛି।

# ବଢ଼ିବ ନାହିଁ ଆଇଟି ରିଟର୍ନ ସମୟସୀମା

ନୂଆଦିଲ୍ଲୀ,୨୨ା୭

ଚଳିତ ବର୍ଷ ଜୁଲାଇ ୩୧ ପର୍ଯ୍ୟନ୍ତ ଆୟକର ରିଟର୍ନ ଭରିବାର ଶେଷ ତାରିଖ ରହିଛି। ଏହି ସମୟସୀମାକୁ ଆଉ ଆଗକୁ ନ ବଢ଼ାଇବା ଉପରେ ସରକାର ବିଚାର କରୁଥିବା ଜଣାପଡ଼ିଛି। ଏଭଳି ପରିସ୍ଥିତିରେ ମଧ୍ୟ ସରକାର ଆଶା ରଖିଛନ୍ତି, ଅଧିକାଂଶ କରଦାତା ନିର୍ଦ୍ଧାରିତ ସମୟ ପୂର୍ବରୁ ରିଟର୍ନ ଭରି ଦେବେ। ଏ ନେଇ କେନ୍ଦ୍ର ରାଜସ୍ୱ ସଚିବ ତରୁଣ ବଜାଜ ଶୁକ୍ରବାର କହିଛନ୍ତି, ଜୁଲାଇ ୨୦ ସୁଦ୍ଧା ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୨ କୋଟି ୩ ଲକ୍ଷରୁ ଅଧିକ କରଦାତା ଆୟକର ରିଟର୍ନ ଭରି ସାରିଲେଣି ଏବଂ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ଆର୍ଥିକ ବର୍ଷ ୨୦୨୦-୨୧ରେ ପ୍ରାୟ ୫ କୋଟି ୮୯ ଲକ୍ଷ ଆୟକର ରିଟର୍ନ ଭରା ଯାଇଥିଲା।

# ବିଓବିର ୧୧୫ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୨ା୭

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ର ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏହାର ୧୧୫ତମ ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ଏକ ବାଇକ ରାଲିର ଆୟୋଜନ କରାଯାଇଥିଲା। ଉକ୍ତ ରାଲିରେ ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ଶାଖା କାର୍ଯ୍ୟାଳୟର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କ୍ଷେତ୍ରୀୟ ମୁଖ୍ୟ ସୁରେନ୍ଦ୍ର ଗୌଣ୍ଡ ଏବଂ ଉପ କ୍ଷେତ୍ରୀୟ ମୁଖ୍ୟ ଏନ୍.କେ. ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ରାଲି ସମ୍ବଲପୁର ସହର ପରିକ୍ରମାକରି ଜନସାଧାରଣଙ୍କ ସମ୍ମୁଖରେ ବିଓବିର ଆଭିମୁଖ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ରକ୍ତଦାନ ଶିବିରର ମଧ୍ୟ ଆୟୋଜନ କରାଯାଇଥିଲା। ଉକ୍ତ ଶିବିର ଜରିଆରେ ମୋଟ ୫୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଗ୍ରାହକ ଉକ୍ତ ରକ୍ତଦାନ ଶିବିରରେ ସାମିଲ ହୋଇଥିଲେ। ରକ୍ତଦାନ ପରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ କ୍ଷେତ୍ରୀୟ ମୁଖ୍ୟ ଗୌଣ୍ଡ ଏବଂ ଉପ କ୍ଷେତ୍ରୀୟ ମୁଖ୍ୟ ବେହେରାଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ସମ୍ବଲପୁରସ୍ଥିତ ବାଳିକା ଅନାଥ ଆଶ୍ରମ 'ଧନ କଉଡ଼ା ବାଳିକା ଆଶ୍ରମ'ରେ କ୍ଷେତ୍ରୀୟ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ଗ୍ରାହକଙ୍କ ନିମନ୍ତେ ଏକ ଚକ୍ଷୁ ପରୀକ୍ଷା ଶିବିରର ମଧ୍ୟ ଆୟୋଜନ କରାଯାଇଥିଲା। ବ୍ୟାଙ୍କର ଉପରୋକ୍ତ କାର୍ଯ୍ୟକ୍ରମଗୁଡିକ ଏହାର ସିଏସ୍‌ଆର୍‌ର ଅଂଶବିଶେଷ ଭାବେ କରାଯାଇଥିଲା।

**ଫୁର୍‌ସତ୍**

# ପ୍ରାଣୀଙ୍କୁ ବିପଦ ବନାଗ୍ନି



**ଅଷ୍ଟ୍ରେଲିଆ ଜଙ୍ଗଲରେ ନିଆଁ**

**ସିଡ୍‌ନୀ:** ଅଷ୍ଟ୍ରେଲିଆରେ ବହୁ ବିରଳ ପ୍ରଜାତିର ବନ୍ୟଜନ୍ତୁ ବାସ କରୁଥିବାବେଳେ ଏମାନଙ୍କ ସ୍ଥିତି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଜଙ୍ଗଲ ନିଆଁ, ମରୁଭୂମି, ପ୍ରାକୃତିକ ବାସସ୍ଥାନର ଅଭାବ, ଗ୍ଲୋବାଲ ୱାର୍ମିଂ ଏହାର ପ୍ରମୁଖ କାରଣ ହୋଇଥିବା ମଙ୍ଗଳବାର ପ୍ରକାଶ ପାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୧୯-୨୦ରେ ବ୍ଲାକ୍ ସମର ଯୋଗୁ ୮୦ ଲକ୍ଷ ହେକ୍ଟର ଜଙ୍ଗଲରେ ନିଆଁ ଲାଗିବା କାରଣରୁ ୧୦୦ରୁ ୩୦୦ କୋଟି ଜନ୍ତୁଙ୍କ ପ୍ରାଣହାନି ଘଟିଛି। ସେହିପରି ୨୦୧୬, ୨୦୧୭ ଏବଂ ୨୦୨୦ରେ ସାମୁଦ୍ରିକ ହିଟ୍‌ୱେଭ୍‌ର ପ୍ରଭାବ ଗ୍ରେଟ୍ ବାରିୟର୍ ରିଫ୍ ଉପରେ ଅଧିକମାତ୍ରାରେ ପଡ଼ିଥିବା ମାର୍ଚ୍ଚରେ ସରକାରଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ଏହାଫଳରେ ବିରଳ ପ୍ରଜାତିଙ୍କ ବିଲୋପ ଘଟିଛି। ଅନ୍ୟପଟେ ୧୯୯୦ରେ ଲକ୍ଷାଧିକ ହେକ୍ଟର ପରିମିତ ଜଙ୍ଗଲ ସଫା କରାଯାଇଥିବା ରିପୋର୍ଟରେ କୁହାଯାଇଛି। ୨୦୦ରୁ ୨୦୧୭ ମଧ୍ୟରେ ୭୦ ଲକ୍ଷ ହେକ୍ଟର ଜଙ୍ଗଲରେ ବାସ କରୁଥିବା ବନ୍ୟପ୍ରାଣୀ ପ୍ରାଣ ହରାଇଛନ୍ତି, ଯାହାର ମୂଲ୍ୟାଙ୍କନ ଅଷ୍ଟ୍ରେଲିଆ ପରିବେଶ ସଂରକ୍ଷଣ ଆଇନ କରିନାହିଁ। ତେବେ ଗତ ୫ ବର୍ଷ ଭିତରେ ଦେଶରେ ମାତ୍ର ୮ ପ୍ରତିଶତ ନୂଆ ପ୍ରଜାତିର ପ୍ରାଣୀ ଚିହ୍ନଟ ହୋଇଛନ୍ତି। ଅନ୍ୟ ଦେଶ ତୁଳନାରେ ଅଷ୍ଟ୍ରେଲିଆର ଅଧିକ ସଂଖ୍ୟାରେ ବନ୍ୟଜନ୍ତୁଙ୍କ ମୃତ୍ୟୁ ଘଟିଛି। ତାପମାତ୍ରା ବୃଦ୍ଧି କାରଣରୁ ବହୁ ବନ୍ୟଜନ୍ତୁ ଜଙ୍ଗଲ ଛାଡ଼ି ଅନ୍ୟତ୍ର ସ୍ଥାନାନ୍ତର ହେବାରେ ଲାଗିଥିବା ରିପୋର୍ଟରେ ଦର୍ଶାଯାଇଛି। ବିଂଶ ଶତାବ୍ଦୀରୁ ଅଷ୍ଟ୍ରେଲିଆ ତାପମାତ୍ରାରେ ୧.୪ ଡିଗ୍ରୀ ସେଲସିୟସ୍ ବୃଦ୍ଧି ଘଟିଛି। ଯଦି ଏପ୍ରକାର ସ୍ଥିତିରେ ସୁଧାର ନ ଅଣାଯାଏ ତେବେ ଆଗାମୀ ଦିନରେ ଜୀବଜନ୍ତୁ ବିଲୁପ୍ତ ହେବାର ଆଶଙ୍କା ରହିଥିବା ବିଶେଷଜ୍ଞ କହିଛନ୍ତି। ଏହା ଏକ ଆଶ୍ଚର୍ଯ୍ୟ କଳାଭଳି ତଥ୍ୟ ହେବା ସହ ଅଷ୍ଟ୍ରେଲିଆ ପରିବେଶ କିଭଳି ଭାବେ ବିନାଶ ଆଡକୁ ଗତିଶୀଳ ହେଉଛି ତାହା ଉକ୍ତ ରିପୋର୍ଟରେ ଦର୍ଶାଯାଇଥିବା ଅଷ୍ଟ୍ରେଲିଆ ପରିବେଶ ମନ୍ତ୍ରୀ ତାନ୍ୟା ପ୍ଲିବରସେକ କହିଛନ୍ତି। ୨୦୨୧ ଡିସେମ୍ବରରେ ରିପୋର୍ଟ ସରକାରଙ୍କ ହସ୍ତଗତ ହୋଇଥିଲେ ହେଁ ଏହାକୁ ରିଲିଜ୍ କରାଯାଇ ନ ଥିଲା।

ସହରୀକରଣ ପାଇଁ ସିଡ୍‌ନୀରେ ପ୍ରାୟ ୭୦ ପ୍ରତିଶତ ଦୁର୍ଲଭ ଓ ମୂଲ୍ୟବାନ ଗଛ ଲୋପ ପାଇଛି। ଅଷ୍ଟ୍ରେଲିଆରେ ସହର ସଂଖ୍ୟା ବୃଦ୍ଧି ପାଇବା କାରଣରୁ ଅର୍ବାନ୍ ହିଟ୍, ପ୍ରଦୂଷଣର ମାତ୍ରା ବୃଦ୍ଧି ପାଇଥିବା ବିଶେଷଜ୍ଞ କହିଛନ୍ତି। ପ୍ରକାଶିତ ରିପୋର୍ଟ ଦେଶ ପାଇଁ ଏକ ଟର୍ନିଂ ପଏଣ୍ଟ। ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଆବଶ୍ୟକ ଯୋଜନା ତିଆରି କରିବା ଦରକାର ବୋଲି ୱାର୍ଲ୍ଡୱାଇଲ୍ଡଲାଇନ୍ ଫଣ୍ଡ ଅଷ୍ଟ୍ରେଲିଆ ପରାମର୍ଶ ଦେଇଛି।

# ରଣବୀରଙ୍କ ନ୍ୟୁଡ୍ ଫଟୋଶୁଟ୍



**ମୁମ୍ବାଇ:** ଅନେକ ଅଜବ ଗଜବ କାର୍ଯ୍ୟ କରି ରଣବୀର ସିଂ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥାନ୍ତି। ନିକଟରେ ପେପର୍ ମାଗାଜିନ୍ ପାଇଁ ଫଟୋଶୁଟ୍ କରାଯାଇଥିବାବେଳେ ରଣବୀର ଏଥିରେ ନ୍ୟୁଡ୍ ଫଟୋଶୁଟ୍ କରିଛନ୍ତି। କିଛି ଫଟୋରେ ରଣବୀର ଅନ୍ତଃବସ୍ତ୍ର ପରିଧାନ କରିଥିବାର ଦେଖାଯାଇଛି ଓ ଆଉ କିଛି ଫଟୋରେ ସମ୍ପୂର୍ଣ୍ଣ ଉଲଗ୍ନ ଥିବା ଦେଖାଯାଇଛି। ତେବେ ରଣବୀରଙ୍କ ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏକ କସ୍ମୋପଲିଟାନ ମାଗାଜିନ ପାଇଁ ଏପରି ଫଟୋଶୁଟ କରିଥିବା ବର୍ଟ ରେନୋଲ୍ଡସଙ୍କ ଠାରୁ ସେ ପ୍ରେରିତ ହୋଇ ଏପରି ଫଟୋସୁଟ କରିଥିବା ସୂଚନା ରହିଛି। ରଣବୀରଙ୍କ ଏହି ନଗ୍ନ ଫଟୋଶୁଟ ବିଶେଷ କରି ଟ୍ୱିଟରରେ ଟ୍ରେଣ୍ଡ୍ ପାଲଟିଛି। ଏହି ଫଟୋକୁ ବ୍ୟବହାର କରି ସୋସିଆଲ ମିଡିଆ ୟୁଜର ଅନେକ ମିମ୍ ବନାଉଥିବାର ଦେଖିବାକୁ ମିଳିଛି। ରଣବୀରଙ୍କ ଏହି ଫଟୋକୁ ନେଇ ବଙ୍ଗଳା ଅଭିନେତ୍ରୀ ମିମି ଚକ୍ରବର୍ତ୍ତୀ ତାଙ୍କୁ ପ୍ରଶଂସା କରିଛନ୍ତି। ଫଟୋକୁ ଯଦି ଲୋକେ ଗ୍ରହଣ କରିପାରିବେ ତେବେ ତାହ । ଜଣେ କଳାକାର ପାଇଁ ଉଦ୍ଦିଷ୍ଟ ହେବ ବୋଲି ସେ କହିଛନ୍ତି। ତେବେ ଫଟୋଶୁଟ୍‌କୁ ନେଇ ରଣବୀର ବେଶ୍ ଖୁସି ଥିବାବେଳେ ସେ କହିଛନ୍ତି, ଜଣେ କଳାକାର ହିସାବରେ ସବୁପ୍ରକାର ଚ୍ୟାଲେଞ୍ଜକୁ ସ୍ୱୀକାର କରିବା ଆବଶ୍ୟକ। ତେଣୁ ତାଙ୍କ ପାଖରେ ସେ ପ୍ରତିଭା ଥିବା ରଣବୀର କହିଛନ୍ତି।

# ପ୍ରସାରଣ ବ୍ୟବସ୍ଥା ଦେଶକୁ ବିକଶିତ କରେ

**ଜାତୀୟ ପ୍ରସାରଣ ଦିବସ**

ପ୍ରସାରଣ ବ୍ୟବସ୍ଥା ପ୍ରତିଟି ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବିଭିନ୍ନ ସରକାରୀ ଯୋଜନା ଠାରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରସାର କ୍ଷେତ୍ରରେ ପ୍ରସାରଣ ବ୍ୟବସ୍ଥା ଅପରିହାର୍ଯ୍ୟ। ପ୍ରସାରଣ ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଜୁଲାଇ ୨୩ ରେ ଜାତୀୟ ପ୍ରସାରଣ ଦିବସ ପାଳନ କରାଯାଇଥାଏ। ଇଣ୍ଡିଆନ ବ୍ରୋଡକାଷ୍ଟିଂ କମ୍ପାନୀ (ଆଇବିସି) ୧୯୨୭ରେ ଏହି ଦିନ ବମ୍ବେ ଷ୍ଟେଶନରୁ ରେଡିଓ ପ୍ରସାରଣର ଆୟୋଜନ ଆରମ୍ଭ କରିଥିଲା। ଏହି କାର୍ଯ୍ୟକ୍ରମକୁ ପାଳନ କରିବା ପାଇଁ ଅଲ ଇଣ୍ଡିଆ ରେଡିଓ (ଏଆଇଆର୍) ନୂଆଦିଲ୍ଲୀରେ ନୂଆ ଭାରତ ନିର୍ମାଣ ଏବଂ ବ୍ରଡକାଷ୍ଟିଂ ମିଡିୟମ ଉପରେ ଏକ ଆଲୋଚନାଚକ୍ର ଆୟୋଜନ କରିଥିଲା। ୧୯୨୩ ରେ ବମ୍ବେର ରେଡିଓ କ୍ଲବର ଉଦ୍ୟମରେ ବ୍ରିଟିଶ ଶାସନ ସମୟରେ ଭାରତରେ ରେଡିଓ ପ୍ରସାରଣ ସେବା ଆରମ୍ଭ ହୋଇଥିଲା। ବ୍ରିଟିଶ ସରକାର ୧୯୩୦ରେ ରେଡିଓ ପ୍ରସାରଣ ଦାୟିତ୍ୱ ଗ୍ରହଣ କରି ଭାରତୀୟ ଷ୍ଟେଟ୍ ପ୍ରସାରଣ ସେବା (ଆଇଏସବିଏସ) ଆରମ୍ଭ କରିଥିଲେ। ଦୁଇ ବର୍ଷ ପାଇଁ ପରୀକ୍ଷାମୂଳକ ଭିତ୍ତିରେ ସରକାର ୧ ଏପ୍ରିଲ ୨୯୩୦ ରେ ପ୍ରସାରଣ ବ୍ୟବସ୍ଥା ପରିଚାଳନା ଗ୍ରହଣ କରିଥିଲେ। ଆଇବିସି ଏକ ଘରୋଇ ସଂସ୍ଥା ଥିଲା ଏବଂ କୋଲକାତା ଏବଂ ମୁମ୍ବାଇରେ ଦୁଇଟି ରେଡିଓ ଷ୍ଟେଶନ ଚଳାଇବାକୁ ବ୍ରିଟିଶ ସରକାର ଏହାକୁ ଅନୁମତି ଦେଇଥିଲେ। ୧ ମେ ୧୯୩୨ରେ ଏହାକୁ ସ୍ଥାୟୀ ଭାବେ ଇଣ୍ଡିଆନ ଷ୍ଟେଟ ବ୍ରୋଡକାଷ୍ଟିଂ ସର୍ଭିସ (ଆଇଏସବିଏସ) ଭାବେ ନାମିତ କରାଯାଇଥିଲା। ୧୯୩୬ ଜୁନ୍ ୮ରେ ଏହା ଅଲ୍ ଇଣ୍ଡିଆ ରେଡିଓ ଭାବେ ନାମିତ ହୋଇଥିଲା। ୧୯୫୭ରେ, ଏହା ଆକାଶବାଣୀ ଭାବେ ଲୋକପ୍ରିୟତା ହାସଲ କଲା ଏବଂ ଲୋକଙ୍କ ସାମାଜିକ-ଅର୍ଥନୈତିକ ଜୀବନକୁ ବଦଳାଇ ଦେଇଥିଲା।

**୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର**

# ତୁଳସୀ ଦାଶ ଜୁନିୟର ଶ୍ରେଷ୍ଠ



**ନୂଆଦିଲ୍ଲୀ:** ୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତାଙ୍କ ନାମ ଶୁକ୍ରବାର ଘୋଷଣା କରାଯାଇଛି। ସୂର୍ଯ୍ୟା, ଅଜୟ ଦେବଗନଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ମାଲୟାଲମ ଫିଲ୍ମ 'ଏ.କେ. ଆୟାପ୍ପାନମ କୋଶିୟମ' ନିର୍ମାତା ସଚ୍ଚିଦାନନ୍ଦନ କେ.ଆର୍‌ଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯାଇଛି।'ତୁଳସୀ ଦାଶ ଜୁନିୟର'ଙ୍କୁ ମିଳିଛି ବେଷ୍ଟ ହିନ୍ଦୀ ଫିଲ୍ମ ଆୱାର୍ଡ,ଏହାର କାହାଣୀ ଫିଲ୍ମ ନିର୍ଦ୍ଦେଶକ ମୃଦୁଲ ମହେନ୍ଦ୍ରଙ୍କ ଜୀବନୀ ଉପରେ ଆଧାରିତ। ପ୍ରଖ୍ୟାତ ଅଭିନେତା ରାଜୀବ କପୁରଙ୍କ ଏହା ଶେଷ ଫିଲ୍ମ ହୋଇଥିବାବେଳେ ରିଲିଜ୍ ପୂର୍ବରୁ ଅର୍ଥାତ୍ ଚଳିତବର୍ଷ ଫେବୃୟାରୀରେ ରାଜୀବଙ୍କ ଦେହାନ୍ତ ହୋଇଥିଲା। ଥାମାନ ଏବଂ ଜି.ଭି. ପ୍ରକାଶ କୁମାରଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ସମ୍ମାନ ପ୍ରଦାନ କରାଯାଇଛି। ଗତ ମେ'ରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ନ୍ୟାଶନାଲ ମିଡିଆ ସେଣ୍ଟରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜୁରି ମେମ୍ବର ଧରମ ଗୁଲାଟି ବିଜେତାଙ୍କ ନାମ ଘୋଷଣା କରିଥିଲେ। ମହାମାରୀ କରୋନା ପାଇଁ ୨୦୨୦ରେ ଅନୁଷ୍ଠିତ ହେବାକୁ ଥିବା ୬୮ତମ ନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ସ୍ଥଗିତ ଥିଲା। ତେବେ ଗତଥର ଫିଲ୍ମ 'ଭୋନ୍‌ସଲେ' ପାଇଁ ମନୋଜ ବାଜପେୟୀ ଏବଂ 'ଅସୁରନ' ପାଇଁ ଧନୁଷଙ୍କୁ ବେଷ୍ଟ ଆକ୍ଟର ଆୱାର୍ଡ ମିଳିଥିବାବେଳେ ଫିଲ୍ମ 'ମଣିକର୍ଣ୍ଣିକା' ଅଭିନେତ୍ରୀ କଙ୍ଗନାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଘୋଷଣା କରାଯାଇଥିଲା।




ମୁଢି, ଚୁଡ଼ା ଉପରେ ଜିଏସ୍‌ଟି ଲାଗୁ ଏବଂ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ବିରୋଧରେ କୋଲକାତା ଠାରେ ଶୁକ୍ରବାର କଂଗ୍ରେସ ସେବା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ରାଜନୀତି ଛାଡ଼ିବେ ୟେଦୁରପ୍ପା

## ପୁଅ ବିଜୟେନ୍ଦ୍ରଙ୍କୁ ନିଜ ଆସନ ଛାଡ଼ିଦେଲେ

ବେଙ୍ଗାଲୁରୁ,୨୨।୭

କର୍ଣ୍ଣାଟକର ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ସକ୍ରିୟ ରାଜନୀତି ଛାଡ଼ିବା ନେଇ ଶୁକ୍ରବାର ସଙ୍କେତ ଦେଇଛନ୍ତି। ସେ ତାଙ୍କ ପୁଅ ତଥା ରାଜ୍ୟ ଭାଜପା ଉପାଧ୍ୟକ୍ଷ ବି.ୱାଇ. ବିଜୟେନ୍ଦ୍ରଙ୍କୁ ନିଜ ଶିକାରୀପୁରା ନିର୍ବାଚନମଣ୍ଡଳୀ ଛାଡ଼ିଦେଇଛନ୍ତି। ୨୦୨୩ ବିଧାନସଭା ନିର୍ବାଚନରେ ଉକ୍ତ ଆସନରୁ ବିଜୟେନ୍ଦ୍ର ଲଢ଼ିବେ ବୋଲି ୟେଦୁରପ୍ପା ସ୍ପଷ୍ଟ କରିଛନ୍ତି। ବିଜୟେନ୍ଦ୍ର ମହୀଶୂର ଅଞ୍ଚଳରୁ ପ୍ରତିଦ୍ୱନ୍ଦ୍ୱିତା କରିବେ କି ବୋଲି ତାଙ୍କ ସମର୍ଥକମାନେ ପ୍ରଶ୍ନ କରିବାରୁ ୟେଦୁରପ୍ପା କହିଛନ୍ତି, ମୁଁ ଶିକାରୀପୁରାରୁ ନିର୍ବାଚନ ଲଢ଼ିବି ନାହିଁ। ସେଠାରୁ ବିଜୟେନ୍ଦ୍ର ଲଢ଼ିବେ।



କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା

ଶିକାରୀପୁରା ମତଦାତା ତାଙ୍କୁ ବିପୁଳ ଭୋଟରେ ବିଜୟୀ କରାନ୍ତୁ ବୋଲି ୟେଦୁରପ୍ପା ଯୋଡ଼ହସ୍ତରେ ନିବେଦନ କରିଛନ୍ତି। ପ୍ରକାଶ ଯେ, ବିଜୟେନ୍ଦ୍ରଙ୍କୁ ୨୦୨୦ ଜୁଲାଇରେ କର୍ଣ୍ଣାଟକ ଭାଜପା ଉପାଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା। ଏହା ପୂର୍ବରୁ ୨୦୧୮ ମେ' ବିଧାନସଭା ନିର୍ବାଚନ ବେଳେ ଦଳ ବିଜୟେନ୍ଦ୍ରଙ୍କୁ ବରୁଣ ଆସନରୁ ଟିକେଟ ନ ଦେଇ ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ନିଯୁକ୍ତ କରିଥିଲା।

## ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୨।୭

କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କୁ ଶୁକ୍ରବାର ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ୨୦୦୬-୦୭ରେ ୟେଦୁରପ୍ପା ଉପମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କ ବିରୋଧରେ ବେଆଇନ ଭାବେ ଜମି ଆବଣ୍ଟନ ଅଭିଯୋଗ ଆସିଥିଲା। ଦୁର୍ନୀତି ନିବାରଣ ଆଇନ ବଳରେ ଲୋକାୟୁକ୍ତଙ୍କ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ୨୦୨୦ରେ ସେ ଏଫ୍ଆଇଆର୍ ରଦ୍ଦ ପାଇଁ କର୍ଣ୍ଣାଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ହାଇକୋର୍ଟ ମନା କରିଦେଇଥିଲେ। ହାଇକୋର୍ଟ ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି।

# ସରକାରଙ୍କୁ ଘେରିଲେ ବିରୋଧୀ

## ବିଧାନସଭାକୁ ଖବରଦାତାଙ୍କୁ ନ ଛାଡ଼ିବା ପ୍ରସଙ୍ଗ

### ■ପରବର୍ତ୍ତୀ ଅଧିବେଶନରେ ବିଚାର କରାଯିବ: ବାଚସ୍ପତି

ଭୁବନେଶ୍ୱର,୨୨।୭(ବ୍ୟୁରୋ)

କରୋନା ମହାମାରୀ ଆଳ ଦେଖାଇ ସରକାର ଖବରଦାତାଙ୍କୁ ପ୍ରେସ୍ ଗ୍ୟାଲେରି ଛାଡୁନାହାନ୍ତି। ବିଧାୟକଙ୍କୁ ପ୍ରେସ୍ ଗ୍ୟାଲେରି, ଦର୍ଶକ ଗ୍ୟାଲେରି, ବାଚସ୍ପତିଙ୍କ ଗ୍ୟାଲେରିରେ ବସାଯାଉଛି। ସବୁଆଡ଼େ ମାଳ ମାଳ ଲୋକ ଏକାଠି ହେଉଛନ୍ତି। କେବଳ ବିଧାନସଭାରେ କରୋନା ମାଡୁଛି। ବିଧାୟକଙ୍କର ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେଉଛି। ତୁରନ୍ତ ଖବରଦାତା ଓ ବିଧାୟକଙ୍କୁ ନିଜ ସିଟ୍‌କୁ ଆଣିବାକୁ ନିର୍ଦ୍ଦେଶ ଦିଆଯାଉ । ଏଭଳି ଦାବିରେ ଉଭୟ ଭାଜପା ଓ କଂଗ୍ରେସ ସଦସ୍ୟ ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଫଳରେ ବିଧାନସଭାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବାତିଲ ହୋଇ ଯାଇଥିଲା। ବାଚସ୍ପତି ଗୃହକୁ ୧ ଘଣ୍ଟା ପାଇଁ ମୁଲତବୀ ଘୋଷଣା କରିଥିଲେ।

ଶୁକ୍ରବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନସଭାକୁ ଖବରଦାତା ଓ ବିଧାୟକଙ୍କୁ କାହିଁକି ପ୍ରବେଶ ଅନୁମତି ଦିଆଯାଉ ନାହିଁ ବୋଲି ସରକାରଙ୍କଠାରୁ କୈଫିୟତ ତଲବ କରିଥିଲେ। ବିଧାୟକମାନେ ପ୍ରେସ୍ ଗ୍ୟାଲେରି ଓ ଦର୍ଶକ ଗ୍ୟାଲେରିରେ ବସୁଛନ୍ତି। ତୁରନ୍ତ ଖବରଦାତା ଓ ବିଧାୟକଙ୍କୁ ବିଧାନସଭାକୁ ଆସିବାକୁ ଅନୁମତି ଦିଆଯାଉ। ଏହି ଦାବି କରି ଉଭୟ ଦଳର ସଦସ୍ୟ ହୋହଲ୍ଲା କରିଥିଲେ। ପାଟିତୁଣ୍ଡ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆଗେଇ ନ ଥିଲା। ବାଚସ୍ପତି ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରି ସର୍ବଦଳୀୟ ବୈଠକ ଡାକିଥିଲେ।

୧୧ଟା ୩୦ ମିନିଟରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶୂନ୍ୟକାଳରେ ବାଚସ୍ପତି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝିଙ୍କୁ କହିବାକୁ ଅନୁମତି ଦେଇଥିଲେ। ଖବରଦାତା ଓ ବିଧାୟକଙ୍କୁ ନିଜ ସ୍ଥାନକୁ ଫେରାଇ ଆଣିବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭାଜପା ସଭ୍ୟ ଜୟ ନାରାୟଣ ମିଶ୍ର କହିଲେ, ଭାରତବର୍ଷରେ ଏମିତି ବିଧାନସଭା କେଉଁଠି ଚାଲୁନାହିଁ। କରୋନା ସଂକ୍ରମଣ କମିଥିବାରୁ ବିଧାନସଭା ସ୍ୱାଭାବିକ ଚାଲୁ ବୋଲି ସେ ଦାବି କରିଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ପ୍ରେସ୍ ନ ରହିଲେ ଖବର କିଏ ଲୋକଙ୍କ ପାଖରେ ପହଞ୍ଚାଇବ। କିଏ କ'ଣ କହୁଛନ୍ତି ଗଣମାଧ୍ୟମ ପ୍ରତିନିଧି ଜାଣିପାରୁ ନାହାନ୍ତି। ମୁଁ ଗୋଟିଏ କଥା କହିଥିଲି । ମୋ ବଦଳରେ ଆଉ ଜଣଙ୍କ ନାମ ଗୋଟିଏ ଗଣମାଧ୍ୟମରେ ପ୍ରକାଶ ପାଇଛି। ଦର୍ଶକଙ୍କ ଗ୍ୟାଲେରିରେ ବିଧାୟକ ବସିଛନ୍ତି। ରଥଯାତ୍ରାରେ ୨୫ ଲକ୍ଷ ଲୋକଙ୍କ ସମାଗମ ହେଲା। ଜଗନ୍ନାଥଙ୍କ କୃପାରୁ ବିଧାନସଭାରେ ମଧ୍ୟ କିଛି ହେବ ନାହିଁ ବୋଲି ସେ କହିଥିଲେ। ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ପ୍ରମୁଖ ଖବରଦାତା ଓ ବିଧାୟକଙ୍କୁ ବିଧାନସଭାରେ ନିଜ ସିଟ୍‌କୁ ଆସିବାକୁ ଅନୁମତି ଦେବା ପାଇଁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗୃହର ଉଦ୍‌ବେଗକୁ ଦେଖି ବାଚସ୍ପତି କହିଲେ, ପ୍ରଶ୍ନକାଳ ଓ ଶୂନ୍ୟକାଳରେ ଭାଜପା, କଂଗ୍ରେସ, ସିପିଏମ୍ ଓ ଅନ୍ୟ ସଦସ୍ୟମାନେ ଖବରଦାତା ଓ ବିଧାୟକଙ୍କୁ ନିଜ ଆସନକୁ ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି। ବିଧାନସଭା ଆରମ୍ଭରୁ ସର୍ବଦଳୀୟ ବୈଠକରେ କୋଭିଡ୍ କଟକଣା ଭିତରେ ଗୃହ ଚାଲିବ ବୋଲି ନିଷ୍ପତ୍ତି ହୋଇଥିଲା। ସମସ୍ତଙ୍କ ସୁରକ୍ଷା ଦୃଷ୍ଟିରୁ କୋଭିଡ୍ କଟକଣାରେ ଗୃହ ପରିଚାଳନା କରାଯାଉଛି। ବିଧାୟକଙ୍କର ଅଧିକାର କ୍ଷୁଣ୍ଣ କରାଯାଇ ନାହିଁ। ସେମାନଙ୍କର ଯଥେଷ୍ଟ ମର୍ଯ୍ୟାଦା ରହିଛି। ଚଳିତ ଅଧିବେଶନ ଅବଧି ଆଉ ଅଳ୍ପ ଦିନ ମଧ୍ୟରେ ଶେଷ ହେବ। ଆସନ୍ତା ଅଧିବେଶନରେ ପରିସ୍ଥିତିକୁ ଦେଖି ସରକାର ଉଚିତ ପଦକ୍ଷେପ ନେବେ ।

# 'ଇଡି ଭୟ ଦେଖାଇ ଦବାଇ ପାରିବ ନାହିଁ'

## ସବୁ ଜିଲାରେ ଆନ୍ଦୋଳନ କଲା କଂଗ୍ରେସ

### ■ସୋନିଆଙ୍କୁ ଇଡି ଜେରା ପ୍ରସଙ୍ଗ

ଭୁବନେଶ୍ୱର, ୨୨।୭(ବ୍ୟୁରୋ):

କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ନ୍ୟାଶନାଲ ହେରାଲ୍ଡ ମାମଲାରେ ଇଡିରେ ଜେରା ଲାଗି ନୋଟିସ ହେବା ପରେ ଦଳୀୟ ନେତା ଓ କର୍ମୀମାନେ ରାଜ୍ୟରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏନେଇ ରାଜ୍ୟ କଂଗ୍ରେସ ଗତ ୨୧ରେ ଆନ୍ଦୋଳନକୁ ଜୋର୍‌ଦାର କରିଥିଲା। ସେହିପରି ଶୁକ୍ରବାର ରାଜ୍ୟର ସବୁ ଜିଲାରେ କଂଗ୍ରେସ କର୍ମୀମାନେ ଏହା ବିରୋଧରେ ଆନ୍ଦୋଳନ କରିଛନ୍ତି। କଂଗ୍ରେସ ଅଭିଯୋଗ କରିଛି, ଅଚ୍ଛେଦିନ୍‌ର ପ୍ରତିଶ୍ରୁତି ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ବର୍ତ୍ତମାନ ସବୁ କ୍ଷେତ୍ରରେ ବିଫଳ। ଭାରତବର୍ଷର ଅର୍ଥନୀତି ଏବେ ବିପର୍ଯ୍ୟସ୍ତ। ଡଲାର ମୂଲ୍ୟ ୮୦ ଟଙ୍କା ଟପିଲାଣି। ବେରୋଜଗାରୀ ୪୫ ବର୍ଷର ରେକର୍ଡ ଭାଙ୍ଗିସାରିଲାଣି। ଭାରତବର୍ଷର ୪୨ କୋଟି ଲୋକ ଉତ୍କଟ ଦାରିଦ୍ର୍ୟ ଭିତରକୁ ଏହି ୮ ବର୍ଷରେ ଠେଲି ହୋଇଯାଇଛନ୍ତି। ନରେନ୍ଦ୍ର ମୋଦି ନିଜର ଅପାରଗତା ଏବଂ ତାଙ୍କ ସରକାରର ବିଫଳତାକୁ ଲୁଚାଇବାକୁ ଯାଇ ବିରୋଧୀ ଦଳର ନେତୃବର୍ଗଙ୍କ ପ୍ରତି ପ୍ରତିହିଂସା ପରାୟଣ ରାଜନୀତିକୁ ଆପଣାଇ ନେଇଛନ୍ତି। ଏଭଳି ରାଜନୀତି ବିରୋଧରେ ଏବଂ ଇଡିର ପକ୍ଷପାତିତାକୁ ପ୍ରତିବାଦ କରି ଶୁକ୍ରବାର ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଜିଲାର ଛାତ୍ର, ଯୁବ, ମହିଳା ଓ ବିଶିଷ୍ଟ ନେତୃମଣ୍ଡଳୀ ତଥା କଂଗ୍ରେସ କର୍ମୀମାନେ ନୂଆପଲ୍ଲୀ ସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ସାମ୍ନାରେ ପ୍ରତିବାଦ ସଭା କରିଛନ୍ତି। ବିଶ୍ୱଜିତ ଦାଶ ଏହି ସଭାରେ ଇଡିର ନିରପେକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ କେନ୍ଦ୍ରର ଭାଜପା ସରକାର ଇଡି ଭୟ ଦେଖାଇ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ଦଳକୁ ଦବାଇ ପାରିବେ ନାହିଁ ବୋଲି ସେ କହିଛନ୍ତି।


**OFFICE OF THE MUNICIPAL COUNCIL, BARBIL** No.C-821

**TENDER CALL NOTICE NO. 2169 DATE. 20.07.2022**

1. Name of the work:- **Civil construction works as mentioned in website of Barbil Municipality.**
2. No. of work:-**16 (Sixteen)**
3. Bid value:- **Rs.57,000/- to Rs.1,99,900/-**
4. Period of completion:-**15 days**
5. Period of availability of tender paper:- **From Dt.21.07.2022 to Dt.30.07.2022 up to 11.00 A.M.**
6. Last Date & time for submission of tender paper:- **Dt.30.07.2022 up to 1.00 P.M.**
7. Date & time of opening of Technical Bid:- **Dt.30.07.2022 at 3.30 P.M.**
8. Name and address of the officer inviting bid:- **EXECUTIVE OFFICER, BARBIL MUNICIPALITY.**

**Details can be seen from Barbil Municipality website:- www.barbilmunicipality.in.**

**Sd/- Executive Officer, Barbil Municipality**
**OIPR-13108/11/0009/2223**



**ZILLA SWASTHYA SAMITI CHC, MATHAKARGOLA, DHENKANAL**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**

**Notice No. 304** **Date: 20.07.2022**

No. E-338: Sealed tenders are invited from reputed agencies/ individuals for engagement of hiring the vehicle in the district. The details regarding application format, terms and conditions of the tenders may be download from district website i.e. **www.dhenkanal.nic.in.** The tenders should reach the office of the undersigned latest by **11.08.2022, 05.00** through Speed Post/ Registered Post/Courier only. The tenders will be opened on **12.08.2022 at 11 A.M.** in the office of the undersigned in presence of the bidders/authorized representative of the bidders. The undersigned is not responsible for any kind of postal delay and reserves all right to cancel any or all the tender at any stage of selection/finalisation process without assigning any reason thereof. Any typographical error may be exempted.

**Sd./- Medical Officer I/C**
**CHC, Mathakargola, Dhenkanal**
OIPR-10192/11/0002/2223



REDHAKHOL N.A.C.

ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ

**OFFICE OF THE NOTIFIED AREA COUNCIL, REDHAKHOL (ODISHA), DIST- SAMBALPUR**

E-mail:- eonacrdl@gmail.com, Ph. No./Fax No. 06644-253466

**'e' Procurement NOTICE**

**No. 2080 / NAC Dt.19.07.2022**
**Bid Identification No. RDL NAC - 1/2022-23**
**Tender ID- 2022_ORULB_79897**

**No.C-827:-** The Municipal Executive Officer on behalf of NAC, Redhakhol invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

| | | | |
|---|---|---|---|
| 1. | Number of Civil works/Others | : | (24) numbers |
| 2. | Estimated Costs | : | 1.00 lakhs to 35.00 lakhs |
| 3. | Period of completion | : | As per NIT |
| 4. | Date and time of availability of the bid documents in the portal | : | From 10.00 A.M. of 21.07.2022 to 06.00 PM of 02.08.2022 |
| 5. | Last Date/Time of receipt of bids in the portal | : | 06.00 PM of 02.08.2022 |
| 6. | Bids will be opened on | : | 11.30 AM of Dt.03.08.2022 |
| 7. | Name and address of the Officer inviting bid | : | Executive Officer, NAC, Redhakhol |

**Sd./- Executive Officer, NAC, Redhakhol**
OIPR-13175/11/0002/2223



**ZILLA SWASTHYA SAMITI, CUTTACK**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, CUTTACK**

**Notice No. 12596** **NOTICE** **Date: 21.07.2022**

No. E-343: A detail database for the post of **Public Health Manager (PHM)** vide Advt. No. 17210 dated 09.12.2021 have been prepared based on the documents attached (as per the requirement asked in the advertisement). Candidates are required to visit **www.cuttack.nic.in** for information and send their objections if any **(No Fresh Documents will be entertained)** through **Speed Post/ Regd. Post** to the Chief District Medical & Public Health Officer, Old Secretariate Cantonment Road, Buxi Bazar, Cuttack - 753001 from 10.00 A.M. to 5.00 P.M. on or before 05.08.2022 with superscribed on the envelope **"Objection for the post of ......................"**. No further correspondence will be entertained after 05.08.2022. No personal query will be entertained. Candidates with CGPA marking should submit the calculation details with supported documents.
The undersigned reserves the right to cancel any or all of the proposals without assigning any reason thereof.

**Sd./- Chief District Medical &**
OIPR-10022/11/0009/2223 **Public Health Officer, Cuttack**



**ପୁରୀ ପୌରସଂସ୍ଥା କାର୍ଯ୍ୟାଳୟ, ପୁରୀ**

ସଂଖ୍ୟା: ୧୯୬୩ ତାରିଖ: ୧୯।୦୭।୨୦୨୨

**ସୂଚନା**

No. C-823: ଏତଦ୍ୱାରା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପୁରୀ ପୌରପାଳିକା ଅଧୀନସ୍ଥ ସମସ୍ତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ପାଇଁ ପୋଷାକ (Uniform) ଯୋଗାଇଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ତେଣୁ ଇଚ୍ଛୁକ ଏବଂ ଦକ୍ଷ ସ୍ୱୟଂସହାୟକ ଗୋଷ୍ଠୀମାନେ ତା୨୦।୦୭।୨୦୨୨ ବୁଧବାରଠାରୁ ୨୭।୦୭।୨୦୨୨ରିଖ ବୁଧବାର ଅପରାହ୍ନ ୫ ଘଟିକା ମଧ୍ୟରେ ନିଜର ଆବେଦନପତ୍ର ୱାର୍ଡ଼ ଅନୁଯାୟୀ ପୁରୀ ପୌର କାର୍ଯ୍ୟାଳୟରେ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସଂଯୋଜିକା (CO)ଙ୍କ ନିକଟରେ ଦାଖଲ କରିବେ।

**ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ନିମ୍ନମତେ ଯୋଗ୍ୟତା ଥିବା ଆବଶ୍ୟକ:**

୧. ସ୍ୱୟଂ ସହାୟକ ଗୋଷ୍ଠୀର ପୋଷାକ ସିଲାଇ କାର୍ଯ୍ୟରେ ପୂର୍ବରୁ ଅଭିଜ୍ଞତା, ସିଲାଇ ମେସିନ, ଅନ୍ୟାନ୍ୟ ସିଲାଇ ସରଞ୍ଜାମ ସହିତ ଆର୍ଥିକ ଦକ୍ଷତା ରହିଥିବା ଆବଶ୍ୟକ।
୨. ସ୍ୱୟଂ ସହାୟକ ଗୋଷ୍ଠୀ ନିଜର ସଞ୍ଚୟ ଜମା ଅର୍ଥ କିମ୍ବା ବ୍ୟାଙ୍କ ଋଣ ମାଧ୍ୟମରେ ଉକ୍ତ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଓ ସମର୍ଥ ଥିବା ଆବଶ୍ୟକ।
୩. ସ୍ୱୟଂ ସହାୟକ ଗୋଷ୍ଠୀ ନିୟମିତ ଓ ପ୍ରଣାଳୀବଦ୍ଧ ଭାବରେ ସଭା ବିବରଣୀ ଲିପିବଦ୍ଧ ହେଉଥିବା ଏବଂ ଅନ୍ୟାନ୍ୟ ନଥିପତ୍ର ଓ ସଞ୍ଚୟ ଖାତା ଅଧୁନାତନ ଥିବ।
୪. ସ୍ୱୟଂ ସହାୟକ ଗୋଷ୍ଠୀ ନିଜର ଏକ ସକ୍ରିୟ ବ୍ୟାଙ୍କ ଜମା ଖାତା ରହିଥିବା ଆବଶ୍ୟକ, ଯେଉଁଥିରେ ନିୟମିତ ସଞ୍ଚୟ ରହୁଥିବା ଆବଶ୍ୟକ।

ଉପରୋକ୍ତ ଯୋଗ୍ୟତା ଥିବା ଗୋଷ୍ଠୀମାନଙ୍କ ମଧ୍ୟରୁ କ୍ଷେତ୍ର ପରିଦର୍ଶନ ଓ ଗ୍ରେଡ଼ିଂ ପଦ୍ଧତିରେ ଯୋଗ୍ୟ ବିବେଚିତ ଗୋଷ୍ଠୀକୁ ଚୟନ କମିଟି ଦ୍ୱାରା ଚୟନ କରାଯାଇ ପୋଷାକ ତିଆରି କରିବା ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯିବ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13159/11/0014/2223 ପୁରୀ ପୌରସଂସ୍ଥା, ପୁରୀ



**OFFICE OF THE ENGINEER-IN-CHIEF, PUBLIC HEALTH, ODISHA, BHUBANESWAR**
1st Floor, Unnati Bhawan, Satyanagar-751007,
Phone No.0674-2575309
e-mail:eicphodisha@gmail.com/cephodisha@gmail.com.
Advt. Id. No.EICPH-01/2022-23 Dt.20.07.2022

**ADVERTISEMENT**

**No.C-816:**Applications are invited from the interested Retired Engineers of Public Health Engineering Organization in the rank of **AEE/EE/SE/ACE** with good service record and physical fitness below 62 years of age for re-engagement on contractual basis in the Office of the Engineer-in-Chief, P.H. as Consultants initially for a period of one year as per the resolution No.23750, Dt.27.08.2014 of General Administration Department and she/he will be entitled to get monthly remuneration as fixed by the Finance Department, Government of Odisha in their Memorandum No.7022, Dt. 17.03.2018 and subsequent amendment/revision, if any.

DESIRABLE EXPERIENCE: Should have adequate Experience in Planning, Monitoring, Execution and Design of Urban/ Rural Water Supply Projects.

Eligible and interested candidates may submit their applications with copies of the testimonials in support of their experience and service history addressing to **"The Engineer-in-chief, P.H., Odisha, 1st Floor, Unnati Bhawan, Satya Nagar, Bhubaneswar-751007"** on or before **20.08.2022** within office hours by registered post/ speed post/ courier/ drop box placed at Establishment Section, O/o the Engineer-in-chief, P.H., Odisha, Bhubaneswar.

The details of advertisement with prescribed application form can be seen/ downloaded from the Odisha Government website **https://odisha.qov.in/important-links/advertisement** & PHEO website **https://pheoodisha.gov.in**

NB:- Shortlisted candidates will be called for an interview.

**Sd./- Engineer in Chief (PH)**
**OIPR-13047/11/0015/2223**



**NOTICE**

No. C-814: Subashish Bagh, S/o. Santosh Bagh, At: Urley, Ward No. 10, P.O.: Binka, Dist.: Sonepur who is registered as a "C" Class Contractor vide Regd. No. 892KK748 of 20-21 & Order No. 2246 Dt.10.11.2020 under S.E.P.H. Circle, Sambalpur and his Registration Certificate is hereby cancelled as per his written request and his one time deposit in shape of NSC will be refunded to him.

This notice is requested to be published for information of all Govt. Deptt./offices where they have executed the work.

If any Govt. dues/materials are outstanding against the contractor which are due to be recovered, may please be reported to the undersigned within 30 (thirty) days from the date of publication of this notice for recovery/adjustment to Govt. accounts.

In case no report from any office/Deptt. are received within the stipulated period i.e. 30 days from the date of publication of this notice, the one time deposit made by the contractor will be released/refunded to them without any further notice.

If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.

**Sd./- Additional Chief Engineer**
OIPR-13018/11/0001/2223 **P.H. Circle, Sambalpur**



**DIRECTORATE OF STATE INSTITUE OF HEALTH & FAMILY WELFARE, ODISHA**
**Health and Family Welfare Deptt., Govt. of Odisha**
**Unit-VIII, Nayapalli, Bhubaneswar, Odisha - 751012**
**Phone No.: 0674-2394336**
**E-mail: sihfwodisha@gmail.com / sihfwodisha@nic.in**
**No. SIHFW-Estt.-Misc.-02/22/2773, Bhubaneswar Dated 21.07.2022**

**ADVERTISEMENT FOR RE-ENGAGEMENT OF RETIRED CARETAKER/JR. CARETAKER AS JR. CARETAKER ON CONTRACTUAL BASIS FOR THE S.I.H.F.W. HOSTEL**

No. E-337: Application for re-engagement of retired Govt. Employee on re-engagement basis in the S.I.H.&F.W. Hostel for the period of 01 (One year) on contractual basis against the vacant post of Jr. Caretaker or till the vacancies are filled up which ever is earlier. This engagement will be regulated as per guidelines laid down vide G.A. Department Resolution No. 23750-GAD-SC-REMP-0002/2014/Gen Dated 27.08.2014.

1. The engagement shall be in transparent manner for one year up to the age of 65 years.
2. The performance of the officers is to be reviewed periodically and documented at least one in a quarter.
3. Retired Govt. of Odisha employees interested for re-engagement against the vacant post of Jr. Caretaker may submit their application **in the prescribed format** to the Director, State Institute of Health & Family Welfare, Odisha in the prescribed format by Regd. Post/Speed Post which should reach on or before **10th August 2022**. Application received other than Regd. Post/Speed Post shall be summarily rejected.
4. The Selection shall be governed by the Selection Committee as per eligibility criteria as well as rules laid down in G.A. Deptt. Resolution No. 23750/Gen Dated 27.08.2014.
5. The re-engagement officers are entitled for monthly consolidated remuneration @ Rs.13,000/- per month as applicable for the said Post of Jr. Caretaker as per F.D.O.M. No. 7022/F dated 17.03.2018.
6. The re-employment shall be terminated at any time by the appointing authority due to un-satisfactory performance by giving one month notice. On the contrary if any re-employed officer desires to resign he/she shall do so by giving one month's written notice to the Director, S.I.H&F.W., Odisha.
7. **Eligibility for the Post of Jr. Caretaker**
   1. Graduate with experience in Caretaker/Jr. Caretaker or similar job in any recognised Govt. of Odisha Institutions/Organisations.
   2. Should not be more than 64 years of age as on 31st July, 2022.
   3. No. departmental proceedings/criminal cases should have been contemplated/kept pending against the candidate nor should there be any history/record of penalization against him for misconduct during the preceeding five years of retirement.
   4. Having good service records and physically fit for re-employment.
   5. Preference shall be given to the retired employees of Health and F.W. Deptt. with similar Post/Position.

**N.B.:** Prescribed application format is available in the official website of DSIHFW(O) **https://www.sihfwodisha.nic.in** which may be downloaded by the applicant.

**Sd./- Director**
**State Institute of Health**
OIPR-10003/11/0042/2223 **and Family Welfare, Odisha**

# ଚିନି ଭାବି ୟୁରିଆ ଖାଇ ୪ଗୁରୁତର

## ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି


ୟୁରିଆ ସାର ଖାଇ ଗୁରୁତର ହୋଇଥିବା ଶିଶୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

**ଦେବଗଡ଼,୨୨।୭(ଡି.ଏନ୍.ଏ)**

ଚିନି ଭାବି ୟୁରିଆ ସାର ଖାଇଦେବାରୁ ୩ ଶିଶୁ ଓ ଜଣେ ବୃଦ୍ଧା ଗୁରୁତର ଅସୁସ୍ଥ ହୋଇଛନ୍ତି। ଶୁକ୍ରବାର ଏଭଳି ଘଟଣା ଘଟିଛି ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ବମ୍ପରଡା ଗ୍ରାମରେ। ଗୁରୁତର ୪ଜଣ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

ସୂଚନା ଅନୁଯାୟୀ, ବମ୍ପରଡା ଗ୍ରାମର ସନ୍ତୋଷ ବେହେରାଙ୍କୁ ଚାଷକାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ତାଙ୍କ ଘରକୁ ଉକ୍ତ ଗ୍ରାମରେ ରହୁଥିବା ଝିଅ କୁନ୍ତଳା, ତଅପୋଇ ଏବଂ ଅନୁଗୋଳ ଜିଲାର ପୁଡାଗଡ଼ ଗ୍ରାମରେ ରହୁଥିବା ଝିଅ କୈକେୟୀ ଗୋଛାୟତ ଆସିଥିଲେ। ଶୁକ୍ରବାର ପହ୍ଲା ମାରିବା, ପହ୍ଲା ରୁଆ କାମ ଥିବାରୁ ତିନିଝିଅ କୁନ୍ତଳା, ତଅପୋଇ ଓ କୈକେୟୀ ମା' ଯମୁନା(୬୦)ଙ୍କ ଜିମାରେ ପିଲାଙ୍କୁ ଛାଡିଦେଇ ବାପାଙ୍କ ସହ ଚାଷଜମିକୁ ଯାଇଥିଲେ। ଏହି ସମୟରେ କୁନ୍ତଳାଙ୍କ ପୁଅ ପିଙ୍କୁ (୫ବର୍ଷ), କୈକେୟୀଙ୍କ ଝିଅ ସୁଷମା (୧୫ମାସ) ଓ ତଅପୋଇଙ୍କ ଝିଅ ଅରୁଣି (୧୩ମାସ) ଚିନି ଭାବି ଘରେ ଥିବା ବସ୍ତାରୁ ୟୁରିଆ ସାର ବାହାର କରି ଚୁଡାରେ ପକାଇ ଖାଇଦେଇଥିଲେ। ତେବେ ଚୁଡା ପିତା ଲାଗିବାରୁ ପିଙ୍କୁ ଏକଥା ଆଇ ଯମୁନାଙ୍କୁ ଜଣାଇବା ସହ ବାନ୍ତି କରିଥିଲେ। ଫଳରେ ଯମୁନା ପିଙ୍କୁ ଖାଉଥିବା ଚୁଡାକୁ ପରୀକ୍ଷାମୂଳକ ଭାବେ ଖାଇ ବାନ୍ତି କରିଥିଲେ। ଏହା ପରେ ଅନ୍ୟ ୨ ଶିଶୁକନ୍ୟା ମଧ୍ୟ ବାନ୍ତି କରିଥିଲେ। ଏହି ସମୟରେ କୁନ୍ତଳା, ତଅପୋଇ ଓ କୈକେୟୀ ଖାଇବା ପାଇଁ ଘରକୁ ଫେରିବାରୁ ଛୁଆମାନେ ଚିନି ଭାବି ୟୁରିଆ ସାର ଖାଇଦେଇଥିବା ଜାଣିବାକୁ ପାଇଥିଲେ। ଫଳରେ ୪ଜଣଙ୍କୁ ବମ୍ପରଡା ଡାକ୍ତରଖାନାକୁ ଚିକିତ୍ସା ଲାଗି ନିଆଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ନିମନ୍ତେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା।

**Birthday Wish**



HAPPY BIRTHDAY NILU
Wishing you a year of trust, success and bravery- may God bless you with faith and courage. Enjoy your special day!
HAPPY BIRTHDAY
Best Wishes From: Baba, Mama, Manoj, Suroj, Rajat Prasad, Pradosh, Raja.
D-1070

**ଦଶମ ବାର୍ଷିକୀ ଜନ୍ମଦିନର ଶୁଭେଚ୍ଛା**



ଦର୍ଶନ ଆଚାର୍ଯ୍ୟ (ସମ୍ଭବ)
ଲୋକେଶ୍ୱରପୁର, ଖୋର୍ଦ୍ଧା
ତୋର ଦଶମ ବାର୍ଷିକ ଜନ୍ମତିଥି ଅବସରରେ ଏତିକି ପ୍ରାର୍ଥନା, ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ନନା, ବୋଉ, ଅଜା, ଆଇ, ମାମୁ, ମାଇଁ, ଭାଇନା, ନାନୀ, ପିଉସୀ ଓ ମାମା ନାନୀ ।
ଧ-୧୦୭୮

**BIRTHDAY WISH**



DIVYASHREE DEBARCHANA
(DD, GUDUNI, DHANA)
Khandagiri bari, BBSR.
BIRTHDAY WISH. Our prayers to GOD are to keep you healthy and blessed always and give you all the strength and happiness along with lots of success. 'HAPPY BIRTHDAY' Wishes- Bou- Minakumari, Maa- Binapani, NiNi mama.
D-1056

# ଝାଡ଼ାବାନ୍ତି ପ୍ରଭାବିତ ଗ୍ରାମରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

## ୧୪ ଚିକିତ୍ସାଧୀନ, ଆକ୍ରାନ୍ତ ସଂଖ୍ୟା ୩୭କୁ ବୃଦ୍ଧି

**ଦଶମନ୍ତପୁର, ୨୨।୭(ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁରରେ ଝାଡ଼ାବାନ୍ତି ବ୍ୟାପୀ ସ୍ୱାସ୍ଥ୍ୟ ବିଭାଗର ନିଦ ହଜାଇଦେଇଛି। ଏହି ମହାମାରୀ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ୧୪ ଜଣ ଚିକିତ୍ସାଧୀନ ଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୩୭କୁ ବୃଦ୍ଧି ପାଇଛି। ଗୁରୁବାର ଏହି ସଂଖ୍ୟା ୩୦ ଥିଲା। ତେବେ ବ୍ଲକ ପ୍ରଶାସନ, ଜଳ ଓ ପରିମଳ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଆକ୍ରାନ୍ତ ଗ୍ରାମକୁ ବାରମ୍ବାର ଗସ୍ତକରି ଚିକିତ୍ସା ସହ ଅନ୍ୟାନ୍ୟ ବ୍ୟବସ୍ଥା କରୁଥିବା ବେଳେ ଶୁକ୍ରବାର ସ୍ଥିତି ଅନୁଧ୍ୟାନ ଲାଗି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଗସ୍ତ କରିଛନ୍ତି। ତାଙ୍କ ସହ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଅଶୋକ ପାଇକରାୟ ଥିଲେ। ବ୍ଲକର ଝାଡ଼ାବାନ୍ତି ପ୍ରଭାବିତ ଡୁମ୍ବାଗୁଡା ପଞ୍ଚାୟତର ହାତୀମୁଣ୍ଡା ଗ୍ରାମ ଏବଂ ଗିର୍ଲିଗୁମ୍ମା ପଞ୍ଚାୟତର ଛତାଆମ୍ବ ଗ୍ରାମରେ ଶୁକ୍ରବାର ପହଞ୍ଚି ଅନୁଧ୍ୟାନକରି ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଜିଲା ଚିକିତ୍ସା ଅଧିକାରୀ ଡା. ଅରୁଣ ପାଢ଼ୀ, ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶ୍ରୀରାମ ପରିଡ଼ା, ବିପିଏମ୍ ଶ୍ରୀକାନ୍ତ ଦାସ, ଡା. ସୁନିତା ଜେନା, ବିଡିଓ ଉମ୍ବରୁଧର ମଲ୍ଲିକ, ଆରଡବ୍ଲ୍ୟୁଏସ୍ଏସ୍‌ର କନିଷ୍ଠ ଯନ୍ତ୍ରୀ ଡି.କେ.ନାୟକ ଉପସ୍ଥିତ ଥିଲେ। ପ୍ରତ୍ୟେକ ଘରକୁ ଯାଇ ଲୋକଙ୍କୁ ସଚେତନ କରିବା ନେଇ ଡାକ୍ତର ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଡୁମ୍ବାଗୁଡ଼ାରେ ଶୁକ୍ରବାର ୨ ଜଣ ଏବଂ ଚିକାମ୍ବ ପଞ୍ଚାୟତର ମାଙ୍କଡାମୁଣ୍ଡି ଗ୍ରାମର ଲୁକିଆ ଜାନି,ହେତୁ ଜାନ,ଫଟକିଜମର ଗ୍ରାମର ଉଷା ବାଗ,ଛତାମ୍ବ ଗ୍ରାମରସମାଇ ମୁଦୁଲି ଓ ରଇବାରି ଜାନି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଡା. ଶ୍ରୀରାମ ପରିଡ଼ା ସୂଚନା ଦେଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୩୭କୁ ବୃଦ୍ଧି ପାଇଛି। ବର୍ତ୍ତମାନ୧୪ ଜଣ ରୋଗୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡା. ପରିଡ଼ା କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଝାଡ଼ାବାନ୍ତିରେ ୨ ଜଣଙ୍କର ମୃତ୍ୟୁ ଘଟିଛି।


ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଗ୍ରାମରେ ସ୍ଥିତ ଅନୁଧ୍ୟାନ କରୁଛନ୍ତି।

# ଜେଲ ଫେରିଲେ ଗୋବିନ୍ଦ ସାହୁ

## ମମିତା ମେହେର ହତ୍ୟାକାଣ୍ଡ

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୨୨।୭(ଡି.ଏନ୍.ଏ.):** ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ୧୪ ଦିନିଆ ଜାମିନ ଅବଧି ସାରି ଶୁକ୍ରବାର କଣ୍ଟାବାଞ୍ଜି ଉପକାରାଗାରକୁ ଫେରିଛନ୍ତି। ଅଭିଯୁକ୍ତ ସାହୁ ନିଜ ସ୍ତ୍ରୀ ଏବଂ ପୁଅ ଅସୁସ୍ଥ ଥିବା ଦର୍ଶାଇ ସେମାନଙ୍କ ଚିକିତ୍ସା ଲାଗି ଓକିଲଙ୍କ ଜରିଆରେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ଏହି ଆବେଦନ ଉପରେ ଶୁଣାଣି କରି ହାଇକୋର୍ଟ ଅଭିଯୁକ୍ତ ସାହୁଙ୍କୁ ଦୁଇ ସପ୍ତାହର ସର୍ତ୍ତମୂଳକ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ହାଇକୋର୍ଟଙ୍କ ବେଲବଣ୍ଡ କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ପ୍ରଦାନ କରିବା ପରେ ଗତ ୮ ତାରିଖ ଦିନ ସେ ଜାମିନରେ ଜେଲରୁ ବାହାରିଥିଲେ। ସର୍ତ୍ତମୂଳକ ଜାମିନ ମିଳିବା ପରେ ନିଜ ସ୍ତ୍ରୀ ଓ ପୁଅଙ୍କୁ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ଯାଇ ଚିକିତ୍ସା କରିବା ପରେ ସେ ଫେରିଥିବା ଜଣାପଡିଛି। ତେବେ ଏହି ଜାମିନ ଅବଧିରେ ସେ ନିଜ ଗାଁ ମହାଲିଙ୍ଗଠାରେ ବାହୁଡାଯାତ୍ରାର ପହଣ୍ଡି ବିଜେରେ ଉପସ୍ଥିତ ରହିବା ପରେ ଗଣମାଧ୍ୟମରେ ତାଙ୍କ ଜାମିନ ସର୍ତ୍ତ ଖିଲାପ ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା।

# ଗ୍ୟାସ୍ ସିଲିଣ୍ଡର ଫାଟି ଭୁଶୁଡ଼ିଲା ଘର


ଭୁଶୁଡ଼ି ପଡ଼ିଥିବା କାନ୍ଥ।

- ବାପା, ପୁଅ ଗୁରୁତର
- ଘରେ ଥିଲା ୩୪ କମର୍ସିଆଲ, ୩୧ ଡୋମେଷ୍ଟିକ୍ ସିଲିଣ୍ଡର

**ଗୋପାଳପୁର,୨୨।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ଶୁକ୍ରବାର ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ଘରର ଛାତ ଓ କାନ୍ଥ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏଥିରେ ରାମଚନ୍ଦ୍ରପୁର ଗ୍ରାମର ଦେବରାଜ ନାୟକ ଓ ତାଙ୍କ ପୁଅ ଅଶୋକ ଗୁରୁତର ହୋଇଛନ୍ତି।

ଦେବରାଜ ଓ ଅଶୋକ ବ୍ରହ୍ମପୁର ଇଣ୍ଡିଆନ ଗ୍ୟାସ୍ ଏଜେନ୍ସିରେ ଡେଲିଭର ବୟ ରୂପେ କାମ କରୁଥିଲେ। ସେମାନେ ନିଜ ଘରେ ବେଆଇନ୍ ଭାବେ ୩୪ କମର୍ସିଆଲ ଓ ୩୧ ଡୋମେଷ୍ଟିକ୍ ଗ୍ୟାସ୍ ସିଲିଣ୍ଡର ରଖିଥିଲେ। ପୂର୍ବାହ୍ନରେ କୌଣସି କାରଣରୁ ୨ରୁ ୩ଟି ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ବ୍ଲାଷ୍ଟ ହେବାରୁ ଘରର ଛାତ ଫାଟିଯିବା ସହ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ବ୍ରହ୍ମପୁର ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୋପାଳପୁର ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ବାପ ପୁଅଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲା। ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବ୍ରହ୍ମପୁର ଏସ୍‌ପି ଶର୍ବଣା ବିବେକ ଏମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଅଗ୍ନିଶମ ବିଭାଗକୁ ରିପୋର୍ଟ ମଗାଯାଇଛି। ରଙ୍ଗେଇଲୁଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ଆହତଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ଦିଆଯାଇଛି। ଆହତଙ୍କୁ ଉତ୍ତମ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ. ଗୋପବନ୍ଧୁ ଦାସ କଟକ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ସହକାରୀ ଯୋଗାଣ ଅଧିକାରୀ ସମସ୍ତ ସିଲିଣ୍ଡରକୁ ଲିଙ୍ଗରାଜ ଗ୍ୟାସ୍ ଏଜେନ୍ସିକୁ ସୁରକ୍ଷିତ ଭାବେ ରଖିବା ପାଇଁ ହସ୍ତାନ୍ତର କରିଛନ୍ତି। ଏ ନେଇ ନଂ. ୧୩୫/୨୨ରେ ମାମଲା ରୁଜୁ କରି ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ବନ୍ଦ ଘରୁ ରାଜମିସ୍ତ୍ରିଙ୍କ ଗଳିତ ମୃତଦେହ ଜବତ

**ଭୁବନେଶ୍ୱର,୨୨।୭(ବ୍ୟୁରୋ)**

ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରସ୍ଥିତ ସୀତାପୁର ବସ୍ତିର ଏକ ବନ୍ଦ ଘରୁ ଶୁକ୍ରବାର ଜଣେ ରାଜମିସ୍ତ୍ରିଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ମୃତ ବ୍ୟକ୍ତିଜଣକ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ଲୋହୁଣୀ ଗ୍ରାମର ବନମାସୀ ବେହେରା (୫୮)। ପୋଲିସ ତାଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ କରାଯାଇଛି। ତେବେ ୫ଦିନ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୮/୨୦୨୨) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବନମାସୀ ଆତ୍ମହତ୍ୟା କରିଛନ୍ତି ନା କୌଣସି ରୋଗରେ ପଡ଼ି ପଡ଼ି ମୃତ୍ୟୁ ହୋଇଛି ସେନେଇ ଅଧିକ ଖୋଳତାଡ଼ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି।

ସୂଚନା ଅନୁଯାୟୀ, ବନମାସୀ ଦୀର୍ଘଦିନ ଧରି ଭୁବନେଶ୍ୱରରେ ରହୁଥିଲେ। ସୀତାପୁର ବସ୍ତିରେ ଏକ ଭଡ଼ା ଘରେ ରହି ରାଜମିସ୍ତ୍ରି କାମ କରୁଥିଲେ। ସେ ଦୁଇଜଣଙ୍କୁ ବିବାହ କରିଥିଲେ। ପୂର୍ବରୁ ପ୍ରଥମ ସ୍ତ୍ରୀ ତାଙ୍କୁ ଛାଡ଼ି ପଳାଇଥିବାବେଳେ ଗତ ୧୫ ଦିନ ତଳେ ଦ୍ୱିତୀୟ ସ୍ତ୍ରୀ ମଧ୍ୟ ଛାଡ଼ି ଚାଲିଯାଇଥିଲେ। ତାଙ୍କ ପୁଅ ଅନ୍ୟତ୍ର ରହୁଥିବାବେଳେ ସେ ଏଠାରେ ଏକୁଟିଆ ରହୁଥିଲେ। ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ଲୋକ ଉକ୍ତ ଘରଦେଇ ଯାଉଥିବାବେଳେ ପ୍ରବଳ ଦୁର୍ଗନ୍ଧ ହୋଇଥିଲା। ଘରର ଭିତର ପଟୁ ତାଲା ପଡ଼ିଥିବା ଦେଖି ସେମାନେ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପରେ କବାଟ ଭାଙ୍ଗି ଘରେ ପଶିଥିଲେ। ବନମାସୀ ମୃତ ଅବସ୍ଥାରେ ଏକ ଖଟ ଉପରେ ଶୋଇଥିବା ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ସ୍ଥାନୀୟ ଲୋକଙ୍କଠାରୁ ବନମାସୀଙ୍କ ସମ୍ପର୍କରେ ଜାଣିବା ପରେ ଘଟଣା ସଂକ୍ରାନ୍ତରେ ତାଙ୍କ ପୁଅ ନିତ୍ୟାନନ୍ଦ ବେହେରାଙ୍କୁ ଖବର ଦେଇଥିଲା।

# ଲାଞ୍ଚ ନେଇ ଆୟୁଷ ଡାକ୍ତର ଗିରଫ



**କୁତ୍ରା, ୨୨।୭(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଗଏରବାହାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡାକ୍ତର ସାରଦା ପ୍ରସନ୍ନ ବେହେରା ଶୁକ୍ରବାର ଭିଜିଲାନ୍ସ ହାତରେ ଧରିପଡ଼ିଛନ୍ତି। ସରକାରୀ କ୍ୱାର୍ଟର୍ସରେ ଜଣେ ଅଟୋ ଚାଳକ ଅରବିନ୍ଦ ଖାଲଖୋଙ୍କଠାରୁ ୪ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ପରେ ତାଙ୍କ କ୍ୱାର୍ଟର୍ସରେ ଯାଞ୍ଚ କରାଯାଇଥିଲା। ଭିଜିଲାନ୍ସ ଅଧିକାରୀମାନେ ଆୟୁଷ ଡାକ୍ତରଙ୍କୁ ସୁନ୍ଦରଗଡ଼ ଭିଜିଲାନ୍ସ କାର୍ଯ୍ୟାଳୟକୁ ଅଧିକ ପଚରାଉଚରା ଲାଗି ନେଇଥିଲେ। ଅପରାହ୍ନରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅରବିନ୍ଦ ଗତ ରବିବାର ନିଜ ଅଟୋରେ ଛୁରିଚଖାରୁ ୬ଯାତ୍ରୀଙ୍କୁ ନେଇ ବଡ଼ମାଲ ଆସୁଥିଲେ। ଏକ ବୁଲାଣିରେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡିଥିଲା। ସେଥିରେ ୩ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସମସ୍ତଙ୍କୁ ଗଏରବାହାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣାଯାଇଥିଲା। ତେବେ ସେଠାରେ ଦାୟିତ୍ୱରେ ଥିବା ଆୟୁଷ ଡାକ୍ତର ସାରଦା ପ୍ରସନ୍ନ ବେହେରା ୩ଜଣଙ୍କ ଚିକିତ୍ସା କରିଥିଲେ। ପୋଲିସକୁ ଖବର ନ ଦେବା ଓ ଚିକିତ୍ସା ବାବଦରେ ଅଟୋ ଚାଳକଙ୍କୁ ୧୨ହଜାର ଟଙ୍କା ମାଗିଥିଲେ। ତାଙ୍କଠାରୁ ପ୍ରଥମେ ୮ ହଜାର ଟଙ୍କା ମଧ୍ୟ ନେଇଥିଲେ। ପରେ ବାରମ୍ବାର ଫୋନ କରି ଅଟୋ ଚାଳକଙ୍କୁ ବଳକା ଟଙ୍କା ମାଗିବାରୁ ଅରବିନ୍ଦ ଗୁରୁବାର ସୁନ୍ଦରଗଡ଼ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ତେବେ ଶୁକ୍ରବାର ପୂର୍ବାହ୍ନରେ ଭିଜିଲାନ୍ସର ଯୋଜନା ଅନୁସାରେ ଅରବିନ୍ଦ ଆଉ ୪ ହଜାର ଟଙ୍କା ଦେବାକୁ ଯାଇଥିଲେ। ଆଗରୁ ଜଗି ରହିଥିବା ସୁନ୍ଦରଗଡ଼ ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀ ଓ ତାଙ୍କ ଟିମ୍ ସଙ୍ଗେସଙ୍ଗେ ସାରଦାଙ୍କୁ ତାଙ୍କ ସରକାରୀ କ୍ୱାର୍ଟର୍ସରୁ ଟଙ୍କା ନେଉଥିବା ବେଳେ କାବୁ କରିଥିଲେ।

# ନିଲମ୍ବିତଙ୍କ ସଂଖ୍ୟା ୪ରେ ପହଞ୍ଚିଲା

## ଦୁଇ ରେଞ୍ଜରେ ଦନ୍ତାହାତୀ ମୃତ୍ୟୁ ଘଟଣା

**ଭଞ୍ଜନଗର/ଜଗନ୍ନାଥପ୍ରସାଦ, ୨୨।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ମୁଜାଗଡ଼ ଏବଂ ଜଗନ୍ନାଥପ୍ରସାଦ ରେଞ୍ଜରେ ୧୪ ଦିନ ବ୍ୟବଧାନରେ ଦୁଇଟି ଦନ୍ତାହାତୀଙ୍କ ମୃତ୍ୟୁ ଘଟିଥିଲା। ମୁଜାଗଡ଼ ରେଞ୍ଜରେ ହାତୀକୁ ଶିକାର କରାଯାଇଥିବା ବେଳେ ଜଗନ୍ନାଥପ୍ରସାଦ ରେଞ୍ଜରେ ହାତୀ ମୃତ୍ୟୁର କାରଣ ଜଣାପଡିନି। ଶିକାରୀମାନେ ହାତୀ ଦୁଇଟିର ଦାନ୍ତ ଲୁଟି ନେଇଥିଲେ। ଦୁଇଟିଯାକ ଘଟଣାରେ ହାତୀ ମୃତ୍ୟୁର ୩ଦିନ ପରେ କର୍ମଚାରୀମାନେ ମୃତଦେହ ଠାବ କରିଥିଲେ। ପାଟ୍ରୋଲିଂ ଠିକ୍ ନ ହେବା, କର୍ମଚାରୀମାନେ କାର୍ଯ୍ୟକ୍ଷେତ୍ରରେ ନ ରହିବା, ଗ୍ରାମବାସୀ ଏବଂ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ସହ ବିଭାଗୀୟ କର୍ମଚାରୀମାନେ ସମନ୍ୱୟ ରକ୍ଷା କରିବାରେ ବିଫଳ ହେଉଥିବା ଯୋଗୁ ହାତୀ ମୃତ୍ୟୁ ପରେ ବନ ବିଭାଗ ବିଭିନ୍ନଆଡୁ ସମାଲୋଚନାର ଶିକାର ହୋଇଥିଲା। ତେବେ ବିଳମ୍ବରେ ହେଲେ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଚେତା ପଶିଛି। କାର୍ଯ୍ୟରେ ଅବହେଳା ପାଇଁ ଗୁରୁବାର ମୁଜାଗଡ଼ ସେକ୍ସନ ବନପାଳ ସୁକାନ୍ତ କୁମାର ନାୟକ ଓ ଗୁଣ୍ଡିରିବାଡ଼ି ବନରକ୍ଷୀ ଶ୍ରୀମନ୍ ପ୍ରଧାନଙ୍କୁ ନିଲମ୍ବିତ କରାଯାଇଥିଲା। ସେହିପରି ଜଗନ୍ନାଥପ୍ରସାଦ ରେଞ୍ଜ ବେଲଗୁଣ୍ଠା ବନପାଳ ସୁରଭି ତ୍ରିପାଠୀ ଏବଂ ବିଜୟ ଧନଞ୍ଜୟପୁର ବନରକ୍ଷୀ ଧର୍ନୁର୍ଦ୍ଧର ବେହେରାଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ଆଗକୁ ଆହୁରି କୌଣସି କର୍ମଚାରୀ ଯଦି କାର୍ଯ୍ୟରେ ଅବହେଳା କରିଥିବାର ପ୍ରମାଣ ମିଳେ ତେବେ ସେମାନଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗୀୟ ଉଚ୍ଚ ପଦାଧିକାରୀ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ନୂତନ ଡିଏଫଓ ସୁଦର୍ଶନ ବେହେରା କାର୍ଯ୍ୟରେ ଯୋଗଦେବା ଦିନଠୁ ବ୍ୟକ୍ତିଗତ ଭାବେ ରାତି ପାଟ୍ରୋଲିଂ କରୁଛନ୍ତି। ଏକାଧିକ ରେଞ୍ଜର, ବନପାଳ, ବନରକ୍ଷୀ କାର୍ଯ୍ୟରେ ଅବହେଳା କରୁଥିବା ଡିଏଫ୍‌ଓ ଦେଖି ସେମାନଙ୍କୁ ତାଗିଦ୍ କରିଛନ୍ତି।

# ସଚିବାଳୟ ସେବା ସଂଘରେ ଖୁସିର ମାହୋଲ

**ଭୁବନେଶ୍ୱର, ୨୨।୭(ବ୍ୟୁରୋ):** ଓଡ଼ିଶାବାସୀଙ୍କ ଗୌରବର ପ୍ରତୀକ ସାଜି ଭାରତର ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିବା ଦ୍ରୌପଦୀ ମୁର୍ମୁଙ୍କୁ ଓଡ଼ିଶା ସଚିବାଳୟ ସେବା ବର୍ଗର ସମସ୍ତ ସଦସ୍ୟ ଆନ୍ତରିକ ଶୁଭେଚ୍ଛା ତଥା ଅଭିନନ୍ଦନ ଜଣାଇଛନ୍ତି। ସଚିବାଳୟ ସେବା ବର୍ଗରୁ ନିଜର କର୍ମମୟ ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ଓଡ଼ିଶା ରାଜନୀତିରେ ଜଣେ ସୁଦକ୍ଷ ନେତ୍ରୀ ହେବା ସହିତ ମନ୍ତ୍ରୀ ଏବଂ ପରେ ଝାଡ଼ଖଣ୍ଡ ରାଜ୍ୟପାଳ ହୋଇ ଶେଷରେ ରାଷ୍ଟ୍ରପତି ହୋଇଥିବାରୁ ସଚିବାଳୟ ସେବା ସଂଘ ନିଜକୁ ଗର୍ବିତ ଅନୁଭବ କରୁଛି ବୋଲି ସଂଘ ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ କହିଛନ୍ତି। ଏହା ବ୍ୟତୀତ ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ସହିତ ରାଷ୍ଟ୍ରପତିଙ୍କୁ ବରାଳ ଅଭିନନ୍ଦନ ଜଣାଇଛନ୍ତି।

**ମନସ୍ତତ୍ତ୍ୱରେ ଡକ୍ଟରେଟ**



ଅଧ୍ୟାପିକା ସୋମା ମହାପାତ୍ର ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ମନସ୍ତତ୍ତ୍ୱରେ ଡକ୍ଟରେଟ (Ph.D) ଉପାଧି ଲାଭ କରିଛନ୍ତି । ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "Psychological Well-being in Adolescents: The Role of Gender and Self-efficacy". ଡକ୍ଟର ସୋମା, ପ୍ରାଧ୍ୟାପକ ସଙ୍ଗୀତା ରଥ ଏବଂ ପ୍ରାଧ୍ୟାପକ ଫକୀର ମୋହନ ସାହୁଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ତାଙ୍କର ସନ୍ଦର୍ଭଟି ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଶୁଭାଶୀଷ ରଣାଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି । ଡକ୍ଟର ସୋମା ହେଉଛନ୍ତି ଭୁବନେଶ୍ୱର ନିବାସୀ ଶ୍ରୀଯୁକ୍ତ ରମାକାନ୍ତ ମହାପାତ୍ର ଓ ଶ୍ରୀମତୀ ମୀନା କୁମାରୀ ଶତପଥୀଙ୍କ କନ୍ୟା । ସେ ଶ୍ରୀଯୁକ୍ତ ମନମୋହନ ମିଶ୍ର ଓ ପଦ୍ମିନୀ ମିଶ୍ରଙ୍କ ପୁତ୍ରବଧୂ ଓ ଓଡିଶା ସରକାରଙ୍କ ସୂଚନା, ପ୍ରଯୁକ୍ତି ବିଭାଗର ଶାସନ ସଚିବ ଶ୍ରୀଯୁକ୍ତ ମନୋଜ ମିଶ୍ରଙ୍କ ସହଧର୍ମିଣୀ ଅଟନ୍ତି । ଏହି ସଫଳତା ପାଇଁ ଡକ୍ଟର ସୋମା ତାଙ୍କର ସମସ୍ତ ଶୁଭେଚ୍ଛୁମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।
ଧ-୧୦୭୨

# ଅଟକିଲା ଢେଙ୍କାନାଳ

- ୫୫ନଂ. ଏନ୍‌ଏଚ୍ ସମ୍ପ୍ରସାରଣ ବିଳମ୍ବର ପ୍ରତିବାଦ
- ୧୨ଘଣ୍ଟିଆ ବନ୍ଦକୁ ବିପୁଳ ସମର୍ଥନ
- ଏନ୍‌ଏଚ୍‌ଏଆଇ କାର୍ଯ୍ୟାଳୟରେ ତାଲା

**ଢେଙ୍କାନାଳ ଅଫିସ, ୨୨।୭**

ପାସେଞ୍ଜର ହଲ୍ଟରେ ଅଟକି ରହିଥିଲା ଟ୍ରେନ୍। ଜାତୀୟ ରାଜପଥ, ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଅପେକ୍ଷା କରି ରହିଥିଲେ ସହସ୍ରାଧିକ ଯାନବାହନ। ବନ୍ଦ ରହିଥିଲା ବ୍ୟବସାୟିକ ପ୍ରତିଷ୍ଠାନଠାରୁ ଆରମ୍ଭ କରି ସରକାରୀ, ବେସରକାରୀ କାର୍ଯ୍ୟାଳୟ। ଶିକ୍ଷାନୁଷ୍ଠାନରେ ଝୁଲୁଥିଲା ତାଲା। ରାତି ପାହିଲେ ଚଳଚଞ୍ଚଳ ହୋଇଉଠୁଥିବା ସହର ଜନଶୂନ୍ୟ ହୋଇଯାଇଥିବାବେଳେ ଛାଇ ଯାଇଥିଲା ନୀରବତା। ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣରେ ଅହେତୁକ ବିଳମ୍ବ ପ୍ରତିବାଦରେ ଶୁକ୍ରବାର ଜିଲା ଓକିଲ ସଂଘ ପକ୍ଷରୁ ଦିଆଯାଇଥିବା ୧୨ଘଣ୍ଟିଆ ଢେଙ୍କାନାଳ ବନ୍ଦ ଡାକରାକୁ ସବୁସ୍ତରରୁ ବିପୁଳ ସମର୍ଥନ ମିଳିଥିବାବେଳେ ଠପ୍ ହୋଇଯାଇଥିଲା ସାଧାରଣ ଜୀବନଯାତ୍ରା।

କଟକ ଜିଲା ମଙ୍ଗୁଳି ଛକଠାରୁ ଢେଙ୍କାନାଳ-ଅନୁଗୋଳ ଦେଇ ସମ୍ବଲପୁରକୁ ସଂଯୋଗ କରୁଥିବା ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ବିଳମ୍ବିତ ହେବାରେ ଲାଗିଛି। ଠିକାସଂସ୍ଥା ଓହରିଯିବା ପରେ ଦୀର୍ଘଦିନ ହେଲା କାମ ବନ୍ଦ ରହିଛି। ଏହି ବ୍ୟସ୍ତବହୁଳ ସଡ଼କ ମରଣଯନ୍ତା ପାଲଟିଛି। ବାରମ୍ବାର ଦାବି, ଅନ୍ଦୋଳନ ସତ୍ତ୍ୱେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ରକ୍ଷାରେ ବିଫଳ ହୋଇଛନ୍ତି। ଏହାର ପ୍ରତିବାଦରେ ଢେଙ୍କାନାଳ ବନ୍ଦ ପାଳିତ ହୋଇଥିଲା। ଓକିଲ ସଂଘ ଆହ୍ୱାନ କ୍ରମେ ଏଥିରେ ସାମିଲ ହୋଇଥିଲେ ଜିଲା ଶିଳ୍ପ ଓ ବାଣିଜ୍ୟ ସଂଘ, ବସ୍ ଓ ଟ୍ରକ୍ ମାଲିକ ସଂଘ, ସଚେତନ ନାଗରିକ ଫୋରମ୍, ଆମ ପ୍ରତିଭା ଆମ ସମ୍ମାନ, ଜିଲା ସାମ୍ବାଦିକ ସଂଘ, ମିଳିତ ବଜାର ପୂଜା କମିଟି, ମିଳିତ କ୍ରିୟାନୁଷ୍ଠାନ କମିଟି, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ବୁଦ୍ଧିଜୀବୀ।

ଜିଲା ଓକିଲ ସଂଘ କାର୍ଯ୍ୟାଳୟରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ଦକ୍ଷିଣକାଳୀ ରୋଡ୍‌ସ୍ଥିତ ଏନ୍‌ଏଚ୍‌ଆଇ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଆନ୍ଦୋଳନକାରୀମାନେ କର୍ମଚାରୀଙ୍କୁ ବାହାର କରି ଅଫିସରେ ତାଲା ପକାଇ ଦେଇଥିଲେ। ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦିଲ୍ଲୀ ଓ ଭୁବନେଶ୍ୱରର ଏନ୍‌ଏଚ୍‌ଏଆଇ ଅଧିକାରୀ ଆସି ଆଲୋଚନା ନ କରିବା ଯାଏ ଏବଂ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ହଟାଇ ନୂତନ ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟରେ ଯୋଗ ନ ଦେବା ପର୍ଯ୍ୟନ୍ତ ତାଲା ଖୋଲିବ ନାହିଁ ବୋଲି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି।

ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ବାରମ୍ବାର ଆଲୋଚନା ସତ୍ତ୍ୱେ ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ଏନ୍‌ଏଚ୍‌ଏଆଇର ଉଦାସୀନତା ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆସନ୍ତା ରବିବାର ଅପରାହ୍ନରେ ଅନୁଗୋଳ ସର୍କିଟ ହାଉସରେ ଅନୁଗୋଳ ବିଧାୟକ ତଥା ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଢେଙ୍କାନାଳ ଜିଲାପାଳ, ଏସ୍‌ପି, ଅନୁଗୋଳ ଜିଲାପାଳ, ଏସ୍‌ପି, ଏନ୍‌ଏଚ୍‌ଏଆଇ ଅଧିକାରୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ।


ଦୋକାନ ବଜାର ବନ୍ଦ।

**CLASSIFIED DISPLAY**
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**KUBER FINANCE**
(Registered)
ଭାରତର ନଂ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
9417930815

**ଧନଲକ୍ଷ୍ମୀ ଫାଇନାନ୍ସ**
ରେଜିଷ୍ଟର୍ଡ କମ୍ପାନୀ
ସବୁ ବ୍ୟାଙ୍କ ଦ୍ୱାରା ଋଣ
ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଏଜୁକେଶନ, ଗୃହ ଉଦ୍ୟୋଗ, ଗାଡ଼ି, ଗୃହ ଋଣ 36 ଘଣ୍ଟାରେ
2% ସୁଧ
50% ଛାଡ଼
(ସିବିଲ ଖରାପ ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
7599195877

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବାପାଙ୍କ ସହ ଶେଷ ଜହ୍ନରାତି

**ବିପ୍ଳବ**

ଗଳ୍ପ

ତିନି ଭଉଣୀ ଆଉ ମୁଁ ଚୁପ୍‌ଚାପ୍ ବସିଥାଉ। ମଝିରେ ମଝିରେ ପରସ୍ପର ମୁହଁକୁ ଚାହୁଁଥାଉ। ମୁଁ କାନ୍ଥ ଘଣ୍ଟାକୁ ଚାହିଁଲି। ରାତି ଏଗାରଟା ପଚିଶ ମିନିଟ୍। କାହାରି ଆଖିରେ ପଲକ ପଡୁନାହିଁ। ଦିନସାରା କେହି ଖାଇ ନ ଥିଲେ ବି ମୁହଁରେ ଭୋକର ଚିହ୍ନବର୍ଣ୍ଣ ନାହିଁ।

– ଏ ମଣ୍ଟୁଆ ଭାଇ, ଏ ଶିକର ଭାଇ, ଆରେ ଦଣ୍ଡାଟାକୁ କଷ କରି ଧରିଥା'। କସରାଟା ଭାରି ନାଡୁଆ। ତାକୁ ପାଞ୍ଚଣ ମାରେନି। ଖାଲି ଟାକେରା ମାରିଲେ ସେ ଘୋଷାରି ନେଇଯିବ। ହ... କସରା। ଶଳା ଖାଲି ବାଁ ପଟକୁ ଭିଡ଼ିଲା।

ଖଟରେ ଶୋଇ ବିଳିବିଳୋଉଥା'ନ୍ତି ବାପା। ମୁଣ୍ଡ ଉପରେ ମୁଁ ପଥର ମୂର୍ତ୍ତି ପରି ବସିଥାଏ। ଗୋଡ଼ତଳେ ବସିଥା'ନ୍ତି ତିନି ଭଉଣୀ। ମଝିରେ ମଝିରେ ସାଇପଡ଼ିଶା, ଗାଁ ଲୋକ କିଏ କେମିତି ଯିବାଆସିବା କରୁଥା'ନ୍ତି। କିଏ ବାପାଙ୍କ ସହ କଟେଇଥିବା ମଧୁର ମୁହୂର୍ତ୍ତର ସ୍ମୃତିଚାରଣ କରୁଥା'ନ୍ତି, କିଏ ତାଙ୍କ ପ୍ରତି ଦୟା ପ୍ରଦର୍ଶନ ପୂର୍ବକ କହୁଥା'ନ୍ତି ବୁଢ଼ାଟା ବେଗି ଚାଲିଗଲେ ଭଲ। ମୋ' ବଡ଼ପୁଅ ତାଙ୍କ ମୁଣ୍ଡ ପାଖରେ ବସି ଶ୍ରୀମଦ୍ଭାଗବତ ପାଠ କରୁଥାଏ। ବେଳେବେଳେ ବାପା ଚିଲେଇ ଉଠିଲା ବେଳେ ସେ ପଢ଼ା ବନ୍ଦ କରି ଚୁପ୍ ହୋଇ ଯାଉଥାଏ। ମଝିରେ ମଝିରେ ମୁଁ ବାପାଙ୍କ ପାଟିକୁ ଚାମଚରେ ଅଳ୍ପ ଟୋପେ ଟୋପେ ପାଣି ଦେଉଥାଏ। ସେତିକି ପାଣି ସେ ବହୁତ କଷ୍ଟରେ ଢୋକୁଥା'ନ୍ତି। ଆମମାନଙ୍କର ଲୁହ ସବୁ ବନ୍ଧବାଡ଼ ଡେଇଁ ଆଖିରୁ ଖସି ପଡୁଥାଏ ତଳକୁ। କିଏ ପାଦ ଆଉଁଶୁଥାଏ। କିଏ ହାତ ଆଉଁଶୁଥାଏ। କିଏ ଗୋଡ଼ ଚିପି ଦେଉଥାଏ। ଆମ ସେବାକୁ ଅନୁଭବ କରିବାକୁ ସେ ସମର୍ଥ କି ଅସମର୍ଥ ତାହା ଆମ ବୁଝିବା ବାହାରେ। ବେଳେବେଳେ ସବୁ ଘଟଣା ଠିକଣା ବାଟରେ କହୁଥା'ନ୍ତି। ପୁଣି ବେଳେବେଳେ ଅଦ୍ଭୁତ ଆଉ ଅସାମଞ୍ଜସ୍ୟ କଥାଗୁଡ଼ାକ କହୁଥା'ନ୍ତି, ଯାହାର ଆରମ୍ଭ ସହିତ ଶେଷର କିଛି ସମ୍ପର୍କ ନ ଥାଏ।

– ବାପା, ବାପା...

ମାନି ଅପା ବାପାଙ୍କ ଗାଲ ଆଉଁଶି ଚାରିପଦ ଡାକିଲା। ସେ ଗୋଟିଏ ଆଖି ଖୋଲି ଅଳ୍ପ ଚାହିଁଲେ।

– ଆରେ କ'ଣ କହୁଛୁ, କିଏ ବିପୁ?

ମୁଁ ତାଙ୍କ ପାପୁଲିକୁ ମୁଠେଇ ଧରି କହିଲି– ହଁ ବାପା ମୁଁ ଏଇଠି ବସିଛି।

– ଆରେ ଦେଖିଲୁ ବାହାରେ ଜହ୍ନ ପଡ଼ିଛି?

– ହଁ, ଆଜି ପରା ମାଘପୂର୍ଣ୍ଣିମା। ଜହ୍ନ ନଥା'ନ୍ତା କେମିତି!

– ମୋତେ ଟିକିଏ ଅଗଣାକୁ ନେଇଯା'। ଖଟ ଦରକାର ନାହିଁ ଜମା। ସେଇ ତଳେ ଛିଣ୍ଡା କନ୍ଥାରେ ଶୁଆଇଦେବୁ।

"ଶୁଖିଲା ଫୁଲ ଡେମ୍ଫରୁ ଅଲଗା ହୋଇଯିବା ପରି ମୁଣ୍ଡଟି ତକିଆର ଗୋଟେ ପଟକୁ ଗଡ଼ିପଡ଼ିଲା। ମୁଁ ତାଙ୍କ ମୁହଁକୁ ଦୁଇ ହାତରେ ସଳଖି ଭଲରେ ଚାହିଁଲି। ସେମିତି ବଡ଼ବଡ଼ ଆଖିକରି ଆକାଶକୁ ଚାହିଁଥାନ୍ତି। କାନ୍ଦୁରୀ ଅପା ଚିଲେଇ ଉଠିଲା।"



ବେଶ୍ କରୁଣ ଶୁଭୁଥିଲା ତାଙ୍କ କଣ୍ଠସ୍ୱର, ଛୋଟ ପିଲାଟିଏ ଚକୋଲେଟ୍ ଖାଇବାର ଅଝଟ ପରି। ମାନି ଅପା ମୃଦୁ ଭର୍ତ୍ସନା କରି କହିଲା– ନା... କାହିଁକି ଯିବ ବାହାରକୁ। ରାତି ଅଧ ହେଲାଣି, କାକର ଟପ୍‌ଟପ୍ ପଡୁଛି।

– ମୋତେ ମନାକରନା ଲୋ ମା', ତୋ' ବୋଉକୁ ଟିକେ ଦେଖିବାକୁ ବହୁତ ଇଚ୍ଛା ହେଉଛି। ଜାଣିଛୁ, ତୁ ଛୁଆଟିଏ ହୋଇଥିଲୁ। ସେ ବର୍ଷ ମରୁଡ଼ି ପଡ଼ିଥିଲା। ଧାନ ଭଲ ହେଇ ନ ଥିଲା। ଶିସାଁ ଚିପିଦେଲେ ଖାଲି ଅଗାଡ଼ି। ମୂଲିଆ ମିଳିଲେନି ପାଇଟି କରିବାକୁ। ଆମେ ଦି'ଭାଇ ଦି'ଚାରି ଦିନ ଲାଗି ଧାନ କାଟିଦେଲୁ। ପୁଷମାସିଆ ବେଳ। କେତେବେଳେ ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠିଯାଉଥାଏ ଜଣା ପଡୁନଥାଏ। ଦିନା ଗଉଡ଼ ହାତରେ ବୁହାଭାତ ଆଣିବା ପାଇଁ ଘରକୁ ଖବର ପଠେଇଦେଲୁ। ତୋ' ବୋଉ ବୁହାଭାତ ନେଇ ଆସିଲା। ଆମେ ଦି'ଭାଇ କଦଳୀପତ୍ର ପାରି ଦେଇ ସାଉଁସାଉଁ କରି ଭାତ ଖାଇଦେଲୁ। ମୁଁ ଶଗଡ଼ ନେବାକୁ ଘରକୁ ଆସିଲି। ତୋ' ବୋଉ ସେଇମିତି ବିଲରେ ଥାଏ। ଶଳା କସରା ବଳଦଟା ମୋତେ ହଲାପଟା କଲା। ପଘାରୁ ଫିଟିଗଲା ଯେ ଆଉ ଧରାଛୁଆଁ ଦେଲାନି। ମୁଁ ବିଲକୁ ଫେରୁଫେରୁ ସଞ୍ଜ ହେଲା। ତୋ' ବୋଉ ସେମିତି ଉପାସ ରହିଲା। ତିନିଦିନ ଯାଏଁ ମୋ' ସହିତ କଥା ହେଲାନି କି ନିଜେ ଭାତ ଖାଇଲାନି। ମା'ଲୋ ଛଅ ମାସ ହେଲା ତା'ର ମୋର ଦେଖାହୋଇନି। ମୁଁ ଡେରି କଲେ ସେ ପାଗଳୀଟା ରୁଷିବ। ନୂଆ ଜାଗାକୁ ଯାଇଛି। କ'ଣ ରାନ୍ଧୁଥିବ, କ'ଣ ଖାଉଥିବ? ରାଗିଲେ ସେଠି କୋଉ ଚୁଲି ଥିବ ନା କୋଉ ଝିଙ୍କା ଥିବ ଯେ ଫୁଙ୍କନଳିରେ ବାଡ଼େଇ ଭାଙ୍ଗିବ! ପୁଣି ଆଉ ଘଣ୍ଟାଏ ପରେ ନେସିବ...

ଆମେ ସବୁ ନିର୍ବାକ୍ ହୋଇ ବସିଥାଉ। କାନ୍ଦୁରୀ ଅପା ବାପାଙ୍କୁ ଜାବୁଡ଼ି ଧରି ଭୋ ଭୋ ହୋଇ କାନ୍ଦିଲା।

– ବାପା କାହିଁକି ଏମିତି ହେଉଛ, ତୁମର କିଛି ହେବନି। ବୋଉର ଫଟୋ ଏଇ କାନ୍ଥରେ ଟଙ୍ଗାହୋଇଛି। ଅଗଣାରେ କ'ଣ ଦେଖିବ?

ଗାଁ ଲୋକେ ଜଣକ ପରେ ଜଣେ ଆସି ଦେଖି ଯାଉଥା'ନ୍ତି ବାପାଙ୍କୁ। ଦୁଇଦିନ ହେବ ଖାଇବା ବନ୍ଦ କରିଦେଲେଣି। ଯେତେ ବଳେଇକି ଖୁଆଇଲେବି ଛୋଟ ଛୁଆ ପରି ଥୁ ଥୁ କରି ଫିଙ୍ଗି ଦେଉଥା'ନ୍ତି।

ଗାଁ ମୁଣ୍ଡ ନେତି ଜେଜୀମା' କହିଲା– ଏ ବୃନ୍ଦାବନ କାହିଁକି ସେମିତି ହେଉଛ, ତମର କିଛି ହେବନି। ତୁଳସୀ ପା ତୁମ ମୁଣ୍ଡ ଉପରେ ଅଛି। ବାହାରେ କ'ଣ ଦେଖିବ? ସିଏ ତ ମରିହଜି ସରଗରେ ତରା ହୋଇଗଲାଣି କୋଉଦିନୁ।

ଚିହିଁକି ଉଠିଲେ ବାପା।

– କିଏ କହିଲା ତରା ହୋଇଗଲାଣି? ତୁଳସୀ କେବେ ତରା ହୋଇ ପାରିବନି। ହଜାର ହଜାର ତରାଙ୍କ ମେଳରେ ସିଏ ହଜି ଯାଇ ପାରିବନି। ହଜାର ହଜାର ତରା ଭିତରେ ସେ ଏକା ଜହ୍ନ। ମୋତେ ମନା କରନିରେ ମୁଁ ତମ ଗୋଡ଼ ହାତ ଧରୁଛି, ମୋତେ ଅଗଣାକୁ ନେଇଯା'।

ଶରୀର ଯେତିକି ରୁଗ୍ଣ ଓ ଦୁର୍ବଳ ଜଣାପଡୁଥାଏ, ତାଙ୍କ କଣ୍ଠସ୍ୱର ସେତିକି ଉଚ୍ଚ ଶୁଭୁଥାଏ। କୋଉଠୁ ଏତେ ଶକ୍ତି ପାଉଥା'ନ୍ତି କେଜାଣି?

ନୋଧୁଣୀ ବୁଢ଼ୀ କହିଲା– ବୁଢ଼ାଟା ଭାରି ଟାଣ। ଦି' ଦିନ ହେବ ପେଟରେ ଆହାର ପଡ଼ିନି, ପାଟି ଠୋ ଠୋ ଶୁଭୁଛି। ହେଲେ ଆଇଷ ଆଉ ନାହିଁ। ଦେଖୁନ, ବୁଢ଼ାର ନାକ ବୁଲିଗଲାଣି। ତାକୁ ଏଇନା ସେ ପୁର ଦିଶୁଥିବ।

– ଏ ବୁରୁନ୍ଦା ଆରେ କ'ଣ କହୁଛ?

ନୋଧୁଣୀ ବୁଢ଼ୀ ବାପାଙ୍କ କାନ ପାଖରେ ଚିଲେଇଲା।

ବାପା ସେମିତି ଜୁଲୁଜୁଲୁ ହୋଇ ଅନେଇଥିଲେ। କିଛି କହୁନଥାନ୍ତି। ବୁଢ଼ୀ ତାଙ୍କ ହାତକୁ ଟିକେ ମୁଠେଇ ଧରିଲା।

– ହେଃ ଦେଖୁନ, ହାତସବୁ ଥଣ୍ଡା ଲାଗୁଛି। କଳାକାଠ ପଡ଼ିଆସିଲାଣି। ଇଏ କ'ଣ ମଣିଷ ହାତ ଭଳିଆ ଦୁ'ଟି ଆଉ! ସୁଦ୍ଧୁ ପୋଡ଼ାକାଠ।

ବାପା ପୁଣି ଚିଲେଇଲେ– କୁଆଡ଼େ ଗଲରେ ସବୁ, ମୋତେ ଧର।

କାନ୍ଦୁରୀ ଅପା ଜୋର୍‌ରେ କାନ୍ଦିଲା।

– ଚୁପ୍ ହୋଇଯା' ବାପା। କୁଆଡ଼େ ନେବୁ ତମକୁ ଏଇ ଶୀତରେ। ଏଇଠି କମ୍ବଳ ଘୋଡ଼ିହୋଇ ଶୁଅ।

– ନାଇଁବେ ମୋତେ ଅଗଣାକୁ ଧା। ସେ ପିଜୁଳି ଗଛ ପାଖକୁ ନେ। ସେଇଠି ବସିବି। ସେଇଠି ଶୋଇବି। ତୋ' ବୋଉ ସାଙ୍ଗରେ କଥା ହେବି।

ତାଙ୍କର ଏ ଅଦ୍ଭୁତ ଇଚ୍ଛାକୁ ଆମେ କେମିତି ପୂରା କରିବୁ ବଡ଼ ବ୍ୟସ୍ତ ଲାଗୁଥାଏ। ବାହାରେ ପ୍ରବଳ ଶୀତ। ଦୁଇଦିନ ତଳେ ଅଳ୍ପ ବର୍ଷା ହୋଇ ମାଟି ଓଦା ହୋଇଯାଇଛି ଯେ ଶୀତଟା ଜୋର୍‌ରେ ପଡ଼ିଛି। ସେଥିରେ କେତେଜଣ ଗାଁ ଲୋକ ବାପାଙ୍କ ଇଏ ଶେଷ ଇଚ୍ଛା କହି ଜିଦି ଧରୁଛନ୍ତି, ହଁ ତାଙ୍କୁ ବାହାରକୁ ନିଅ। ଅଧଘଣ୍ଟାଏ କାଳ ରାହା ଧରି ବାପା ସେଇମିତି ଚିଲେଇବାକୁ ଲାଗିଲେ– ମୋତେ ବାହାରକୁ ନିଅରେ, ମୋତେ ବାହାରକୁ ନିଅରେ...।

ଶେଷକୁ ସ୍ଥିର ହେଲା ଯେ ତାଙ୍କୁ ଶେଯ ସହିତ ଅଗଣାକୁ ନିଆଯିବ। ତାଙ୍କ ମୁଣ୍ଡ ଉପରେ ଥୁଆ ହୋଇଥିବା ମଙ୍କି କ୍ୟାପ୍‌ଟିକୁ ତାଙ୍କୁ ଭଲକରି ପିନ୍ଧେଇଦେଲି। ଯେମିତି ସାମାନ୍ୟ ପବନ ତାଙ୍କ କାନକୁ ନ ଛୁଏଁ। ପାଦରେ ବି ମୋଜା ପିନ୍ଧେଇଦେଲି। ଏବେ ତାଙ୍କ ଓଠରେ ହସର କ୍ଷୀଣ ରେଖାଟିଏ ଦିଶିଲା। ଆମେ ସଭିଏଁ ଖୁସି ହୋଇ ପରସ୍ପରର ମୁହଁକୁ ଚାହିଁଲୁ। ମୁଣ୍ଡପଟୁ ଦୁଇଜଣ, ଗୋଡ଼ପଟୁ ଦୁଇଜଣ ଏବଂ ମଝିରୁ ଦୁଇଜଣ, ଏମିତି ଛଅଜଣ ମିଶି ତାଙ୍କୁ ଆସ୍ତେ କରି ଟେକିଲୁ। ଅଗଣାରେ ପଡ଼ିଥିବା ଖଟ ଉପରେ ମୁଁ ପତଳା କମ୍ବଳଟିଏ ବିଛେଇ ଦେଇଥାଏ। ସେଇ ତକିଆ ଉପରେ ତାଙ୍କ ମୁଣ୍ଡକୁ ଆସ୍ତେ କରି ରଖିଲି।

ଶୁଖିଲା ଫୁଲ ଡେମ୍ଫରୁ ଅଲଗା ହୋଇଯିବା ପରି ମୁଣ୍ଡଟି ତକିଆର ଗୋଟେ ପଟକୁ ଗଡ଼ିପଡ଼ିଲା। ମୁଁ ତାଙ୍କ ମୁହଁକୁ ଦୁଇ ହାତରେ ସଳଖି ଭଲରେ ଚାହିଁଲି। ସେମିତି ବଡ଼ବଡ଼ ଆଖିକରି ଆକାଶକୁ ଚାହିଁଥାନ୍ତି। କାନ୍ଦୁରୀ ଅପା ଚିଲେଇ ଉଠିଲା।

– ବିପୁରେ ବାପା ଆଉ ନାହାନ୍ତି।

ଆମେ ସମସ୍ତେ ଭୋ ଭୋ ହୋଇ କାନ୍ଦି ଉଠିଲୁ।

ମୋ: ୯୪୩୭୪୬୮୦୧୬

## କବିତା

### ଯୁଦ୍ଧ

**ତପନ କୁମାର ପଣ୍ଡା**

ପ୍ରତିପକ୍ଷରେ ସବୁଥର
ତୁମେ କାହିଁକି ଠିଆ ହେଉଥାଅ
ପ୍ରିୟମ୍ବଦା!

ମତେ ଥରକୁ ଥର କାଟି ପକଉଛି
ତୁମ ଦୁଇଆଖିର ଧାର
ନିସ୍ତେଜ, ନିଃଶେଷ ହେଇଯାଉଛି
ମୋ' ଧମନୀରେ ରକ୍ତ,
ମୋ' ପାଦତଳ ମାଟିରେ
ମାୟାବୃକ୍ଷ ହେଇ ପତ୍ରଉଛି
ତୁମ ଭଲପାଇବା,
ମୋ' ଜିଭରେ ଗୀତଗୋବିନ୍ଦ ପରି
ଗାଇ ହେଇଯାଉଛି ତୁମ ନାଁ।

ଆମ ମଝିରେ ଯେଉଁ ସୀମାରେଖା!
କେତେ ସହର, କେତେ ମନ୍ଦିର,
ସେ ଯେଉଁ ନଈ ପ୍ରିୟମ୍ବଦା...
ନିଜକୁ ନଈ କରି
କବିତା ଲେଖିପାରିଥିଲେ କ'ଣ
ଟଳି ଯାଇପାରିଥାନ୍ତା ଏ ସମ୍ଭାବ୍ୟ ଯୁଦ୍ଧ!

ମୁଁ ବନ୍ଦୀ,
କେଉଁ ଗୋଟେ ସହରର ପଥର କାନ୍ଥରେ,
ମୋ' ଛାତିକୁ ମାଡ଼ିବସିଛି ପ୍ରେତାତ୍ମା ପରି
କାହାର ନୀରବତା,
ମୋ' ପାଦଦ୍ୱୟ ତରଳା ପିଚୁ ହେଇ
ବହିଯାଇଛି ତୁମଠୁ ଘୁଞ୍ଚିଘୁଞ୍ଚି ଯାଇଥିବା
ରାସ୍ତାଧାରକୁ...

ମୁଁ ଭାବୁଛି ଆଞ୍ଜୁଳା ଆଞ୍ଜୁଳା
ସୁଖରେ ଭରିଦେଉଛି,
ମୁଁ ଭାବୁଛି ତୁମର ବିନ୍ଦୁଏ ରକ୍ତଟୋପାରେ
ଚିତ୍ରେଇ ଦେଉଛି ଫୁଲଫଳର ପୃଥିବୀ,
ମୁଁ ଭାବୁଛି...
ତୁମର ପ୍ରତିଟି ନିକ୍ଷେପ ପୂର୍ବରୁ
ନୁଏଁଇ ଦେଉଛି ମସ୍ତକ।

ଭାବୁଛି ମୁଁ ତୁମକୁ ଭଲପାଇବା ଆଗରୁ
ମୁଁ ଭଲପାଉଛି ତୁମକୁ।

ଅଥଚ...
ଅନ୍ଧାର ଖୋଜିଛି,
ସୁଡ଼ଙ୍ଗ ଖୋଜିଛି,
ଗହଳିଆ ପତ୍ରର ଛାଇ ଖୋଜିଛି
ଯେଉଁଠି ଲୁଚିପଡ଼ିବି
ଭାବିଛି ସେଇଠି ସୂର୍ଯ୍ୟୋଦୟ।
ମୁଁ ନିରସ୍ତ୍ର ହେଇଯିବା ବେଳେ
ତୁମେ ନିଜକୁ ପରାସ୍ତ
ଘୋଷଣା କରିବା କ'ଣ,
ତୁମ ବିଜୟ ପ୍ରିୟମ୍ବଦା!

ମୋ: ୭୦୮୨୪୬୪୮୦୦

### ପର୍ବତ ଶିଖରେ ପଦୁଅଁ ଫୁଟିଛି

**ହରିଶ୍ଚନ୍ଦ୍ର ବେହେରା**

ପର୍ବତ ଶିଖରେ ପଦୁଅଁ ଫୁଟିଛି
ନାହିଁ ଟିକେ ପାଣି ପଙ୍କ
ତହିଁ ପରେ ଯେଉଁ ଦିଅଁ ବସିଛି ଲୋ
ଦେଖିବାକୁ ମନ ରଙ୍କ।୦।

ଠୁଳ ଶୂନ୍ୟ ପରେ ମନ୍ଦିରର ଶୋଭା
ଭିତରେ ତ ଚକାଆଖି
ମନ୍ଦିର ପାଖରେ କଳପବଟ ଲୋ
ଖେଳୁଛନ୍ତି ଦୁଇ ପକ୍ଷୀ
କାହିଁ ଦିଶୁ ନାହିଁ ଶଙ୍ଖୁଆ ସେବକ
ତୁହାଇ ବାଜୁଛି ଶଙ୍ଖ।୧।

ବାଇଶି ପାହାଚେ ମୀନ ଖେଳିବ ଲୋ
ଚମକି ଉଠୁଛି ହିୟା
ଗରୁଡ଼ ପକ୍ଷୀ ତ ଜଗି ବସିଛି ଲୋ
ମାରିନେବ ପାରିଧିଆ
ଦଦରା ନାଆକୁ କେଉଁ ଭରସା ଲୋ
ଛାତି ହୁଏ ଦକ ଦକ।୨।

ପାଞ୍ଚ ମନ ଆଉ ପଚିଶ ପ୍ରକୃତି
ଦେଖି କର କାରବାର
ଠୁଳ ଶୂନ୍ୟକୁ ତୁ ଲୟ ନ ରଖିଲେ
ହୋଇଯିବୁ ନାରଖାର
କୈବଲ୍ୟ ହାଟରୁ ଗହ ଗହ ଶୁଭେ
ଟଙ୍କ ତୋରାଣି କି ରଙ୍କ।୩।

ମୋ: ୯୪୩୭୮୧୩୭୦୯

### ଗୀତି-କବିତା

### ପାନ୍ଥଶାଳା

**ମଞ୍ଜୁଲତା ସିଂ**

କାନ୍ଥରେ ମୋ' ଲେଖା ତୁମ ନାଆଁକୁ
ଲିଭାଇ ନ ପାରି ଆଜି
ପାନ୍ଥଶାଳା ମୁଁ ନୀରବେ କାନ୍ଦୁଛି
ତୁମ ସ୍ମୃତି ଧାରେ ଭିଜି।

ଦି' ଦିନ ଅତିଥି ସଭିଏଁ ମୋ' ପାଇଁ
ଆସନ୍ତି ଯାଆନ୍ତି କେତେ
ମନ ଆଇନାରୁ ବିମ୍ବିତ ଛବି
ଲିଭି ଲିଭି ଯାଏ ଯେତେ
ତୁମେ ତ ଏମିତି ନୀଳରାତି ମୋହ
ସେ ମୋହେ ଯାଇଛି ହଜି
ନୀରବେ କାନ୍ଦୁଛି ଆଜି।

ନିଷିଦ୍ଧ ସ୍ୱପ୍ନକୁ ଆପଣାର କରି
ଲୁହ ମୁଁ ଢାଳିଛି କେତେ
ଅମୃତ ଭାବି ବିଷର ପିଆଲା
ଓଠ ମୋ' ଚୁମିଛି ଯେତେ
ରାତି ଶେଷେ ଖାଲି ମିଛ ପ୍ରଣୟର
ବରଷାରେ ଭିଜି ଭିଜି
ନୀରବେ କାନ୍ଦୁଛି ଆଜି।

ମୋ: ୮୮୪୭୮୫୨୯୧୭

## ପୁସ୍ତକ ପରିଚୟ

### ଅସ୍ତରାଗ

**କବି:** ଦୀପିକା ଦାଶ
**ପ୍ରକାଶକ:** ଶ୍ରଦ୍ଧା ପବ୍ଲିକେଶନ, ବାଲେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ. ୧୦୦/-




ଆଲୋଚ୍ୟ କବିତା ପୁସ୍ତକଟିରେ ମୋଟ ୪୦ଟି କବିତା ସ୍ଥାନିତ। ଅଧିକାଂଶ କବିତାର ବିଷୟବସ୍ତୁ ପ୍ରେମ, ବିଶେଷକରି ଅଚରିତାର୍ଥ ପ୍ରେମ ଓ ସମାଜରେ ଘଟୁଥିବା ଛୋଟ ଛୋଟ ବିପର୍ଯ୍ୟୟ ଏବଂ ବିଡ଼ମ୍ବନାର ଏପିଟାଫ୍। 'ଆତ୍ମକଥନ'ରେ ଦୀପିକା ଲେଖିଛନ୍ତି: "ସମାଜର ଅନ୍ଧାରି ଦିଗଗୁଡ଼ିକ ଉପରେ ଆଲୋକପାତ କରିଛି ମୁଁ ଏଇ ସଂକଳନରେ, ଯହିଁ 'ଅସ୍ତ' ନୈରାଶ୍ୟ ଓ ବିଷାଦର ପ୍ରତୀକ। ନିରାଶାର ବହଳ ଅନ୍ଧକାରରେ ଭୈରବୀ କୋରସ୍ ହିଁ 'ଅସ୍ତରାଗ'ର ନୂଆ କଳେବର।" 'ଡାକବଙ୍ଗଳା: ଏକ ଅଣବାହୁଡ଼ା ଯାତ୍ରା', 'ଧୂସର ସ୍ମୃତିରେ ସନି ମହାନ୍ତି', 'ବଙ୍କବାହାର କୋହ', 'ସ୍ୱଳ୍ପ ପରିଚିତା ଝିଅ', 'ବର୍ଷାରେ କପେ ସ୍ମୃତି', 'ଦାରିଙ୍ଗିବାଡ଼ି: ଅତୀତରୁ ପୃଷ୍ଠାଏ', 'ଶୁଣ୍ ଲୋ ମା', 'ବିରହର ରାଗ ଦୀପିକା', 'ହାଲୁକା ଧାବଲ', 'ସନି ମହାନ୍ତି: ଏକ କଳଙ୍କିତ ଅଧ୍ୟାୟ', 'ପୁଲବମାର ଲୁହ', 'ନିରାଶାର ବହଳ ଅନ୍ଧକାର', 'ବିଜନ ବେଳାଭୂମି ଗୋପାଳପୁର' ଓ 'ଶେଷ ବସନ୍ତର ଚିଠି'ରେ କବି ଜୀବନର ବେଶ୍ ପାଖାପାଖି। ଓଡ଼ିଆ ଭାଷା ଯେଉଁଦିନ ତାଙ୍କ ଅନୁଭବକୁ ସାକାର କରିବା ପାଇଁ ଷୋଳଣା ସମ୍ମତ ହେବ, ସେଦିନ ଓଡ଼ିଆ ପାଠକେ ଏକ ନବୋଦିତ କବିପ୍ରତିଭାକୁ ଯେ ସାକ୍ଷାତ୍ କରିବେ ଏଥିରେ ଦ୍ୱିମତ ନାହିଁ। 'ବେଲଗାମ୍ ଉଡ଼ିବୁଲୁଥିଲା/ ମୋ' ଶାଢ଼ି କାନି ସହ ଧୂସର ଅତୀତ' (ଧୂସର ସ୍ମୃତିରେ ସନି ମହାନ୍ତି) ବା 'ସତରେ କ'ଣ ମୋ' ଛୋଟିଆ ଖୁସି ଚଢ଼େଇଟିର/ ଖୋଲା ଆକାଶରେ ଉଡ଼ିବାର/ ଅଧିକାର ନାହିଁ?' (ନାରୀ ଏକ ଅଖୋଜା ଉତ୍ତର) ଭଳି ଧାଡ଼ିରେ ଦୀପିକାଙ୍କ ଦୂରଗାମୀ କବିଦୃଷ୍ଟି ଓ ସ୍ଥିତାବସ୍ଥାରେ ଅସନ୍ତୁଷ୍ଟ ତାଙ୍କ କବି ମନର ବିଚଳନକୁ ଚିହ୍ନିହୁଏ।

### ଲାଇଫ୍‌ସ ଲିଟିଲ୍ ଟେଲ୍‌ସ

**ଲେଖକ:** ବି. ଏନ୍. ପଟନାୟକ
**ପ୍ରକାଶକ:** ଶିକ୍ଷାସନ୍ଧାନ, ଭୁବନେଶ୍ୱର-୧୫
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ. ୧୯୫/-




ବିବୁଧେନ୍ଦ୍ର ନାରାୟଣ ପଟନାୟକଙ୍କର ଆଲୋଚ୍ୟ ଇଂଲିଶ୍ ପୁସ୍ତକଟିରେ ମୋଟ ୨୧ଟି ନିବନ୍ଧ ରହିଛି। ଏ ସବୁର ପ୍ରସଙ୍ଗ ଦୋସା ଓ ରସଗୋଲାଠୁଁ ଆରମ୍ଭ କରି ସାରଳା ଦାସଙ୍କ ମହାଭାରତ ଓ ଭାଷା-ସାହିତ୍ୟ। ପ୍ରତିଟି ପ୍ରସଙ୍ଗରେ ଲେଖକଙ୍କର ସରଳ ଓ ପରିପକ୍ୱ ଭାଷାଭଙ୍ଗୀଟି ପାଠକଙ୍କୁ ଅଭିଭୂତ କରେ। ବହୁଚର୍ଚ୍ଚିତ ପ୍ରସଙ୍ଗକୁ ଯେ ଏକ ଭିନ୍ନ, ଅନବଲୋକିତ ଦୃଷ୍ଟିକୋଣରୁ ଦେଖାଯାଇପାରେ, ଏ ବହିଟି ନ ପଢ଼ିଲେ ଶ୍ରଦ୍ଧାଶୀଳ ପାଠକେ ଅବଗତ ହୋଇପାରିବେ ନାହିଁ। 'ମୁଖବନ୍ଧ'ରେ ଲେଖକ ଲେଖିଛନ୍ତି: "These are about the people I met, the stories I heard in my childhood, the books I read and those I re-read, not once but many times, the thoughts and the ideas that opened my eyes and also about the varied experiences I gathered in various real-life situations that impacted my thinking and understanding." ଅତଏବ ଗଭୀର ଅନୁଭବ ଓ ଅନୁଧ୍ୟାନର ଫଳଶ୍ରୁତି ଯେ ଆଲୋଚ୍ୟ ପୁସ୍ତକଟି, ଏଥିରେ ସନ୍ଦେହ ନାହିଁ। ସମାଜ ଓ ଜୀବନ ଯେତେବେଳେ 'କୋଭିଡ୍-୧୯' କବଳିତ ଓ ସମ୍ବନ୍ଧଶୂନ୍ୟ, ସେହି ଶୂନ୍ୟକାଳରେ ବିବୁଧେନ୍ଦ୍ର ଏ ବହିଟିର ବିଷୟଗୁଡ଼ିକୁ ଲେଖିଥିବା କହିଛନ୍ତି। 'ସାରଳା ମହାଭାରତ' ଓ 'ଭାଷା' ସମ୍ପର୍କରେ ତାଙ୍କର ମୌଳିକ ଚିନ୍ତନର କ୍ୱଚିତ୍ ସମାନ୍ତରାଳ ତାଙ୍କ ସମକାଳରେ ପରିଲକ୍ଷିତ ହୁଏ। ନୂଆ ଓ ଦିଶାଦର୍ଶୀ ଆଲୋଚନାରେ ଆଗ୍ରହୀ ପାଠିକାପାଠକଙ୍କ ପାଇଁ ପୁସ୍ତକଟି ଯେ ଏକ ଅମୂଲ୍ୟ ପ୍ରାପ୍ତି ଭାବେ ବିବେଚିତ ହେବ, ଏଥିରେ ସନ୍ଦେହ ନାହିଁ।

## କାଳକାଳକୁ

"ବୃକ୍ଷ ହିଁ ମୋର ଶ୍ରେଷ୍ଠ ଗୁରୁ,
ଯିଏ ଜଗାଏ ମୋତେ ପ୍ରତିନିୟତ।
ଥାଉ ଉଦ୍ୟାନ କି ଅରଣ୍ୟରେ,
କି ଥାଉ ଏକାଏକା,
ସେ ହିଁ ମୋର ଅନୁଧାବ୍ୟ।
ଏକୁଟିଆ ଗଛ ମୋ' ପାଇଁ ଋଷିଟିଏ ନୁହଁ;
ନିଃସଙ୍ଗ ବିଥୋଭେନ୍, ନିତ୍‌ସେ।"
– ହର୍‌ମାନ୍ ହେସ୍



ହର୍‌ମାନ୍ ହେସ୍‌ଙ୍କ ଜନ୍ମ ୨ ଜୁଲାଇ ୧୮୭୭ରେ ଜର୍ମାନୀରେ ଓ ପରଲୋକ ୯ ଅଗଷ୍ଟ ୧୯୬୨ରେ, ସୁଇଜରଲାଣ୍ଡରେ। ତାଙ୍କର ଚର୍ଚ୍ଚିତ ଉପନ୍ୟାସଗୁଡ଼ିକ ମଧ୍ୟରେ ସିଦ୍ଧାର୍ଥ (୧୯୨୨) ଓ 'Magister Ludi' (୧୯୪୩) ଅନ୍ୟତମ। ହେସ୍‌ଙ୍କ ଉପନ୍ୟାସ ଗୀତିଧର୍ମିତା, ରହସ୍ୟମୟତା ଓ ପ୍ରତୀକାତ୍ମକତା ପାଇଁ ପ୍ରସିଦ୍ଧ ତଥା ଲୋକପ୍ରିୟ। ୧୯୪୬ରେ ସାହିତ୍ୟ ପାଇଁ ତାଙ୍କୁ ମିଳିଛି ନୋବେଲ ପୁରସ୍କାର।

# ଅଦେଖା ଯନ୍ତ୍ରଣା

**ଗାୟତ୍ରୀ ସିଂହ**

ଲଘୁ ଗଳ୍ପ

ଶ୍ୱେତାମ୍ବରବାବୁ ରାଜସ୍ୱ ବିଭାଗର ହେଡ୍ କ୍ଲର୍କ ପଦବୀରୁ ଅବସର ନେଲେ। ଚାକିରି ସମୟ ଭିତରେ ଦୁଇ ଝିଅଙ୍କ ବିବାହ କାର୍ଯ୍ୟ ସାରି ଦେଇଥିଲେ। ପୁଅ ଷ୍ଟେଟ୍ ବ୍ୟାଙ୍କରେ ପିଓ। ତା' ପାଇଁ ପ୍ରସ୍ତାବ ଖୋଜାଚାଲିଛି। ପିଲାମାନଙ୍କ ପାଠପଢ଼ାରେ ସେ କେବେ ବି ଅବହେଳା କରିନାହାନ୍ତି। ପୁଅ ଝିଅଙ୍କୁ ସେ ନିଜେ ପାଠପଢ଼ାଇ ମଣିଷ କରିଛନ୍ତି। ଚାକିରି ପାଇବା ପୂର୍ବରୁ ସେ କିଛି ପିଲାଙ୍କୁ ଟିଉସନ ମଧ୍ୟ କରୁଥିଲେ। ଭାରି ପରିଶ୍ରମୀ ଥିଲେ ସେ। ସକାଳୁ ବଜାର କାମ ସାରି ଦେଇ ଅଫିସ ଯିବେ। ଅଫିସରୁ ଫେରି ପିଲାଙ୍କ ପାଠପଢ଼ା ନିଜେ ଦେଖନ୍ତି। ପିଲାଙ୍କ କ୍ୟାରିୟରକୁ ସେ ଭଲ ଭାବେ ସଜାଡ଼ି ପାରିଛନ୍ତି ବୋଲି ଗର୍ବ ଅନୁଭବ କରନ୍ତି।

ସ୍ତ୍ରୀ ଶ୍ୟାମା ମଧ୍ୟ ତାଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରନ୍ତି। ସ୍ୱାମୀଙ୍କ ପକେଟର ପଇସା ଦେଖି ଖର୍ଚ୍ଚ କରନ୍ତି। ଝିଅମାନେ ତାଙ୍କ ପରିବାରରେ ଖୁସିରେ ଅଛନ୍ତି। ପୁଅର ବିବାହ କାର୍ଯ୍ୟ ସାରିଦେଲେ ତାଙ୍କ ପରିବାରରେ ପୂର୍ଣ୍ଣତା ଆସିଯିବ। ଇତିମଧ୍ୟରେ ପୁଅର ବାହାଘର ମଧ୍ୟ ସୁରୁଖୁରୁରେ ସରିଗଲା। ଏଥର ସ୍ୱାମୀ ସ୍ତ୍ରୀ ତୀର୍ଥ କରିଯିବାର ଯୋଜନା କଲେ। ପୁଅବୋହୂ ହନିମୁନ୍‌ରୁ ଫେରିବା ପରେ ବୁଢ଼ାବୁଢ଼ୀ ଦୁହେଁ ବାହାରିଲେ ତୀର୍ଥ କରିବା ପାଇଁ। ଚାକିରି ସମୟ ଭିତରେ ବୁଲାବୁଲି କରିବା ଲାଗି ସମୟ ପାଇ ନ ଥିଲେ। ତା' ଉପରେ ପୁଣି ପିଲାଙ୍କ ଜଞ୍ଜାଳ, ପାଠପଢ଼ା। କିରାଣି ଚାକିରିରେ ଘର ପରିବାର ଚଳାଉ ଚଳାଉ ଦରମା ଗଣ୍ଡିକ ମାସ ଶେଷ ହେବା ପୂର୍ବରୁ ସରି ଯାଉଥିଲା। ଶ୍ୟାମା ସେଇ କେତେଦିନ ଘର କେମିତି ଚଳାନ୍ତି ସେ ହିଁ ଜାଣନ୍ତି। ପିଲାମାନଙ୍କୁ ଖାଇବା ବାଢ଼ି ସାରିବା ପରେ ଯାହା କିଛି ନିଜ ପାଇଁ ଥାଉ ବା ନ ଥାଉ ଚଳାଇ ନିଅନ୍ତି। କେବେ ପାଟି ଖୋଲି ନାହାନ୍ତି। ସ୍ୱାମୀଙ୍କ ପାଖରେ ତାଙ୍କର କେବେ କିଛି ଅଭିଯୋଗ ନଥାଏ। ଶ୍ୱେତାମ୍ବରବାବୁ ବି ଖାଇବା ପିନ୍ଧିବାରେ ଯେମିତି ସେମିତି ଚଳାଇ ନିଅନ୍ତି। ପୁରୁଣା ଶାର୍ଟ, ପୁରୁଣା ଜୋତାରେ ତାଙ୍କର ପର୍ବ ପାଳନ ହୋଇଯାଏ। ପିଲାମାନେ ନୂଆ ଆଣିବାକୁ କହିଲେ କହିବେ, ଏଇଟା ତ ସଫା କରି ଆଇରନ୍ କରିଦେଲେ ନୂଆ ଦେଖାଯିବ ଆଉ ନୂଆ କ'ଣ ଦରକାର। ହେଲେ ପ୍ରତ୍ୟେକ ପର୍ବପର୍ବାଣିରେ ପିଲାମାନଙ୍କର ନୂଆ ଡ୍ରେସ୍ ହେବ। ପିଲାମାନେ ତୁମେ ସବୁ ନୂଆ ପିନ୍ଧ, ତୁମ ହସରେ ହିଁ ମା'ବାପାଙ୍କ ଖୁସି। ପିଲାଙ୍କ ଖୁସିରେ ସେ ଭାରି ଖୁସି ହୁଅନ୍ତି।

ଦିନକୁ ଦିନ ତାଙ୍କୁ ଲାଗିଲା ପୁଅବୋହୂଙ୍କ ସଂସାରରେ ସେମାନେ ଯେମିତି ଅତିଥି। ବୋହୂର କଥାବାର୍ତ୍ତା, ବ୍ୟବହାର ଦିନକୁଦିନ ଖାପଛଡ଼ା ଲାଗୁଥିଲା। ଶାଶୁ ପ୍ରତି ତା' ବ୍ୟବହାର ଠିକ୍ ନ ଥିଲା। ଜୀବନସାରା ପିଲାମାନଙ୍କ ପାଇଁ ଖଟିବା ପରେ ବି ବୋହୂ ଆସିବା ପରେ ଏଇ ବୟସରେ ପୁଣି ଶ୍ୟାମାର ପରିଶ୍ରମ କରିବା ଶ୍ୱେତାମ୍ବରବାବୁଙ୍କ ଆଖିରେ ଯାଉ ନ ଥିଲା। ସେ ବୋହୂକୁ ଦୁଇପଦ ଶୁଣାଇ ଦେଉଥିଲେ। ଏମିତି ପରିବାରରେ ଦିନକୁଦିନ ଅଶାନ୍ତି ବଢ଼ିଚାଲିଲା। ସବୁବେଳେ ଖୁସି ମିଜାଜ୍‌ରେ ରହୁଥିବା ଶ୍ୟାମା ଆଉ ଏ ସବୁ ସହ୍ୟ କରି ପାରିଲେନି। ସେଦିନ ତାଙ୍କର ଶେଷ ରାତି ଥିଲା। ସକାଳର ସୂର୍ଯ୍ୟୋଦୟ ଆଉ ସେ ଦେଖିନାହାନ୍ତି। ରାତିରେ ତାଙ୍କର ହାର୍ଟ ଷ୍ଟ୍ରୋକ୍ ହୋଇଯାଇଛି। ଭିତରେ ଭିତରେ ବୋହୂର ବ୍ୟବହାର ନେଇ ସେ ବିବ୍ରତ ଥିଲେ। କିଛି କହିଲେନି ଚାଲିଗଲେ। ଜୀବନସାରା ପାଟି ଖୋଲି କେବେ କିଛି ମାଗି ନାହାନ୍ତି। ଆଜି ବି ପାଟି ନ ଖୋଲି ଚାଲିଗଲେ।

ଶ୍ୟାମା ଯିବାପରେ ଶ୍ୱେତାମ୍ବରବାବୁ ପୂରାପୂରି ଭାଙ୍ଗି ପଡ଼ିଲେ। ତାଙ୍କୁ ଲାଗିଲା ଜୀବନରେ ସେ ହାରିଯାଇଛନ୍ତି। ନିଜକୁ ଭାରି ଅସହାୟ ମନେକଲେ। ଶ୍ୟାମା କଥା ଭାବି ଭାବି ଦିନକୁଦିନ ଦୁର୍ବଳ ହୋଇପଡ଼ିଲେ। ତାଙ୍କୁ ଲାଗିଲା ଶ୍ୟାମା ଯେମିତି ତାଙ୍କୁ ଡାକୁଛି। ପୁଅବୋହୂ ସଂସାରରେ ତୁମର କ'ଣ କାମ? ଯାହା ତ ଆଗରୁ ଶୁଣୁଥିଲେ, ଦେହ ଖରାପ ହେବା ପରେ ଅସହ୍ୟ ହେଲାଣି। ବୋହୂ କହୁଥିଲା ସହୁଥିଲେ। ହେଲେ ନିଜର ରକ୍ତ, ନିଜର ଅଂଶ ଯାହାକୁ ରକ୍ତ ମାଂସ ଦେଇ ବଡ଼ କରିଛନ୍ତି ତା' ପାଟିର କଥା ଆଉ ସହି ହେଲାନି। ଦିନେ ତ ପୁଅ ମୁହଁ ଖୋଲି କହିଲା– ବାପା, ତମ ପାଇଁ ଘରେ ଅଶାନ୍ତି ବଢୁଛି, ଆମର ସୁଖ ଶାନ୍ତି ନଷ୍ଟ ହେଉଛି, ତମେ କିଛି ବ୍ୟବସ୍ଥା କର। 'ହଉରେ ବାପା' କହି ଦୀର୍ଘଶ୍ୱାସ ଛାଡ଼ିଲେ ଶ୍ୱେତାମ୍ବରବାବୁ। ଏତେ ରାତିରେ କୁଆଡ଼େ ଯିବେ, ସକାଳ ହେଉ ମନସ୍ଥ କରିନେଲେ। ଜୀବନସାରା ପିଲାଙ୍କ ଖୁସି ପାଇଁ ସ୍ତ୍ରୀ ଶ୍ୟାମା ସହିତ ସବୁକିଛି ତ୍ୟାଗ କରିଛନ୍ତି। ଆଉ ଆଜି ପୁଅର ଖୁସି ପାଇଁ ଏତିକି ବାକିଥିଲା। ଶ୍ୱେତାମ୍ବରବାବୁ ଘର ଛାଡ଼ିବା ବେଳେ କେହି ତାଙ୍କୁ ଅଟକାଇ ନ ଥିଲେ। କେବଳ ନାତି ପଛରୁ ଧାଇଁ ଆସି ତାଙ୍କ ହାତ ଆଙ୍ଗୁଠିକୁ ଧରିପକାଇ କହିଲା– ଜେଜେ! ତମେ କୁଆଡ଼େ ଯାଉଛ, ମୁଁ ବି ତୁମ ସହିତ ଯିବି। ଖୁସିରେ ଥା' କହି ନାତିକୁ ବୁଝାଇ ଚାଲିଗଲାବେଳେ ନାତି କହିଲା– ଜେଜେ, ଯଦି ତୁମ ସହିତ ନେବ ନାହିଁ ତାହେଲେ ଫେରିବାବେଳେ ମୋ' ପାଇଁ ଚକୋଲେଟ ଆଣିଥିବ।



ମୋ: ୭୬୦୬୯୫୭୪୪୫

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜୁଲାଇ ୨୩/୨୦୨୨ Sambalpur, Saturday, July 23/ 2022

# ଧାୱନ ଅଳ୍ପକେ ଶତକରୁ ବଞ୍ଚିତ

**ପୋର୍ଟ ଅଫ୍ ସ୍ପେନ୍,୨୨।୭,(ପି.ଟି)**

ତ୍ରିନିଦାଦର ପୋର୍ଟ ଅଫ ସ୍ପେନ୍‌ରେ ଖେଳା ଯାଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମୁକାବିଲାରେ ଚମତ୍କାର ଅର୍ଦ୍ଧଶତକ ହାସଲ କରିଛନ୍ତି ଭାରତୀୟ ଅଧିନାୟକ ଶିଖର ଧାୱନ୍। ତାଙ୍କ ବ୍ୟତୀତ ଶୁବମନ ଗିଲ୍ ନିଜ ଦିନିକିଆ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଶ୍ରେୟସ୍ ଆୟାର ୫୪ ରନର ଇନିଂସ ଖେଳିଥିଲେ। ଖବର ପ୍ରସ୍ତୁତି ସୁଦ୍ଧା ଭାରତ ୪୦ ଓଭରରେ ୪ ଉଇକେଟ ହରାଇ ୨୪୮ ରନ୍ ସଂଗ୍ରହ କରଥିଲା। ଏହି ମ୍ୟାଚରେ ଭାରତ ଇଶାନ କିଶନଙ୍କ ସ୍ଥାନରେ ସଞ୍ଜୁ ସାମସନଙ୍କୁ ଖେଳାଇଥିବା ବେଳେ ଆହତ ରବୀନ୍ଦ୍ର ଜାଡେଜାଙ୍କ ସ୍ଥାନରେ ସ୍ଥାନ ପାଇଥିଲେ ଅକ୍ଷର ପଟେଲ। ସେହିପରି ୱେଷ୍ଟଇଣ୍ଡିଜ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଜାସନ ହୋଲ୍ଡର କରୋନାରେ ଆକ୍ରାନ୍ତ ହୋଇଥିବାରୁ କାଇଲ ମେୟର୍ସଙ୍କୁ ସାମିଲ କରାଯାଇଥିଲା।

ନିକୋଲାସ୍ ପୁରନ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ବୋଲିଂ ସହାୟକ ପିଚରେ ଭାରତୀୟ ଓପନର ଶିଖର ଧାୱନ ଓ ଶୁବମନ ଗିଲ୍ ପ୍ରଥମ କିଛି ଓଭର ସତର୍କତାର ସହିତ ଖେଳିଥିଲେ। ଉଭୟ ଓପନର ଆକ୍ରମଣାତ୍ମକ ବ୍ୟାଟିଂ କରିବା ସହିତ ଶତକୀୟ ଭାଗୀଦାରି କରିଥିଲେ। ପ୍ରଥମ ଦିନିକିଆ ଅର୍ଦ୍ଧଶତକ ହାସଲ କରିଥିବା ଗିଲ୍ ଅଧିକ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ୬ ଚୌକା ଓ ୨ ଛକା ସହିତ ୬୪ ରନ୍ କରିଥିବା ଗିଲ ଦୁର୍ଭାଗ୍ୟଜନକ ଭାବେ ରନଆଉଟ ହୋଇଥିଲେ। । ୧୧୯ ରନରେ ପ୍ରଥମ ଉଇକେଟ ପତନ ପରେ ତୃତୀୟ ଉଇକେଟରେ ଧାୱନ(୯୭) ଓ ଆୟାର(୫୪) ଯୋଡିଥିଲେ ୯୪ ରନ୍। ଦ୍ୱିତୀୟ ଥର ପାଇଁ ଅଧିନାୟକତ୍ୱ କରୁଥିବା ଧାୱନ୍ ୯୯ ବଲ୍ ଖେଳି ୧୦ ଚୌକା ଓ ୩ ଛକା ମାରିଥିଲେ। ଧାୱନଙ୍କ ୱିକେଟ ପତନ ପରେ ମାତ୍ର ୧୩ ବଲ୍ ମଧ୍ୟରେ ପ୍ୟାଭିଲିୟନ୍ ଫେରିଥିଲେ ଆୟାର। ସେ ୫୭ ବଲ୍ ଖେଳି ୫ ଚୌକା ଓ ୨ ଛକା ମାରି ୫୩ ରନ୍ କରିଥିଲେ। ସ୍ପିନର ଗୁଡାକେଶ ମୋତି ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ। ସୂର୍ଯ୍ୟକୁମାର ଯାଦବ(୧୪) ବିଶେଷ କିଛି କମାଲ କରିନପାରି ଅକିଲ ହୋସେନଙ୍କ ଶିକାର ହୋଇଥିଲେ। ଖବର ପ୍ରସ୍ତୁତ ବେଳକୁ ସଞ୍ଜୁ ସାମସନ(୧୧) ଓ ଦୀପକ ହୁଡା(୧) ରନ କରି ବ୍ୟାଟିଂ କରୁଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଗୁଡାକେଶ ମୋତି ୫୪ ରନ ବ୍ୟୟରେ ଦୁଇଟି ଏବଂ ଅକିଲ ହୋସେନ୍ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ: ୪୦ ଓଭରରେ ୨୪୮/୪ (ଶିଖର ଧାୱନ-୯୭, ଶୁବମନ ଗିଲ୍-୬୪, ଶ୍ରେୟାସ ଆୟାର-୫୪, ଗୁଡାକେଶ ମୋତି-୨/୫୪, ଅକିଲ ହୋସେନ-୧/୪୯।



ଆକର୍ଷଣୀୟ ଶଟ୍ ଖେଳୁଛନ୍ତି ଶିଖର ଧାୱନ।

# ଖେଳିବେ ଚେତନ, ମୁକେଶ

**ବ୍ରିସ୍‌ବେନ, ୨୨।୭(ପି.ଟି.)**





ମୁକେଶ ଚୌଧାରୀ ଓ ଚେତନ ସାକାରିୟା।

**ଟି୨୦ ମାକ୍ସ ସିରିଜ**

ଆସନ୍ତା ମାସରେ ଟି୨୦ ମାକ୍ସ ସିରିଜ ପ୍ରଥମ ସଂସ୍କରଣ ଖେଳାଯିବ। ଏଥିରେ ଦୁଇ ଭାରତୀୟ ଫାଷ୍ଟ ବୋଲର ଚେତନ ସାକାରିୟା ଓ ମୁକେଶ ଚୌଧାରୀ ଖେଳିବେ। ଉଭୟ ଚେତନ ଓ ମୁକେଶ ଅତୀତରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ଯଥାକ୍ରମେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନ ଓ କ୍ରିକେଟ ଅଷ୍ଟ୍ରେଲିଆ ମଧ୍ୟରେ ରହିଥିବା ବିନିମୟ କାର୍ଯ୍ୟକ୍ରମର ଏକ ଅଂଶ ବିଶେଷ ସ୍ୱରୂପ ଦୁଇ ଖେଳାଳି ବ୍ରିସ୍‌ବେନ୍‌ରେ ସମୟ ଅତିବାହିତ କରିବେ। ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନ ଓ କ୍ରିକେଟ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଳି ଓ କୋଚିଂ ବିନିମୟ କାର୍ଯ୍ୟକ୍ରମ ଇତିମଧ୍ୟରେ ୨୦ ବର୍ଷ ବିତି ଗଲାଣି। କୋଭିଡ୍ ପାଇଁ ୨ବର୍ଷ କାର୍ଯ୍ୟକ୍ରମ ସ୍ଥଗିତ ରହିଥିଲା। ଚେତନ ତାଙ୍କର ଅନ୍ତର୍ଜାତୀୟ ଦିନିକିଆ ଓ ଅନ୍ତର୍ଜାତୀୟ ଟି୨୦ ପଦାର୍ପଣ ଗତବର୍ଷ ଶ୍ରୀଲଙ୍କାରେ କରିଥିଲେ। ମୁକେଶ ଚଳିତବର୍ଷ ଆଇପିଏଲ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ଅଧୀନରେ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ୧୩ଟି ଗେମ୍ ଖେଳି ୧୬ ଉଇକେଟ ଅକ୍ତିଆର କରିଥିଲେ। ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ପ୍ରତିଯୋଗିତାରେ ଚେତନ ସନ୍‌ସାଇନ କୋଷ୍ଟ ତରଫରୁ ଖେଳିବାକୁ ଥିବାବେଳେ ୨୬ ବର୍ଷୀୟ ମୁକେଶ ୱିନମ ମାନ୍‌ଲିରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତାରେ ଅଂଶଗ୍ରହଣ ବ୍ୟତୀତ ଦୁଇ ଭାରତୀୟ ଖେଳାଳି ବୁପା ନ୍ୟାଶନାଲ କ୍ରିକେଟ ସେଣ୍ଟରଠାରେ ଟ୍ରେନିଂ ନେବେ ଏବଂ ପ୍ରି-ସିଜନ ପ୍ରସ୍ତୁତି ଲାଗି କୁଇନ୍ସଲାଣ୍ଡ ବୁଲ୍ସ ଦଳରେ ଯୋଗ ଦେବେ। ମ୍ୟାଚଗୁଡ଼ିକ ଅଗଷ୍ଟ ୧୮ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଖେଳାଯିବ। ଫାଇନାଲ ଆଲାନବର୍ଡର ଫିଲ୍ଡରେ ହେବ।

# ଫାଇନାଲରେ ୩ ଭାରତୀୟ

**ଇୟୁଜିନ୍,୨୨।୭(ପି.ଟି)**

**ବିଶ୍ୱ ଆଥ୍‌ଲେଟିକ ଚାମ୍ପିୟନଶିପ୍**

ବିଶ୍ୱ ଚାମ୍ପିୟନଶିପ୍‌ର ସପ୍ତମ ଦିବସର ଫାଇନାଲରେ ପ୍ରବେଶ କରିଛନ୍ତି ୩ ଭାରତୀୟ। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରାଙ୍କ ସମେତ ରୋହିତ ଯାଦବ ଏବଂ ଟ୍ରିପଲ ଜମ୍ପର ଏଲଧୋସ ପଲ୍ ଫାଇନାଲରେ ପ୍ରବେଶ କରିଛନ୍ତି। ପଦକ ଫେଭରିଟ୍ ରହିଥିବା ନୀରଜ ପ୍ରଥମ ପ୍ରୟାସରେ ହିଁ ୮୮.୩୯ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଗୁରୁବାର ଖେଳାଯାଇଥିବା ମୁକାବିଲାରେ ନୀରଜ କ୍ୟାରିୟରର ତୃତୀୟ ଶ୍ରେଷ୍ଠ ଥ୍ରୋ କରିଥିଲେ। ଚୋପ୍ରାଙ୍କ ଥ୍ରୋ କେବଳ ଡିଫେଣ୍ଡିଂ ଚାମ୍ପିୟନ୍ ଆଣ୍ଡରସନ୍ ପିଟର୍ସଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଗ୍ରୁପ୍ ବି'ରେ ସ୍ଥାନ ପାଇଥିବା ଆଣ୍ଡରସନ୍ ୮୯.୯୧ ମିଟର ଥ୍ରୋ କରିଥିଲେ। ସେହିପରି ଗ୍ରୁପ୍ ବି'ରେ ସ୍ଥାନ ପାଇଥିବା ଅନ୍ୟତମ ଭାରତୀୟ ରୋହିତ ଯାଦବ ଷଷ୍ଠ ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିଥିଲେ। ୮୦.୪୨ ମିଟର ଥ୍ରୋ ସହିତ ରୋହିତ ଓଭରଅଲ୍ ୧୧ ତମ ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିଥିଲେ।



ନୀରଜ ଚୋପ୍ରା

ପଲ୍ ରଚିଲେ ଇତିହାସ: ପ୍ରଥମ ଭାରତୀୟ ଟ୍ରିପଲ ଜମ୍ପର ଭାବରେ ଇତିହାସ ରଚିଛନ୍ତି ଏଲଧୋସ ପଲ୍। ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ପଲ୍ ୧୬.୬୮ ମିଟରର ଜମ୍ପ ସହିତ ଏଭଳି କୃତିତ୍ୱ ହାସଲ କରିଛନ୍ତି। ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ପଲ୍ ଷଷ୍ଠ ସ୍ଥାନରେ ରହି ଫାଇନାଲ ଯୋଗ୍ୟତା ଅର୍ଜନ କରିଥିଲେ। ପଲ୍‌ଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୧୬.୯୯ ମିଟର ହୋଇଥିବା ବେଳେ ଫାଇନାଲରେ ସେ ଏହି ସଫଳତା ଦୋହରେଇବା ନେଇ ଆଶା କରାଯାଉଛି। ଅନ୍ୟ ପକ୍ଷରେ ଏହି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅନ୍ୟ ଦୁଇ ଭାରତୀୟ ପ୍ରବୀଣ ଚିତ୍ରଭେଲ ଓ ଅବଦୁଲ୍ଲା ଆବୁ ବାକେର୍ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛନ୍ତି। ଚିତ୍ରଭେଲ ୧୬.୪୯ ମିଟର ଏବଂ ଆବୁ ୧୬.୪୫ ମିଟରର ଦୂରତା ହାସଲ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ରବିବାର ସକାଳ ୬.୫୦ ମିନିଟରେ ନୀରଜ ଏବଂ ରୋହିତଙ୍କ ଫାଇନାଲ ମୁକାବିଲା ରହିଛି। ସେହିଭଳି କ୍ରମାଗତ ଦ୍ୱିତୀୟ ଥର ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ମହିଳା ଜାଭେଲିନ୍ ଥ୍ରୋୟର୍ ଅନ୍ନୁ ରାଣୀଙ୍କ ଫାଇନାଲ ଶନିବାର ସକାଳ ୬.୫୦ ମିନିଟରେ ଖେଳାଯିବ।

# ୧୬ ଜଣିଆ ଦୃଷ୍ଟିହୀନ ଭାରତୀୟ ଦଳ ଘୋଷିତ

**ଭୁବନେଶ୍ୱର,୨୨।୭**

ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ପକ୍ଷରୁ ଘୋଷଣା କରାଯାଇଛି ୧୬ ଜଣିଅ କ୍ରିକେଟ୍ ଦଳ। ପୁଡୁଚେରୀ ଏବଂ କେରଳ ସହିତ ଏକ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଏହି ଦଳ ଘୋଷଣା କରାଯାଇଛି। ଜୁଲାଇ ୨୬ରୁ ୨୯ ତାରିଖ ଯାଏଁ ଏହି ଟୁର୍ନାମେଣ୍ଟ ପୁଡୁଚେରୀରେ ଖେଳାଯିବ। ଆସନ୍ତା ୨୪ ତାରିଖରେ ଦୃଷ୍ଟିହୀନ କ୍ରିକେଟ ଟିମ୍ ପୁଡୁଚେରୀ ଗସ୍ତ କରିବ।

ଓଡ଼ିଶା ଦଳ: ଏମ୍‌ଡି ଜାଫର ଇକବାଲ (ଅଧିନାୟକ), କାଳିଆ ପ୍ରଧାନ, ତପନ କୁମାର ଗୌଡ, ଦେବରାଜ ବେହେରା, ଅନୀଲ ମଲିକ, ଆକାଶ ରାଉତ, ଅଞ୍ଜନ ସିଂ, ଲାବଣ୍ୟ କୁମାର ପାତ୍ର, ନକୁଳ ବଡନାୟକ, ରଘୁରାମ ନାୟକ, ଅର୍ଜୁନ୍ ଭତ୍ରା,ବିଶ୍ୱନାଥ ଖରା, ମନୋଜ କିଶକ, ଧନପତି ଗୌଡ।ଚନ୍ଦ୍ରଶେଖର ପଟ୍ଟନାୟକ(କୋଚ୍), ଦିବାକର ଶ(ମ୍ୟାନେଜର)।

# ରେଲୱେଠାରୁ ହାରିଲା ଓଡ଼ିଶା

**ଚର୍‌ଖି ଦାଦ୍ରି, ୨୨।୭**

**ଜାତୀୟ ସିନିୟର କବାଡ଼ି**

ହରିୟାଣାର ଚର୍‌ଖି ଦାଦ୍ରିଠାରେ ୬୯ତମ ଜାତୀୟ ସିନିୟର କବାଡ଼ି ଚାମ୍ପିୟନଶିପ୍ ୨୦୨୨ ଗୁରୁବାରଠାରୁ ଆରମ୍ଭ ହୋଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ପୁଲ୍-ଏଫ୍' ରେ ହରିୟାଣା ୫୮-୫ରେ ବିଏସ୍‌ଏନ୍‌ଏଲ୍‌କୁ ହରାଇ ଦେଇଛି। ମୋହିତ ଗୋୟାତ ମ୍ୟାଚର ଟପ୍ ସ୍କୋରର ଭାବେ ୧୬ ପଏଣ୍ଟ ସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚ ପୁଲ୍ ଏ'ରେ ଭାରତୀୟ ରେଲୱେ ୫୧-୧୯ରେ ଓଡ଼ିଶାକୁ ପରାସ୍ତ କରିଛି। ମ୍ୟାଚର ଟପ୍ ସ୍କୋରର ରୋହିତ ଗୁଲିଆ ୧୦ ପଏଣ୍ଟ ଅର୍ଜନ କରିଥିଲେ। ତୃତୀୟ ମ୍ୟାଚରେ ସର୍ଭିସେସ୍ ୫୫-୧୭ରେ ଆସାମକୁ ହରାଇ ଦେଇଛି। ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକରେ ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ, ଚଣ୍ଡିଗଡ଼, ଉତ୍ତର ପ୍ରଦେଶ, ଗୋଆ ଓ ଦିଲ୍ଲୀ ବିଜୟ ଲାଭ କରିଛନ୍ତି।

Baidyanath
100 years of caring
ଘରେ ଡାକ୍ତର
ସାଧାରଣ ଅସୁସ୍ଥତା ପାଇଁ ଆୟୁର୍ବେଦିକ ଚିକିତ୍ସା

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍ |
| ଆନେମିଆ | ଧାତ୍ରୀ ଲୌହ, ହେମୋପ୍ଲସ୍ |
| ବୟସ ପ୍ରତିରୋଧୀ | କେସରୀ କଳ୍ପ, ରୟାଲ୍ ଚ୍ୟବନପ୍ରାସ |
| ଆର୍ଥରାଇଟିସ୍, ଗାଉଟ୍, ରୁମେଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ ଗୋଲ୍ଡ |
| ପେଟ ଯନ୍ତ୍ରଣା ଓ ପାଚନ ସମସ୍ୟା | ଚିତ୍ରକାଦି ବଟି |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ୍, ପ୍ରୋଷ୍ଟେଡ୍ |
| ଗ୍ୟାସ୍, ପେଟ ଫାମ୍ପିବା | ଗ୍ୟାସାନ୍ତକ ବଟି |
| ହୃତପିଣ୍ଡର ସମସ୍ୟା | ଗୁଡ଼ ହାର୍ଟ, କୋଲେଷ୍ଟ ଗାର୍ଡ୍ |
| ବଦହଜମି | ଏକ୍ସାଜେଷ୍ଟେ |
| କିଡନୀ ଷ୍ଟୋନ | ପଥରୀନା |
| ଲ୍ୟୁକେରିଆ | ଲ୍ୟୁକୋନିଲ୍ |
| ଯକୃତ ସମସ୍ୟା | ଲିଭ୍ ଗୁଡ୍, ଲିବରୋଲ୍ ଷ୍ଟ୍ରଙ୍ଗ |
| ଅନିୟମିତ ଋତୁସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ମୂତ୍ରରୋଗ | ଚନ୍ଦ୍ରପ୍ରଭା ଟ୍ୟାବ୍, ଗୋକ୍ଷୁରାଦି ଗୁଗ୍‌ଲୁ ଟ୍ୟାବ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ
JAIPUR: Ph: +91 9439088809 BERHAMPUR: Ph: +91 9861540324 CUTTACK: Ph: +91 9439486929 BHUBANESWAR: Ph: +91 8249945802 PURI: Ph: +91 9861068109 DHENKANAL: Ph: +91 8249703170 ANGUL: Ph: +91 9937734509 BALASORE: Ph: +91 9438725025 BARIPADA: Ph: +91 9437350156 KENDUJHAR: Ph: +91 6370698870 BHADRAK: Ph: +91 7978313169 ROURKELA: Ph: +91 7008870227 SAMBALPUR: Ph: +91 8763343900 / +91 9437681346 BOLANGIR: Ph: +91 7008384344

# ରାଜ୍ୟଗୋଷ୍ଠୀ କ୍ରୀଡ଼ା: ଭାଗନେବେ ତେଜସ୍ୱିନ

**ନୂଆଦିଲ୍ଲୀ, ୨୨।୭ (ପି.ଟି.)**

ଭାରତୀୟ ହାଇଜମ୍ପର ତେଜସ୍ୱିନ ଶଙ୍କର ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗନେଇ ପାରିବେ। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ଅନୁରୋଧକୁ ରକ୍ଷା କରି ଆୟୋଜକଗଣ ତାଙ୍କୁ ଏଣ୍ଟ୍ରି ଦେଇଛନ୍ତି। ଫଳରେ ତାଙ୍କ ଅଂଶଗ୍ରହଣକୁ ନେଇ ଏକ ମାସଧରି ଚାଲିଥିବା ନାଟକର ଅବସାନ ଘଟିଛି। ଆୟୋଜକଗଣ ପ୍ରଥମେ ଶଙ୍କରଙ୍କ ବିଳମ୍ବ ଏଣ୍ଟ୍ରିକୁ ପ୍ରତ୍ୟାଖ୍ୟାନ କରିଥିଲେ। ମାତ୍ର ଏକ ଡେଲିଗେଟ୍ ରେଜିଷ୍ଟ୍ରେଶନ ମିଟିଂ ପରେ ଏହି ହାଇଜମ୍ପରଙ୍କ ଏଣ୍ଟ୍ରିକୁ ଗ୍ରହଣ କରାଯାଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ (ସିଜିଏଫ୍) ଓ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜକଗଣ ଆଇଓଏକୁ ଜଣାଇଛନ୍ତି। ଅନ୍ୟପକ୍ଷରେ ପ୍ରଥମାବସ୍ଥାରେ ୩୭ ଜଣିଆ ଭାରତୀୟ ଆଥଲେଟ ଦଳରେ ସ୍ଥାନ ପାଇ ପରେ ବାଦ୍ ପଡ଼ିଥିବା କ୍ୱାର୍ଟରମାଇଲର ଏମ୍. ଭି. ଜିଲ୍‌ନାଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ଜିଲ୍‌ନା ହେଉଛନ୍ତି ୪x୧୦୦ ମିଟର ରିଲେ ଧାବିକା। ଆଇଓଏ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଆଥଲେଟଙ୍କ ସଂଖ୍ୟା ୩୬ରେ ସୀମିତ କରିଦେବା ଦ୍ୱାରା ଆଥଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ତାଙ୍କ ନାମ ବାଦ ଦେଇଥିଲା। ମାତ୍ର ସେ ଶେଖର ଧନଲକ୍ଷ୍ମୀଙ୍କ ସ୍ଥାନରେ ଦଳକୁ ଫେରିଛନ୍ତି, ଯିଏକି କିଛି ଦିନ ପୂର୍ବେ ଡୋପିଂ ପାଇଁ ଧରାପଡ଼ିଛନ୍ତି। ଧନଲକ୍ଷ୍ମୀଙ୍କ ୧୦୦ମିଟର ଓ ୪x୧୦୦ ମିଟର ରିଲେରେ ଭାଗ ନେଇଥାନ୍ତେ।

# ଅଗଷ୍ଟ ତୃତୀୟ ସପ୍ତାହରେ ଆନ୍ତଃସ୍କୁଲ୍ ଫୁଟ୍‌ବଲ

**ଭୁବନେଶ୍ୱର, ୨୨।୭ (ସ୍ପୋର୍ଟ୍ସ ବ୍ୟୁରୋ):** ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଅଗଷ୍ଟ ତୃତୀୟ ସପ୍ତାହରେ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ସ୍ଥାନୀୟ ୟୁନିଟ୍-୬ ହାଇସ୍କୁଲ ଖେଳପଡ଼ିଆରେ ହେବ। ତପନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। କୋଭିଡ୍ ଯୋଗୁ ଦୁଇ ବର୍ଷ ହେଲା ଏହି ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଥିଲା। ଏଥିରେ କେବଳ ଭୁବନେଶ୍ୱରସ୍ଥିତ ସ୍କୁଲଗୁଡ଼ିକ ଭାଗ ନେଇପାରିବେ। ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ମୁଖ୍ୟମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେବା ଲାଗି ଅନୁରୋଧ କରାଯାଇଛି। ଟୁର୍ନାମେଣ୍ଟରେ ଅଂଶଗ୍ରହଣ ଲାଗି ସେମାନଙ୍କ ଦଳକୁ ପ୍ରସ୍ତୁତ ରଖିବା ଲାଗି ସ୍କୁଲଗୁଡ଼ିକର ପିଇଟିମାନଙ୍କୁ ଅନୁରୋଧ କରାଯାଇଥିବା ଆସୋସିଏଶନର ସମ୍ପାଦକ ଦିଲୀପ କୁମାର ଦାସ ଜଣାଇଛନ୍ତି।

Dr. Juneja's
ଡା. ଅର୍ଥୋ®
Ayurvedic Oil, Capsules, Spray & Ointment




KNEE CAP
ଆଣ୍ଠୁକୁ ସାହାରା ଓ ଆରାମ ଯୋଗାଏ

ଆଜିର ସୁସ୍ଥ ଜୀବନଶୈଳୀ ଏବଂ ପରିବର୍ତ୍ତନଶୀଳ ଲାଇଫ୍ ଷ୍ଟାଇଲ୍ ଅଧିକାଂଶ ଜନସାଧାରଣଙ୍କ ଗତିଶୀଳତାକୁ ନକାରାତ୍ମକ ଭାବେ ପ୍ରଭାବିତ କରିଛି । ଆଜି ଯୁବବର୍ଗଙ୍କଠାରୁ ଆରମ୍ଭ କରି ବୟସ୍କଙ୍କଠାରେ ଆଣ୍ଠୁ ବ୍ୟଥାର ସମସ୍ୟା ରହିଥାଏ, ଏହି ପରିସ୍ଥିତିରେ Dr. Ortho Pain Relief Knee Capରୁ ଆପଣଙ୍କୁ ଅନେକାଂଶରେ ଉପଶମ ମିଳିଥାଏ । ଏହା ଆପଣଙ୍କ ମାଂସପେଶୀକୁ ଉଷ୍ମତା ପ୍ରଦାନ କରିଥାଏ, ଯାହାଦ୍ୱାରା ଆପଣଙ୍କ ଆଣ୍ଠୁକୁ ପୀଡ଼ାରୁ ଆରାମ ମିଳିଥାଏ । ଏହାକୁ ପିନ୍ଧି ଆପଣଙ୍କୁ ସହଜରେ ଚଳପ୍ରଚଳ ହେବାରେ ଅଧିକ ସହାୟତା ମିଳିଥାଏ ।

Dr. Ortho Knee Cap ଅତ୍ୟନ୍ତ ହାଲୁକା, ଆରାମଦାୟକ ଓ ଉଚ୍ଚ ଗୁଣମାନର ସାମଗ୍ରୀରେ ନିର୍ମିତ। ଏହାକୁ ଆପଣ ବ୍ୟାୟାମ କରିବା, ଦୌଡ଼ିବା ଓ ଚାଲିବା ସମୟରେ ଦେଖାଦେଉଥିବା ଯନ୍ତ୍ରଣାରୁ ଉପଶମ ପାଇବା ପାଇଁ ବ୍ୟବହାର କରିପାରିବେ । ଏହା ରକ୍ତ ସଞ୍ଚାଳନକୁ ବୃଦ୍ଧି କରି ଯନ୍ତ୍ରଣାରୁ ଉପଶମ ଦେବାରେ ସାହାଯ୍ୟ କରିଥାଏ । ଏହାକୁ ପିନ୍ଧିବା ପରେ କ୍ଳାନ୍ତି ହ୍ରାସ ହୋଇଯାଏ । ଏହାକୁ ଆପଣ ସ୍ପୋର୍ଟସ୍ ଆକ୍ଟିଭିଟିଜ୍ ସମୟରେ ମଧ୍ୟ ବ୍ୟବହାର କରିପାରିବେ । ଯଦି ଆପଣଙ୍କର ଓଜନ ଅଧିକ ହୋଇଥାଏ, ତେବେ Dr. Ortho Knee Cap ବ୍ୟବହାର କଲେ ଆପଣଙ୍କ ଆଣ୍ଠୁ ଉପରେ ଶରୀରର ଭାର ଅପେକ୍ଷାକୃତ କମ୍ ପଡ଼ିଥାଏ ଓ ଆପଣ ସହଜରେ ଚଲାବୁଲା କରିପାରନ୍ତି ।

One Pair
MRP ₹320/-
Wanted Distributors all over India
For more information please mail :
teamsales@divisa.in, M. 8146145555

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ବିଜେଡିର ୨୫ ବର୍ଷ ପୂର୍ତ୍ତିରେ ଚାରା ରୋପଣ

ତୁଣ୍ଡଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ପଞ୍ଚାୟତ ମା' ତାରିଣୀ ପୀଠ ପଡିଆ ଏବଂ ପଞ୍ଚାୟତରେ ବିଜେଡିର ୨୫ ବର୍ଷ ପୂର୍ତ୍ତି ଅବସରରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଯୁବ ବିଜୁ ଜନତା ଦଳ ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଅଭିନାଷ ଠାକୁର, ମଣ୍ଟୁ ନାଏକ, କଳାହାଣ୍ଡି ଯୁବ ଜନତା ଦଳ ସଂଯୋଜକ ଅନିଲ କୁମାର ଦାଶ, ଜିଲା ପରିଷଦ ସଭ୍ୟା ଦୀପାଞ୍ଜଳୀ ସାହୁ, ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ଦାଶ ଏବଂ ମା' ତାରିଣୀ ଜଗତ କଲ୍ୟାଣ ସଂଘ ଯୁବକ ଏବଂ ମହାଦେବ ଯୁବକ ସଂଘ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଅଭୁତପୂର୍ବ ସଫଳତା

**ପ୍ରକାଶ ପାଇଲା ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା ଫଳ**

ଲାଞ୍ଜିଗଡ଼,୨୨।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଛାତ୍ରୀଛାତ୍ରମାନେ ରେକର୍ଡ କରିଛନ୍ତି। ବିଦ୍ୟାଳୟର ଶତପ୍ରତିଶତ ଛାତ୍ରୀଛାତ୍ର ଏହି ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱାଦଶ ଶ୍ରେଣୀ ଛାତ୍ର ସୌଭାଗ୍ୟ ବିଶାଳ ୯୬.୪ % ମାର୍କ ରଖି ବିଦ୍ୟାଳୟରେ ଶୀର୍ଷ ସ୍ଥାନ, ପ୍ରତ୍ୟୁଷ ରଞ୍ଜନ ଜେନା ୯୬.୨ % ମାର୍କ ରଖି ୨ୟ ସ୍ଥାନ, ଏମ. ବାଲାଜୀ ୯୫.୪ % ମାର୍କ ରଖି ୩ୟ ସ୍ଥାନ ଓ ବିବେକ ପଟ୍ଟନାୟକ ୯୫.୦ ଶତକଡା ମାର୍କ ରଖି ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୯୫%ରୁ ଉର୍ଦ୍ଧ୍ୱ ମଧ୍ୟରେ ୪ଜଣ ଛାତ୍ରୀଛାତ୍ର ରହିଥିବାବେଳେ ୯୦%ରୁ ଉର୍ଦ୍ଧ୍ୱ ୧୫ଜଣ, ୮୦ରୁ ୯୦ % ମଧ୍ୟରେ ୬ଜଣ ରହିଛନ୍ତି। ଉକ୍ତ ପରୀକ୍ଷାରେ ବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀ ୭୮ % ନମ୍ବରରୁ ଅଧିକ ମାର୍କ ରଖିଛନ୍ତି। ସେହିପରି ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଛାତ୍ର ଅମର କୁମାର ସାହୁ ୯୮.୬ ଶତକଡା ମାର୍କ ରଖି ବିଦ୍ୟାଳୟରେ ଶ୍ରେଷ୍ଠ ସ୍ଥାନ ରଖିଛନ୍ତି। ସେହିପରି ଅଙ୍କିତା ରଥ ୯୮.୨ % ମାର୍କ ରଖି ୨ୟ ସ୍ଥାନ, ସୁଜୟ କୁମାର ପାତ୍ର ୯୭.୮ % ମାର୍କ ରଖି ୩ୟ ସ୍ଥାନ ଓ ଦୀପକ ପାତ୍ର ୯୭.୨ % ମାର୍କ ରଖି ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ୯୫%ରୁ ଉର୍ଦ୍ଧ୍ୱ ମଧ୍ୟରେ ୬ ଛାତ୍ରୀଛାତ୍ର ରହିଥିବା ବେଳେ ୯୦%ରୁ ଉର୍ଦ୍ଧ୍ୱ ୧୪ ଜଣ ରହିଛନ୍ତି। ଉକ୍ତ ପରୀକ୍ଷାରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟ ଅଧକ୍ଷ ସଦାନନ୍ଦ ହୋତା ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ କରିବା ସହିତ ସେମାନଙ୍କ ଉଜ୍ଜଳମୟ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରକାଶ ପାଇଲା ସିବିଏସ୍‌ଇ ପରୀକ୍ଷା ଫଳାଫଳ

**ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା**

ବଲାଙ୍ଗୀର ଅଫିସ,୨୨।୭


ପ୍ରଭୁକିଙ୍କର ମିଶ୍ର


ଦେବୀପ୍ରସାଦ ଖମାରୀ


ପ୍ରଣବ ଦେବ ବେହେରା

ସିବିଏସ୍‌ଇ ଯୁକ୍ତଦୁଇ ପରୀକ୍ଷାରେ ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟ ପରୀକ୍ଷାର୍ଥୀମାନେ କୃତିତ୍ୱ ହାସଲ କରିଛନ୍ତି। ଯୁକ୍ତଦୁଇ ପରୀକ୍ଷାରେ ଏହି ବିଦ୍ୟାଳୟରୁ ସର୍ବମୋଟ୍ ୭୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଶୁକ୍ରବାର ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ବିଦ୍ୟାଳୟର ୯୯ ପ୍ରତିଶତ ପରୀକ୍ଷାର୍ଥୀ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ୭୩ ଜଣ ପରୀକ୍ଷାର୍ଥୀଙ୍କ ଭିତରୁ ୭୨ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ପ୍ରଭୁକିଙ୍କର ମିଶ୍ର ସର୍ବାଧିକ ୯୫.୮ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ତାଙ୍କ ସହ ବିଦ୍ୟାଳୟର ଦେବୀ ପ୍ରସାଦ ଖମାରୀ ୯୫.୬ ପ୍ରତିଶତ, ପ୍ରଣବ ଦେବ ବେହେରା ଏବଂ ଆୟୁଷ କେଡିଆ ୯୫.୨ ପ୍ରତିଶତ ମାର୍କ ରଖିଛନ୍ତି। ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଦଶମ ଶ୍ରେଣୀରେ ପରୀକ୍ଷା ଦେଇଥିବା ୯୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତ ୯୯ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇ ରେକର୍ଡ କରିଛନ୍ତି। ଦଶମ ଶ୍ରେଣୀ ଛାତ୍ର ରଜତ ମେହେର ଓ ସିଦ୍ଧି ବିନାୟକ ମିଶ୍ର ୯୪.୮ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି।

# ବେହେରାପାର୍ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା

ନର୍ଲା,,୨୨।୭(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ସର୍ଗିଗୁଡ଼ା ପଞ୍ଚାୟତ ବେହେରାପାର୍ଟିସ୍ଥିତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ସ୍ଥାନୀୟ ବାସିନ୍ଦା ସହିତ ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ତାଲା ପକାଇଥିଲେ। ସୂଚନା ଅନୁଯାୟୀ, ସ୍କୁଲରେ ନିୟୋଜିତ ୨ଜଣ ଶିକ୍ଷୟିତ୍ରୀ ପିଲାମାନଙ୍କୁ ଠିକ ଭାବେ ଶିକ୍ଷାଦାନ କରୁନାହାନ୍ତି। ଜଣେ ଶିକ୍ଷୟିତ୍ରୀ ବାରମ୍ବାର ଛୁଟିରେ ଅନୁପସ୍ଥିତି ରହୁଥିବାରୁ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ଗ୍ରାମବାସୀ ସ୍କୁଲ ଆଗରେ ଧାରଣାରେ ବସିଥିଲେ। ଖବର ପାଇବା ପରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଆସି ଆଲୋଚନା କରିବା ପରେ ମଧ ଧାରଣାରୁ ହଟି ନ ଥିଲେ। ପରବର୍ତ୍ତୀ ସମୟରେ ବ୍ଲକ ଶିକ୍ଷା ଅଧିକାରୀ ଆସି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ।

# ଜିଲାପାଳଙ୍କ ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

ଭବାନୀପାଟଣା,୨୨।୭(ସ୍ୱ.ପ୍ର.)



ଜିଲାପାଳଙ୍କ ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ।

କେନ୍ଦ୍ର ସରକାର ଚୂଡା, ମୁଢି, ଦହି ଉପରେ ୫ % ଜିଏସଟି ଲଗାଇଥିବା ଓ ଇଡିକୁ ଅସ୍ତ୍ର କରି ଜାତୀୟ କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧିଙ୍କୁ ହଇରାଣ କରୁଥିବା ପ୍ରତିବାଦରେ ଶୁକ୍ରବାର କଳାହାଣ୍ଡି ଜିଲା କଂଗ୍ରେସ ପକ୍ଷରୁ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଆରମ୍ଭରେ ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ସମ୍ମୁଖକୁ ଆସିଥିଲେ। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ବରିଷ୍ଠ କଂଗ୍ରେସ ନେତା ରବିନ୍ଦ୍ର ପଟ୍ଟଯୋଷୀ, ଦିଗାମ୍ବର ଦୁରିଆ, ପରମାନନ୍ଦ ମାଝି, ରାଜ୍ୟ କଂଗ୍ରେସ ଯୁବ ଉପସଭାପତି ମହମ୍ମଦ ସାହେବ, ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ଜିଲା ସଭାନେତ୍ରୀ ମାହେନ୍ଦ୍ରୀ ସାହୁ, ଉପସଭାନେତ୍ରୀ ମନ୍ଦାକିନୀ ବାଣୁଆ, ନଗର ସଭାପତି ସାଗର ପଟ୍ଟନାୟକ, ଯୁବ ନେତା ପ୍ରଭାତ ଦାଶ, ଅମିତ ଅଗ୍ରୱାଲ, ସତ୍ୟ ରସରାଫ,ପରମେଶ୍ୱର ମୋଟେଲ, ସରୋଜ ବାଗ ପ୍ରମୁଖ ଉଦବୋଧନ ଦେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। କେନ୍ଦ୍ର ସରକାର ପ୍ରତିହିଂସା ପରାୟଣ ହୋଇ ବିରୋଧୀମାନଙ୍କ ପ୍ରତି ଆକ୍ରୋଶ ମୂଳକ ଭାବେ ଇଡି, ସିବିଆଇକୁ ଲଗାଇ ହଇରାଣ କରୁଥିବା ନେଇ ବର୍ଷିଥିଲେ। ଏହାକୁ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଭୟାବହ ହେବ ବୋଲି ଚେତାବନୀ ଦିଆଯାଇଛି।

## ୨ ମାସ ନ ପୂରୁଣୁ ବ୍ଲକ କୃଷି ଅଧିକାରୀଙ୍କ ବଦଳି

କର୍ଲାମୁଣ୍ଡା,୨୨।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ୨ ମାସ ତଳେ ଯୋଗଦେଇଥିବା ବ୍ଲକ କୃଷି ଅଧିକାରୀଙ୍କ ବଦଳି ହୋଇଥିବା ଜଣାପଡ଼ିଛି। ଏହି ଘଟଣା ପ୍ରଚାର ହେବା ପରେ ଚାଷୀ ମହଲରେ ଅଶାନ୍ତି ଦେଖାଦେଇଛି। ସୂଚନାଯୋଗ୍ୟ ଯେ, ବ୍ଲକରେ ଦୀର୍ଘ ଏକ ବର୍ଷ ଧରି ବ୍ଲକ କୃଷି ଅଧିକାରୀ ପଦବୀ ଖାଲି ପଡ଼ିଥିଲା। ଗତ ଜୁନରେ ବ୍ଲକ କୃଷି ଅଧିକାରୀ ଭାବେ ବାସୁଦେବ ଶତପଥୀ ଯୋଗଦେଇଥିଲେ। ଯୋଗ ଦେବାର ୨ ମାସ ନ ପୂରୁଣୁ ତାଙ୍କୁ ବଦଳି କରାଯିବା ଚାଷୀମାନେ ନିନ୍ଦା କରିଛନ୍ତି। ଅନ୍ୟପଟେ ଏହି ବ୍ଲକରେ ଗତ ଜାନୁୟରୀରୁ ଏଏଓଙ୍କ ବଦଳି ପରେ ବର୍ତ୍ତମାନ ସୁଦ୍ଧା ପଦବୀ ପୂରଣ ହୋଇ ନ ଥିବା ବେଳେ ଏବେ ବ୍ଲକ କୃଷି ଅଧିକାରୀଙ୍କ ବଦଳି ସମ୍ପୂର୍ଣ୍ଣ ଭୁଲ ବୋଲି ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ କହିଛନ୍ତି। ବଦଳିକୁ ବାତିଲ କରାଯିବାକୁ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସିବିଏସ୍‌ଇ ଦ୍ୱାଦଶ ବିଜ୍ଞାନ ପରୀକ୍ଷାରେ ଯୁବୋଦୟର ଆଶାତୀତ ସଫଳତା

ବଲାଙ୍ଗୀର ଅଫିସ, ୨୨।୭


ଯୁବୋଦୟ ଛାତ୍ର ପ୍ରବୀଣ କୁମାର ଭୋଇ।

ଗତ ୨୨ ତାରିଖରେ ସିବିଏସ୍‌ଇ ଦ୍ୱାଦଶ ବିଜ୍ଞାନ ପରୀକ୍ଷାରେ ବଲାଙ୍ଗୀରସ୍ଥିତ ଯୁବୋଦୟ ଶିକ୍ଷାନୁଷ୍ଠାନର ଶହେ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅନୁଷ୍ଠାନର ପ୍ରବୀଣ କୁମାର ଭୋଇ ସର୍ବାଧିକ ୯୭ ପ୍ରତିଶତ ମାର୍କ ରଖିଥିବାବେଳେ ଅନିମେଶ ସାହୁ, ସ୍ୱନ୍ଦନ ମିଶ୍ର, ନିଖିଲ୍ କେଡ଼ିଆ, ବ୍ରଜରଞ୍ଜନ ସେଠ, ସାଇନି ସାହୁ, ଆୟୁଷ ତ୍ରିପାଠୀ, ସ୍ମୃତିରେଖା ବିଶ୍ୱାଳ, ଖିଲେଶ୍ୱରୀ କୁରିଆ, ଶାଶ୍ୱତ ହରପାଲ, ସ୍ୱରାଜ ଠାକୁର, ଚର୍ଚ୍ଚିତ ନନ୍ଦ, ଶିବ ସୁକଲ୍ୟାଣ ପଧାନ, ଆସ୍ଥା ଚୌଧୁରୀ, ଯାଶ୍ ରଣା, ରାହୁଲ ନାୟାର, ଅନନ୍ୟା ଶତପଥୀ , ଶାଶ୍ୱତ ଅନୁଭବ ମିଶ୍ର, ସୁମନ କୁମାର ହଲୱାଇ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ପରୀକ୍ଷା ଦେଇଥିବା ୧୫୯ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮୨ ଜଣ ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବାବେଳେ ୧୫୫ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୁବୋଦୟ ଛାତ୍ରୀଛାତ୍ରମାନେ ଚଳିତବର୍ଷ ଜେଇ ମେନ୍ ତଥା ନେଷ୍ଟ ପରୀକ୍ଷାରେ ମଧ ସଫଳତା ହାସଲ କରିଛନ୍ତି। ନିଖିଲ କେଡ଼ିଆ (୯୯.୩୭), ସ୍ୱନ୍ଦନ ମିଶ୍ର (୯୯.୨୦ ), ଦୁର୍ଗେଶ ଖଟୁଆ (୯୭.୦୫), ନିଲେଶ୍ ଅଗ୍ରୱାଲ (୯୬.୬୦), ରାମ ସାହୁ (୯୬.୨୧), ଜ୍ୟୋତିରଞ୍ଜନ ପଣ୍ଡା (୯୬.୦୬), ବ୍ରଜରଞ୍ଜନ ସେଠ (୯୬.୦୬), ଅନିଶ କୁମାର ଦାଶ (୯୨.୮୦ ), ପ୍ରବୀଣ କୁମାର ଭୋଇ (୯୧.୭୩ ପର୍‌ସେଣ୍ଟାଇଲ୍), ବାବୁଲୁ ମେହେର (୯୧.୬୧ ପର୍‌ସେଣ୍ଟାଇଲ୍), ଖିଲେଶ୍ୱରୀ କୁରିଆ (୮୪.୬୫ ପର୍‌ସେଣ୍ଟାଇଲ୍) ମାର୍କ ରଖି ଭାରତର ସୁନାମଧନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିବାର ଯୋଗ୍ୟତା ଅର୍ଜନ କରିଛନ୍ତି। ଚଳିତବର୍ଷ ନେଷ୍ଟ ପରୀକ୍ଷାରେ ଯୁବୋଦୟର ସ୍ୱନ୍ଦନ ମିଶ୍ର, ହର୍ଷିତା ଦେହେରୀ, ନନ୍ଦିତା ଦାଶ, ନିଖିଲ କେଡ଼ିଆ, ଦୁର୍ଗେଶ ଖଟୁଆ,ନିଲେଶ୍ ଅଗ୍ରୱାଲ ଏବଂ ସୁବ୍ରତ କୁମାର ସାହୁ ନାଇଜର ଏବଂ ସିଇବିଏସ୍‌ରେ ଅଧ୍ୟୟନ କରିବା ଯୋଗ୍ୟତା ଅର୍ଜନ କରିଛନ୍ତି।


## ODISHA PUBLIC SERVICE COMMISSION, CUTTACK
**NOTICE**

No. 6762/PSC Dt.22.07.2022
PF-1E-11-2021/22 (DR-III)

No. D-115: It is for information of all concerned that, 128 (One hundred twenty-eight) candidates bearing following PPSAN have been called for the physical verification of original Certificates/Documents to determine their eligibility and suitability for recruitment to the Post of **Post Graduate Teacher in Chemistry** for 17 Nos. of stand-alone Government Higher Secondary Schools, pursuant to Advt. No. 24 of 2021-22. The document verification shall be held in office of the Commission at 19, DR, P.K. Parija Road, Cuttack as per the following programme detailed below:

**PROGRAMME OF DOCUMENT VERIFICATION**

| Date | Time | PPSAN of Candidates |
|---|---|---|
| 01.08.2022 | 10.30 A.M. | 00068003, 00043916, 00040402, 00116385, 00117259, 00114755, 00050104, 00133487, 00115155, 00101047, 00116483, 00115021, 00118222, 00098357, 00101409 & 00103191 = **16 Candidates** |
| | 02.30 P.M. | 00124214, 00023562, 00097406, 00127299, 00120434, 00095935, 00117755, 00128329, 00115108, 00101331, 00102522, 00114672, 00090635, 00100278, 00095440 & 00089884 = **16 Candidates** |
| 02.08.2022 | 10.30 A.M. | 00101505, 00103983, 00103025, 00115690, 00124309, 00125555, 00046358, 00031603, 00117381, 00078090, 00101659, 00098955, 00100737, 00101368, 00114360 & 00032995 = **16 Candidates** |
| | 02.30 P.M. | 00101227, 00086428, 00121126, 00118855, 00063000, 00092828, 00050643, 00095060, 00117431, 00117045, 00120540, 00074960, 00119212, 00098083, 00021427 & 00123358 = **16 Candidates** |
| 03.08.2022 | 10.30 A.M. | 00120268, 00116651, 00122337, 00122320, 00102496, 00099208, 00130872, 00100509, 00117726, 00102698, 00121474, 00090300, 00124184, 00124953, 00119702 & 00018234 = **16 Candidates** |
| | 02.30 P.M. | 00020636, 00117604, 00052957, 00103796, 00126900, 00100667, 00126507, 00123750, 00101968, 00120537, 00114038, 00056313, 00047809, 00040546, 00034988 & 00114713 = **16 Candidates** |
| 04.08.2022 | 10.30 A.M. | 00122193, 00127159, 00069756, 00068893, 00130218, 00114085, 00051858, 00099811, 00099838, 00034390, 00123744, 00052626, 00116905, 00115017, 00116106 & 00127991 = **16 Candidates** |
| | 02.30 P.M. | 00099523, 00122039, 00118582, 00103456, 00114399, 00104739, 00114011, 00101633, 00115111, 00101879, 00103683, 00081544, 00066006, 00115447, 00118063 & 00125171 = **16 Candidates** |

The candidates are required to bring one set of self-attested photocopies of all the documents along with all original documents for verification as mentioned below:

1. Hard copy of the online application form. While submitting the hard copy of online application form you are requested to mask the Mobile No./Alternative Mobile No. and Email ID through blackening.
2. Three recent passport size photographs.
3. Duly filled in and attested "Attestation Form" and duly filled in Bio-data Form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/Council.
5. Post-Graduation Certificate/Master's Degree in the subject concerned in respect of educational qualification prescribed.
6. B.Ed. Certificate.
7. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of educational qualification prescribed;
9. Odia Test Pass Certificate.
10. Caste Certificate claim as S.T./S.C./S.E.B.C. wherever applicable.
11. Permanent Disability Certificate (including percentage of permanent disability i.e. 40% and more).
12. Ex-Servicemen are required to attach copy of Discharge Certificate issued by the Commanding Officer of the unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable.
13 Sports Persons Certificate issued by the Director of Sports, Odisha.
14. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0119/2223 Sd./- Secretary


# ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲା ଜୁନାଗଡ଼ ସାମ୍ବାଦିକ ସଂଘ

**ବରିଷ୍ଠ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

ଭବାନୀପାଟଣା,୨୨।୭(ସ୍ୱ.ପ୍ର.)

କଳାହାଣ୍ଡି ଜିଲାର ବରିଷ୍ଠ ଖବରଦାତା ପ୍ରଶାନ୍ତ କୁମାର ପଣ୍ଡାଙ୍କ ଉପରେ ମରଣାନ୍ତକ ଆକ୍ରମଣକୁ ନେଇ ଜିଲାର ଖବରଦାତାଙ୍କ ମଧ୍ୟରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଶୁକ୍ରବାର ଜୁନାଗଡ଼ ସାମ୍ବାଦିକ ସଂଘ ପକ୍ଷରୁ କଳାହାଣ୍ଡି ଏସ୍‌ପି ଅଭିଳାଷ ଜିଙ୍କୁ ସାକ୍ଷତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଦାବିପତ୍ର ପ୍ରଦାନ କରାଯାଇଛି। ପଣ୍ଡାଙ୍କୁ ଆକ୍ରମଣ କରିଥିବା ଆକ୍ରମଣକାରୀ ବିରୋଧରେ ପୂର୍ବରୁ ଏକାଧିକ ମାମଲା ଥିବାରୁ ତାହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଜିଲାରେ କାର୍ଯ୍ୟରତ ଖବରଦାତାମାନଙ୍କ ସୁରକ୍ଷା, ସହରରେ ବୁଲୁଥିବା ରୋଡ଼ ରୋମିଓମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଜୁନାଗଡ଼ ସହର ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବା, ଜାତୀୟ ରାଜପଥରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ଓ ଜୁନାଗଡ଼ ସହରରେ ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ ଡ୍ରେସ କୋଡ଼ ସହିତ ଟ୍ରାଫିକ ପୋଲିସ ମୁତୟନ କରାଯିବା ଆଦି ସମ୍ବଳିତ ଏକ ଦାବିପତ୍ର ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ ସାମ୍ବାଦିକ ହିମାଂଶୁ ଶେଖର ବରାଡ଼, ସନ୍ତୋଷ କୁମାର ସିଂଦେଓ, ଉତ୍ତମ କୁମାର ଦାଶ, ବିଭୁ ଶଙ୍କର ପାଢ଼ୀ, କୁମର ମଣି ଦୁର୍ଗା, ସୁନ୍ଦର ମୋହନ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।


**ବିଜ୍ଞାପନ**

ଓଡ଼ିଶାର ସମସ୍ତ ବୈଶ୍ୟକରଣ ଜାତିର ପ୍ରତ୍ୟେକ ଗ୍ରାମମାନଙ୍କର ସୂଚନା ସମ୍ବନ୍ଧରେ ଗ୍ରାମ, ବ୍ଲକ୍ ଓ ଜିଲ୍ଲାର ନାମ ସହିତ ବ୍ୟକ୍ତିଙ୍କର ନାମ ଓ ଠିକଣା, ଟେଲିଫୋନ୍ ନଂ. ଏବଂ ହ୍ୱାଟ୍‌ସ ଆପ୍ ନଂ.କୁ ଶ୍ରୀ କିଶୋର ଚନ୍ଦ୍ର ପଟ୍ଟନାୟକ, ଗ୍ରା/ପୋ- ଶଙ୍ଖାମେରୀ, ବ୍ଲକ୍- ବଡ଼ମ୍ବା, ଜିଲା- କଟକ, ମୋ.- ୯୨୩୭୪୨୧୮୬୩, ହ୍ୱାଟ୍‌ସ ଆପ୍ ନଂ.- ୯୪୩୭୧୭୦୭୧୭, ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.- ୧୯୮୨/୧୯୮୫, ତିନିମୁଣ୍ଡିଆ ଦେଉଳ, ସ୍ୱସ୍ତିକ ନିବାସ, ଓଲ୍ଡ ଟାଉନ୍ ପାଖ, ଭୁବନେଶ୍ୱରଙ୍କ ନିକଟକୁ ଅତି ଶୀଘ୍ର ପଠାଇବାକୁ ଅନୁରୋଧ ।

ସ୍ୱା./- କିଶୋରଚନ୍ଦ୍ର ପଟ୍ଟନାୟକ



**ଡାକ ବିଭାଗ (ସିଭିଲ ୱିଙ୍ଗ୍)**

**ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ୍ ଶତକଡ଼ା ଦର କମ୍ପୋଜିଟ୍ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

୧. ଏନ୍‌ଆଇଟି ନଂ.୧୯/ସିଡିବି/୨୦୨୨-୨୩ (ଦ୍ୱିତୀୟ ଆହ୍ୱାନ)। କାର୍ଯ୍ୟର ନାମ: ସୁନ୍ଦରଗଡ଼ ଡିଭିଜନ ଅଧୀନରେ ଲେଫ୍ରିପଡ଼ାଠାରେ କ୍ଷୁଦ୍ର ଡାକ କାର୍ଯ୍ୟାଳୟ ଭବନର ନିର୍ମାଣ। ଅଟକଳ ମୂଲ୍ୟ: ଟ.୩୯,୦୬,୮୧୮.୦୦, ଅମାନତ ରାଶି: ଟ.୭୮,୧୩୬.୦୦, ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୦୧।୦୮।୨୦୨୨ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
Lifeline of Odisha
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଉପ ମହାପ୍ରବନ୍ଧକ (ବିଦ୍ୟୁତ୍) ଙ୍କ କାର୍ଯ୍ୟାଳୟ
ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ବାଲେଶ୍ୱର
CIN-U40102OR2004SGC007553

No.CAD-1222 **ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଚାଂରଣ ନିଗମ ଲି (ଓପିଟିସିଏଲ) ଦ୍ୱାରା ୧୩୨/୩୩ କେ.ଭି ଗ୍ରୀଡ୍ ସବ୍‌ଷ୍ଟେସନ, ଚାନ୍ଦିପୁର ପାଇଁ ୧୩୨ କେ.ଭି ଲାଇନ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଅଛି।

ଏହି ଲାଇନ୍‌ଟି ନୂଆପଡ଼ା, ରଘୁନାଥପୁର, ନାରଣବାଡ଼, ନାଚିନ୍ତା, ଉପରପାଟଣା, କାଳିକାପୁର, ମହାରାଜପୁର, ବୋଇତା, ରହିନିଗାଡ଼ିଆ, ଶ୍ରୀଜଙ୍ଗ, ତୁଣ୍ଡରା, କୁଆଁରପୁର, ରସାଲପୁର, ଚାନ୍ଦିପୁର, ଛେଳିଆପଦା, ସାହାଦା ନଗର, ଜୟଦେବ କଷପା, ମଝିକିଆ, ପଦ୍ମପୁର, ତାଳପଡ଼ା, ଗୁଡ୍ଡୁ, ରଣସାହି, ହିଡ଼ିଗାଁ ଇତ୍ୟାଦି ଗ୍ରାମ ପାର୍ଶ୍ୱ ଦେଇ ଅତିକ୍ରମ କରୁଅଛି । ଉକ୍ତ ଲାଇନ୍‌ରେ ଆସନ୍ତା ତା. ୨୫.୦୭.୨୦୨୨ ରିଖ ଠାରୁ ଯେକୌଣସି ସମୟରେ ବିଦ୍ୟୁତ ସଂଯୋଗ କରାଯାଇ ବିଦ୍ୟୁତ୍ ପ୍ରବାହ କରାଯିବ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ଧାରା ୧୯୫୬ ଅର୍ନ୍ତଗତ ଧାରା ୭୯,୮୦, ୮୨(କ) ଅନୁଯାଇ ଲାଇନ୍ ଗୁଡିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ । ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ । ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଟାୱାରରେ ଚଢ଼ିବା କିମ୍ବା ଗୋରୁଗାଈ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି। ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ।

ସ୍ୱା/-ଉପ ମହାପ୍ରବନ୍ଧକ(ବିଦ୍ୟୁତ)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ବାଲେଶ୍ୱର

FIPR-24/2022-23
OIPR-04011/11/0054/2223



**OFFICE OF THE DIRECTOR OF PHYSICAL PLANTS**
**OUAT, BHUBANESWAR**
**"e"-Procurement Notice No. 05/2022-23**

| | | |
|---|---|---|
| 1 | Name of the work | 02 number works of OUAT at Bhubaneswar |
| 2 | Estimated cost | Rs.33.87 lakhs to Rs.211.80 lakh approximate |
| 3 | Period of completion | 03 to 08 calendar months |
| 4 | Date and time of availability of bid documents in the portal | From Dt.27.07.2022 to 17.00 hrs. of dt.08.08.2022. |
| 5 | Last date / time for receipt of bids inthe portal | Dt.08.08.2022 upto 17.00 hrs. |
| 6 | Submission of original documents [TP cost, EMD (Bid security declaration) & Affidavit (Schedule-F) etc. as per DTCN] | During office hours from dt.10.08.2022 to dt.12.08.2022 upto 17.00 hrs. in the office of the undersigned. |
| 7 | Date of opening of bid through online | (A) Single Cover System- 1 No. (B) Double Cover System (Cover-I)- 1 No. will be opened on Dt.16.08.2022 at 11.00 hrs. in the office of the undersigned. |

Further details can be seen from the e-procurement portal https://tendersodisha.gov.in.

**N.B.: Subsequent corrigendum / addendum if required shall be available in the website as indicated above.**

Sd./- Director of Physical Plants
OUAT, Bhubaneswar



**OFFICE OF THE EXCISE COMMISSIONER, ODISHA, CUTTACK**

**NOTICE**

**Re-engagement of retired Government Servants against the vacant post of SO, ASOs, Personal Assistant & Stenographer in the Office of the Excise Commissioner, Odisha, Cuttack**

No. 10481 / Ex., Dt.20.07.2022

No.F-151:- Applications are invited from the willing retired Personal Assistant, Stenographer as well as ministerial officers (Only superannuated officers) in the enclosed format for re-engagement of 07 (Seven) Nos. of O.S.Ds in the Office of the Excise Commissioner, Odisha, Cuttack against the vacant posts of Section Officer-1, Assistant Section Officer-4, Personal Assistant-1 and Stenographer-1 for a period of 1 year or till the posts are filled up by the regular process, whichever is earlier. The retired Government servants below the age of 64 years may submit their application in the prescribed form to the Excise Commissioner, Odisha, Cuttack by Registered Post / Speed Post so as to reach on or before dt.05.08.2022. A consolidated remuneration as contained inthe Finance Department O.M. No. 7022/F. dtd. 17.03.2018 shall be applicable to the selected candidates during the period of their re-engagement.

The shortlisted candidates are required to appear for an interview before the selection committee which will be conducted on dt.16.08.2022 at 11.00 A.M. inthe Office of the Excise Commissioner, Odisha, Cuttack.

Guidelines regarding criteria and terms and conditions laid down vide G.A. & P.G. Department Resolution No.23750/ Gen. Dt.27.08.2014 and the application forms may be downloaded from this Directorate website https://stateexcise.odisha.gov.in/.

**Sd./- Excise Commissioner, Odisha**
OIPR-36002/11/0001/2223

# ଛାତ୍ରୀମାନେ ନିଜ ଭବିଷ୍ୟତ ଗଠନ ପାଇଁ ସ୍ୱପ୍ନ ଦେଖନ୍ତୁ

ସୋନପୁର,୨୨।୭(ନି.ପ୍ର.)



ମହିଳା ଡିଗ୍ରୀ କଲେଜର ଛାତ୍ରୀମାନେ ଉତ୍ସବରେ ନୃତ୍ୟ ପରିବେଷଣ କରୁଛନ୍ତି।

ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜରେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଙ୍କ ପାଇଁ ବିଦାୟ କାଳୀନ ସମ୍ବର୍ଦ୍ଧନା ଓ ବାର୍ଷିକ ଉତ୍ସବ ଶୁକ୍ରବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତଥା କଲେଜ ପରିଚାଳନା କମିଟିର ସଭାପତି ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ ସବୁବେଳେ ନିଜ ଭବିଷ୍ୟତ ଗଠନ ଦିଗରେ ସ୍ୱପ୍ନ ଦେଖିବା ଉଚିତ ଏବଂ ନିଜ ସ୍ୱପ୍ନ ସାକାର କରିବା ପାଇଁ କୌଣସି ବି ପରିସ୍ଥିତିରେ ସାଲିସ କରିବା ଅନୁଚିତ ବୋଲି ଦାଶ କହିଥିଲେ । ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷା ତାମସ୍ୱି ତମସ୍ୱିନୀ ନାଏକ, କଲେଜ ପରିଚାଳନା କମିଟି ସଦସ୍ୟ ଅଭିମନ୍ୟୁ କୁଶଳ, ଶ୍ରୀବତ୍ସ ମଲ୍ଲିକ ଯୋଗଦାନ କରି ଦେଶର ବିକାଶ ପାଇଁ ନାରୀ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। କଲେଜ ଅଧ୍ୟକ୍ଷା ରୀତାରାଣୀ ପୂଜାରୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଦୁଃଖିଶ୍ୟାମ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବାଇଗଣଜୁରି ମୌଜାରେ କଲେଜକୁ ଜିଲା ପ୍ରଶାସନ ଜରିଆରେ ୩୩ ଡେସିମିଲ ଜମି ପ୍ରଦାନ କରିଥିବା ମହିଳା ମିତ୍ରା ଜଗଦଲା ଓ କଲେଜ କର୍ମଚାରୀ ଚାରାବୁଇ ହୋତାଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ସେହିପରି ୨୦୨୦-୨୧ ଶିକ୍ଷା ବର୍ଷରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଜ୍ଞାନ ବିଭାଗର ଛାତ୍ରୀ ପ୍ରଗତି ପତି ଓ କଳା ବିଭାଗର ଛାତ୍ରୀ ଶିବାନୀ ପଣ୍ଡାଙ୍କୁ ପୁରସ୍କୃତ କରା ଯାଇଥିଲା। ୨୦୨୧-୨୨ର ଶ୍ରେଷ୍ଠ ଛାତ୍ରୀ ଭାବେ ଲେଟେଶ୍ୱରୀ ପ୍ରିୟଦର୍ଶିନୀ, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ବର୍ଷାରାଣୀ ମିଶ୍ର, ସୌମ୍ୟା ଶାଳିନୀ ପଣ୍ଡା, ମଡେଲିଂ ଓ ଫ୍ୟାଶନ ଡିଜାଇନରେ ରାଜେଶ୍ୱରୀ ହୋତା, ସାଂସ୍କୃତିକ ଚାମ୍ପିୟନ ଭାବେ ମମତା ରାଉତ, ଏନଏସଏସରେ ନିବେଦିତା ମିଶ୍ର ଓ ଜୁନିୟର ରେଡକ୍ରସରେ ଶିବାନୀ ପଣ୍ଡାଙ୍କୁ ଅତିଥି ବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ମଦନ ସୁନ୍ଦର ଖେତି ଧନ୍ୟବାଦ ପ୍ରଦାନ କରିଥିଲେ।

# ଜିଲାପାଳଙ୍କ ପାଖରେ ଫେରାଦ୍ ହେଲେ ଚାଷୀ

- କୁରୁମପଦର ଧାନ କ୍ରୟକେନ୍ଦ୍ର ଉଚ୍ଛେଦ ନ କରିବାକୁ ଦାବି
- ଉଚ୍ଛେଦ ହେଲେ ରାଜରାସ୍ତାରେ ଚାଷୀଙ୍କ ଆନ୍ଦୋଳନ ଚେତାବନୀ

ବୌଦ୍ଧ,୨୨।୭(ସ୍ୱ.ପ୍ର.)



ଧାନ କ୍ରୟକେନ୍ଦ୍ର ବନ୍ଦ ନ କରିବାକୁ ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବି ପାଇଁ ଆସିଛନ୍ତି।

ବୌଦ୍ଧ ଏକ କୃଷିପ୍ରଧାନ ଜିଲା। ଏଠାରେ ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଚାଷୀ ଧାନ ଚାଷରୁ ହିଁ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଜିଲାରେ ସରକାରଙ୍କ ପକ୍ଷରୁ ଧାନକ୍ରୟ କେନ୍ଦ୍ର (ମଣ୍ଡି) ଖୋଲାଯାଇ ଚାଷୀଙ୍କଠାରୁ ଧାନ କିଣା ଯାଉଛି। ଫଳରେ ଚାଷୀ ମଣ୍ଡିରେ ଧାନ ବିକ୍ରିକରି ଲାଭବାନ ହେବା ସହ ଅଭାବୀ ବିକ୍ରିରୁ ରକ୍ଷା ପାଉଛନ୍ତି। କିନ୍ତୁ ବର୍ତ୍ତମାନ ସରକାରଙ୍କ ପକ୍ଷରୁ ବୌଦ୍ଧ ବ୍ଲକର କସୁରବନ୍ଧ ଗ୍ରାମପଞ୍ଚାୟତର କୁରୁମପଦର ଧାନ କ୍ରୟକେନ୍ଦ୍ର (ମଣ୍ଡିକୁ) ବନ୍ଦ କରିବାକୁ ଯାଉଥିବା ଜାଣିବା ପରେ ଚାଷୀମାନେ ଜିଲାପାଳଙ୍କ ପାଖରେ ଫେରାଦ ହୋଇଛନ୍ତି। କସୁରବନ୍ଧ ପଞ୍ଚାୟତର ରକ୍ସା ସେବା ସମବାୟ ସମିତିର କୁରୁମପଦରଠାରେ ୨୦୧୭-୧୮ ମସିହାଠାରୁ ଏକ ଧାନମଣ୍ଡି ଖୋଲାଯାଇ ଧାନ କ୍ରୟ ହୋଇଆସୁଛି। ଚାଷୀମାନେ ଖରିଫ ଓ ରବି ଋତୁ ଧାନକୁ ବିକ୍ରି କରିଆସୁଛନ୍ତି। ମଣ୍ଡି ଯେଉଁ ସ୍ଥାନରେ ହୋଇଛି ତାହା ପଥୁରିଆ ସ୍ଥାନ ଓ କ୍ରଂକିଟ ହୋଇଥିବା ସହ ଏହା ଜାତୀୟ ରାଜପଥ କଡରେ ହୋଇଥିବାରୁ ଚାଷୀମାନେ ଠିକ ଭାବେ ଧାନ ଆଣି ବିକ୍ରି କରିଆସୁଛନ୍ତି। କିନ୍ତୁ ଏବର୍ଷ ଉକ୍ତ ମଣ୍ଡିରେ ଚାଷୀ ପଞ୍ଜିକରଣ ନ କରି ମଣ୍ଡିକୁ ବନ୍ଦ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଶୁଣିବା ପରେ ଶୁକ୍ରବାର ରକ୍ସା ସେବା ସମବାୟ ସମିତିର ଶତାଧିକ ଚାଷୀ, ଚାଷୀ ନେତା ଶିବଶଙ୍କର କର୍ଣ୍ଣଙ୍କ ନେତୃତ୍ୱରେ ଜିଲାପାଳଙ୍କ ପାଖରେ ଫେରାଦ ହୋଇଛନ୍ତି। ମଣ୍ଡି ବନ୍ଦ ନ କରିବାକୁ ଲିଖିତ ଭାବେ ଦାବି କରିଛନ୍ତି। ଉକ୍ତ ମଣ୍ଡିରେ ଚାଷୀଙ୍କ ନାମ ପଞ୍ଜିକରଣ କରିବା ସହିତ ଧାନକ୍ରୟ କେନ୍ଦ୍ର ଚାଲୁ ରଖିବାକୁ ନିବେଦନ କରିଛନ୍ତି। ଯଦି ସରକାର ତିନିଦିନ ମଧ୍ୟରେ ଏହାର ବିଚାର କରି ତୁରନ୍ତ ପୁନର୍ବାର ଉକ୍ତ ଧାନ କ୍ରୟ କେନ୍ଦ୍ରରେ ଚାଷୀ ପଞ୍ଜିକରଣ ସହ ମଣ୍ଡି ଚାଲୁ ରଖିବାକୁ ଅନୁମତି ନ ଦିଅନ୍ତି ଆଗାମୀ ଦିନରେ ହଜାର ହଜାର ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏହା ସହ ଏକ ଦାବିପତ୍ର ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ପ୍ରଦାନ କରିଥିଲେ।

# ଉପ ସଭାପତି ଭାବେ ପୁଷ୍ପାଞ୍ଜଳୀ ନାଏକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଡୁଙ୍ଗୁରିପାଲି,୨୨।୭(ଡି.ଏନ.ଏ.)


ନବନିର୍ବାଚିତ ଉପସଭାପତିଙ୍କୁ ସ୍ୱାଗତ କରାଯାଉଛି।

**ଦିଗଶିରା କୃଷି ସେବା ସମବାୟ ସମିତି**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା କୃଷି ସେବା ସମବାୟ ସମିତିର ଉପ ସଭାପତି ଭାବେ ପୁଷ୍ପାଞ୍ଜଳି ନାଏକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ଦିଗଶିରା ପାକ୍ସର ଉପ ସଭାପତି ପଦବୀ ପାଇଁ ନିର୍ବାଚନ ହୋଇଥିଲା। କେବଳ ପୁଷ୍ପାଞ୍ଜଳି ଏକମାତ୍ର ନାମାଙ୍କନ ପତ୍ର ଦାଖଲ କରିଥିବାରୁ ତାଙ୍କୁ ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ। ନିର୍ବାଚନ ସମୟରେ ପାକ୍ସ ସମ୍ପାଦକ ସୂର୍ଯ୍ୟନାରାୟଣ ହୋତା ଉପସ୍ଥିତ ଥିଲେ। ପରେ ପାକ୍ସର ନବ ନିର୍ବାଚିତ ସଭାପତି ତ୍ରିଲୋଚନ ପାଣ୍ଡେଙ୍କ ନେତୃତ୍ୱରେ ପୂର୍ବତନ ପାକ୍ସ ସଭାପତି ମନୋଜ କୁମାର ଭୁକ୍ତା, ବୃନ୍ଦାବନ ପଧାନ, ଫନୀଭୂଷଣ ପଧାନ, ମହାଦେବ ପଧାନ, ବୀରେନ୍ଦ୍ର ମିତ୍ର ବେରିହା, ଦାମ୍ଦୋଧର ପାଣ୍ଡେ ପ୍ରମୁଖ ନବନିର୍ବାଚିତ ଉପ ସଭାପତିଙ୍କୁ ଫୁଲମାଳ ଦେଇ ସ୍ୱାଗତ କରିଥିଲେ।

# ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ହରତାଳ, ପ୍ରତିବାଦ

ବୌଦ୍ଧ,୨୨।୭(ସ୍ୱ.ପ୍ର.)



ବୌଦ୍ଧ ଏନ୍‌ଏସି ଛକଠାରେ କଂଗ୍ରେସର ହରତାଳ ଓ ପ୍ରତିବାଦ।

କେନ୍ଦ୍ରରେ ଭାଜପା ସରକାର କ୍ଷମତାରେ ଆସିବା ଦିନଠାରୁ ଗାନ୍ଧୀ ପରିବାରର ସଦସ୍ୟମାନଙ୍କୁ କ୍ଷମତାର ଅପବ୍ୟବହାର କରାଯାଇ ବିଭିନ୍ନ ପ୍ରକାର ହଇରାଣ କରାଯାଉଛି। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ରାଜନୈତିକ ଅଭିସନ୍ଧିମୂଳକ ଭାବରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଜେରା ପାଇଁ ଡକାଯାଉଛି। ଦେଶରେ ବେକାରୀ ସମସ୍ୟା ଉତ୍କଟ ପରିସ୍ଥିତିରେ ପହଞ୍ଚିଲାଣି। ତାହାର ପ୍ରତିକାର ନ କରି ସରକାରୀ କଳର ଅପବ୍ୟବହାର କରି ବିରୋଧୀ ଦଳମାନଙ୍କ ସ୍ୱର ଦବାଇବାର ଅପଚେଷ୍ଟା ଜାରି ରହିଛି। ତେଣୁ ରାଜ୍ୟବ୍ୟାପି କଂଗ୍ରେସ ପକ୍ଷରୁ ମୋଦି ସରକାରଙ୍କ ମନୋମୁଖୀ କାର୍ଯ୍ୟର ଦୃଢ ନିନ୍ଦା କରାଯିବା ସହିତ ଗାନ୍ଧୀ ପରିବାର ବିରୋଧରେ ବିନା ପ୍ରମାଣରେ ରାଜନୈତିକ ଅଭିସନ୍ଧିମୂଳକ ଭାବରେ ତଦନ୍ତ ନାମରେ ବାରମ୍ବାର ଡକାଇ ହଇରାଣ କରାଯିବା ଘଟଣାର ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶୁକ୍ରବାର ଏନେଇ ବୌଦ୍ଧ ଏନଏସି ଛକଠାରେ ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ ଓ ହରତାଳ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସୁଧିର କୁମାର କର୍ଣ୍ଣ, ଶାନ୍ତନୁ କୁମାର ମହାପାତ୍ର, ପିସିସି ସଦସ୍ୟ ରାଏ ସଞ୍ଜିବ କୁମାର ଦେଓ, ଆଇନ ସେଲ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଜିଲା ଉପସଭାପତି ସମରେଶ ମିଶ୍ର, ଗଣେଶ ପ୍ରସାଦ ଅଗ୍ରୱାଲା, ପ୍ରଦୀପ କୁମାର ଦାସ, ପଙ୍କଜ କୁମାର କର୍ଣ୍ଣ, କୁମୁଦ କୁଦେଇ, ଉଦୟନାଥ ଶର୍ମା, ନାରାୟଣ ବେହେରା, ଧ୍ରୁବ ମହାକୁଳ, ଜାମିନି ମୁଖୀ, ଶିବ ବେହେରା, ଅର୍ଜୁନ ମହାନନ୍ଦିଆ, ରୋହିତାଶ୍ୱ ବେହେରା ଓ ମହିଳା କଂଗ୍ରେସ ସଭାନେତ୍ରୀ କବିତା ମହାକୁଡ ପ୍ରମୁଖ ଦଳୀୟ କର୍ମୀ ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ସୋନିଆଙ୍କୁ ଇଡିର ଜେରା ପ୍ରତିବାଦରେ କଂଗ୍ରେସର ଧାରଣା


ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଧାରଣା ଦିଆଯାଇଛି।

ସୋନପୁର,୨୨।୭(ନି.ପ୍ର.)

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଇଡି ଜେରା କରିଛି। ଏହାକୁ ବିରୋଧ କରି କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଶୁକ୍ରବାର ସୁବର୍ଣ୍ଣପୁର ବିଏସଏନଏଲ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ବିରୋଧୀଙ୍କ ସ୍ୱରକୁ ଚପାଇ ଦେବା ଲାଗି କେନ୍ଦ୍ର ସରକାର ଇଡିକୁ ବ୍ୟବହାର କରୁଛି। ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଅଯଥାରେ ହଇରାଣ କରାଯାଉଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଧାରଣାରେ ଜିଲା କଂଗ୍ରେସ କମିଟି ସଭାପତି ଗୌରିଶ୍ୟାମ ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, ରବିନ୍ଦ୍ର ହୋତା, ସୁଧୀର ପଣ୍ଡା, ମାଧବ କୁମ୍ଭାର, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ବରିଷ୍ଠ କଂଗ୍ରେସ ନେତା ରାଜଗୋପାଳ ପାଣିଗ୍ରାହୀ, ପ୍ରିୟବ୍ରତ ସାହୁ, ସୁମିତ ପୂଜାହାରୀ, କର୍ଣ୍ଣରାଜ ପଧାନ, ରାଜେନ୍ଦ୍ର ମେହେର, ନରେନ୍ଦ୍ର ସାହୁ, ସ୍ୱପ୍ନେଶ୍ୱର ପୃଷ୍ଟି, ରଞ୍ଜିତ ରାୟ, ପ୍ରଭୁଦତ୍ତ ବଡ଼ିଆ, ନିମାଇଁ ପାଣିଗ୍ରାହୀ, ପ୍ରଦୀପ ସେଠୀ, ଭାଗିରଥୀ ମିଶ୍ର, ବସନ୍ତ ମହାକୁର ଓ ସଚ୍ଚିଦାନନ୍ଦ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

**ODISHA PUBLIC SERVICE COMMISSION, CUTTACK**

**NOTICE**

No. 6762/PSC Dt.22.07.2022

PF-1E-11-2021/22 (DR-III)

No. D-115: It is for information of all concerned that, 128 (One hundred twenty-eight) candidates bearing following PPSAN have been called for the physical verification of original Certificates/Documents to determine their eligibility and suitability for recruitment to the Post of **Post Graduate Teacher in Chemistry** for 17 Nos. of stand-alone Government Higher Secondary Schools, pursuant to Advt. No. 24 of 2021-22. The document verification shall be held in office of the Commission at 19, DR, P.K. Parija Road, Cuttack as per the following programme detailed below:

**PROGRAMME OF DOCUMENT VERIFICATION**

| Date | Time | PPSAN of Candidates |
|---|---|---|
| 01.08.2022 | 10.30 A.M. | 00068003, 00043916, 00040402, 00116385, 00117259, 00114755, 00050104, 00133487, 00115155, 00101047, 00116483, 00115021, 00118222, 00098357, 00101409 & 00103191 = **16 Candidates** |
| | 02.30 P.M. | 00124214, 00023562, 00097406, 00127299, 00120434, 00095935, 00117755, 00128329, 00115108, 00101331, 00102522, 00114672, 00090635, 00100278, 00095440 & 00089884 = **16 Candidates** |
| 02.08.2022 | 10.30 A.M. | 00101505, 00103983, 00103025, 00115690, 00124309, 00125555, 00046358, 00031603, 00117381, 00078090, 00101659, 00098955, 00100737, 00101368, 00114360 & 00032995 = **16 Candidates** |
| | 02.30 P.M. | 00101227, 00086428, 00121126, 00118855, 00063000, 00092828, 00050643, 00095060, 00117431, 00117045, 00120540, 00074960, 00119212, 00098083, 00021427 & 00123358 = **16 Candidates** |
| 03.08.2022 | 10.30 A.M. | 00120268, 00116651, 00122337, 00122320, 00102496, 00099208, 00130872, 00100509, 00117726, 00102698, 00121474, 00090300, 00124184, 00124953, 00119702 & 00018234 = **16 Candidates** |
| | 02.30 P.M. | 00020636, 00117604, 00052957, 00103796, 00126900, 00100667, 00126507, 00123750, 00101968, 00120537, 00114038, 00056313, 00047809, 00040546, 00034988 & 00114713 = **16 Candidates** |
| 04.08.2022 | 10.30 A.M. | 00122193, 00127159, 00069756, 00068893, 00130218, 00114085, 00051858, 00099811, 00099838, 00034390, 00123744, 00052626, 00116905, 00115017, 00116106 & 00127991 = **16 Candidates** |
| | 02.30 P.M. | 00099523, 00122039, 00118582, 00103456, 00114399, 00104739, 00114011, 00101633, 00115111, 00101879, 00103683, 00081544, 00066006, 00115447, 00118063 & 00125171 = **16 Candidates** |

The candidates are required to bring one set of self-attested photocopies of all the documents along with all original documents for verification as mentioned below:

1. Hard copy of the online application form. While submitting the hard copy of online application form you are requested to mask the Mobile No./Alternative Mobile No. and Email ID through blackening.
2. Three recent passport size photographs.
3. Duly filled in and attested "Attestation Form" and duly filled in Bio-data Form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/Council.
5. Post-Graduation Certificate/Master's Degree in the subject concerned in respect of educational qualification prescribed.
6. B.Ed. Certificate.
7. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of educational qualification prescribed;
9. Odia Test Pass Certificate.
10. Caste Certificate claim as S.T./S.C./S.E.B.C. wherever applicable.
11. Permanent Disability Certificate (including percentage of permanent disability i.e. 40% and more).
12. Ex-Servicemen are required to attach copy of Discharge Certificate issued by the Commanding Officer of the unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable.
13 Sports Persons Certificate issued by the Director of Sports, Odisha.
14. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0119/2223 Sd./- Secretary

**ବିଜ୍ଞାପନ**

ଓଡ଼ିଶାର ସମସ୍ତ ବୈଶ୍ୟକରଣ ଜାତିର ପ୍ରତ୍ୟେକ ଗ୍ରାମମାନଙ୍କର ସୂଚନା ସମ୍ବନ୍ଧରେ ଗ୍ରାମ, ବ୍ଲକ୍ ଓ ଜିଲ୍ଲାର ନାମ ସହିତ ବ୍ୟକ୍ତିଙ୍କର ନାମ ଓ ଠିକଣା, ଟେଲିଫୋନ୍ ନଂ. ଏବଂ ହ୍ୱାଟ୍ସ ଆପ୍ ନଂ.କୁ ଶ୍ରୀ କିଶୋର ଚନ୍ଦ୍ର ପଟ୍ଟନାୟକ, ଗ୍ରା/ପୋ- ଶଙ୍ଖାମେରୀ, ବ୍ଲକ୍-ବଡ଼ମ୍ବା, ଜିଲ୍ଲା- କଟକ, ମୋ.-୯୨୩୭୪୨୧୮୬୩, ହ୍ୱାଟ୍ସ ଆପ୍ ନଂ.-୯୪୩୭୧୭୦୭୧୭, ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.- ୧୯୮୨/୧୯୮୫, ତିନିମୁଣ୍ଡିଆ ଦେଉଳ, ସ୍ୱସ୍ତିକ ନିବାସ, ଓଲ୍ଡ ଟାଉନ୍ ପାଖ, ଭୁବନେଶ୍ୱରଙ୍କ ନିକଟକୁ ଅତି ଶୀଘ୍ର ପଠାଇବାକୁ ଅନୁରୋଧ ।

ସ୍ୱା./- କିଶୋରଚନ୍ଦ୍ର ପଟ୍ଟନାୟକ

**ଡାକ ବିଭାଗ (ସିଭିଲ ୱିଙ୍ଗ୍)**

**ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ୍ ଶତକଡ଼ା ଦର କମ୍ପୋଜିଟ୍ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

୧. ଏନ୍‌ଆଇଟି ନଂ.୧୯/ସିଡିବି/୨୦୨୨-୨୩ (ଦ୍ୱିତୀୟ ଆହ୍ୱାନ)। କାର୍ଯ୍ୟର ନାମ: ସୁନ୍ଦରଗଡ଼ ଡିଭିଜନ ଅଧୀନରେ ଲେଫ୍ରିପଡ଼ାଠାରେ କ୍ଷୁଦ୍ର ଡାକ କାର୍ଯ୍ୟାଳୟ ଭବନର ନିର୍ମାଣ। ଅଟକଳ ମୂଲ୍ୟ: ଟ.୩୯,୦୬,୮୧୮.୦୦, ଅମାନତ ରାଶି: ଟ.୭୮,୧୩୬.୦୦, ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୦୧।୦୮।୨୦୨୨ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଉପ ମହାପ୍ରବନ୍ଧକ (ବିଦ୍ୟୁତ) ଙ୍କ କାର୍ଯ୍ୟାଳୟ
ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ବାଲେଶ୍ୱର
CIN-U40102OR2004SGC007553
Lifeline of Odisha

No.CAD-1222 **ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଚାଂରଣ ନିଗମ ଲି (ଓପିଟିସିଏଲ) ଦ୍ୱାରା ୧୩୨/୩୩ କେ.ଭି ଗ୍ରୀଡ୍ ସବ୍‌ଷ୍ଟେସନ, ଚାନ୍ଦିପୁର ପାଇଁ ୧୩୨ କେ.ଭି ଲାଇନ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଅଛି।

ଏହି ଲାଇନ୍‌ଟି ନୂଆପଡ଼ା, ରଘୁନାଥପୁର, ନାରଣବାଡ଼, ନାଚିନ୍ତା, ଉପରପାଟଣା, କାଳିକାପୁର, ମହାରାଜପୁର, ବୋଇତା, ରହିନିଗାଡ଼ିଆ, ଶ୍ରୀଜଙ୍ଗ, ତୁଣ୍ଡରା, କୁଆଁରପୁର, ରସାଳପୁର, ଚାନ୍ଦିପୁର, ଛେଳିଆପଦା, ସାହାଦା ନଗର, ଜୟଦେବ କଷପା, ମଝିକିଆ, ପଦ୍ମପୁର, ତାଳପଡ଼ା, ଗୁଡୁ, ରଣସାହି, ହିଡ଼ିଗାଁ ଇତ୍ୟାଦି ଗ୍ରାମ ପାର୍ଶ୍ୱ ଦେଇ ଅତିକ୍ରମ କରୁଅଛି । ଉକ୍ତ ଲାଇନ୍‌ରେ ଆସନ୍ତା ତା. ୨୫.୦୭.୨୦୨୨ ରିଖ ଠାରୁ ଯେକୌଣସି ସମୟରେ ବିଦ୍ୟୁତ ସଂଯୋଗ କରାଯାଇ ବିଦ୍ୟୁତ୍ ପ୍ରବାହ କରାଯିବ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ଧାରା ୧୯୫୬ ଅର୍ନ୍ତଗତ ଧାରା ୭୯,୮୦,୮୨(କ) ଅନୁଯାଇ ଲାଇନ୍ ଗୁଡିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ । ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ । ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଟାୱାରରେ ଚଢିବା କିମ୍ବା ଗୋରୁଗାଈ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି। ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ।

ସ୍ୱା/-ଉପ ମହାପ୍ରବନ୍ଧକ(ବିଦ୍ୟୁତ)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ବାଲେଶ୍ୱର
FIPR-24/2022-23
OIPR-04011/11/0054/2223

**OFFICE OF THE DIRECTOR OF PHYSICAL PLANTS**
**OUAT, BHUBANESWAR**
**"e"-Procurement Notice No. 05/2022-23**

| | | |
|---|---|---|
| 1 | Name of the work | 02 number works of OUAT at Bhubaneswar |
| 2 | Estimated cost | Rs.33.87 lakhs to Rs.211.80 lakh approximate |
| 3 | Period of completion | 03 to 08 calendar months |
| 4 | Date and time of availability of bid documents in the portal | From Dt.27.07.2022 to 17.00 hrs. of dt.08.08.2022. |
| 5 | Last date / time for receipt of bids inthe portal | Dt.08.08.2022 upto 17.00 hrs. |
| 6 | Submission of original documents [TP cost, EMD (Bid security declaration) & Affidavit (Schedule-F) etc. as per DTCN] | During office hours from dt.10.08.2022 to dt.12.08.2022 upto 17.00 hrs. in the office of the undersigned. |
| 7 | Date of opening of bid through online | (A) Single Cover System- 1 No. (B) Double Cover System (Cover-I)- 1 No. will be opened on Dt.16.08.2022 at 11.00 hrs. in the office of the undersigned. |

Further details can be seen from the e-procurement portal https://tendersodisha.gov.in.

**N.B.: Subsequent corrigendum / addendum if required shall be available in the website as indicated above.**

Sd./- Director of Physical Plants
OUAT, Bhubaneswar

**OFFICE OF THE EXCISE COMMISSIONER, ODISHA, CUTTACK**

**NOTICE**

**Re-engagement of retired Government Servants against the vacant post of SO, ASOs, Personal Assistant & Stenographer in the Office of the Excise Commissioner, Odisha, Cuttack**

No. 10481 / Ex., Dt.20.07.2022

No.F-151:- Applications are invited from the willing retired Personal Assistant, Stenographer as well as ministerial officers (Only superannuated officers) in the enclosed format for re-engagement of 07 (Seven) Nos. of O.S.Ds in the Office of the Excise Commissioner, Odisha, Cuttack against the vacant posts of Section Officer-1, Assistant Section Officer-4, Personal Assistant-1 and Stenographer-1 for a period of 1 year or till the posts are filled up by the regular process, whichever is earlier. The retired Government servants below the age of 64 years may submit their application in the prescribed form to the Excise Commissioner, Odisha, Cuttack by Registered Post / Speed Post so as to reach on or before dt.05.08.2022. A consolidated remuneration as contained inthe Finance Department O.M. No. 7022/F. dtd. 17.03.2018 shall be applicable to the selected candidates during the period of their re-engagement.

The shortlisted candidates are required to appear for an interview before the selection committee which will be conducted on dt.16.08.2022 at 11.00 A.M. inthe Office of the Excise Commissioner, Odisha, Cuttack.

Guidelines regarding criteria and terms and conditions laid down vide G.A. & P.G. Department Resolution No.23750/Gen. Dt.27.08.2014 and the application forms may be downloaded from this Directorate website https://stateexcise.odisha.gov.in/.

Sd./- Excise Commissioner, Odisha
OIPR-36002/11/0001/2223

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୩ ଜୁଲାଇ, ୨୦୨୨

## ହୋମଗାର୍ଡଙ୍କୁ ଆକ୍ରମଣ, ଜଣେ ଗିରଫ

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ଥାନା ହୋମଗାର୍ଡଙ୍କୁ ମାଡ ମାରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭୁବନେ ବାଗ (୨୭)। ଗୁରୁବାର ସକାଳେ ଖଡ଼ିଆଳ ବୋଡ଼େନ ଛକଠାରେ ହୋମଗାର୍ଡ ଶ୍ରୀହରି ବାଗ କର୍ଯ୍ୟରତ ଥିଲେ। ଏହି ସମୟରେ କୌଣସି କଥାକୁ ନେଇ ଭୁବନେ ଖଡ଼ିଆଳ ଫୋକଟ ପଡାର ମାଡ ମାରିଥିଲେ। ଏ ନେଇ ଶ୍ରୀହରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୬୯/୨୨) ରୁଜୁ କରିଛି। ଘଟଣାର ତଦନ୍ତ କରି ପୋଲିସ ଭୁବନେଙ୍କୁ କୋର୍ଟ ଚାଲାଣ କରିଛି।



## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ବାବୁଫାସଡରୁ ପଟା ଜବତ ଘଟଣା**



ଜବତ ପଟା ସହ ବନ କର୍ମଚାରୀ।

**ଲୋଇସିଂହା,୨୨।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅଧୀନ ଆଗଲପୁର ବ୍ଲକ ସାଲେଭଟା ସେକ୍ସନ ନୁନିଆପାଲି ବିଟ ଅନ୍ତର୍ଗତ ବାବୁଫାସଡ ଗ୍ରାମର ସୁନ୍ଦର ଖମାରୀଙ୍କ ଘରୁ ୧୩.୮୪ ସିଏଫଟି ସାଇଜ ପଟା ବନ କର୍ମଚାରୀମାନେ ଗୁରବାର ଚଢାଉ କରି ଜବତ କରିଥିଲେ। ଏହିଘଟଣାରେ ସୁନ୍ଦରଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ରେଞ୍ଜ ଅଫିସର ପାଉଲ ହରପାଲ କହିଛନ୍ତି। ବାବୁଫାସଡ ଗ୍ରାମର ସୁନ୍ଦରଙ୍କ ଘରେ ବହୁ ପରିମାଣର ସାଇଜ ପଟା ଗଚ୍ଛିତ ଥିବା ବନ ବିଭାଗ ଜାଣିବାକୁ ପାଇଥିଲା। ବଲାଙ୍ଗୀର ଡିଏଫଓ ନୀତିଶ କୁମାରଙ୍କ ନିର୍ଦ୍ଦେଶ କ୍ରମେ ରେଞ୍ଜ ଅଫିସର ହରପାଲ,ଫରେଷ୍ଟର ସୁନୀଲ ମିଶ୍ର, ବିମ୍ବାଧର ବେହେରା ,ଗାର୍ଡ ପ୍ରମୁଖ ସୁନ୍ଦରଙ୍କ ଘରେ ଚଢାଉ କରିଥିଲେ। ଚଢାଉ ବେଳେ ୧୪ ଗମ୍ଭାରୀ ପଟା ଓ ୪୨ ଶାଗୁଆନ ପଟା ଜବତ କରି ଲୋଇସିଂହା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏନେଇ ଏକ ମାମଲା ରୁଜୁ ହୋଇଛି।

### ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

**ଖଡ଼ିଆଳ,୨୨।୭(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବଙ୍କାପୁର ଗ୍ରାମର ଚାଷୀ କମଳ ଲୋଚନ ବେହେରାଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେ ନିକଟସ୍ଥ ଖଇର ଭାଡ଼ା ଗ୍ରାମରେ ଥିବା ଚାଷ ଜମିକୁ ବୁଲି ଯାଇଥିଲେ। ଏହି ସମୟରେ ସାପ କାମୁଡି ଦେଇଥିବା ଅନୁମାନ କରାଯାଉଛି। ତାଙ୍କର ଜଣେ ସମ୍ପର୍କୀୟ ତାଙ୍କୁ ନିଜ ଜମି ପାଖରେ ଅଚେତନ ହୋଇ ପଡିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଖଡ଼ିଆଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତାଙ୍କର ପୁଅ ଝିଅ ନ ଥିବା ବେଳେ ନିୟମ ଅନୁସାରେ ଅନୁକମ୍ପା ରାଶି ତାଙ୍କ ସ୍ତ୍ରୀଙ୍କୁ ପ୍ରଦାନ କରିବାକୁ ଦାବି ହେଉଛି।

### ଦୁର୍ଘଟଣାରେ ଯୁବକ ମୃତ

**ଖଡ଼ିଆଳ,୨୨।୭(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ୱାର୍ଡ ନଂ. ୧୨ର ଶାଶ୍ୱତ ମୋହନ ମହାପାତ୍ର(୨୭)ଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଶାଶ୍ୱତ ଭୁବନେଶ୍ୱରରେ ଏମଆରରେ କାର୍ଯ୍ୟ କରୁଥିଲେ। ଗତ ୨୦ ତାରିଖ ରାତି ୧୦ଟାରେ କାର୍ଯ୍ୟ ସାରି ନିଜ ବସାକୁ ଫେରୁଥିବା ବେଳେ ଭୁବନେଶ୍ୱର ପଳାସମୁଣ୍ଡାଠାରେ ଅଜଣା ଗାଡି ଧକ୍କାରେ ଆହତ ହୋଇଥିବା। ଚିକିତ୍ସାଧୀନ ଅବସ୍ଥାନରେ ଶାଶ୍ୱତଙ୍କ ମୃତ୍ୟୁ ଘଟିଛି। ତାଙ୍କ ସହକର୍ମୀ ମିଳନ ବାରିକ ଗୁରୁତର ଆହତ ହୋଇ କଟକ ବଡମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ଘଟାଇ ଅଜଣା ଗାଡି ଫେରାର ହୋଇଯାଇଥିବା ବେଳେ ଭୁବନେଶ୍ୱର ପୋଲିସ ଦୁଇ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଉଦ୍ଧାର ଚିକିତ୍ସା ପାଇଁ ଚିକିତ୍ସାଳୟକୁ ନେଇଥିଲେ। ଶାଶ୍ୱତଙ୍କ ମୃତହେଦ ଶୁକ୍ରବାର ସକାଳେ ଖଡ଼ିଆଳରେ ପହଞ୍ଚିବା ପରେ ପରିବାର ତଥା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

### ପୋଖରୀ ସଫା କଲେ ସ୍ୱୟଂ ସହାୟିକା ଦଳ

**ତୁଣ୍ଡଲା,୨୨।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ପଞ୍ଚାୟତ ଦିଗଶିରା ଗ୍ରାମର ଶାନ୍ତି ଶୃଙ୍ଖଳା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ପୋଖରୀ ସଫେଇ କାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମ ସଭାନେତ୍ରୀ ତେଜ ସାହୁ, ସମ୍ପାଦିକା ଗୁଲାପି ସାହୁଙ୍କ ନେତୃତ୍ୱରେ ସଫେଇ କରାଯାଇଥିଲା। ସରପଞ୍ଚ ପ୍ରମୋଦ କୁମାର ଦାଶଙ୍କ ଉପସ୍ଥିତିରେ ସଫେଇ କରିଥିଲେ। ଏଥିରେ ସିଆରପି ଦିଦି ସବିତା କର ଏବଂ ଦଳ ସଦ୍ୟସା ମନକାନ୍ତି ସାହୁ, ଗାୟତ୍ରୀ ସାହୁ, ଉପାସୀ ସାହୁ, କସ୍ତୁରୀ ସାହୁ, ମଞ୍ଜୁଳା ସାହୁ, ଲଳିତା ସାହୁ, ବାସନ୍ତୀ ପୁଟେଲ, ମାୟାବତୀ ସାହୁ ପ୍ରମୁଖ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଆଗକୁ ମଧ ଆହୁରି କାର୍ଯ୍ୟକ୍ରମ କରାଯିବ ବୋଲି ସଭାନେତ୍ରୀ ମତ ପ୍ରକାଶ କରିଛନ୍ତି।

# ୭ ଶ୍ରେଣୀକୁ ୩ କୋଠରି, ପାଠପଢ଼ା ବାଧା

**ସୁନାମୁଦି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

■ଭିତ୍ତିଭୂମି ଅଭାବ, ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା

**ବୋଡେନ,୨୨।୭(ଡି.ଏନ.ଏ.)**



ଗୋଟିଏ କୋଠରିରେ ବସି ପିଲାମାନେ ପାଠପଢୁଛନ୍ତି।

ଶିକ୍ଷାର ଭିତ୍ତିଭୂମି ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପିଲାଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରିବାକୁ ଜାମା, ଯୋତା, ବହି ଆଦି ଯୋଗାଇ ଦେଉଛନ୍ତି। ସ୍ମାର୍ଟ ସ୍କୁଲ ନାମରେ ସରକାର ବାହାବା ନେଉଥିବା ବେଳେ ନୂଆପଡା ଜିଲା ବୋଡେନ ବ୍ଲକ ଆଦିବାସୀ ଅଧ୍ୟୁଷିତ ବୋଇରଗାଁ ପଞ୍ଚାୟତ ସୁନାମୁଦି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଦେଖିବାକୁ ମିଳୁଛି। ସ୍କୁଲରେ ୭ଟି ଶ୍ରେଣୀ ପାଇଁ ୩ ଗୋଟି କୋଠରି ରହିଛି। ସ୍କୁଲରେ ୨ ଦୁଇ କୋଠରି ଥିଲେ ମଧ ତାହା ଭଙ୍ଗା ଅବସ୍ଥାରେ ପଡି ରହିଛି। ପୁଣି ୭ ଶ୍ରେଣୀକୁ ୩ ଜଣ ଶିକ୍ଷକ କିଭଳି ପାଠ ପଢାଉଥିବେ ସହଜେ ଅନୁମେୟ। ସୂଚନା ଯେ, ୫୦ ବର୍ଷ ପୂର୍ବେ ୧୯୭୨ରେ ସୁନାମୁଦି ଗ୍ରାମରେ ସ୍ଥାପିତ ହୋଇଥିଲା ଏହି ବିଦ୍ୟାଳୟ। ଏବେ ଉନ୍ନୀତ ହୋଇ ସ୍କୁଲରେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ୫୬ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ସଂଖ୍ୟାକୁ ଦେଖି ୩ଜଣ ଶିକ୍ଷକ ନିଯୁକ୍ତ କରାଯାଇଛି। ହେଲେ ଏଠାରେ ପିଲାଙ୍କ ବସିବା ପାଇଁ ସ୍ଥାନ ଅଭାବ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି କରୁଛି। ସ୍କୁଲ ପରିଚାଳନା କମିଟି ସଭାପତି କ୍ଷୀରମଣୀ ନାଗଙ୍କ କହିବା ଅନୁସାରେ, ସ୍କୁଲ ସମସ୍ୟା ନେଇ ପଞ୍ଚାୟତସ୍ତରରୁ ଆରମ୍ଭ କରି ବ୍ଲକ ଶିକ୍ଷା ଅଧିକାରୀଙ୍କ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳି ପାରିନାହିଁ। ଏ ନେଇ ବୋଡେନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମାନନ୍ଦ ନାୟକଙ୍କୁ ପଚାରିବାରୁ ସମସ୍ତ ସିଆର୍‌ସିସିମାନଙ୍କଠାରୁ ତାଙ୍କ ଅଧୀନରେ ଥିବା ବିଦ୍ୟାଳୟଗୁଡିକର ସମସ୍ୟା ଉପରେ ରିପୋର୍ଟ ମଗାଯାଇଛି। ରିପୋର୍ଟ ଆସିଲା ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ସମାଧାନ କରିବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ରିପୋର୍ଟ ଆସିବ କେବେ ଓ ସମସ୍ୟା ସମାଧାନ କେବେ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଗଁରେଇ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

**ମୁରିବାହାଲ,୨୨।୭(ଡି.ଏନ.ଏ)**

**୫ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗଁରେଇ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ପତ୍ରପାଲି(କ)ଦେବଙ୍ଗ ଗ୍ରାମ ବଜାର ପ୍ରାଙ୍ଗଣଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୫ ଜଣ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଁରେଇ ମଣ୍ଡକ ସଭାପତି ମହାଦେବ ଟାହାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକକୁ ବଲାଙ୍ଗୀର ଜିଲା ସଭାପତି ଶିବାଜୀ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗ, ବଲାଙ୍ଗୀର ଜିଲାର ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ଜିଲା ସମ୍ପାଦକ ଅଜୟ ଶର୍ମା, ବରିଷ୍ଠ ଭାଜପା ନେତା ନବୀନ ଜୈନ, ମଣ୍ଡକ ସଭାପତି ସୁରେଶ ଭୋଇ, ଈଶ୍ୱର ପୁଟେଲ, ଜିଲା କମିଟି ସଭ୍ୟ ସୁରେଶ ଚନ୍ଦ୍ର ନେଉରା ଉପସ୍ଥିତ ରହି କାର୍ଯ୍ୟକାରିଣୀ ବୈଠକର ଆଭିମୁଖ୍ୟ ଓ ସଙ୍ଗଠନ ଉପରେ ଆଲୋକପାତ କରିଥିଲେ। ତିଖାଲି ପ୍ରକଳ୍ପର ପାଣି ଗଁରେଇ ମଣ୍ଡଳର ଲେବଡ଼ା, ଟୁପାଉଡାର, ଗଁରେଇ ଓ ଗୋଇମୁଣ୍ଡ ଗ୍ରାମ ପଞ୍ଚାୟତରେ ଯିବା ପାଇଁ କେନାଲ ବ୍ୟବସ୍ଥା କରାଯାଇ ନ ଥିବା,ପ୍ରକୃତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ, କୃଷକ ବୀମା ରାଶି ନ ମିଳିବା ଉପରେ ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବଛା ନିନ୍ଦା ପ୍ରସ୍ତାବ ଗୃହୀତ କରିଥିଲେ। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଦେଶର ସର୍ବୋଚ୍ଚ ପଦବୀ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିଥିବାରୁ ଧନ୍ୟବାଦ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ଅବସରରେ ଶ୍ରେଷ୍ଠ କୃଷକ ବିକ୍ରମ ସାହୁ, ବିଶିଷ୍ଟ ଶିକ୍ଷାବିତ୍ ରାଜେନ୍ଦ୍ର ଭୋଇ, କଳାକାର ତ୍ରିଲୋଚନ ଭୋଇ, ଅବସରପ୍ରାପ୍ତ ସୈନିକ ଚିତ୍ତରଞ୍ଜନ ସାହୁ, ଓ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଆଶିଷ କୁମାର ସାହୁଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ହରିଦାଶ ଛୁରା, ସିରାଜ ମହମ୍ମଦ, ବିଷ୍ଣୁ ଚରଣ ବେହେରା, ତହସିଲ ନାଗ, ଦିଗସନ ଭୋଇ, ତେଜୁରାମ ବାଗ, ରାମକାନ୍ତ ସାହୁ, ଭୋଦେ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ପଦ୍ମନାଭ ସାହୁ ଧନ୍ୟବାଦ ଆର୍ପଣ କରିଥିଲେ।

# ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା



କୁଇକେଡ଼ା ଗ୍ରାମବାସୀଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

**ସଇଁତଲା,୨୨।୭ (ଡି.ଏନ.ଏ.)**

**ସଇଁତଲା ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କଲେ ଜିଲାପାଳ**

ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ସଇଁତଲା ବ୍ଲକ ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଜିଲାପାଳ ବ୍ଲକ ପରିସରରେ ଉପାଧ୍ୟକ୍ଷ ଗୁଣସାଗର ମାଝୀଙ୍କ ସହ ବ୍ଲକର ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ଉପାଧ୍ୟକ୍ଷ ମାଝୀ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଜିଲାପାଳଙ୍କୁ ଅବଗତ କରିଥିଲେ। ଏଥିସହ ବହୁ ପଞ୍ଚାୟତର ଚାଷୀ ଗତବର୍ଷର ଫସଲ ବୀମା ପାଇବାରୁ ବଞ୍ଚିତ ହୋଇଥିବା ବେଳେ ସେମାନଙ୍କୁ ତୁରନ୍ତ ଫସଲ ବୀମା ପ୍ରଦାନ କରିବାକୁ ଦାବି ଜଣାଇଥିଲେ। ପରେ ଜିଲାପାଳ ବିବିନାସ୍ଥିତ ଆଦର୍ଶ ବିଦ୍ୟାଳୟକୁ ଯାଇ ସେଠାରେ ନୂତନ ଭାବରେ ନିର୍ମାଣ ହେଉଥିବା ହଷ୍ଟେଲ କାର୍ଯ୍ୟ ତଦାରଖ କରିବାସହ ୫-ଟି କାର୍ଯ୍ୟର ତଦାରଖ କରିଥିଲେ। ବରଗାଁସ୍ଥିତ ନାରୀଶକ୍ତି ମସଲା ଉଦ୍ୟୋଗକୁ ଯାଇ ସେଠାରେ ପ୍ରସ୍ତୁତ ହେଉଥିବା ବିଭିନ୍ନ ସାମଗ୍ରୀର ମାନ ଦେଖିବା ସହ ମିଶନ ଶକ୍ତିର ମହିଳାମାନେ ଏଥିରେ ସାମିଲ ହୋଇ ସ୍ୱାବଲମ୍ବୀ ହୋଇପାରିଥିବାରୁ ନାରୀ ଶକ୍ତିର ସମ୍ପାଦିକା ଗୀତା ଦାସଙ୍କୁ ପ୍ରଶଂସା କରିଥିଲେ। କୁଇକେଡ଼ା ପଞ୍ଚାୟତସ୍ଥିତ ସ୍କୁଲରେ ପହଞ୍ଚି ୫-ଟିରେ ଚାଲୁଥିବା କାମ ବନ୍ଦ ରହିଥିବାରୁ ତୁରନ୍ତ ଏହା ଚାଲୁ କରି ବିଦ୍ୟାର୍ଥିମାନଙ୍କ ପାଠପଢ଼ାରେ ଯେଭଳି ଅସୁବିଧା ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୁଇକେଡ଼ା ପଞ୍ଚାୟତର ଚାଷୀମାନେ ଫସଲବୀମା ପାଇନଥିବା ଅଭିଯୋଗ କରିବାରୁ ଏ ବିଷୟରେ ଜିଲା କୃଷି ଅଧିକାରୀଙ୍କ ସହ କଥା ହେବାକୁ ଗ୍ରାମବାସୀଙ୍କୁ ଜିଲାପାଳ ରାଣା କହିଥିଲେ। ଜିଲାପାଳଙ୍କ ଏହି କାର୍ଯ୍ୟକ୍ରମରେ ଏପିଡ଼ି ଗୁଣନିଧି ନାଏକ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦ୍ରମଣି ନାଗ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସନ୍ତୋଷ ବେହେରା, ଯନ୍ତ୍ରୀ ରୋଜାଲିନ ପରିଡ଼ା, ଏପିଓ ବନଜାବାସିନୀ ଦାସ, ବିଏଲସି ସୁଧାଂଶୁ ଦେହୁରୀ, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଇତିଶ୍ରୀ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## କୋକସରା ବ୍ଲକ: ୪ ସାର ଦୋକାନରେ ଚଢ଼ାଉ

**କୋକସରା,୨୨।୭(ଡି.ଏନ.ଏ.)**

କଳାହାଣ୍ଡିରୁ ନବରଙ୍ଗପୁର ଜିଲାକୁ ସାର ଚୋରା ଚାଲାଣ ବେଳେ ଗତ ରବିବାର ଆମପାଣି ଥାନା ନିକଟରେ ଯାଞ୍ଚ ବେଳେ ଏକ ଟ୍ରକରୁ ୩୫୦ ବସ୍ତା ୟୁରିଆ ସାର ଧରାପଡିବା ପରେ ଜିଲା ପ୍ରଶାସନ ତତ୍ପର ହୋଇଛି। ଶୁକ୍ରବାର ଧର୍ମଗଡ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କୋକସରା ଅତିରିକ୍ତ ତହସିଲଦାର କୃଷି ବିଭାଗ ଅଧିକାରୀମାନେ ବ୍ଲକର କୋକସରା ଓ ମୋଟେରଠାରେ ୪ ସାର ହୋଲସେଲ ବ୍ୟବସାୟୀଙ୍କ ଦୋକାନ ଓ ଗୋଦାମରେ ଚଢ଼ାଉ କରିଛି। ଷ୍ଟକର ଯାଞ୍ଚ କରିବା ସହ କାଗଜପତ୍ର ତଦଖି କରିଥିବା ନେଇ ସୂଚନା ମିଳିଛି। କୋକସରା ଅତିରିକ୍ତ ତହସିଲଦାର କମଳାସନ ରଥ ଓ କୋକସରା କୃଷିଧିକାରୀ ଲିଙ୍ଗରାଜ ମେହେର ମୋଟେରଠାରେ ଥିବା ରାଠୋଡ଼ ଏଗ୍ରୋ, ଆରକେ ଏଗ୍ରୋ ଫାର୍ମ, କୃଷକବନ୍ଧୁ ଫର୍ଟିଲାଇଜର ସମେତ କୋକସରାଠାରେ ଥିବା ସାରଙ୍ଗିନୀ ଫର୍ଟିଲାଇଜର ହୋଲସେଲର ଦୋକାନ ଓ ଗୋଦାମରେ ଷ୍ଟକ ଯାଞ୍ଚ କରିବା ସହ ସାର ପରିବହନ, ବିକ୍ରୟ ବିବରଣୀ ଓ ଷ୍ଟକ ତଦାରଖ କରିଛନ୍ତି। ଯାଞ୍ଚ ସମୟରେ ସାର ଦୋକାନରେ ଚାଷୀଙ୍କ ଅବଗତି ପାଇଁ ବିଭିନ୍ନ ରାସାୟନିକ ସାରର ମୂଲ୍ୟ ତାଲିକା ଟଙ୍ଗା ଯାଇ ନ ଥିବା ଦେଖିବାକୁ ମିଳିଛି। କୋକସରା ଅତିରିକ୍ତ ତହସିଲଦାରଙ୍କ ପ୍ରତିକ୍ରିୟା ନେବାରୁ ଉପ ଜିଲାପାଳଙ୍କ ନିର୍ଦ୍ଦେଶରେ ଯାଞ୍ଚ ଚାଲିଛି ବୋଲି କହିଛନ୍ତି।

# ଟିକେଶ୍ୱର ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ

**ନୂଆପଡ଼ା ଅଫିସ,୨୨।୭**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମାନିଗୁଡା ପଞ୍ଚାୟତ ଗନିଆରି ରୋୟଲ କ୍ଲବ ସମ୍ପାଦକ ତଥା ନେହେରୁ ଯୁବ କେନ୍ଦ୍ର ନୂଆପଡାର ପୂର୍ବତନ ସେଚ୍ଛାସେବୀ ଟିକେଶ୍ୱର ହଂସଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ୨୦୨୨ ପାଇଁ ଜିଲାର ଶ୍ରେଷ୍ଠ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଛି। ଶୁକ୍ରବାର ନୂଆପଡା ବନ୍ୟଜନ୍ତୁ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଆୟୋଜିତ ପୁରସ୍କାର ବିତରଣି କାର୍ଯ୍ୟକ୍ରମରେ ନୂଆପଡା ବନ୍ୟଜନ୍ତୁ ବନଖଣ୍ଡ ଅଧିକାରୀ ବିନୟ ଭୂଷଣ କୁମାର ବିଶ୍ୱାସୀ ଯୋଗଦେଇ ୨୦୨୨ ପାଇଁ ଜିଲା ଶ୍ରେଷ୍ଠ ପ୍ରକୃତି ବନ୍ଧୁ ପୁରସ୍କାର ବାବଦକୁ ନଗଦ ୧୦ ହଜାର ରାଶି ଓ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ଟିକେଶ୍ୱର ହଂସ ନିଜ ଅଞ୍ଚଳର ସେବା କାର୍ଯ୍ୟ କରିବା ସଙ୍ଗେ ସେ ଜଙ୍ଗଲ ସୁରକ୍ଷା, ଚାରା ରୋପଣ, ମୃତ୍ତିକା ସଂରକ୍ଷଣ, ଜଙ୍ଗଲ ସବୁଜମୟ କରିବା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଭଳି ଅନେକ ପରିବେଶ ସୁରକ୍ଷା କରିଛନ୍ତି। ତାଙ୍କ ଜୀବନରେ ଜିଲାର ଅନେକଗୁଡିଏ ଗ୍ରାମର ଯୁବ ସଙ୍ଗଠନ ସହିତ ମିଳିତ ଭାବରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଚାରା ଲଗାଇ ଗଛର ଉପକାରିତା ଉପରେ ଯୁବକମାନଙ୍କୁ ପ୍ରେରଣା ଦେଉଛନ୍ତି। ଟିକେଶ୍ୱର ହଂସ ଗନିଆରି ରୋୟଲ କ୍ଲବର ସମସ୍ତ ସଦସ୍ୟ ଓ ନେହେରୁ ଯୁବ କେନ୍ଦ୍ର ନୂଆପଡା ଯୁବ ଅଧିକାରୀ ଆଶିଷ କୁମାର ଠାକୁରଙ୍କୁ ପ୍ରେରଣା ଦାତ୍ରୀ ଭାବେ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଛନ୍ତି।



ଟିକେଶ୍ୱର ହଂସଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଉଛି।

# ମରୁଡ଼ି ସହାୟତା ଦାବିରେ ଚାଷୀ ଆନ୍ଦୋଳନ

**ଟିଟିଲାଗଡ଼,୨୨।୭(ଡି.ଏନ.ଏ.)**

ଟିଟିଲାଗଡ ବ୍ଲକରେ ଗତ ଖରିଫରେ ମରୁଡି ପରିସ୍ଥିତି ନେଇ ବୀମା କମ୍ପାନୀ କୌଣସି ସହାୟତା ପ୍ରଦାନ କରିନାହିଁ। ଏହାକୁ ନେଇ ଗତ କିଛି ଦିନ ହେଲା ବିଭିନ୍ନ ଚାଷୀ ସଂଗଠନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ସହ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଶୁକ୍ରବାର ଗ୍ରାମୀଣ କୃଷକ ସଂଗଠନ ପକ୍ଷରୁ ସଭାପତି ସଞ୍ଜିବ ସାହୁ ତଥା ସମ୍ପାଦକ ହରିନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଟିଟିଲାଗଡ ଥାନା ଛକରୁ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଉପିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ବିଶିକେଶନ ଦେହୁରିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀ ଧାରଉଧାର କରି ପ୍ରତ୍ୟେକ ବର୍ଷ ବୀମା ରାଶି ଭରଣା କରୁଛନ୍ତି। ହେଲେ ବୀମା ରାଶି ପ୍ରଦାନ କରାଯାଉ ନ ଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବିକ୍ଷୋଭ ସ୍ଥଳରେ ପୂର୍ବତନ ସରପଞ୍ଚ ବିରବର ସାହୁ, ସରପଞ୍ଚ ହରିହର କଟା, ଭାଗିରଥି ମହାନ୍ଦ, ରୂପଧର ଘିବେଲା, ମଣ୍ଟୁ ବାଗ, ପ୍ରକାଶ ମହାନନ୍ଦ, ଅଶୋକ ନାଏକ, ଗଜାନନ ଭୋଇ, ନାରାୟଣ ଜାଲ, ବୈଷ୍ଣବ ମହାନନ୍ଦ ପ୍ରମୁଖ ଚାଷୀନେତା ଉପସ୍ଥିତ ଥିଲେ। ତୁରନ୍ତ ବୀମା ସହାୟତା ପ୍ରଦାନ କରା ନଗଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।




ମରୁଡ଼ି ବୀମା ସହାୟତା ପ୍ରଦାନ ଦାବିରେ ଚାଷୀଙ୍କ ବିକ୍ଷୋଭ ଶୋଭାଯାତ୍ରା।




ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ବିକ୍ଷୋଭ

**ନୂଆପଡ଼ା ଅଫିସ,୨୨।୭**

■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

■୭ ଦିନ ମଧରେ ଦାବି ପୂରଣ କର

ନୂଆପଡା ଜିଲାର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ହେମାକାନ୍ତ ସାଏଙ୍କ ଜରିଆରେ ୬ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲାରେ ଖରିଫ ଚାଷ ଆରମ୍ଭରୁ ଚାଷୀମାନଙ୍କ ଉପରେ ସମସ୍ୟା ଲାଗି ରହିଛି। ଜିଲାରେ ଆବଶ୍ୟକ ରାସାୟନିକ ସାର ଯୋଗାଣ ହୋଇନାହିଁ। ପ୍ରଥମ ପର୍ଯ୍ୟାୟରେ ଆସିଥିବା ସାର ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ। ଘରୋଇ ଡିଲରମାନେ ସାର ସହିତ ଆବଶ୍ୟକ ନ ଥିବା ବିଭିନ୍ନ କୀଟନାଶକ, ଅନ୍ୟାନ୍ୟ ସାର ଓ ଉପକରଣ ନେବା ପାଇଁ ବାଧ୍ୟ କରୁଛନ୍ତି। ଚାଷୀ ବାରମ୍ବାର ଦାବି ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଜିଲାର ଚାଷୀମାନଙ୍କୁ ବୀମାରାଶିରୁ ବଞ୍ଚିତ କରୁଥିବାରୁ ଆସାଧୁ ବୀମା କମ୍ପାନୀ ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ୨୦୧୭ରୁ ୨୦୨୧ ମଧ୍ୟରେ ବକେୟା ଥିବା ଫସଲ ବୀମା ରାଶି ଶୀଘ୍ର ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଦୀର୍ଘ ୫ ବର୍ଷ ହେବ ଚାଷୀ ଗଭୀର ନଳକୂପ ଖନନ ପାଇଁ ଟଙ୍କା ପୈଠ କରିଥିଲେ ମଧ୍ୟ ହୋଇ ପାରିନାହିଁ। ଚଳିତ ଖରିଫ ଋତୁରେ ଚାଷୀଙ୍କୁ ଯୋଗାଇ ଦେଉଥିବା ସରକାରୀ ଧାନ ବିହନ ଗଜା ହୋଇ ନ ଥିବା ଅଭିଯୋଗ ହୋଇଛି। ଏହି ସବୁ ଦାବି ୭ ଦିନ ମଧରେ ପୂରଣ ନ ହେଲେ ଚାଷୀ ବାଧ୍ୟ ହୋଇ ଜିଲାର କୃଷି ସମ୍ବନ୍ଧିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଘେରାଉ କରିବା ସହିତ ତାଲା ପକାଇ ଅଚଳ କରିବାକୁ ବାଧ୍ୟ ହେବୁ ବୋଲି ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ଘେରାରେ ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ପାଣିଗ୍ରାହୀ ସମେତ ଭକ୍ତବନ୍ଧୁ ଧରୁଆ, ଜ୍ଞାନେଶ୍ୱର ବାଗ, ସୁକଦେବ ସାହୁ,ଜ୍ଞାନରଞ୍ଜନ ସାହୁ,ଅନିରୁଧ ନାଗ, ଭରତ ମାଝି, ଈଶ୍ୱର ଶବର, ଜ୍ୟୋତି ପ୍ରକାଶ ବିଶି, ବାବୁଲାଲ ମାଝି, କଲ୍ୟାଣ ଅହିର ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ସୋନପୁରରେ ଲାଗିଲା ମାଓ ପୋଷ୍ଟର

**ସୋନପୁର,୨୨।୭(ନି.ପ୍ର.):** ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳରେ ମାଓବାଦୀ ପୋଷ୍ଟର ଲାଗିବା ପରେ ଶୁକ୍ରବାର ସୋନପୁର ସହରରେ ମାଓବାଦୀ ପୋଷ୍ଟର ଲାଗିଥିବା ଦେଖିବାକୁ ମଳିଛି । ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ତେଲନଦୀ ନିକଟରେ ଥିବା ଏକ ଲାଇଟ୍ ପୋଷ୍ଟରେ ଏହି ପୋଷ୍ଟର ଲାଗିଥିଲା। ସୋନପୁର ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୋଷ୍ଟରକୁ ଜବତ କରିଛି । ମାଓବାଦୀଙ୍କ ନାମରେ ଗଞ୍ଜେଇ ଚାଷ ଉଦ୍ଦେଶ୍ୟରେ ଏହି ପୋଷ୍ଟରଟି ଲଗା ଯାଇଥିଲା । ପ୍ରକାଶ ଯେ, ବୌଦ୍ଧ ଜିଲାର ମନମୁଣ୍ଡା ଥାନା ପାଣ୍ଡରିପଡା ଅଞ୍ଚଳରେ ଗତ ଦୁଇ ଦିନ ହେବ ମାଓବାଦୀ ପୋଷ୍ଟର ଦେଖିବାକୁ ମିଳିଥିଲା । ପୋଷ୍ଟରରେ ପୋଲିସ ଓ ଗଞ୍ଜେଇ ବ୍ୟବସାୟୀଙ୍କୁ ବିରୋଧ କରିବାକୁ ଆହ୍ୱାନ ଦିଆ ଯାଇଥିଲା। କେକେବିଏନ ଡିଭିଜନାଲ କମିଟି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମାଓବାଦୀ ପକ୍ଷରୁ ଲଗା ଯାଇଥିବା ପୋଷ୍ଟରରେ ନିଜ ଜାଗାରେ ନିଜେ ଗଞ୍ଜେଇ ଚାଷ କରିବାକୁ ଲୋକଙ୍କୁ ପ୍ରବର୍ତ୍ତା ଯାଇଥିଲା। ସମାନ ପୋଷ୍ଟର ଶୁକ୍ରବାର ସୋନପୁରରେ ଦେଖିବାକୁ ମିଳିଛି । ମାଓବାଦୀଙ୍କ ନାଁ ନେଇ କିଏ ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲାରେ ଏଭଳି ପୋଷ୍ଟର ଲଗାଉଛି ତାହା ସ୍ପଷ୍ଟ ହୋଇନଥିବା ବେଳେ କିଛି ସ୍ଥାନୀୟ ଲୋକ ଏପରି କାର୍ଯ୍ୟ କରୁଥିବା ଚର୍ଚ୍ଚା ହେଉଛି ।

### ଅଞ୍ଜଳି ବାରିକ ବରପାଲି ପାକ୍ସ ଉପସଭାପତି

**ବରପାଲି,୨୨।୭(ଡି.ଏନ.ଏ.):** ବରଗଡ଼ ଜିଲା ବରପାଲି ପ୍ରାଥମିକ ସମବାୟ ସମିତି(ପାକ୍ସ)ର ଉପ ସଭାପତି ଭାବେ ଅଞ୍ଜଳି ବାରିକ ନିର୍ଦ୍ୱନ୍ଦ୍ୱରେରେ ନିର୍ବାଚିତ ହୋଇଛନ୍ତି। ଅଞ୍ଜଳିଙ୍କ ନାମାଙ୍କନପତ୍ରରେ ପ୍ରଫୁଲ୍ଲ କୁମାର ଭୋଇ ପ୍ରସ୍ତାବକ ରହିଥିବା ବେଳେ ବିପିନ ପ୍ରଧାନ ସମର୍ଥକ ରହିଥିଲେ। ନବ ନିର୍ବାଚିତ ଉପସଭାପତିଙ୍କୁ ସଭାପତି ଗୁରୁ ମେହେର, ସମ୍ପାଦକ ଗୋବର୍ଦ୍ଧନ ଭୋଇ, ବସନ୍ତ ମହାପାତ୍ର, ଅଜିତ କୁମାର ମିଶ୍ର, ଦିଲ୍ଲୀପ ଭୋଇ, ଭୀମସେନ ସା, ରାକେଶ ଭୋଇ ପ୍ରମୁଖ କାର୍ଯ୍ୟକର୍ତ୍ତା ଅଭିନନ୍ଦନ ଜଣାଇଥିଲେ।

### ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

**ପଦ୍ମପୁର,୨୨।୭(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଅଧକ୍ଷ ଡ. ଲଳିତେନ୍ଦୁ ନାୟକ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଦୁଃଖିଶ୍ୟାମ ସାହୁ, ଅଧାପିକା ରୀନା ଧର୍ମବିନାୟକ, ଅଧାପକ ଜୟକୁମାର ଭୁଏ, ଡ. ସରୋଜ ନାଏକ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ସହ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ବିଦାୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେହିପରି ବିଦାୟୀ ଛାତ୍ରୀଛାତ୍ରୀମାନେ କଲେଜ ଜୀବନର ଅନୁଭୂତି ପ୍ରକାଶ କରିଥିଲେ।

### ଉଚ୍ଚମାଧମିକ ବିଦ୍ୟାଳୟରେ ବୃକ୍ଷରୋପଣ

**ବରପାଲି,୨୨।୭(ଡି.ଏନ.ଏ.):** ବରଗଡ ଜିଲା ବରପାଲି ଜଗବନ୍ଧୁ ଦାସ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅଧକ୍ଷ ପ୍ରଦୀପ ମେହେରଙ୍କ ଅଧକ୍ଷତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ବରିଷ୍ଠ ଓକିଲ ମାନଭଞ୍ଜନ ଦାଶ ଯୋଗଦେଇ ବୃକ୍ଷରୋପଣର ଉପକାରିତା ଉପରେ ଆଲୋକପାତ କରିଥିଲେ। ପରେ ଛାତ୍ରୀମାନେ ୧୦୭ ବୃକ୍ଷଚାରା ରୋପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ସହଯୋଗ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ସୁଶ୍ରୀ ବବିତା ପଧାନ କାର୍ଯ୍ୟକ୍ରମ ପରିଚାଳନା ଏବଂ ଓ୍ୱାଇଆର୍‌ସି କାଉନସେଲର ଅଧାପିକା ମିନତି ବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ସୁଧାଂଶୁ କୁମାର ଦାସ, ସୁରେଶ ବାରିକ, ନିବେଦିତା ବେହେରା, ସୁରେନ୍ଦ୍ର ଦୀପ, ଅନ୍ତର୍ଯାମୀ ପଣ୍ଡା, ନିରଜ ସାହୁ, ପ୍ରଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବାଜି ମାରିଲେ ବିକାଶ ଛାତ୍ରୀଛାତ୍ର

**ବରଗଡ଼ ଅଫିସ୍,୨୨।୭**


ଶ୍ରେୟା ମେହେର


ଖୁସି ପଣ୍ଡିତ


ସ୍ମୃତିରଞ୍ଜନ ସାହୁ


ଅନ୍ୱେଷା ଭୋଇ


ନମିତ କୁମାର ସାହୁ


କର୍ମବୀର ପଟେଲ

**ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ**

- ଦଶମରେ ୩୭, ଦ୍ୱାଦଶରେ ୬୨ ଛାତ୍ରୀଛାତ୍ରଙ୍କ ୯୫ ପ୍ରତିଶତରୁ ଅଧିକ ମାର୍କ
- ଦଶମରେ ୯୩, ଦ୍ୱାଦଶରେ ୧୯୭ ଛାତ୍ରୀଛାତ୍ରଙ୍କ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ
- ଦଶମ, ଦ୍ୱାଦଶର ଶତ ପ୍ରତିଶତ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଫଳତା ଅର୍ଜନ କରିଛନ୍ତି। ଦଶମ ଶ୍ରେଣୀର ୩୭ଜଣ ଏବଂ ଦ୍ୱାଦଶ ଶ୍ରେଣୀର ୬୨ଜଣ ଛାତ୍ରୀଛାତ୍ର ୯୫ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ସେହିପରି ଦଶମ ଶ୍ରେଣୀର ୯୩ଜଣ ୯୦ପ୍ରତିଶତ, ୧୮୬ଜଣ ୮୦ପ୍ରତିଶତରୁ ଅଧିକ ମାର୍କ ରଖିଥିବାବେଳେ ଦ୍ୱାଦଶ ଶ୍ରେଣୀର ୧୯୭ଜଣ ୯୦ପ୍ରତିଶତ ଏବଂ ୪୨୫ଜଣ ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ସ୍କୁଲର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସୂଚନା ଦେଇଛନ୍ତି। ଦଶମ ଶ୍ରେଣୀର କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶ୍ରେୟା ମେହେର, ସ୍ମୃତିରଞ୍ଜନ ସାହୁ, ଖୁସି ପଣ୍ଡିତ ୯୮.୨ ପ୍ରତିଶତ ମାର୍କ ରଖିଛନ୍ତି। ରୋଶନ ଚାନ୍ଦ ୯୮, ଶ୍ରେୟାସୀ ପାଇଯୋଶୀ, ଶ୍ରେଷ୍ଠା ପୂଜାରୀ ୯୭.୮, କୋକିଲା ସାହୁ, ଶ୍ରୁତି ସେନାପତି, ସନ୍ଦୀପ ସାହୁ ୯୭.୬, ଅବିନାଶ ସାହୁ, ମୃଦୁଲ ଡାଲମିଆ ୯୭.୪, ଦୀୟା ପଟେଲ, ଲିପ୍‌ସା ପ୍ରଧାନ ୯୭ ପ୍ରତିଶତ ମାର୍କ ରଖିଛନ୍ତି ।

ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ଅନ୍ୱେଷା ଭୋଇ ୯୮.୨, ନମିତ କୁମାର ସାହୁ ୯୮, ବଂଶିକା ଅଗ୍ରୱାଲ, କର୍ମବୀର ପଟେଲ ୯୭.୮, ଓମ୍ କୁମାର ରଥ, ସମାପିକା ସାହୁ ୯୭.୬, ଅଂଶୁମାନ ଅଗ୍ରୱାଲ, ବ୍ରତତୀ ବେହେରା ୯୭.୪, ସମୀକ୍ଷାରାଣୀ ଗୁରୁ ୯୭.୨, ଅଂଶୁମାନ ସାହୁ, ଚନ୍ଦନ ନନ୍ଦ ୮୭ପ୍ରତିଶତ ମାର୍କ ରଖିଛନ୍ତି। ଦ୍ୱାଦଶ ଶ୍ରେଣୀ ବାଣିଜ୍ୟରେ ବୋଞ୍ଚୁ ଧରଣୀ ୯୭, ମେକା ଗୌତମୀ ୯୫.୮, ପୁନମ ମୀରୱାନୀ, ଦିଶା ଶର୍ମା ୯୫.୪, ରାହୁଲ ଲାଠ୍ ୯୫.୨ପ୍ରତିଶତ ମାର୍କ ରଖି ସଫଳତା ତାଲିକାର ଶୀର୍ଷରେ ରହିଛନ୍ତି। ଜାତୀୟସ୍ତରରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କ ହାରଠାରୁ ବରଗଡ଼ର ବିକାଶ ଆବାସିକ ବିଦ୍ୟାଳୟ ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କ ହାର ବହୁ ଉର୍ଦ୍ଧ୍ୱରେ ରହିଛି। ଏହାସହିତ ଦଶମ ଓ ଦ୍ୱାଦଶରେ ଶତ ପ୍ରତିଶତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ କହିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଡାଇରେକ୍ଟର (ଏକାଡ଼େମିକ୍ସ) ଜି. ରାମକ୍ରୀଷ୍ଣା, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ(ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ(ସେକେଣ୍ଡାରୀ) ପ୍ରଦୀପ କୁମାର ସାହୁ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର(ଆଡ୍‌ମିନିଷ୍ଟ୍ରେଶନ) ଡି. ବିବେକ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ ପ୍ରମୁଖ କୃତୀ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଏବଂ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର ଶତପ୍ରତିଶତ ସଫଳତା

**ସିବିଏସଇ ବୋର୍ଡ ପରୀକ୍ଷା**

**ସୋନପୁର,୨୨।୭(ନି.ପ୍ର.)**

ସେଣ୍ଟ୍ରାଲ ବୋର୍ଡ ଅଫ ସେକେଣ୍ଡାରି ଏଜୁକେଶନ(ସିବିଏସଇ) ବୋର୍ଡ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଫଳାଫଳ ଅନୁଯାୟୀ କେନ୍ଦ୍ରୀୟ ବିଦ୍ୟାଳୟ ସୋନପୁରକୁ ଶତପ୍ରତିଶତ ସଫଳତା ମିଳିଛି। ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରୀଛାତ୍ର ଉଭୟ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ପାସ୍ କରିଛନ୍ତି। ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାରେ ୩୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ୫ ଜଣ ଛାତ୍ରୀଛାତ୍ର ୮୦ ରୁ ୯୦ ପ୍ରତିଶତ ମଧ୍ୟରେ ଓ ୧୫ ଜଣ ୭୦ ରୁ ୮୦ ପ୍ରତିଶତ ନମ୍ବର ରଖିଛନ୍ତି। ଛାତ୍ର ନଟବର ପ୍ରଧାନ ସର୍ବାଧିକ ୯୫.୬% ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ସେହିପରି ବିଦ୍ୟାଳୟର ଛାତ୍ରୀ ସ୍ମୃତି ସଞ୍ଚିତା ପଧାନ ୯୪.୬% ନମ୍ବର ରଖିଥିବା ବେଳେ ଛାତ୍ର ଜ୍ୟୋତି ରଞ୍ଜନ ପାଣ୍ଡେ ୯୩.୮%, ବି. ଶୈଳେଶ ୯୨.୮%, ଛାତ୍ରୀ ଶିଭାଙ୍ଗୀ ସାହୁ ୯୨.୪% ଓ ଛାତ୍ର ବିଶ୍ୱଜିତ ପ୍ରିୟଦର୍ଶନୀ ୯୧.୬% ନମ୍ବର ରଖିଛନ୍ତି। ସେହିପରି ଦଶମ ବୋର୍ଡ ପରୀକ୍ଷାରେ ସମସ୍ତ ୩୭ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ସାଇନା ବାଗ ୯୪.୪%, ଓମକାର ନନ୍ଦ ୯୩.୬%, ଦେବାଶିଷ ମହାପାତ୍ର ୯୩.୪% ଓ ସ୍ନେହା ସ୍ମୃତି ମେହେର ୯୩% ନମ୍ବର ରଖିଛନ୍ତି। ଶୁକ୍ରବାର କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଅଶୋକ ସରଭଙ୍ଗ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେବା ସହିତ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ତଥା ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରୱଣେ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, କେନ୍ଦ୍ରୀୟ ବିଦ୍ୟାଳୟର ଡେପୁଟି କମିଶନର ଡ. ହରେନ ବୋଷ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମ୍ମିଳନୀରେ ଅଧାପିକା ପୁନମ ପଟେଲ, ମହେନ୍ଦ୍ର ମେହେର, ଗ୍ରନ୍ଥାଗାରିକ ଶିବ ଭୋଇ ଓ ଅଭିଭାବକ ସଂଘର ସଭ୍ୟ ଡାକ୍ତର ଦେବେନ୍ଦ୍ର ସାହୁ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି


ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକରେ ଜିଲାପାଳ ଏବଂ ଅନ୍ୟମାନେ ।

**ବରଗଡ଼ ଅଫିସ୍,୨୨।୭**

ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆସନ୍ତା ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱାଧୀନତା ଦିବସ ଉପଲକ୍ଷେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ବୈଠକ ସଂଯୋଜନା କରିଥିଲେ।

ବୈଠକର ନିଷ୍ପତ୍ତି ଅନୁଯାୟୀ, ସ୍ୱାଧୀନତା ଦିବସରେ ପ୍ରତ୍ୟୁଷ ୪ଟାରୁ ୫ଟା ମଧ୍ୟରେ ରାମଧୂନ, ୭ଟାରୁ ସାଢ଼େ ୭ଟା ମଧ୍ୟରେ ଆନୁଷ୍ଠାନିକ ପତାକା ଉତ୍ତୋଳନ ସହିତ ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସେହିପରି ଜର୍ଜ ହାଇସ୍କୁଲ ପ୍ରାଙ୍ଗଣରେ ପୂର୍ବାହ୍ନ ୯ଟା ୧୫ମିନିଟ୍‌ରେ ପତାକା ଉତ୍ତୋଳନ ସହିତ ଜିଲାସ୍ତରୀୟ ପରେଡ୍ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା କୁଇଜ୍, ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସେହିପରି ବରଗଡ଼ ସବ୍‌ଜେଲ ଅନ୍ତେବାସୀ ଏବଂ ଜିଲା ଚିକିତ୍ସାଳୟରେ ରୋଗୀଙ୍କୁ ଫଳ, ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ ରହିଛି । ସମସ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ଜିଲାପାଳ ବାନାର୍ଜୀ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସାମ୍ପ୍ରତିକ କୋଭିଡ୍ ସଂକ୍ରମଣର ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଦ୍ୱାରା ଯେଉଁ ନିୟମାବଳୀ ଜାରି କରାଯିବ, ସେହି ଅନୁଯାୟୀ ଛାତ୍ରୀଛାତ୍ରଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଦ୍ୟାଳୟର ପରେଡ୍ ଦଳକୁ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ଏସ୍‌ପି ସ୍ମିତ ପି. ପରମାର୍, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତା ପାଇଁ ଫେରାଦ

**ପଦ୍ମପୁର,୨୨।୭(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଫସଲ ବୀମାରାଶି ଯୋଗାଇ ଦେବାରେ ବୀମା କମ୍ପାନୀ ଟାଳଟୁଳ ନୀତି ଗ୍ରହଣ କରୁଥିବା ବେଳେ ରାଜ୍ୟ ସରକାର ଏ ଦିଗରେ ନିରବତା ଅବଲମ୍ବନ କରୁଛନ୍ତି। ଫଳରେ ଚାଷୀମାନଙ୍କୁ ବୀମା କ୍ଷତିପୂରଣ ମିଳିପାରୁନାହିଁ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପାର୍ଲାମେଣ୍ଟ ଭବନରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବି ନାୟକ, ବରଗଡ ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ମଦନ ମୋହନ ପଟେଲ ପ୍ରମୁଖ ଦିଲ୍ଲୀଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତରେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଭେଟି ପ୍ରଧାନମନ୍ତ୍ରୀ ଫସଲ ବୀମା ସମସ୍ୟା ଉପରେ ଅବଗତ କରାଇଥିଲେ। ବୀମା କମ୍ପାନୀ କିଭଳି ଚଞ୍ଚକତା କରି ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ଦେଉନାହିଁ ସେ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କରିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚାଷୀମାନଙ୍କ ସମସ୍ୟାର ତୁରନ୍ତ ସମାଧାନ ସହ ବୀମା ପ୍ରିମିୟମ ଜମା କରିଥିବା ଓଡ଼ିଶାର ସମସ୍ତ ଚାଷୀ ଯେଭଳି ବୀମା ଟଙ୍କା ପାଇବାରୁ ବଞ୍ଚିତ ନ ହେବେ ସେ ଦିଗରେ ପଦକ୍ଷେପ ନେବାକୁ କୃଷିମନ୍ତ୍ରୀ ତୋମାରଙ୍କୁ ଅନୁରୋଧ କରିଥିଲେ।

## ଦୀପ୍ତିପୁରରୁ ଜବରଦଖଲ ଉଚ୍ଛେଦ ଆରମ୍ଭ


ଦୀପ୍ତିପୁରଠାରେ ବିଜୁ ଏକ୍ସପ୍ରେସ ୱେ କଡ଼ରୁ ଜବରଦଖଲ ଉଚ୍ଛେଦ କରାଯାଉଛି ।

**ପଦ୍ମପୁର,୨୨।୭(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ବିଜୁ ଏକ୍ସପ୍ରେସ ୱେ ଉପରକୁ କିଛି ଲୋକ ଜବରଦଖଲ କରିଥିଲେ। ଶୁକ୍ରବାର ସ୍ଥାନୀୟ ପ୍ରଶାସନ ପକ୍ଷରୁ ମେଲଛାମୁଣ୍ଡା ଥାନା ଦୀପ୍ତିପୁରଠାରୁ ଏହି ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଉଚ୍ଛେଦ ସମୟରେ ପଦ୍ମପୁର ତହସିଲଦାର ସଞ୍ଜନ ସେଠ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର ମେହେର, ପଦ୍ମପୁର ତହସିଲ ସୁପରଭାଇଜର ସିଦ୍ଧେଶ୍ୱର ପାଣିଗ୍ରାହୀଙ୍କ ସମେତ ମେଲଛାମୁଣ୍ଡା ରାଜସ୍ୱ ନିରୀକ୍ଷକ, ପଦ୍ମପୁର ଓ ମେଲଛାମୁଣ୍ଡା ଥାନା ପୋଲିସ ଉପସ୍ଥିତ ଥିଲେ।

## ରାସ୍ତା ମରାମତି ପାଇଁ ଦାବିପତ୍ର ପ୍ରଦାନ

**ପଦ୍ମପୁର,୨୨।୭(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଏନ୍‌ଏସିର ୱାର୍ଡ଼ ନମ୍ବର–୨ର ସରକାରୀ ଡ଼ାକ୍ତରଖାନାଠାରୁ ଲଖମରା ରୋଡ୍ ପର୍ଯ୍ୟନ୍ତ ଭେଡଁରିଆ ଛକ ଶାନ୍ତିନଗର ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତା ମରାମତି ପାଇଁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଅସରାଏ ବର୍ଷାରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଛି। ଫଳରେ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଅଞ୍ଚଳର ନରେଶ ସୁନ୍ଦର ସାହୁ, ମଣ୍ଟୁ ପାଣ୍ଡେ, ଦିନେଶ ବାରିକ ପ୍ରମୁଖ ଗ୍ରାମବାସୀ ଶୁକ୍ରବାର ଏହି ମର୍ମରେ ପଦ୍ମପୁର ଗୃହ ଓ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ଗତ ୫ ମାସ ତଳେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ମରାମତି ହୋଇଥିଲା। ପଦ୍ମପୁରକୁ ୫୦ ଖଣ୍ଡ ଗ୍ରାମର ଜନସାଧାରଣ ଦୈନିକ ଏହି ରାସ୍ତା ଦେଇ ଯାଆସ କରୁଛନ୍ତି। ଏହି ରାସ୍ତାରେ ଛାତ୍ରୀଛାତ୍ର ସ୍କୁଲ ଯାଉଥିବା ବେଳେ ରୋଗୀଙ୍କୁ ହସ୍ପିଟାଲ ଯିବାକୁ ପଡୁଛି। ରାସ୍ତା ସାରା ଖାଲଖମା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଜରୁରୀ ସମୟରେ ଆମ୍ବୁଲାନ୍ସ ଯିବା ଆସିବାରେ ଅସୁବିଧା ହେଉଛି। ବର୍ତ୍ତମାନ ବର୍ଷା ସମୟ ହୋଇଥିବାରୁ ରାସ୍ତାର ଗାତ ଗୁଡ଼ିକ ପାଣିରେ ଭରି ରହୁଛି। ଫଳରେ ରାସ୍ତା ଆହୁରି ଖରାପ ହେବାରେ ଲାଗିଛି। ତୁରନ୍ତ ଏହି ରାସ୍ତା ମରାମତି କରା ନ ଗଲେ ଜନ ଅସନ୍ତୋଷ ବୃଦ୍ଧି ପାଇବ ବୋଲି ପଦ୍ମପୁର କାଉନସିଲର ଇଂ. କୁନାଲ ପାଣିଗ୍ରାହୀ କହିଛନ୍ତି।

## ଆଶ୍ରମ ସ୍କୁଲରେ ଶିକ୍ଷକ ଅଭାବ

### ତାଲା ପକାଇଲେ ଅଭିଭାବକ

**ପଦ୍ମପୁର,୨୨।୭(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବାନ୍ଧୁପାଲି ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ପିଲାମାନଙ୍କ ପାଠପଢାରେ ବାଧା ସୃଷ୍ଟି ହେଉଛି। ଫଳରେ ଶିକ୍ଷକ ସମସ୍ୟା ସମାଧାନ ଦାବି କରି ଅଭିଭାବକମାନେ ଶୁକ୍ରବାର ସ୍କୁଲରେ ତାଲା ପକାଇଛନ୍ତି। ବର୍ତ୍ତମାନ ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୨୩୦ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସ୍କୁଲର ମାତ୍ର ୪ ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଡେପୁଟେଶନରେ ଯାଇଛନ୍ତି। ଫଳରେ ୩ଜଣ ଶିକ୍ଷକ ଏତେ ସଂଖ୍ୟକ ପିଲାଙ୍କୁ ପାଠ ପଢାଇବାରେ ସମସ୍ୟା ହେଉଛି। ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ତେଣୁ ବାଧ ହୋଇ ସ୍କୁଲରେ ତାଲା ପକାଯାଇଥିବା ରୋହିତ ସାହୁ, ଧନମାଳୀ ହାତୀ, ସଦାନନ୍ଦ ବୁଡେକ, ପ୍ରେମାନନ୍ଦ ବରିହା, ସୁରେଶ ବରିହା, ଧର୍ମାନନ୍ଦ ସାହୁ, ଧନସିଂହ ବେହେରା ପ୍ରମୁଖ କହିଛନ୍ତି।

## ଉଫୁଲା ହାଇସ୍କୁଲରେ ସାମୂହିକ ବୃକ୍ଷରୋପଣ

**ଅମରପାଲି,୨୨।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ମାହେଶ୍ୱରୀ ଉଚ୍ଚ ବିଦ୍ୟାପୀଠ ପରିସରରେ ଶୁକ୍ରବାର ସାମୁହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ଉକ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା ,ବ୍ଲକ ଉପାଧକ୍ଷା ତଥା ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ଜିଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦ,ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ବିଜେଡିର ବରିଷ୍ଠ ସଦସ୍ୟ ସ୍ୱୟମ୍ଭୁନାଥ ଖଣ୍ଡଗିରୀ,ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ସ୍କୁଲ ପରିସରରେ ଶତାଧିକ ବୃକ୍ଷରୋପଣ କରାଯାଇଥିଲା। ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।


ଉଫୁଲା ହାଇସ୍କୁଲରେ ବୃକ୍ଷରୋପଣ କରାଯାଉଛି ।

## ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ସଫଳତା

**ବରଗଡ଼ ଅଫିସ୍,୨୨।୭**

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷାଫଳରେ ବରଗଡ଼ ସ୍ଥିତ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନର ଛାତ୍ର ଅମନ ଅଗ୍ରୱାଲ ଦଶମ ବୋର୍ଡ଼ ପରୀକ୍ଷାରେ ୯୯.୪ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିବା ସହିତ ଇତିହାସ ରଚିଛନ୍ତି। ସମୁଦାୟ ୫୦୦ ମାର୍କରୁ ୪୯୭ ମାର୍କ ରଖି ସେ ପଶ୍ଚିମ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ଅଙ୍କିତା ଅଗ୍ରୱାଲ ୯୬.୮, ବିଜ୍ଞାନ ବିଭାଗରେ ରୌନକ ଅଗ୍ରୱାଲ ୯୨.୬ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଉକ୍ତ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ଶୁଭମ କୁମାର ନାୟକ ଗଣିତ, ବିଜ୍ଞାନରେ ଶତ ପ୍ରତିଶତ ମାର୍କ ରଖିଛନ୍ତି। ଚଳିତବର୍ଷ ଉକ୍ତ ବିଦ୍ୟାଳୟର ଦଶମ ଶ୍ରେଣୀରେ ୭୮, ବିଜ୍ଞାନ ବିଭାଗରେ ୬୯, ବାଣିଜ୍ୟରେ ୭୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।


ଅଙ୍କିତା ଅଗ୍ରୱାଲ


ରୌନକ ଅଗ୍ରୱାଲ

ଦଶମ ଶ୍ରେଣୀର ଶୁଭମ୍ କୁମାର ନାୟକ ୯୮.୬ ପ୍ରତିଶତ ମାର୍କ ରଖିଥିବା ବେଳେ ସୂର୍ଯ୍ୟାଂଶ ଅଗ୍ରୱାଲ ୯୭, ଆଶୁତୋଷ ଅଗ୍ରୱାଲ ୯୬.୨, ଅଂଶିକା ସାହୁ, ଅଭୟ ପୋଦ୍ଦାର ୯୫, ସିଦ୍ଧାନ୍ତ ବିନାୟକ ଅଗ୍ରୱାଲ ୯୪.୪, ଆକାଂକ୍ଷା ଅଗ୍ରୱାଲ, ସ୍ମାରକ ସଂଗ୍ରାମ ବାରିକ ୯୩.୬, ଅନନ୍ୟା ଅପରୂପା ମେହେର, ଅନିସ ବଲୋଡ଼ିଆ ୯୩.୨, ଦେବ ଗର୍ଗ, ଆଦିତ୍ୟ ପ୍ରଧାନ ୯୩, କ୍ରିପା ଅଗ୍ରୱାଲ ୯୨.୨, ଦେବ୍ୟାଂଶ ଗୋୟଲ ୯୧, ଖୁସି ମିତ୍ତଲ ୯୦.୮ ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ରିଦମ ଧଲାନ ୯୬.୨, ଆଶୁତୋଷ ଅଗ୍ରୱାଲ ୯୩.୮, ଉମେଶ ଅଗ୍ରୱାଲ ୯୩.୬, ସାହିଲ ଅଗ୍ରୱାଲ ୯୩.୨, ହର୍ଷ ଛାପଡ଼ିଆ, ଶ୍ରୀଷ୍ଟି ଅଗ୍ରୱାଲ ୯୨.୪, ଲୁହି ଅଗ୍ରୱାଲ ୯୧.୪, ଦେବଚାନ୍ଦ ମଣ୍ଡି ୯୧, ସୋନୁ ଅଗ୍ରୱାଲ ୯୦.୬, ଅଞ୍ଚଳ କେଡ଼ିଆ ୯୦.୪, ବଂଶିକା ଅଗ୍ରୱାଲ ୯୦ ପ୍ରତିଶତ ମାର୍କ ରଖିଛନ୍ତି । ବିଜ୍ଞାନରେ ଦିଶା ଅଗ୍ରୱାଲ ୯୦.୪ ମାର୍କ ରଖିଛନ୍ତି। ଦ୍ୱାଦଶ ଶ୍ରେଣୀର ଅଙ୍କିତା ଅଗ୍ରୱାଲ ଅର୍ଥନୀତି ଏବଂ ରିଦନ ଧିଲାନ ଆକାଉଣ୍ଟାସିରେ ଶତ ପ୍ରତିଶତ ମାର୍କ ରଖି ଉଦାହରଣ ସାଜିଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ସ୍କୁଲ ଚେୟାରମ୍ୟାନ ସୁମନ ସାୱଡ଼ିଆ, ଭାଇସ୍ ଚେୟାରମ୍ୟାନ ରୋଶନ ସାୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଗାଡ଼ି ଧକ୍କାରେ ଯୁବକ ମୃତ

ତରଭା,(ଡି.ଏନ.ଏ.): ଶୁକ୍ରବାର ଭୋରେ ବଲାଙ୍ଗୀର ସୋନପୁର ୫୭ ନଂ ଜାତୀୟ ରାଜପଥର କନ୍ଦାଗାଡ଼ ଗ୍ରାମ ନିକଟରେ ଏକ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସନ୍ତୋଷ ଓରଫ ରାଜା ଦଳବେହେରା (୪୫) । ପ୍ରକାଶ ଯେ, ତରଭା ଠାରୁ ଦୁଇ କିମି ଦୂର ଗର୍ଜା ଗ୍ରାମର ରାଜା ଗୁରୁବାର ନିଜ ମାମୁଁ ଓ ଭଉଣୀ ଘରକୁ ଯାଇଥିଲେ । ସେଠାରୁ ତରଭା ପଟକୁ ଆସୁଥିବା ବେଳେ କୌଣସି ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଗୁରୁତର ଅବସ୍ଥାରେ ତରଭା ଡାକ୍ତରଖାନା ଅଣାଯାଇଥିଲା । ସେଠାରେ ଡାକ୍ତର ରାଜାଙ୍କୁ ମୃତ ଘୋଷଣା କରିଥିଲେ ।

## ସଂକ୍ଷେପରେ

### ହାର୍ଟ ଅସ୍ତ୍ରୋପଚାର ପାଇଁ ରାଯ୍ପୁର ଗଲେ ୩ ଶିଶୁ

**ସିନାପାଲି,୨୨।୭(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ହାର୍ଟ ଅସ୍ତ୍ରୋପଚାର ପାଇଁ ୩ଶିଶୁ ଏମ୍ଏଆଇ ରାୟପୁର ଯାଇଥିବା ଜଣାପଡିଛି। ସେମାନେ ହେଲେ ସିନାପାଲି ବ୍ଲକ ଅନ୍ତର୍ଗତ ଘାଟମାଲ ପଞ୍ଚାୟତ କାନେଟ ଗାଁର ଅଖିଳ ମାଝି (୧୦), ଧାଙ୍ଗରିଟାଲ ଗ୍ରାମର ଟେକରାମ ମାଝି (୪) ଏବଂ ଗଣ୍ଡାବାହାଲି ପଞ୍ଚାୟତ ମୁଣ୍ଡାପଲା ଗ୍ରାମର ସିମରନ ଭୋଇ (୬ମାସ)ର ଝିଅ। କିଛି ମାସ ତଳେ ପୂର୍ବତନ ନୂଆପଡା ଜିଲାପାଳ ଓ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଉପାନ୍ତ ଅଞ୍ଚଳ ଘାଟମାଲ ପଞ୍ଚାୟତ ଏକ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ଥିବା ବେଳେ ପରିବାର ଲୋକ ଉକ୍ତ ସମସ୍ୟା ନେଇ ଜଣାଇଥିଲେ। ଉକ୍ତ ବିଷୟକୁ ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରିବା ପରେ ତାଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ୩ଜଣଙ୍କୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାର୍ଟ ଅସ୍ତ୍ରୋପଚାର ପାଇଁ ଏମ୍ଏଆଇ ରାୟପୁରକୁ ପଠାଇଥିବା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ ବିଭାଗରୁ ସୁଚନା ମିଳିଛି।

### ୨ ବର୍ଷ ହେଲା କମ୍ୟୁନିଟି ହଲ ଅଧାପନ୍ତରିଆ

**ପଲମ,୨୨।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମାଣ୍ଡେଲ ପଥସ୍ଥିତ ଦୋରାପଦର ଗ୍ରାମରେ କମ୍ୟୁନିଟି ହଲ ୨ ବର୍ଷ ହେଲା ଅଧାପନ୍ତରିଆ ଭାବେ ପଡ଼ିରହିଛି। ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନାରେ ୨ ଲକ୍ଷ ଟଙ୍କା ବ୍ୟୟରେ ୨୦୧୯ରେ କମ୍ୟୁନିଟି ହଲ ନିର୍ମାଣ ଆରମ୍ଭ ହୋଇଥିଲା। ଆଜକୁ ୨ ବର୍ଷ ବିତିଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। କେବଳ ଛାତ ଲେବୁଲ ପର୍ଯ୍ୟନ୍ତ କାମ କରାଯାଇ ଅଧାପନ୍ତରିଆ ଭାବେ ପଡିରହିଛି। ଏହି ଗ୍ରାମରେ ଆଦିବାସୀ ଶ୍ରେଣୀର ୫୦ ପରିବାର ବାସ କରନ୍ତି। ଗତ ୬ ମାସ ତଳେ କନିଷ୍ଠ ଜନ୍ତ୍ରୀ ଦାୟିତ୍ୱ ନେଇ ଥିବା ସଂଯୁକ୍ତା ପାଣି ଏପର୍ଯ୍ୟନ୍ତ ଦେଖିବାକୁ ଯାଇନାହାନ୍ତି। ଏହି ବାବଦ ନେଇ ସଂଯୁକ୍ତା ପାଣିଙ୍କୁ ପଚାରି ବୁଝିବାରେ ଖୁବ୍‌ଶୀଘ୍ର କିଛି ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ। ଯଦି ତୁରନ୍ତ ହଲ ନିର୍ମାଣ କରା ନ ଗଲେ ବାଉଁଶ ଛପର ପକାଇ ନିର୍ମାଣ କରିବୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

### କେନ୍ଦୁପଲିରେ ଡାକ ମେଳା

**ଅମରପାଲି,୨୨।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନ୍ଦୁପଲିଠାରେ ବଲାଙ୍ଗୀର ଡାକ ମଣ୍ଡଳ ତରଫରୁ ଡାକ ମେଳା ଓ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବଲାଙ୍ଗୀର ଡାକମଣ୍ଡଳ ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଶ୍ୟାମ ସୁନ୍ଦର ସେଠୀ ଅତିଥି ଭାବେ ଯୋଗଦେଇ ସୁରକ୍ଷିତ ସଞ୍ଚୟ ହେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଭାରତୀୟ ଡାକ ବିଭାଗରେ ଟଙ୍କା ରଖି ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲ ମକୁନ୍ଦ ବାରିକ,ପିଏଲଆଇ ଅଧିକାରୀ ବବୁଲୁ କୁମାର, ଆଇବିପି ମ୍ୟାନେଜର କୃଷ୍ଣ ଚନ୍ଦ୍ର ନାଏକ,ବାଗବର ନାଏକ ସରପଞ୍ଚ ପ୍ରଭାତି ନାଏକ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । କୃଷ୍ଣଚନ୍ଦ୍ର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମଲପୁର ବ୍ରାଞ୍ଚ ପୋଷ୍ଟମାଷ୍ଟର ରବି ନାରାୟଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକବିଭାଗ ପକ୍ଷରୁ ଶତାଧିକ ଶିଶୁଙ୍କର ଆଧାର ପଞ୍ଜିକରଣ କରାଯାଇଥିଲା। । ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ଡାକ ବିଭାଗର ସମସ୍ତ ବିପିଏମ,ଗ୍ରାମୀଣ ଡାକ ସେବକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ବିକ୍ଷୋଭ

**ନୂଆପଡ଼ା ଅଫିସ,୨୨।୭**

କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ନ୍ୟାଶନାଲ ହେରାଲ୍ଡ ମାମଲାରେ ଇଡିରେ ଜେରା ଲାଗି ନୋଟିସ ହେବା ପରେ ଦଳୀୟ ନେତା ଓ କର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହିକ୍ରମରେ ଶୁକ୍ରବାର ନୂଆପଡା ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଷ୍ଟ୍ରପତି ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ୨ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ରର ସରକାର ଇଡି ଓ ସିବିଆଇ ଲଗେଇ ଅଗଣତାନ୍ତ୍ରୀକ ଭାବେ କଂଗ୍ରେସର ବରିଷ୍ଠ ନେତାମାନଙ୍କୁ ବାରମ୍ବାର ସମନ କରିବାରୁ ଦଳ ଦୃଢ ନିନ୍ଦା କରିଛି। ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ବିକ୍ଷୋଭରେ ଜିଲା ସଭାପତି ମାଝିଙ୍କ ସମେତ ବରିଷ୍ଠ ନେତା ହାଲ୍ଲାସିଂ, ଜିଲା ପରିଷଦ ସଦସ୍ୟ ଭରତଲାଲ ରାଉତ, ବିଧାନସଭା ଯୁବ କଂଗ୍ରେସ ସଭାପତି ଶାହାରୁଖ ଖାନ, ଦେବେନ୍ଦ୍ର ସାହୁ, ମୋତି ରାୱାଲ, ସୌରଭ ଚନ୍ଦ୍ରକାର, କୈଳାସ ଚନ୍ଦ୍ର ବାଗ, ଜଗଦୀଶ ସାହୁ, ଜୟଦେବ ମାଝି, ଛବି ପାଣ୍ଡେ, ଛଗନ ପଟେଲ ପ୍ରମୁଖ ସାମିଲ ହୋଇଥିଲେ।



କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ରାୟପୁରରୁ ଚୋରି ଟ୍ରକ୍ ଖଡ଼ିଆଳରୁ ଉଦ୍ଧାର

**ଖଡ଼ିଆଳ,୨୨।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ପୋଲିସ ସହାୟତାରେ ରାୟପୁରରୁ ଚୋରି ଟ୍ରକ୍ ଉଦ୍ଧାର ହୋଇଛି। ଚୋରମାନେ ବ୍ୟବହାର କରୁଥିବା କ୍ରେନ, ଗ୍ୟାସ ସିଲିଣ୍ଡର, ଗ୍ୟାସ କଟର ମେଶିନ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଚୋରି ଟ୍ରକ୍ କାଟୁଥିବା ଅଭିଯୋଗରେ ୫ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଅଭିଯୋଗରେ ମୋଟ ୭ଜଣଙ୍କୁ ରାୟପୁର ନେଇ ଅଧିକ ତଦନ୍ତ କରିବ ବୋଲି ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲୁ ପ୍ରକାଶ କରିଛନ୍ତି। ସୂଚନା ଯେ, ଗୁରୁମିତ ସିଂଙ୍କ ଟ୍ରକ୍ (ନଂ.ସିଜି୦୪ଜି୬୯୧୨) ଗତ ୧୫ ତାରିଖ ରାତ୍ରିରେ ରାୟପୁର ନାଗା ଗୁରୁ ନାନକ ଟ୍ରାନ୍ସପୋର୍ଟ ପାଖରୁ ଚୋରି ହୋଇଥିଲା। ଟ୍ରକକୁ ଅଶିଷ ଶର୍ମା ଓ ଡ୍ରାଇଭର କ୍ରିଷ୍ଣା ନାଏକ ସରାଇପାଳି ଗ୍ରାମର ଛତିଶଗଡ଼ର ନୂଆପଡା ଜିଲା ଖଡ଼ିଆଳ ଭୋଜପୁର ପଞ୍ଚାୟତ ରୋହେନପଦର ଗ୍ରାମକୁ ଆଣିଥିଲେ। ଏଠାରେ ଟ୍ରକ୍ କାଟି ବିକ୍ରି କରୁଥିବା ବେଳେ ରାୟପୁର ଖମତରାଇ ପୋଲିସ, କ୍ରାଇମ ବ୍ରାଞ୍ଚ ଓ ଖଡ଼ିଆଳ ପୋଲିସ ସହାୟତାରେ ଟ୍ରକ୍ ଜବତ କରିଥିଲ।

# ୫-ଟି ସ୍କୁଲ ରୂପାନ୍ତରଣ ପ୍ରସ୍ତୁତି ବୈଠକ

**ସିର୍ଜାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ**

**ତୁଣ୍ଡଲା,୨୨।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ପଞ୍ଚାୟତ ସିର୍ଜାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ୫-ଟିରେ ରୂପାନ୍ତରଣ ହେବ। ଏଥିସକାଶେ ସ୍କୁଲ କମିଟି, ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଓଦୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁ ବାହାନ ପଧାନ, ଜିଲା ପରିଷଦ ସଦସ୍ୟା ଦୀପାଞ୍ଜଳି ସାହୁ, ସରପଞ୍ଚ ପ୍ରମୋଦ କୁମାର ଦାଶ, ସ୍କୁଲ କମିଟି ସଭାପତି ବୁଦ୍ଧଦେବ ଭୋଇ, ପ୍ରଧାନ ଶିକ୍ଷକ ଯତୀନ୍ଦ୍ର କୁମାର ପଧାନ, କନିଷ୍ଠ ଯନ୍ତ୍ରୀ ପ୍ରକାଶ ଭୋଇ, ଶିକ୍ଷୟିତ୍ରୀଶିକ୍ଷକ, ନାୟବ ସରପଞ୍ଚ ଭୋଇ ତଥା ସ୍କୁଲ କମିଟି ପୂର୍ବତନ ପ୍ରଧାନ ଶିକ୍ଷକ ମକଲିଙ୍ଗ ଗହୀର, ଚୌଧୁରୀ ଭୋଇ, ତିଳ ସାହୁ, ଲୋକେଶ ସାହୁ, ଅମିତ ଦାଶ ଉପସ୍ଥିତ ଥିଲେ। ୫-ଟି ସ୍କୁଲ କିପରି ହେବ ଏହି ବିଷୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ବିଡିଓ ସମସ୍ତଙ୍କୁ ବୁଝାଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ୫-ଟି ବିଦ୍ୟାଳୟରେ କେଉଁ ସବୁ ସୁବିଧା ଯୋଗାଇ ଦିଆଯିବ ଓ ଖୁବଶୀଘ୍ର କାମ ଆରମ୍ଭ ହେବ ବୋଲି କେସିଙ୍ଗା ଗୋଷ୍ଠି ଶିକ୍ଷା ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଥିଲେ।

# କ୍ଷୁଦ୍ର ଚଳଚ୍ଚିତ୍ର 'ଗନ୍ଦରୀ ପାଏନ ହାଏ ହାଏ' ଶୁଟିଂ ଶେଷ

**କୋକସରା,୨୨।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତର ବଣପାହାଡ଼ ଘେରା ସାହାଜଖୋଲ ଜଙ୍ଗଲ ପାଦଦେଶରେ ଥିବା ଆମପାଣି ନୂଆପଡା ଗାଁ ନିକଟରେ କାରୁଣ୍ଡ ପ୍ରଡକ୍ସନ ପ୍ରଯୋଜନାରେ ସଚେତନତା ଧର୍ମୀ କ୍ଷୁଦ୍ର ଚଳଚିତ୍ର 'ଗନ୍ଦରୀ ପାଏନ ହାଏ ହାଏ' ଶୁଟିଂ ଶେଷ ହୋଇଛି। ଆମପାଣି ଅଞ୍ଚଳର ଆରାଧ୍ୟ ଦେବ ପ୍ରଭୁ ବୁଢ଼ାରଜାଙ୍କ ନିକଟରେ ପୂଜାର୍ଚ୍ଚନା ପରେ ସୁଟିଂ ଆରମ୍ଭ ହୋଇଥିଲା। ଗ୍ରାମାଞ୍ଚଳରେ ଦେଶୀ ମଦ ଯୋଗୁ କିଭଳି ପରିବାର ମଧ୍ୟରେ ଅଶାନ୍ତି ସହ ପରିବାର ନଷ୍ଟ ହେଉଛି ଏହି କଥାବସ୍ତୁକୁ ନେଇ ଜନସାଧାରଣଙ୍କୁ ସଚେତନତା କରିବା ଏହି କ୍ଷୁଦ୍ର ଚଳଚ୍ଚିତ୍ରର ମୁଖ୍ୟ ଉଦ୍ଦେଶ୍ୟ ରହିଛି। କ୍ଷୁଦ୍ର ଚଳଚ୍ଚିତ୍ରଟିକୁ ପ୍ରଶାନ୍ତ ମୁନି ରଚନା କରିଥିବା ବେଳେ ପ୍ରଦୀପ ଡି. ମାଝି ନିର୍ଦ୍ଦେଶନା ଦେଇଛନ୍ତି। ଗ୍ରାମାଞ୍ଚଳରେ ଲୁକ୍କାୟିତ ଥିବା କଳାକାରଙ୍କୁ ଏହି କ୍ଷୁଦ୍ର ଚଳଚ୍ଚିତ୍ର ଜରିଆରେ ଲୋକ ଲୋଚନକୁ ଆଣିବା ମଧ୍ୟ ଲକ୍ଷ୍ୟ ରହିଥିବା ନେଇ କାରୁଣ୍ଡ ପ୍ରଡକ୍ସନ ପକ୍ଷରୁ କୁହାଯାଇଛି। କ୍ଷୁଦ୍ର ଚଳଚ୍ଚିତ୍ରରେ କଳାକାର ଭାବେ ବରିଷ୍ଠ କଳାକାର ଗୋବର୍ଦ୍ଧନ ବାଗ, ପ୍ରଶାନ୍ତ ମୁନି, କୁମୁଦ ଚନ୍ଦ୍ର ପୂଝାରୀ, ଦୟାନିଧି ନାଏକ, ବିନୋଦ ସିଂ, ବ୍ରଜ ମୋହନ ପୁଝାରି, ଦୁଷ୍ମନ୍ତ ଦାସ, ପିଣ୍ଟୁ ଦାସ, ପ୍ରୀତି ରାଉତ, ଶିଶୁ କଳାକାର ମିକୁ ନିଖୁଣ ଭାବେ ଅଭିନୟ କରିଛନ୍ତି। କ୍ଷୁଦ୍ର ଚଳଚ୍ଚିତ୍ର ଗନ୍ଦରି ପାନି ହାଏ ହାଏ ଆଗାମୀ କିଛିଦିନ ମଧ୍ୟରେ ଶୁଭମୁକ୍ତି ହେବ। ଏହି କଥାବସ୍ତୁ ଗ୍ରାମାଞ୍ଚଳର ଲୋକଙ୍କ ମନକୁ ଛୁଇଁବ ବୋଲି ପ୍ରଯୋଜନା ସଂସ୍ଥା ନିର୍ଦ୍ଦେଶକ ଆଶା ରଖିଛନ୍ତି। କ୍ଷୁଦ୍ର ଚଳଚ୍ଚିତ୍ର ସୁଟିଂରେ ନୂଆପଡା ଗ୍ରାମବାସୀ ସହଯୋଗ କରିଥିଲେ।

# ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ସଫଳତା

**ବଲାଙ୍ଗୀର ଅଫିସ, ୨୨।୭:** ସିବିଏସ୍‌ଇ ଯୁକ୍ତଦୁଇ ପରୀକ୍ଷାରେ ବଲାଙ୍ଗୀର ସେଞ୍ଚୁରିଆନ୍ ସ୍କୁଲର ଛାତ୍ରୀଛାତ୍ରମାନେ କୃତିତ୍ୱର ସହ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ସ୍କୁଲର ୧୨ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲର ଛାତ୍ର ପ୍ରିୟରଞ୍ଜନ ନାଏକ ୯୭ ପ୍ରତିଶତ ରଖି ଟପ୍ପର ବିବେଚିତ ହୋଇଛନ୍ତି। ସେହିପରି ସ୍କୁଲ ଛାତ୍ରୀଛାତ୍ର ଅନ୍ୱେଷା ବଡପଣ୍ଡା, ଜ୍ୟୋତିପ୍ରଜ୍ଞା ସାହୁ, ଅବିନାଶ ବେହେରା, ଭୂମିକା ଅଗ୍ରୱାଲ, ଜୟପ୍ରକାଶ ସାହାଣୀ, ଲବଲି ସାହୁ, ରୋଶନ ରଣା, ସୁବୋଧ ମେହେର, ପ୍ରକୃତିରୂପା ପଣ୍ଡା, ଶ୍ରୀୟାଂଶ ପଣ୍ଡା, ସୌମ୍ୟଜିତ୍ ଦଣ୍ଡସେନା ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ଛାତ୍ରୀଛାତ୍ରମାନେ ନିଜ ସଫଳତାର ଶ୍ରେୟ ଶିକ୍ଷକ, ଅଭିଭାବକଙ୍କୁ ଦେଇଛନ୍ତି। କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଦୀପ କୁମାର ଷଡଙ୍ଗୀ କହିବା ସହ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଶିକ୍ଷାନୁଷ୍ଠାନ ଅଧକ୍ଷ ତମାଳ ଚକ୍ରବର୍ତ୍ତୀ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।


କୃତୀ ଛାତ୍ର ପ୍ରିୟରଞ୍ଜନ ନାଏକ।

# ବ୍ଲକସ୍ତରୀୟ କ୍ରୀଡ଼ା ଶିକ୍ଷକ ସମ୍ମିଳନୀ



କ୍ରୀଡା ଶିକ୍ଷକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

**ଲୋଇସିଂହା,୨୨।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ କ୍ରୀଡା ଶିକ୍ଷକଙ୍କ ସମ୍ମିଳନୀ ବ୍ଲକ ଗୋଷ୍ଠୀସହ ଶିକ୍ଷାଅଧିକାରୀ ଟଙ୍କଧର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରପ୍ରାପ୍ତ ଜିଲା କ୍ରୀଡା ନିରୀକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳ ମୁଖ୍ୟଅତିଥି, ଦୁର୍ବାଦଳ ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ପ୍ରଧାନ ଶିକ୍ଷକ ମାଝି ପଧାନ,ସତ୍ୟ ପଟେଲ,ସୁରେଶ ପଟେଲ,ପୁରନ୍ଦର ସେଠ, ଜ୍ୟୋତି ମହାନନ୍ଦ,ପ୍ରଫୁଲ ପାତ୍ର, ଅଚ୍ୟୁତ୍ ପଟେଲଙ୍କ ସମେତ ବ୍ଲକର ସମସ୍ତ ସ୍କୁଲର କ୍ରୀଡା ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗ ଦେଇଥିଲେ । କ୍ରୀଡା ସମ୍ପାଦକ ଶ୍ୟାମସୁନ୍ଦର ମେହେର ସଭା କାର୍ଯ୍ୟ ପରିଚାଳନା କରିଥିଲେ।

# ଅର୍ଦ୍ଧନିର୍ମିତ ପୋଲ ପାଖରେ ବାଇପାସ୍ ରାସ୍ତା ନିର୍ମାଣ

**ବୋଡେନ,୨୨।୭(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନୂଆପଡା ଜିଲା ବୋଡେନ ବ୍ଲକ ବୋଡେନରୁ ବୋଇରଗାଁ ଦେଇ ଖଡୁପାଣି ପର୍ଯ୍ୟନ୍ତ ୯ କି.ମି. ୫୫୦ ମିଟର ରାସ୍ତା ନିର୍ମାଣ କାମ ଗତ ଡିସେମ୍ବର ମାସରେ ଆରମ୍ଭ ହୋଇଥିଲା। ସୁନାମୁଦିଗାଁ ପାଖରେ ଥିବା ନାଳରେ ପୋଲ ନିର୍ମାଣ ଆରମ୍ଭ ହୋଇଥିଲା। ପୋଲରେ ସ୍ଲାବ ପଡିବା ପୂର୍ବରୁ ବର୍ଷା ଋତୁ ଆସିଗଲା। ଅର୍ଦ୍ଧ ନିର୍ମିତ ହୋଇ ରହିଗଲା ପୋଲ। ବାଇପାସ୍ ରାସ୍ତା ତିଆରି ହୋଇଥିଲା। ହେଲେ ଲଘୁଚାପ ଜନିତ ଲଗାଣ ବର୍ଷା ଧୋଇନେଲା ବାଇପାସ୍ ରାସ୍ତା। ପଞ୍ଚାୟତ ସଦର ମହକୁମା ବୋଇରଗାଁରୁ ବିଚ୍ଛିନ୍ନ ହେଲା। ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ଲୋକସଂଖ୍ୟା ବିଶିଷ୍ଟ ସୁନାମୁଦି, ଟିକଲଚୁଆଁ ଓ ଖଡୁପାଣି ଗ୍ରାମ ସହ ଅନେକ ପଡା ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଏହି ସମସ୍ୟା ନେଇ ଖବର ପ୍ରସାରଣ ପରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ବାଇପାସ୍ ରାସ୍ତା ନିର୍ମାଣ କରିଛନ୍ତି।

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
INVITATIONS FOR BIDS (IFB)
E-mail ID:cebuildings_orissa@yahoo.co.in
cebuildings@rediffmail.com Tel.-(0674)-2391523
File No-B-I-Tourism-Puri-07/2021 Lr. No.- 28041/ Bhubaneswar 20th July, 2022
No.B-399: **Invitation for Bids**
Bid Identification No.OSD CE (B) -15 / 2022-23

| | | |
|---|---|---|
| 1. | The OSD- Chief Engineer (Buildings) on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade / Class registered with Central Government / MES / Railways for the building works detailed in the table below on turnkey basis (i.e. Architectural planning with detailed design, vetting & execution). | |
| 2. | Nature of work | Development of Puri-Konark Beachfront Chandrabhaga Beach, Konark on Turn-key Basis in the state of Odisha |
| 3. | No. of work | 01 no |
| 4. | Bid Cost. | Rs.10,000/- |
| 5. | Class of Contractor | Super Class |
| 6. | Availability of Bid Documents in the website | From dt 22.07.2022 to 05.30 PM of dt 05.09.2022 |
| 7 | Pre -bid meeting | Dt 08.08.2022 at 11.00 AM |
| 8 | Last date of online submission of bid | Dt 05.09.2022 |
| 9. | Last dt. of Submission of hardcopy (Cover-III) | Dt.12.09.2022 upto 5:30 PM |
| 10. | Date of Opening of Bid | Dt.13.09.2022at11:30AM. |
| 11. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- OSD-Cheif Engineer (Buildings), Odisha, Bhubaneswar
OIPR-34117/11/0038/2223

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ବିଭିନ୍ନ ପର୍ବୋତ୍ସବ ଅବସରରେ ବିଭାଗ ପକ୍ଷରୁ ସାଂସ୍କୃତିକ ଦଳ ପ୍ରେରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପ୍ରକ୍ରିୟାକୁ ସହଜ ତଥା ସୁଗମ୍ୟକରଣ ଦିଗରେ ଅନୁରୋଧକାରୀ ସଂସ୍ଥା (Requesting Agency) ମାନଙ୍କର ପଞ୍ଜୀକରଣ
ବିଜ୍ଞାପନ
No.RR-17:ବିଭିନ୍ନ ସରକାରୀ / ବେସରକାରୀ ଅନୁଷ୍ଠାନମାନଙ୍କ ଅନୁରୋଧ ଆଧାରରେ ବିଭିନ୍ନ ପର୍ବୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଧାରଣତଃ ବିଭିନ୍ନ ସାଂସ୍କୃତିକ ଦଳମାନ ପ୍ରେରଣ କରାଯାଇଥାଏ । ଏହି କ୍ରମରେ ଓଡ଼ିଶାର କଳା ଓ ସଂସ୍କୃତିର ସଂରକ୍ଷଣ ତଥା ପ୍ରଚାର ପ୍ରସାର ନିମନ୍ତେ କାର୍ଯ୍ୟ କରୁଥିବା ବିଭିନ୍ନ ଅନୁରୋଧକାରୀ ସଂସ୍ଥା (Requesting Agency) ମାନଙ୍କର ପଞ୍ଜୀକରଣ ପ୍ରକ୍ରିୟାର ଶୁଭାରମ୍ଭ ଆସନ୍ତା ତା.୨୮.୦୭.୨୦୨୨ (ଗୁରୁବାର) ଠାରୁ ୧୬.୦୮.୨୦୨୨ ମଧ୍ୟରେ କରାଯିବ । ଏଣୁ ଏହି ପ୍ରକ୍ରିୟାରେ ସାମିଲ ହେବା ପାଇଁ ଆଗ୍ରହୀ ଆୟୋଜକ ସାଂସ୍କୃତିକ ଅନୁଷ୍ଠାନ ପୂର୍ବ ବର୍ଷମାନଙ୍କରେ ଅନୁରୋଧ କରିଥିବା ଆୟୋଜକ ସଂସ୍ଥାମାନେ ଆସନ୍ତା ଅଗଷ୍ଟ ୧୬.୨୦୨୨ ସୁଦ୍ଧା ନିଜ ନିଜ ଅନୁଷ୍ଠାନର ଆବଶ୍ୟକୀୟ ସୂଚନା ସହ web link ctms-ollc.in ମାଧ୍ୟମରେ ଏଥିପାଇଁ ଧାର୍ଯ୍ୟ ମାର୍ଗଦର୍ଶିକା ଆଧାରରେ ଏହି ପ୍ରକ୍ରିୟାରେ ପଞ୍ଜୀକୃତ ହୋଇପାରିବେ ।
ପଞ୍ଜୀକୃତ ହେବା ସକାଶେ ଟ.୧୦୦୦/- (ଏକ ହଜାର ଟଙ୍କା)କୁ ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଜମା ଦେବାକୁ ପଡିବ ।
ବି.ଦ୍ର. ଆବଶ୍ୟକୀୟ ସହାୟତା ପାଇଁ ଯୋଗାଯୋଗ (helpdesk.ollc@gmail.com/0674-2432945 (O)/ 99867-02311 (M)
ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର,
ଭୁବନେଶ୍ୱର-୭୫୧୦୧୪
OIPR-03001/11/0009/2223

ODISHA CONSTRUCTION CORPORATION LIMITED
(A Govt. of Odisha Undertaking)
UNIT-VIII, BHUBANESWAR, e-mail:theoccltd@odishaconstruction.com
GSTIN- 21AAACO2571K2ZM
e-Procurement Notice No. 10/OCCL/2022-23 (on-line)
No.CAD-1211: Name of Work :-Construction of Under Ground Pipe Line Irrigation system (UGPL) of 1 (one) No of Minor Irrigation Project i.e. Biluamara MIP in the district of Ganjam including distribution system and CAD (Package-I- 2nd phase). Total No. of Works : - 01 (One) No.
Procurement Details

| Procurement Officer | Bid Identification No. | Amount put to Tender (Approx.) (Rs.in Lakhs.) | Period of Completion | Availability of Tender (Online) | Submission of Tender (Online) | Date of Opening of Technical Bid |
|---|---|---|---|---|---|---|
| Managing Director, OCC Ltd., Bhubaneswar | OCC-UGPL/ ANG-01/2022-23 | 1017.55 Lakhs | 12 (Twelve) Calendar Months | 26.07.2022 03.30 P.M. to 16.08.2022 5.30 P.M. | 26.07.2022 03.30 P.M. to 16.08.2022 5.30 P.M. | 17.08.2022 12.30 P.M. |

Further detail can be seen from the e-Procurement portal: www.tendersodisha.gov.in.
OIPR- 34120/11/0016/2223 Sd./- Managing Director

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT
Tender Call Notice
E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle-09/2022-23
Memo No - 1401, Dt. 19.07.2022
No.B-405:The Chief Construction Engineer, Khordha (R&B) Circle, Khordha on behalf of Governor of Odisha in percentage rate bid in double cover system in ONLINE MODE from eligible contractors for Building work as detailed in the table below.
1. Nature of Work : Building Works
2. No. of Work : 3 Nos.
3. Tender Cost : Rs.10000.00 (On-Line)
4. Class of Contractor : B class, A Class, Special Class and Super Class
5. Available of Bid document in the Website : From 10.00 AM of Dt.28.07.2022 up to 05.00 PM of Dt.1203.08.2022 up to 5.00 PM
6. Date of opening of Bid : Dt 16.08.2022 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https: / /tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.
Sd./- Chief Construction Engineer, Khordha (R&B) Circle, Khordha
OIPR-34127/11/0017/2223

Bhubaneswar Development Authority
Advt.No.649 Date:21.07.2022
REQUEST FOR PROPOSAL FOR SELECTION OF PRIVATE ENTITY FOR OPERATING & MAINTAINING GYMNASIUM IN KHARAVELA PARK AT KHANDAGIRI IN BHUBANESWAR, ODISHA.
No.CAD-1212:Bhubaneswar Development Authority invites "Request for Proposal for "Selection of Private Entity for Operating and maintaining Gymnasium in Kharavela Park in Bhubaneswar, Odisha". The RFP Documents will be available from 23.07.2022 to 10.08.2022. The RFP documents can be collected from the Office of the Chief Horticulturist BDA, Bhubaneswar on normal working hours on payment of Rs 11, 200.00 ( Non Refundable) including GST. The Last date of submission of bids is 16.08.2022 by 5.00 P.M through Registered Post/ Speed Post only & will be opened on 17.08.2022 in presence of bidders/ their representatives at 11.30 A.M. Please refer the RFP document for further details available at bda.gov.in.
Sd./- Chief Horticulturist, BDA, Bhubaneswar
OIPR-13033/11/0198/2223

OFFICE OF THE SUPERINTENDENT
SCB MEDICAL COLLEGE HOSPITAL, CUTTACK
E-mail:scbsuperintendent@gmail.com
No.17411, Dt.22.7.22
TENDER CALL NOTICE
No.E-347:Sealed Tenders are invited from the interested Manufacturer/ Authorized Dealers/Suppliers for supply of Disposable/Consumable items for SCB Medical College & Hospital, Cuttack. The detailed of tender papers along with terms and conditions can be obtained from Central Store Section (NTSK Sec.), Office of the Superintendent, SCB MCH, Cuttack during office hours from 11 A.M. to 5 P.M. on all working days on payment of Rs. 1000/- (Rupees One thousand) only in the Accounts Section and also obtained from website i.e. "http://www.scbmch.in" from 25.07.2022 to 08.08.2022. The tender paper should reach the office of the undersigned through Speed Post / Regd. Post only by 17.08.2022 by 12.30 P.M. The authority reserves the right to cancel or reject any or all the tenders without assigning any reason thereof.
Sd./- Superintendent
SCB Medical College Hospital, Cuttack
OIPR-10186/11/0011/2223

See Career Appointment on every Wednesday & Saturday